ଧରିତ୍ରୀ
DHARITRI
ଧରିତ୍ରୀ 52 Years

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୭/୨୦୨୬ (୧୪ ପୃଷ୍ଠା) Bhubaneswar, Tuesday, April 7/2026 Page 14 ₹ 7.00
୫୨ଶ ଭାଗ ୧୩୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 132 ମୂଲ୍ୟ₹୭/-



## ଆଇସିସି ପୁରସ୍କାର ଦୌଡ଼ରେ ସଞ୍ଜୁ ସାମସନ

ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍ ପୁରସ୍କାର ଦୌଡ଼ରେ ଅଛନ୍ତି ଭାରତର ଦୁଇ ଖେଳାଳି ସଞ୍ଜୁ ସାମସନ ଓ ଯଶପ୍ରୀତ ବୁମ୍ରା।

୧୪

୦୨

## ଗୁଡ୍ ନ୍ୟୁଜ୍ ଦେଲେ କରିଶ୍ମା

ଅଭିନେତ୍ରୀ କରିଶ୍ମା ତନା ଖୁବଶୀଘ୍ର ମା' ହେବାକୁ ଯାଉଥିବା ନେଇ ତାଙ୍କ ପ୍ରଶଂସକଙ୍କୁ ଗୁଡ୍ ନ୍ୟୁଜ୍ ଦେଇଛନ୍ତି।



# ମାଷ୍ଟର ନାହାନ୍ତି

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍ଇ) ପକ୍ଷରୁ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ନୂଆ ପାଠ୍ୟକ୍ରମ ଅଣାଯାଇଛି। ଛାତ୍ରୀଛାତ୍ରମାନେ ୩ଟି ଭାଷା ପଢ଼ିବାର ବ୍ୟବସ୍ଥା ହୋଇଥିବା ବେଳେ ସେଥିମଧ୍ୟରୁ ୨ଟି ଭାରତୀୟ ଭାଷାକୁ ବାଧ୍ୟତାମୂଳକ କରାଯାଇଛି। ଜାତୀୟ ଶିକ୍ଷାନୀତି(ଏନ୍ଇପି)-୨୦୨୦ରେ ତିନି ଭାଷା ଫର୍ମୁଲାକୁ ବାଧ୍ୟତାମୂଳକ କରାଯାଇଥିବାରୁ ଚଳିତ ବର୍ଷରୁ ଏହା ଷଷ୍ଠ ଶ୍ରେଣୀରୁ ଲାଗୁ ହେବ ବୋଲି କୁହାଯାଇଛି। ଭାରତରେ ଭାଷାକୁ ନେଇ ଦ୍ୱନ୍ଦ୍ୱ ବହୁ

**ତଥାଗତ ସତପଥୀ**

ପୁରୁଣା। ତେବେ ଜୋରଜବରଦସ୍ତ କାହା ଉପରେ ଭାଷା ଲଦି ଦିଆଯିବା ଗ୍ରହଣୀୟ ନୁହେଁ। ହିନ୍ଦୀକୁ ଦେଶର ରାଷ୍ଟ୍ରୀୟ ଭାଷା କରିବା ଲାଗି ଥୋକେ ବାହାରି ପଡ଼ିଥିବା ବେଳେ ତାହା ଦକ୍ଷିଣ ଭାରତ ସମେତ ଆହୁରି ଅନେକ ରାଜ୍ୟରେ ଗ୍ରହଣଯୋଗ୍ୟ ହେଉନାହିଁ। ଦେଖିବାକୁ ଗଲେ ଓଡ଼ିଶାର ସହରାଞ୍ଚଳ ଏବଂ ଅର୍ଦ୍ଧସହରାଞ୍ଚଳଗୁଡ଼ିକରେ, ବିଶେଷକରି ଯେଉଁଠାରେ ଶିଳ୍ପ କିମ୍ବା କେନ୍ଦ୍ର ସରକାରୀ ସଂସ୍ଥା କାର୍ଯ୍ୟରତ, ସେହିସବୁ ସ୍ଥାନର ବାସିନ୍ଦାମାନେ ହିନ୍ଦୀ ଭାଷା ସହିତ ଅଭ୍ୟସ୍ତ। ତେବେ ସାଧାରଣ ଓଡ଼ିଆ ରାଜ୍ୟ ବାହାରକୁ ଯାଇ ହିନ୍ଦୀରେ କଥା ହେଲେ, ସେଠାକାର ବାସିନ୍ଦା ତତ୍କ୍ଷଣାତ୍ ତାଙ୍କୁ ଏକ ଅଣହିନ୍ଦୀଭାଷୀ ବୋଲି ଚିହ୍ନିଦେବେ। ସେହିପରି ବମ୍ବେରେ ବଲିଉଡ୍ ଶିଳ୍ପକୁ ଛାଡ଼ିଦେଲେ ମରାଠୀ ପ୍ରୀତି ଦେଖିବାକୁ ମିଳେ। ଉତ୍ତର ପୂର୍ବାଞ୍ଚଳରେ ହିନ୍ଦୀର ବ୍ୟବହାର ଯଥେଷ୍ଟ କମ୍। ଦେଖିବାକୁ ଗଲେ ଆଞ୍ଚଳିକ ସ୍ତରରେ ପ୍ରଥମେ ମାତୃଭାଷା ଗୁରୁତ୍ୱ ବହନ କରିଥାଏ। ଏତଦ୍‌ଭିନ୍ନ ଇଂଲିଶ ଏବେ ଏକ ବିଦେଶୀ ଭାଷା ଭାବେ ଗଣାଯିବା ପରିବର୍ତ୍ତେ ଲିଙ୍କ୍ ବା ସମ୍ପର୍କର ଭାଷା ଭାବେ ଗଣାଯାଉଛି। ସିବିଏସ୍ଇ ତରଫରୁ ଯେଉଁ ଦୁଇ ଭାରତୀୟ ଭାଷା ପଢ଼ିବା ପିଲାଙ୍କ ପାଇଁ ବାଧ୍ୟତାମୂଳକ କରାଯାଇଛି ତାହାକୁ ବିରୋଧ କରାଯାଉଛି। ଅନ୍ୟ କେଉଁ ଭାରତୀୟ ଭାଷା ପଢ଼ିଲେ ଯୁବାବସ୍ଥାରେ ରୋଜଗାର କ୍ଷେତ୍ରରେ ସହାୟକ ହେବ, ଏହା ଏବେ ମଧ୍ୟ ଅସ୍ପଷ୍ଟ ରହିଛି। ଯଦି କେହି କହେ ହିନ୍ଦୀ ପଢ଼ିଲେ ପିଲାଙ୍କୁ ଲାଭ ମିଳିବ, ତେବେ ତାହା ଅନେକ ଯୁକ୍ତିର ସମ୍ମୁଖୀନ ହୋଇପାରେ। ଧରାଯାଉ ଜଣେ ଓଡ଼ିଆ ପିଲା ତା' ମାତୃଭାଷା ପଢ଼ିବା ସହ ଯଦି ଅନ୍ୟ ଭାରତୀୟ ଭାଷା ଯଥା ବଙ୍ଗଳା, କନ୍ନଡ, ତାମିଲ, ତେଲୁଗୁ କିମ୍ବା ଅହମୀୟା ମଧ୍ୟରୁ କାହାକୁ ପଢ଼ିବାକୁ ଇଚ୍ଛା କରେ, ତେବେ ସମସ୍ୟା ମୁଖ୍ୟତଃ ଭିତ୍ତିଭୂମିର ହେବ। ମାଷ୍ଟର ବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଘୋର ଅଭାବ ପରିଲକ୍ଷିତ ହେଉଛି। ଯାହା ଓଡ଼ିଶାରେ ଦେଖାଯାଉଛି ତାହା ପ୍ରାୟତଃ ଭାରତର ଅନ୍ୟାନ୍ୟ ପ୍ରାନ୍ତରେ ଲକ୍ଷ୍ୟ କରାଯାଉଛି। ଓଡ଼ିଶାରେ ଇଂଲିଶ, ଗଣିତ ଓ ବିଜ୍ଞାନ ପଢ଼ାଇବା ପାଇଁ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନ ଥିବା ବେଳେ ବଙ୍ଗଳା, କନ୍ନଡ, ତେଲୁଗୁ, ହିନ୍ଦୀ ଆଦି ଭାଷାର ଶିକ୍ଷକ ମିଳିବା କଷ୍ଟକର। କେହି କହିପାରନ୍ତି ଓଡ଼ିଶାର ବିଭିନ୍ନ ସ୍ଥାନରେ ଲୋକେ ହିନ୍ଦୀରେ କଥାବାର୍ତ୍ତା କରୁଛନ୍ତି। କିନ୍ତୁ ମନେରଖିବା ଦରକାର ଯେ, କଥାବାର୍ତ୍ତା କେବଳ କାମ ଚଳାଇବା ପର୍ଯ୍ୟାୟଭୁକ୍ତ। ବ୍ୟାକରଣଗତ ଶୁଦ୍ଧତାଠାରୁ ଆରମ୍ଭ କରି ଏକ ଭାଷା ଶିକ୍ଷା ଲାଗି ତାଲିମପ୍ରାପ୍ତ ଶିକ୍ଷକଙ୍କ ଆବଶ୍ୟକତା ଥାଏ। ଏଠାରେ କୁହାଯାଇପାରେ ଯେ ମାତୃଭାଷା ଶିଖିବା ଅତ୍ୟନ୍ତ ଆବଶ୍ୟକ। ଅନ୍ୟ କୌଣସି ଭାଷା ଉପରେ ପାରଙ୍ଗମ ହେବାକୁ ହେଲେ, ଯାହା ବିଭିନ୍ନ ଗବେଷଣାରୁ ଜଣାପଡ଼ିଛି, ନିଜ ମାତୃଭାଷା ଉପରେ ଭଲ ଦକ୍ଷତା ରହିବା ଦରକାର। ଯଦି ଅନ୍ୟ ଭାରତୀୟ ଭାଷା ପଢ଼ାଇବାର ବ୍ୟବସ୍ଥା କିମ୍ବା ଭିତ୍ତିଭୂମି ସୃଷ୍ଟି କରାଯାଇ ନାହିଁ, ତେବେ ଦ୍ୱିତୀୟ ଭାରତୀୟ ଭାଷାକୁ ବାଧ୍ୟତାମୂଳକ କରିବାର ଅର୍ଥ ହେଉଛି ଆମ ପିଲାଙ୍କର ଭବିଷ୍ୟତ ସହିତ ଖେଳିବାର ଉଦ୍ଦେଶ୍ୟ। ପିଲା ଯେତେ ଭାଷା ଶିଖିପାରିବେ, ସେତେ ଭଲ। ଭାଷା ଶିଖିବାକୁ ସୀମିତ ରଖିବା ଉଚିତ ନୁହେଁ। କିନ୍ତୁ ଭିତ୍ତିଭୂମିହୀନ ପରିସ୍ଥିତିରେ କେବଳ ନିୟମ କରି ପିଲାଙ୍କ ବସ୍ତାନି ଉପରେ ବୋଝ ଲଦିବା ସହିତ ପରୀକ୍ଷାରେ ଅଧିକ ଚାପ ସୃଷ୍ଟି କରିବା ଆଦୌ ଗ୍ରହଣୀୟ ନୁହେଁ।

ଏହି ପ୍ରସଙ୍ଗକୁ ନେଇ ସୋସିଆଲ ମିଡିଆରେ ୩ ଭାଷା ସୂତ୍ର ଓ ୨ ଭାରତୀୟ ଭାଷା ବାଧ୍ୟତାମୂଳକ କେତେ ଯୁକ୍ତିସଙ୍ଗତ ସେ ନେଇ ଜନସାଧାରଣଙ୍କଠାରୁ 'ଏଡିଟର ସ୍ପିକ୍' ମାଧ୍ୟମରେ ମତ ଲୋଡ଼ିଥିଲି। ପିଲାମାନଙ୍କ ଉପରେ ଅଧିକ ବୋଝ ଲଦି ଦିଆଯିବା ଠିକ୍ ନୁହେଁ ବୋଲି ଅଧିକାଂଶ ମତ ଦେଇଥିବା ବେଳେ କିଛି ସିବିଏସ୍ଇର ନିଷ୍ପତ୍ତି ସପକ୍ଷରେ ମତ ଦେଇଛନ୍ତି। ସୋସିଆଲ ମିଡିଆରେ ବିଭୂତି ଭୂଷଣ ମିଶ୍ର କହିଛନ୍ତି, ଦୁଇ ଭାରତୀୟ ଭାଷା ପିଲାଙ୍କ ଉପରେ ବୋଝ ଲଦିଦେବା ସହ ସେସବୁ ଭବିଷ୍ୟତରେ କୌଣସି ଭାବେ ସାହାଯ୍ୟ କରିବ ନାହିଁ। ହେମନ୍ତ କୁମାର ଉଲ୍ଲେଖ କରିଛନ୍ତି, ଯଦି କିଛି ନୂଆ କରିବାର ଅଛି ତା'ର ବିଭିନ୍ନ ଦିଗ ବିଷୟରେ ପ୍ରଥମେ ତର୍ଜମା ହେବା ଦରକାର। କ୍ଷମତାରେ ଥିବା ଲୋକ ଯେ ସବୁବେଳେ ଠିକ୍, ଏଭଳି ମାନସିକତାରେ ପରିବର୍ତ୍ତନ ଆସିବା ଦରକାର। ମହମ୍ମଦ ସାମସୁଲ ଆଲାମଙ୍କ ମତରେ ମାତୃଭାଷା ପଢ଼ିବା ନିଶ୍ଚୟ ଦରକାର। ଇଂଲିଶ ବ୍ୟବହାରିକ ଦୃଷ୍ଟିକୋଣରୁ ଆବଶ୍ୟକ। ତୃତୀୟ ଭାଷା ବ୍ୟକ୍ତିଗତ ପସନ୍ଦ ହେଉ। ଲକ୍ଷ୍ମୀଧର ନାଥ କହିଛନ୍ତି, ଶିକ୍ଷାବିତ୍‌ଙ୍କ ମତ ନିଆ ନ ଯାଇ ରାଜନୈତିକ ଇଚ୍ଛାରେ ଆଜିର ନିୟମ କାର୍ଯ୍ୟକାରିତା ହିଁ 'ବିକଳାଙ୍ଗ ଶିକ୍ଷା' ପାଇଁ ପ୍ରୟାସ କରାଯାଉଛି, କେବେ ଏହାର ଅନ୍ତ ଘଟିବ।

ଅନ୍ୟପକ୍ଷରେ ଚିନ୍ମୟ କୁମାର ପଣ୍ଡା କହିଛନ୍ତି, ବିରୋଧ କରିବା ନାଁରେ ବିରୋଧ କରା ନ ଯାଉ। କେବଳ ଯେ ଇଂଲିଶ୍ ଜାଣିଥିବା ଲୋକ ଉନ୍ନତି କରେ ଏଭଳି ଚିନ୍ତାଧାରା ହିଁ ସମାଜ ଉପରେ କୁପ୍ରଭାବ ପକାଏ। ବିଦ୍ୟାଧର ଚୌଧୁରୀ ଉଲ୍ଲେଖ କରିଛନ୍ତି, ବଙ୍ଗଳା କିମ୍ବା କନ୍ନଡ ଭାଷା ଶିଖାଇବା ପାଇଁ ଶିକ୍ଷକ ଅଭାବ ଥିବା ବେଳେ ସ୍ପେନୀୟ, ଚାଇନିଜ୍ ଭାଷାର ଶିକ୍ଷକ କେଉଁଠୁ ଆସିବେ।

ଏହି ପ୍ରସଙ୍ଗରେ ଶତାଧିକ ମତ ମିଳିଛି। ଅଧିକାଂଶ ପିଲାଙ୍କ ଉପରେ ବସ୍ତାନି ବୋଝ ବଢୁଥିବା କଥା ଉଠାଇଛନ୍ତି। ବାସ୍ତବରେ ଦେଖିବାକୁ ଗଲେ ପିଲା ଆନନ୍ଦରେ ପାଠ ପଢ଼ିଲେ ତା'ର ସାମଗ୍ରିକ ବିକାଶ ହୋଇପାରିବ। ବୌଦ୍ଧିକ କ୍ଷେତ୍ରରେ ବୋଝ ଲଦି ଦିଆଯାଇ ସରକାରୀ ଏଜେଣ୍ଡା ପୂରଣ ପାଇଁ ନିୟମ କରାଗଲେ ତାହାର ସୁଫଳ କଦାପି ସମାଜ ପାଇପାରିବ ନାହିଁ। ଆଇନ ପ୍ରଣୟନ କରିଦେବା ସହଜ ହୋଇଥାଏ, କିନ୍ତୁ କାର୍ଯ୍ୟକାରିତା ସର୍ବଦା ଗୁରୁତ୍ୱ ରଖିଥାଏ। ବିଶେଷକରି ଭାରତର ଶିକ୍ଷା ବ୍ୟବସ୍ଥାରେ ପ୍ରୟୋଜନ ଥିବା ପରିବର୍ତ୍ତନ ଏକତରଫା ନିଷ୍ପତ୍ତିରେ କରାଯିବା ଉଚିତ ନୁହେଁ। ଯେଉଁଭଳି ଇତିହାସକୁ ବିକୃତ କରିଦିଆଯାଇଛି, ତାହାର କୁଫଳ ପରବର୍ତ୍ତୀ ପିଢ଼ିକୁ ଭୋଗିବାକୁ ପଡ଼ିବ। ତେଣୁ ଶିକ୍ଷା ସାଙ୍ଗରେ ଖେଳିବା ପରିବର୍ତ୍ତେ ଅଭିଭାବକ ଏବଂ ଶିକ୍ଷାବିତ୍‌ମାନଙ୍କ ମତ ଲୋଡ଼ାଯାଇ ପରିବର୍ତ୍ତନ ଅଣାଯିବା ଦରକାର। ମନେରଖିବାକୁ ହେବ ଏହି ପରିବର୍ତ୍ତନ ଅସରନ୍ତି ଓ ସବୁବେଳେ ଶିକ୍ଷା ବ୍ୟବସ୍ଥାରେ ନବୀକରଣ ଆବଶ୍ୟକ।



ସୋମବାର ମଧ୍ୟାହ୍ନରେ କାଳବୈଶାଖୀ ବର୍ଷାରେ ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକର ମୁଖ୍ୟ ରାସ୍ତା ଉପରେ କୁଆପଥର ବିଛାଡ଼ି ହୋଇପଡ଼ିଛି। **(ଫଟୋ: ସଚ୍ଚିଦାନନ୍ଦ ମହାକୁର)**

## ୧୪ ବିଶ୍ୱବିଦ୍ୟାଳୟରେ ନୂଆ କୁଳପତି

**ଭୁବନେଶ୍ୱର,୬।୪(ସୁଚିସ୍ମିତା ସାହୁ)**

ଓଡ଼ିଶାର ୧୪ ବିଶ୍ୱବିଦ୍ୟାଳୟରେ ନୂଆ କୁଳପତି ନିଯୁକ୍ତ ହୋଇଛନ୍ତି। ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ ୧୯୮୯ ଅନୁଯାୟୀ କୁଳାଧିପତି ତଥା ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସୋମବାର ଦୁଇଟି ପର୍ଯ୍ୟାୟରେ ଏହି ନିଯୁକ୍ତି ଦେଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରଥମ ପର୍ଯ୍ୟାୟରେ ୩ଟି ବିଶ୍ୱବିଦ୍ୟାଳୟ ପାଇଁ କୁଳପତି ନିଯୁକ୍ତ କରାଯାଇଛି। ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ଭାବେ ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର ଓ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ପ୍ରଫେସର ଚଣ୍ଡୀପ୍ରସାଦ ନନ୍ଦଙ୍କୁ ନିଯୁକ୍ତ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ୧୧ଟି ବିଶ୍ୱବିଦ୍ୟାଳୟ ପାଇଁ କୁଳପତି ନିଯୁକ୍ତ କରାଯାଇଛି। ଧରଣୀଧର ବିଶ୍ୱବିଦ୍ୟାଳୟ କୁଳପତି ଭାବେ ପ୍ରଫେସର ସଞ୍ଜୟ କୁମାର ପାତ୍ର ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ଭାବେ ପ୍ରଫେସର ବ୍ୟୋମକେଶ ତ୍ରିପାଠୀଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ଖଲ୍ଲିକୋଟ ୟୁନିଟାରୀ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପ୍ରଫେସର ଅସୀମା ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ନୂଆ କୁଳପତି ଭାବେ ପ୍ରଫେସର ପବନ କୁମାର ଅଗ୍ରୱାଲଙ୍କୁ ନିଯୁକ୍ତ କରାଯାଇଥିବାବେଳେ ପ୍ରଫେସର ଶିବରାମ ତ୍ରିପାଠୀ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ନିଯୁକ୍ତ ହୋଇଛନ୍ତି। ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ପ୍ରଫେସର ବିଭୂତି ଭୂଷଣ ମଲ୍ଲିକ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ପ୍ରଫେସର ଜ୍ୟୋତ୍ସ୍ନା କେ.ବି. ରାଉତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏବଂ ପ୍ରଫେସର ହୃଷୀକେଶ ସେନାପତିଙ୍କୁ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ନିଯୁକ୍ତ କରାଯାଇଛି। ଓଡ଼ିଆ ବିଶ୍ୱବିଦ୍ୟାଳୟ ଆଇନ ୨୦୧୭ ଅନୁଯାୟୀ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟଙ୍କୁ ଓଡ଼ିଆ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ନିଯୁକ୍ତ କରାଯାଇଛି।

# ୫,୯୬୭ ଡାକ୍ତର ପଦ ଖାଲି, ଡିଗ୍ରୀଧାରୀଙ୍କୁ ମିଳୁନି ଚାକିରି

**ରାଜ୍ୟର ବିଭିନ୍ନ ସ୍ଥାନରେ ଡାକ୍ତରଙ୍କ ଅଭାବ ରହିଥିବାରୁ ରୋଗୀସେବା ବାଧାପ୍ରାପ୍ତ ହେଉଛି। ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ସବୁଠି ରୋଗୀମାନେ ସ୍ୱାସ୍ଥ୍ୟସେବା ନ ପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲୁଏଚ୍ଓ) ମାନଦଣ୍ଡ ଅନୁଯାୟୀ, ପ୍ରତ୍ୟେକ ୧ ହଜାର ଜନସଂଖ୍ୟା ଅନୁପାତରେ ଜଣେ ଡାକ୍ତର ରହିବା ଆବଶ୍ୟକ। ମାତ୍ର ଓଡ଼ିଶାରେ ୧ହଜାର ୨୬୫ ଲୋକ ପିଛା ଜଣେ ଡାକ୍ତର ରହୁଛନ୍ତି। ଏନେଇ ବିରୋଧୀ ଗୃହ ଭିତରେ ଏବଂ ବାହାରେ ସରକାରଙ୍କୁ ଘେରୁଛନ୍ତି। ନିକଟରେ ବଜେଟ ଅଧିବେଶନ କାଳରେ ମଧ୍ୟ ସମାନ ସ୍ଥିତି ଉପୁଜିଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ୍ ଉପରୋକ୍ତ ଡାକ୍ତର-ଜନସଂଖ୍ୟା ଅନୁପାତକୁ ସ୍ୱୀକାର କରିବା ସହ ବିଭାଗ ପକ୍ଷରୁ ଖାଲିଥିବା ୫ହଜାର ୯୬୭ ଡାକ୍ତର ପଦ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା କହିଥିଲେ। ମନ୍ତ୍ରୀଙ୍କ କହିବାନୁଯାୟୀ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି)ଙ୍କୁ ସରକାରଙ୍କ ପକ୍ଷରୁ ୫,୨୪୮ ଡାକ୍ତର ପଦ ପୂରଣ କରିବାକୁ ଇଣ୍ଡେଣ୍ଟ ଦିଆଯାଇଛି। ହେଲେ ଓପିଏସ୍‌ସି ଏପର୍ଯ୍ୟନ୍ତ ଡାକ୍ତର ପଦ ପୂରଣ କରିବାରେ ସମର୍ଥ ହୋଇନାହାଁ। ଏହି ପରିପ୍ରେକ୍ଷୀରେ ସୋମବାର କଟକସ୍ଥିତ ଓପିଏସ୍‌ସି କାର୍ଯ୍ୟାଳୟରେ ଶତାଧିକ ଡାକ୍ତରୀ ଡିଗ୍ରୀଧାରୀମାନେ ଚାକିରି ପାଇଁ ଆନ୍ଦୋଳନ ଓ ପ୍ରତିବାଦ କରିଛନ୍ତି। ରାଜ୍ୟ ସରକାର କାହିଁକି ଏଦିଗରେ ଗୁରୁତ୍ୱ ଦେଉନାହାନ୍ତି ବୋଲି ଡିଗ୍ରୀଧାରୀମାନେ ଅଭିଯୋଗ କରୁଛନ୍ତି।**

## ଓପିଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଡିଗ୍ରୀଧାରୀଙ୍କ ବିକ୍ଷୋଭ, ପ୍ରତିବାଦ

**ଭୁବନେଶ୍ୱର/କଟକ,୬।୪**
**(ରବିନାରାୟଣ ଜେନା/ଶିଳ୍ପା ପ୍ରିୟଦର୍ଶିନୀ)**

ନିକଟରେ ବିଧାନସଭାର ବଜେଟ ଅଧିବେଶନ କାଳରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏକ ପ୍ରଶ୍ନର ଉତ୍ତରରେ କହିଥିଲେ, ଡବ୍ଲୁଏଚ୍ଓ ମାନଦଣ୍ଡ ଅନୁଯାୟୀ ଆବଶ୍ୟକ ଡାକ୍ତର ସଂଖ୍ୟା ଓ ଉପଲବ୍ଧ ଡାକ୍ତର ପଦବୀ ସଂଖ୍ୟାର ଅନ୍ତର ବିଶ୍ଳେଷଣ କରାଯାଇ ନିଅଣ୍ଟ ପଦବୀଗୁଡ଼ିକ ପର୍ଯ୍ୟାୟକ୍ରମେ ପୂରଣ ନିମନ୍ତେ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ଓଡ଼ିଶା କାଉନ୍‌ସିଲ ଅଫ୍ ମେଡିକାଲ ଏଜୁକେଶନ(ଓସିଏମ୍ଆର୍) ଅଧୀନରେ ୩୫ ହଜାର ୯୧୪ ଏଲୋପାଥିକ ଡାକ୍ତର ପଞ୍ଜୀକୃତ ହୋଇ ଓଡ଼ିଶାର ବିଭିନ୍ନ ସରକାରୀ ମେଡିକାଲ ଓ ଘରୋଇ ମେଡିକାଲ/କ୍ଲିନିକ୍‌ରେ ସେବା ଯୋଗାଉଛନ୍ତି। ସେହିପରି ରାଜ୍ୟର ମୋଟ ମଞ୍ଜୁରୀପ୍ରାପ୍ତ ଡାକ୍ତର ସଂଖ୍ୟା ୧୫ହଜାର ୭୯୩ ରହିଛି। ସେଥିମଧ୍ୟରୁ ବିଭିନ୍ନ ବର୍ଗର ୯ହଜାର ୮୨୬ ଡାକ୍ତର କାର୍ଯ୍ୟରତ ଥିବାବେଳେ ୫,୯୬୭ ପଦବୀ ଖାଲି ରହିଛି। ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ମେଡିକାଲ କଲେଜରୁ ପ୍ରତି ବର୍ଷ ୩ ହଜାର ୨୫ ଡାକ୍ତରୀ ଛାତ୍ରୀଛାତ୍ର ଶିକ୍ଷା ସମାପ୍ତ କରୁଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ବର୍ଷ ଓଡ଼ିଶା ଲୋକ ସେବା ଆୟୋଗ(ଓପିଏସ୍‌ସି)ଙ୍କ ଦ୍ୱାରା ଚୟନ ପ୍ରକ୍ରିୟା ମାଧ୍ୟମରେ ରାଜ୍ୟର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ☞**ପୃଷ୍ଠା-୪**

# ପୁରାତନ ମଧ୍ୟପ୍ରସ୍ତର ଯୁଗୀୟ ମାନବ ସଭ୍ୟତା ଠାବ

**ସୁନ୍ଦରଗଡ,୬।୪(ଜୟ ନାରାୟଣ ମେଣ୍ଡୁଲି)**

ଓଡ଼ିଶାର ଦେବଗଡ଼ ଜିଲାରୁ ପ୍ରଥମ ପୁରାତନ ମଧ୍ୟ ପ୍ରସ୍ତର ଯୁଗୀୟ ମାନବ ସଭ୍ୟତାର (ପାଲେଓଲିଥିକ) ସନ୍ଧାନ ମିଳିଛି। ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଇତିହାସ ବିଭାଗ ଏବଂ ପୁରୀ ପ୍ରତ୍ନତତ୍ତ୍ୱ ସର୍ଭେ ସର୍କଲର ମିଳିତ ଟିମ୍ ଏହି ବିରଳ ପ୍ରଥମ ପୁରାତନ ମଧ୍ୟ ପ୍ରସ୍ତର ଯୁଗୀୟ ସଭ୍ୟତାର ସନ୍ଧାନ କରିଛନ୍ତି। ପୁରୀ ପ୍ରତ୍ନତତ୍ତ୍ୱ ସର୍ଭେ ସର୍କଲର ଅଧୀକ୍ଷକ ଡ. ଦିବିଶାଦ ବ୍ରଜସୁନ୍ଦର ଗଡନାୟକ ଏବଂ ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଇତିହାସ ବିଭାଗର ଗବେଷକ ସହକାରୀ ପ୍ରଫେସର



ସନ୍ଧାନ ହୋଇଥିବା ପୁରାତନ ମଧ୍ୟ ପ୍ରସ୍ତର ଯୁଗୀୟ ମାନବ ସଭ୍ୟତାର ପଥର ଉପକରଣ।

ଡ. ସାକିର ହୁସେନ, ସହକାରୀ ପ୍ରଫେସର ଡ. ଜୟଶଙ୍କର ନାଏକଙ୍କ ପ୍ରତିନିଧିତ୍ୱରେ ଏହି ଟିମ୍ ଦେବଗଡ଼ ଜିଲା ଅନ୍ତର୍ଗତ ରିଆମାଳ ତହସିଲ ମୁଖ୍ୟାଳୟର ଓଏସଆରଟିସି ବସ ଷ୍ଟାଣ୍ଡ ନିକଟସ୍ଥ ଏକ ଛୋଟ ପାହାଡ଼ ପାଦଦେଶରୁ ☞**ପୃଷ୍ଠା-୪**

# ଏଲ୍‌ପିଜି: ବିଭାଗ ବଦଳାଇଲା କଥା

## ଛାତ୍ରୀଛାତ୍ର, ଶ୍ରମିକଙ୍କୁ ମିଳିବ ରନ୍ଧନ ଗ୍ୟାସ୍: ପ୍ରମୁଖ ସଚିବ

**ଭୁବନେଶ୍ୱର,୬।୪(ରବିନାରାୟଣ ଜେନା)**

ରାଜ୍ୟରେ ଖୋଲାବଜାରରେ ରନ୍ଧନ ଗ୍ୟାସ୍ (ଏଲ୍‌ପିଜି) ବିକ୍ରି ଉପରେ ପ୍ରତିବନ୍ଧକ ଲାଗିବା ନେଇ ରବିବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗଣମାଧ୍ୟମକୁ ମନ୍ତବ୍ୟ ପରେ ବିଭାଗ ପକ୍ଷରୁ ଏନେଇ ସୋମବାର ସ୍ପଷ୍ଟୀକରଣ ଦିଆଯାଇଛି। ଏହି ପ୍ରସଙ୍ଗକୁ ନେଇ ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଲୋକସେବା ଭବନରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଗଣମାଧ୍ୟମକୁ କହିଛନ୍ତି, ଛାତ୍ରୀଛାତ୍ର ଓ ଶ୍ରମିକଙ୍କୁ ୫ କେ.ଜି. ସିଲିଣ୍ଡର ଯୋଗାଇ ଦିଆଯିବାରେ ଅସୁବିଧା ନାହିଁ। ତୈଳ କମ୍ପାନୀଗୁଡ଼ିକ ୫ କେଜି ଏଲ୍‌ପିଜି କନେକ୍ସନ ଦେଉଛନ୍ତି। ଯେଉଁମାନେ ଚାହିଁବେ ନିଜର ପରିଚୟ ପତ୍ର ଦେଖାଇ ନେଇପାରିବେ। ତୈଳ କମ୍ପାନୀଗୁଡ଼ିକ ପକ୍ଷରୁ କ୍ୟାମ୍ପ କରି ଯୋଗାଇ ଦିଆଯାଉଛି। କେବଳ ବେଆଇନ ଭେଣ୍ଡରଙ୍କ ଉପରେ କଟକଣା ଲାଗିବ। ଏମାନଙ୍କ ଉପରେ ଯୋଗାଣ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ସଞ୍ଜୟ ସିଂ କହିଛନ୍ତି। ସେ କହିଛନ୍ତି, ରାଜ୍ୟରେ ଏଲ୍‌ପିଜି ଅଭାବ ନାହିଁ। ପେଟ୍ରୋଲ ଓ ଡିଜେଲ ମହଜୁଦ ରହିଛି। ଘରୋଇ ଗ୍ୟାସ୍‌ର ଅଭାବ ନ ଥିବାବେଳେ କମର୍ସିଆଲ ଗ୍ୟାସ୍ ☞**ପୃଷ୍ଠା-୪**

## ତଥ୍ୟ ସୁରକ୍ଷାକୁ ନେଇ ବର୍ଷିଲେ ରାହୁଲ

ବିଶ୍ୱ ପ୍ରଯୁକ୍ତି ଦୌଡ଼ରେ ଭାରତ ନେତୃତ୍ୱ ନେବା ଆବଶ୍ୟକ ହେଉଥିବାବେଳେ ତଥ୍ୟ ସୁରକ୍ଷାକୁ ନେଇ ଦେଶକୁ ଅନ୍ଧାରରେ ରଖାଯାଉଥିବାରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସୋମବାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଆଇ ଅର୍ଥନୀତିରେ ତଥ୍ୟ ସବୁଠୁ ବଡ଼ ସାମର୍ଥ୍ୟ। ଆମେରିକା ସହ ବାଣିଜ୍ୟ ଚୁକ୍ତିନାମା ପ୍ରସଙ୍ଗରେ ହେବାରେ ରହିଥିବା ପ୍ରତିବନ୍ଧକକୁ ହ୍ରାସ କରାଗଲା କାହିଁକି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି।



ଇଷ୍ଟର ମଣ୍ଡେ ଉତ୍ସବ ପାଳନ ଅବସରରେ ଉତ୍ତରପ୍ରଦେଶର ମୋରାଦାବାଦରେ ସୋମବାର ଲୋକେ ଏକ ଶୋଭାଯାତ୍ରାରେ ଭାଗ ନେଇଛନ୍ତି।

# ଦିଲ୍ଲୀ ବିଧାନସଭାରେ କାର୍ ପୂରାଇଥିବା ବ୍ୟକ୍ତି ଗିରଫ

**ନୂଆଦିଲ୍ଲୀ,୬ା୪**

ଦିଲ୍ଲୀ ବିଧାନସଭା ସୁରକ୍ଷାରେ ତ୍ରୁଟି ପରିଲକ୍ଷିତ ହୋଇଛି। ସୋମବାର ଅପରାହ୍ନରେ ମାସ୍କ ପିନ୍ଧିଥିବା ଜଣେ ବ୍ୟକ୍ତି ବ୍ୟାରିକେଡ୍ ଏବଂ ମୁଖ୍ୟ ଫାଟକ ଅତିକ୍ରମ କରି ବିଧାନସଭା ପରିସରରେ କାର୍ ପୂରାଇ ଦେଇଥିଲେ। ସେ ବାଚସ୍ପତି ବିଜେନ୍ଦ୍ର ଗୁପ୍ତାଙ୍କ ଚାମ୍ବର ନିକଟକୁ ଯାଇ ଫାଟକ ବାହାରେ ଏକ ଫୁଲତୋଡ଼ା ରଖି ଖସି ପଳାଇଥିଲେ। କିଛି ଘଣ୍ଟାର ତଲାସି ଅଭିଯାନ ପରେ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ତାଙ୍କ କାର୍‌କୁ ଜବତ କରାଯାଇଛି। ଅଭିଯୁକ୍ତ ସରବଜିତ ସିଂ ବୋଲି ଜଣାପଡ଼ିଛି। ତାଙ୍କ କାର୍‌କୁ ରୁପ୍‌ନଗର ଅଞ୍ଚଳରୁ ଜବତ କରାଯାଇଛି।



ଦିଲ୍ଲୀ ବିଧାନସଭାର ବଜେଟ ଅଧିବେଶନ ନିକଟରେ ଶେଷ ହୋଇଥିବାବେଳେ ଏକାଧିକ ବୋମା ଧମକ ଆସିବା ଲାଗି ରହିଛି। ଇତିମଧ୍ୟରେ କାର୍ ଜବରଦସ୍ତ ବିଧାନସଭା ପରିସରରେ ପଶିଯିବାକୁ ନେଇ ସୁରକ୍ଷା କର୍ମୀମାନେ ଭୟଭୀତ ହୋଇଯାଇଥିଲେ। କାର୍‌ରେ ଉତ୍ତରପ୍ରଦେଶର ରେଜିଷ୍ଟ୍ରେଶନ ନମ୍ବର ରହିଛି। ଅପରାହ୍ନ ପ୍ରାୟ ୨ଟା ବେଳେ ଉକ୍ତ ଟାଟା ସିଏରା କାର୍‌ଟି ୨ ନମ୍ବର ଗେଟ୍ ଅତିକ୍ରମ କରି ବିଧାନସଭା ପରିସରରେ ପ୍ରବେଶ କରିଥିଲା। ଏହାର ନମ୍ବର ପ୍ଲେଟ୍‌ରେ ୟୁପି-୨୬ ଏଜେଡ୍ ୮୦୯୦ ଲେଖାଯାଇଛି। ୨ ନମ୍ବର ଗେଟ୍ ଦେଇ ଭିଆଇପିମାନେ ପ୍ରବେଶ କରୁଥିବାବେଳେ ସେଠାରେ ସୁରକ୍ଷା ଦାୟିତ୍ୱରେ ସିଆର୍‌ପିଏଫ୍ ଯବାନ ମୁତୟନ ଥିଲେ। ଏହା ସତ୍ତ୍ୱେ କାର୍ କିପରି ଭିତରେ ପ୍ରବେଶ କରି ଖସି ପଳାଇବାକୁ ସକ୍ଷମ ହେଲା, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଅଭିଯୁକ୍ତ ଜଣକ ବାଚସ୍ପତିଙ୍କ କାର୍ ଉପରକୁ ଶ୍ୟାହି ଫିଙ୍ଗିଥିବା ଜଣାପଡ଼ିଛି। ବୋମା ନିଷ୍କ୍ରିୟକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ବିସ୍ଫୋରକ କିମ୍ବା ଅନ୍ୟ କୌଣସି ସନ୍ଦେହଜନକ ପଦାର୍ଥ ମିଳିନାହିଁ।

## ମାଲଦା ଘଟଣାର ଏନ୍‌ଆଇଏ ତଦନ୍ତ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୬ା୪(ପି.ଟି.)**

ପଶ୍ଚିମବଙ୍ଗର ମାଲଦାରେ ନ୍ୟାୟିକ ଅଧିକାରୀମାନଙ୍କୁ ଘେରାଉ ଘଟଣାର ତଦନ୍ତ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) କରିବାକୁ ସୁପ୍ରିମକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ପଶ୍ଚିମବଙ୍ଗ ସଚିବାଳୟ ଏବଂ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ରାଜନୀତି ପ୍ରବେଶ କରିବା ସହ ପ୍ରଶାସନର ବିଶ୍ୱସନୀୟତା ହ୍ରାସ ପାଉଥିବା ଲକ୍ଷ୍ୟକରି ସର୍ବୋଚ୍ଚ ଅଦାଲତ ଏନ୍‌ଆଇଏକୁ ତଦନ୍ତ ଭାର ଦେଇଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୧୪୨ରେ ଦିଆଯାଇଥିବା ସର୍ବୋଚ୍ଚ କ୍ଷମତାର ଉପଯୋଗ କରି ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ବିପୁଲ ଏମ୍ ପାଞ୍ଚୋଲିଙ୍କ ଖଣ୍ଡପୀଠ ଏପ୍ରିଲ ୧ ଘଟଣା ସମ୍ପର୍କିତ ୧୨ଟି ମାମଲାକୁ ଏନ୍‌ଆଇଏକୁ ସ୍ଥାନାନ୍ତର କରିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟ ସଚିବ ଦୁଷ୍ୟନ୍ତ ନରିଆଲା କୋଲକାତା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ କଲ୍‌କୁ ଘଟଣା ଦିନ ଗ୍ରହଣ କରି ନ ଥିବାରୁ ତାଙ୍କୁ କ୍ଷମା ମାଗିବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପଶ୍ଚିମବଙ୍ଗ ପ୍ରଶାସନର ଏହା ବଡ଼ ବିଫଳତା। ବରିଷ୍ଠ ଅମଲାମାନଙ୍କର କି ପ୍ରକାର ବିଶ୍ୱସନୀୟତା ରହିଛି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ଥିବା ନ୍ୟାୟିକ ଅଧିକାରୀମାନଙ୍କୁ ଯେତେବେଳେ ଘେରାଉ କରାଗଲା, ସେତେବେଳେ ସ୍ଥିତିକୁ ନିୟନ୍ତ୍ରଣ କରିବାରେ ସ୍ଥାନୀୟ ପୋଲିସ ଅଧିକାରୀ ଏବଂ ପ୍ରଶାସନ ବିଫଳ ହୋଇଥିବାରୁ ଗମ୍ଭୀର ଅଭିଯୋଗ ରହିଛି। ଜିଲ୍ଲାପାଳ ଓ ପ୍ରଶାସନିକ ଅଧିକାରୀମାନେ ନୀରବଦ୍ରଷ୍ଟା ସାଜିଥିଲେ। ଘେରାଉ ସ୍ଥଳରେ ଶତାଧିକ ଲୋକଙ୍କୁ ଏକାଠି ହେବାକୁ କିଏ ଅନୁମତି ଦେଲା ବୋଲି ଜଷ୍ଟିସ୍ ବାଗ୍‌ଚୀ ପ୍ରଶ୍ନ କରିଛନ୍ତି।

# ଯୁଦ୍ଧବିରତି ପ୍ରସ୍ତାବକୁ ଇରାନ୍‌ର ପ୍ରତ୍ୟାଖ୍ୟାନ

**ଦୁବାଇ/ତେହରାନ୍,୬ା୪**

ଇରାନ ବିରୋଧରେ ଆକ୍ରମଣ ଜାରି ରହିଥିବାବେଳେ ରବିବାର ବିଳମ୍ବିତ ରାତିରେ ୪୫ ଦିନିଆ ଯୁଦ୍ଧବିରତି ପାଇଁ ମଧ୍ୟସ୍ଥଙ୍କ ପକ୍ଷରୁ ଇରାନ ଏବଂ ଆମେରିକାକୁ ପ୍ରସ୍ତାବ ଦିଆଯାଇଥିଲା। ତେବେ ଅସ୍ଥାୟୀ ଯୁଦ୍ଧବିରତି ପ୍ରସ୍ତାବକୁ ଇରାନ ପ୍ରତ୍ୟାଖ୍ୟାନ କରିଦେଇଛି। ଆଲୋଚନା ପାଇଁ ତେହରାନ୍ ସୋମବାର କେତେକ ସର୍ତ୍ତ ରଖିଥିବା ଏହାର ସରକାରୀ ଗଣମାଧ୍ୟମ ଆଇଆର୍‌ଏନ୍‌ଏ ନ୍ୟୁଜ୍ ଏଜେନ୍ସି କହିଛି। ଇରାନ ସ୍ଥାୟୀ ଯୁଦ୍ଧବିରତି ଚାହେଁ। ପାକିସ୍ତାନ ଜରିଆରେ ଇରାନ ଏହାର ଜବାବ ଆମେରିକାକୁ ଜଣାଇ ଦେଇଛି। ଆମେ ସାଧାରଣ ଭାବେ ଅସ୍ତ୍ରବିରତି ପ୍ରସ୍ତାବକୁ ଗ୍ରହଣ କରିବୁ ନାହିଁ ବୋଲି ଇରାନର କୂଟନୈତିକ ମିଶନ ମୁଖ୍ୟ ମୋଜତାବା ଫେର୍ଦୌସି କହିଛନ୍ତି। ଆଉଥରେ ଆକ୍ରମଣ ହେବନି ଏହାର ଗ୍ୟାରେଣ୍ଟି ସହ ଆମେ ସ୍ଥାୟୀ ଭାବେ ଯୁଦ୍ଧ ବନ୍ଦ ଚାହୁଁ ବୋଲି ସେ କହିଛନ୍ତି।

ଇଜିପ୍ଟ, ପାକିସ୍ତାନ ଏବଂ ତୁର୍କି ମଧ୍ୟସ୍ଥଙ୍କଠାରୁ ଯୁଦ୍ଧବିରତି ପ୍ରସ୍ତାବ ଆସିଥିଲା। ସ୍ଥାୟୀ ଯୁଦ୍ଧବିରତିରେ ପହଞ୍ଚିବା ନିମନ୍ତେ ଏହି ୪୫ ଦିନିଆ ସାମୟିକ ଅସ୍ତ୍ରବିରତି ଆଲୋଚନା ପାଇଁ ପର୍ଯ୍ୟାପ୍ତ ସମୟ ଦେବ ବୋଲି ଆଶା କରାଯାଉଛି। ଇରାନ ବହିର୍ବ୍ୟାପାର ମନ୍ତ୍ରୀ ଆବ୍ବାସ ଅରାଗାଚି ଏବଂ ଆମେରିକାର ମଧ୍ୟପ୍ରାଚ୍ୟ ପ୍ରତିନିଧି ଷ୍ଟିଭ୍ ୱିଟ୍‌କଫ୍‌ଙ୍କ ପାଖକୁ ଏହି ପ୍ରସ୍ତାବ ପଠାଯାଇଥିଲା। ମଙ୍ଗଳବାର ପର୍ଯ୍ୟନ୍ତ ଦିଆଯାଇଥିବା ମହଲତ ସମୟସୀମା ମଧ୍ୟରେ ଇରାନ ସରକାର ଯଦି ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ନ ଖୋଲନ୍ତି, ତେବେ ସେଠାର ବିଦ୍ୟୁତ୍ ପ୍ଲାଣ୍ଟ ଏବଂ ବ୍ରିଜ୍‌ଗୁଡ଼ିକୁ ଧ୍ୱଂସ କରିଦିଆଯିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରବିବାର ତେହରାନ୍‌କୁ କଡ଼ା ଚେତାବନୀ ଦେଇଥିଲେ।

## ଇରାନ୍‌କୁ ଗୋଟିଏ ରାତିରେ ଧ୍ୱଂସ କରାଯାଇପାରେ: ଟ୍ରମ୍ପ୍

**ୱାଶିଂଟନ,୬ା୪**

ଇରାନ ମଙ୍ଗଳବାର ସୁଦ୍ଧା ଡିଲ୍ ନ କଲେ ଏବଂ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ନ ଖୋଲିଲେ ଏହାର ଶକ୍ତି ଏବଂ ଭିତ୍ତିଭୂମିକୁ ଧ୍ୱଂସ କରିଦିଆଯିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରବିବାର ଘୋଷଣା କରିଥିଲେ। ଏହି ସମୟସୀମା ଶେଷ ହେବା ପୂର୍ବରୁ ଟ୍ରମ୍ପ୍ ସୋମବାର ଏକ ଖବରଦାତା ସମ୍ମିଳନୀରେ ଉଦ୍‌ବୋଧନ ଦେଇ କହିଛନ୍ତି, ଇରାନକୁ ଗୋଟିଏ ରାତିରେ ଧ୍ୱଂସ କରିଦିଆଯାଇପାରେ। ସେଭଳି ଅଭିଯାନ ମଙ୍ଗଳବାର ସନ୍ଧ୍ୟାରେ ହୋଇପାରେ ବୋଲି ଟ୍ରମ୍ପ୍ କହିଛନ୍ତି। ଇରାନ ପାଇଁ ତାଙ୍କ ମହଲତ ସମୟସୀମା ମଙ୍ଗଳବାର ରାତି ୮ଟା (ଇଷ୍ଟର୍ନ ଟାଇମ୍) ରହିଛି।

୪୫ ଦିନିଆ ଯୁଦ୍ଧବିରତି ପାଇଁ ମଧ୍ୟସ୍ଥଙ୍କ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଇରାନ ସୋମବାର ପ୍ରତ୍ୟାଖ୍ୟାନ କରିଦେଇଥିବାବେଳେ ଟ୍ରମ୍ପ୍ ଏଭଳି ଧମକ ଦେଇଛନ୍ତି। ଯୁଦ୍ଧ ବନ୍ଦ ପାଇଁ ଉଦ୍ୟମ ଚଳାଇଥିବା ଦେଶଗୁଡ଼ିକ ଦେଇଥିବା ୪୫ ଦିନିଆ ଯୁଦ୍ଧବିରତି ପ୍ରସ୍ତାବ ବହୁତ ଭଲ ଥିଲା ବୋଲି ଟ୍ରମ୍ପ୍ କହିଛନ୍ତି। ଏହି ଅବସରରେ ଟ୍ରମ୍ପ୍ ଇରାନରୁ ଆମେରିକୀୟ ଯୁଦ୍ଧବିମାନ ପାଇଲଟ୍‌ଙ୍କୁ ଉଦ୍ଧାର କରାଯିବାର ଦୁଃସାହସିକ ଅଭିଯାନ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ଏଫ୍-୧୫ ଯୁଦ୍ଧବିମାନକୁ ଖସାଇ ଦିଆଯିବା ପରେ ଏହାର ୨ ଜଣ ପାଇଲଟ୍‌ଙ୍କୁ ଇରାନ ଭିତରୁ ଉଦ୍ଧାର କରିବା ପାଇଁ ଆମେରିକା ସବୁଠୁ ବିପଜ୍ଜନକ ଅଭିଯାନ ଆରମ୍ଭ କରିଥିଲା। ଶତ୍ରୁ ପକ୍ଷରୁ ପ୍ରବଳ ଗୁଳିମାଡ଼ ମଧ୍ୟରେ ୨୧ଟି ଏୟାରକ୍ରାଫ୍ଟ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ଗୋଟିଏ ହେଲିକପ୍ଟର ଗୁଳିମାଡ଼ର ସମ୍ମୁଖୀନ ହୋଇ ଫେରିଯାଇଥିଲା। ରେସ୍କ୍ୟୁ ଅପରେଶନ୍‌ର ଦ୍ୱିତୀୟ ପର୍ଯ୍ୟାୟକୁ ଆହୁରି ଜୋର୍‌ଦାର କରାଯାଇଥିଲା। ଏଥିରେ ବୋମାବର୍ଷୀ ବିମାନ, ଯୁଦ୍ଧବିମାନ, ଫୁଏଲିଂ ଟ୍ୟାଙ୍କର ଏବଂ ରେସ୍କ୍ୟୁ ୟୁନିଟ ସମେତ ୧୫୫ ବିମାନ ସାମିଲ ହୋଇଥିଲେ। ସ୍ପଷ୍ଟ ଦିବାଲୋକରେ ଇରାନ ଉପରେ ଅନେକ ଘଣ୍ଟା ଧରି ତଲାସି ଅଭିଯାନ ଜାରି ରହିଥିଲା। ଶତ୍ରୁକୁ ଭୁଆଁ ବୁଲାଇବା ପାଇଁ ସେନା କେତେକ ଛଳନାତ୍ମକ ମାର୍ଗ ବ୍ୟବହାର କରିଥିଲା। ପାର୍ବତ୍ୟାଞ୍ଚଳ ଚଢ଼ିବା ବେଳେ ଆହତ ହୋଇଥିବା ପାଇଲଟ୍‌ଙ୍କ ସହ ଆମେରିକା ସେନା ଯୋଗାଯୋଗ କରିବା ପରେ ଏକ ହେଲିକପ୍ଟର ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ଏଥିରେ ଆମେରିକା ପକ୍ଷର କେହି ଆହତ ହୋଇ ନ ଥିଲେ ବୋଲି ଟ୍ରମ୍ପ୍ କହିଛନ୍ତି।

## ଆଇଆର୍‌ଜିସି ଗୋଇନ୍ଦା ମୁଖ୍ୟ ନିହତ

**ଜେରୁଜେଲମ୍,୬ା୪**



ମାଜିଦ ଖାଡେମି

ଇସ୍ରାଏଲ୍ ବାୟୁସେନା ଆକ୍ରମଣରେ ଇରାନ ଇସ୍‌ଲାମିକ୍ ରିଭଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ଗୋଇନ୍ଦା ମୁଖ୍ୟ ମାଜିଦ ଖାଡେମି ନିହତ ହୋଇଥିବା ଏହାର ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟ୍‌ଜ ସୋମବାର ଘୋଷଣା କରିଛନ୍ତି। ଇରାନର ସବୁ ନେତାଙ୍କୁ ଜଣକ ପରେ ଜଣେ ହତ୍ୟା କରିବାକୁ କାଟ୍‌ଜ ଧମକ ଦେଇଛନ୍ତି। ଇସ୍ରାଏଲ୍ ସେନାର ଟାର୍ଗେଟେଡ୍ ଆକ୍ରମଣରେ ଖାଡେମିଙ୍କ ମୃତ୍ୟୁ ଘଟିଥିବା ନେଇ ଇରାନ ସରକାରୀ ଗଣମାଧ୍ୟମ ସ୍ୱୀକାର କରିଛି। ପୂର୍ବରୁ ଇରାନ ଗୋଇନ୍ଦା ମୁଖ୍ୟ ଥିବା ମହମ୍ମଦ କାଜେମିଙ୍କୁ ଇସ୍ରାଏଲ୍ ୨୦୨୫ ଜୁନ୍ ଯୁଦ୍ଧରେ ହତ୍ୟା କରିଥିଲା। ଏହାପରେ ଖାଡେମି ଆଇଆର୍‌ଜିସି ଗୋଇନ୍ଦା ମୁଖ୍ୟ ଭାବେ କାର୍ଯ୍ୟ କରିଆସୁଥିଲେ।

## ଇରାନ୍‌ରେ ଏୟାରଷ୍ଟ୍ରାଇକ୍: ୨୫ ମୃତ

**ସାଉଥ୍ ପାର୍ସ ପେଟ୍ରୋକେମିକାଲ ପ୍ଲାଣ୍ଟ ଉପରେ ଆକ୍ରମଣ**

**ଦୁବାଇ,୬ା୪**

ଇସ୍ରାଏଲ୍ ଏବଂ ଆମେରିକା ସୋମବାର ଇରାନର ବିଭିନ୍ନ ଅଞ୍ଚଳରେ କ୍ରମାଗତ ଆକ୍ରମଣ ଜାରି ରଖିବାରୁ ୨୫ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ଇରାନର ସାଉଥ୍ ପାର୍ସ ପ୍ରାକୃତିକ ଗ୍ୟାସ୍ ଫିଲ୍ଡ ଏବଂ ପେଟ୍ରୋକେମିକାଲ ପ୍ଲାଣ୍ଟ ଉପରେ ଇସ୍ରାଏଲ୍ ଆକ୍ରମଣ କରିଥିବାବେଳେ ତେହରାନ୍ ମିଶାଇଲ୍‌ରେ ଏହାର ଜବାବ ଦେଇଛି। ଇସ୍ରାଏଲ୍ ଏବଂ ଏହାର ସହଯୋଗୀ ଉପସାଗରୀୟ ଆରବ ଦେଶଗୁଡ଼ିକ ଉପରେ ଇରାନ ଆକ୍ରମଣ କରିଛି। ଇସ୍ରାଏଲ୍ ଓ ଆମେରିକାର ଯୁଦ୍ଧବିମାନଗୁଡ଼ିକ ସୋମବାର ତେହରାନ୍ ଆକାଶରେ ଦୀର୍ଘସମୟ ଧରି ଉଡ଼ିବା ସହ ବୋମାବର୍ଷା କରିଥିଲେ। ଶରିଫ୍ ୟୁନିଭର୍ସିଟି ଅଫ୍ ଟେକ୍‌ନୋଲୋଜି ପରିସରରେ ଏୟାରଷ୍ଟ୍ରାଇକ୍ ପରେ ସହରର ଆଜାଦି ସ୍କୋୟାର ନିକଟରୁ ବହଳ କଳାଧୂଆଁ ଉଠୁଥିବା ଦେଖାଯାଇଥିଲା। ସେହିପରି ବିଶ୍ୱର ସର୍ବବୃହତ୍ ଗ୍ୟାସ୍ ଫିଲ୍ଡ ଭାବେ ପରିଚିତ ସାଉଥ୍ ପାର୍ସ ପ୍ରାକୃତିକ ଗ୍ୟାସ୍ ଫିଲ୍ଡ ଉପରେ ଆକ୍ରମଣ ହୋଇଥିବା ସେଠାର ଫାର୍ସ ନ୍ୟୁଜ୍ ଏଜେନ୍ସି ଓ ଅନ୍ୟ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି। ଏଥିପାଇଁ ଇସ୍ରାଏଲ୍ ଓ ଆମେରିକାକୁ ଦୋଷାରୋପ କରାଯାଇଛି। ପୂର୍ବରୁ ଇସ୍ରାଏଲ୍ ଉକ୍ତ ଗ୍ୟାସ୍ ଫିଲ୍ଡ ଉପରେ ଆକ୍ରମଣ କରିଥିଲା। କାତାରର ଶକ୍ତି ଭିତ୍ତିଭୂମି ଉପରେ ଇରାନ ଯଦି ଆକ୍ରମଣ ଜାରି ରଖେ, ତେବେ ଆମେରିକା ଏହାକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବ ବୋଲି ଧମକ ଦେଇଥିଲା। ଇସ୍ରାଏଲ୍‌ର ହାଇଫା ସହରରେ ଇରାନର ମିଶାଇଲ୍ ମାଡ଼ରେ ଏକ ଆବାସିକ ଘର ଧ୍ୱଂସ ହୋଇଥିବାବେଳେ ୪ ଜଣଙ୍କ ମୃତ୍ୟୁ ଘଟିଛି। ତେହରାନ୍‌ର ମିଶାଇଲ୍ ଏବଂ ଡ୍ରୋନ୍‌ଗୁଡ଼ିକୁ ପ୍ରତିହତ କରିବା ପାଇଁ କୁଏଟ୍, ୟୁନାଇଟେଡ୍ ଆରବ ଏମିରେଟ୍ସ ଏବଂ ସାଉଦି ଆରବ ସେମାନଙ୍କ ଏୟାର ଡିଫେନ୍ସକୁ ସକ୍ରିୟ କରିଛନ୍ତି।

**ଏନ୍‌ସିପି ନେତାଙ୍କୁ ହତ୍ୟା ମାମଲା**

## ଅଜିତ ଯୋଗୀଙ୍କ ପୁଅଙ୍କୁ ଆଜୀବନ ଜେଲ

**ରାୟପୁର,୬ା୪**

୨୦୦୩ରେ ଏନ୍‌ସିପି ନେତା ରାମାବତାର ଜଗ୍ଗିଙ୍କୁ ହତ୍ୟା ମାମଲାରେ ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଜିତ ଯୋଗୀଙ୍କ ପୁଅ ଅମିତ୍ ଯୋଗୀଙ୍କୁ ଛତିଶଗଡ଼ ହାଇକୋର୍ଟ ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଜନତା କଂଗ୍ରେସ ଛତିଶଗଡ଼ (ଜେ) ସଭାପତି ଥିବା ଅମିତ୍‌ଙ୍କୁ ୨୦୦୭ରେ ତଳକୋର୍ଟ କ୍ଲିନ୍‌ଚିଟ୍ ଦେଇଥିବାବେଳେ ମୁଖ୍ୟ ବିଚାରପତି ରମେଶ ସିହ୍ନା ଏବଂ ଜଷ୍ଟିସ୍ ଅରବିନ୍ଦ କୁମାର ବର୍ମାଙ୍କ ଖଣ୍ଡପୀଠ ଏହାକୁ ଖାରଜ କରିଦେଇଛନ୍ତି। ସମାନ ତଥ୍ୟ ପ୍ରମାଣ ଆଧାରରେ ଅନ୍ୟ ୨୮ ଅଭିଯୁକ୍ତ ଦୋଷୀସାବ୍ୟସ୍ତ ହୋଇଥିବାବେଳେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଅମିତ୍‌ଙ୍କୁ ଦୋଷମୁକ୍ତ କରାଯିବା ଅନ୍ୟାୟ ବୋଲି ଖଣ୍ଡପୀଠ କହିଛନ୍ତି।

ଏନ୍‌ସିପି ନେତାଙ୍କୁ ହତ୍ୟା ଘଟଣାକୁ ନେଇ ରାଜନୀତିରେ ତୁମ୍ବିତୋଫାନ ହୋଇଥିଲାବେଳେ ପୋଲିସ ୩୧ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ରାୟପୁରର ଏକ ଅଦାଲତ ୨୦୦୭ରେ ୨୮ ଜଣଙ୍କୁ ଦୋଷୀସାବ୍ୟସ୍ତ କରିଥିବାବେଳେ ପ୍ରମାଣ ଅଭାବରୁ ଅମିତ୍‌ଙ୍କୁ ଦୋଷମୁକ୍ତ କରିଥିଲେ।

## ରାଜପଥରୁ ବୁଲା ଗୋରୁଙ୍କୁ ଦୂରେଇ ରଖିବା ପାଇଁ ମତାମତ ଲୋଡ଼ିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୬ା୪**

ଦେଶର ଜାତୀୟ ଏବଂ ରାଜ୍ୟ ରାଜପଥଗୁଡ଼ିକରୁ ବୁଲା ଗୋରୁଙ୍କୁ ଦୂରେଇ ରଖିବା ସୁନିଶ୍ଚିତ କରିବା ପାଇଁ ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମତାମତ ଲୋଡ଼ିଛନ୍ତି। ଜଷ୍ଟିସ୍ ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ କେନ୍ଦ୍ର, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସମେତ ଭାରତର ପ୍ରାଣୀ କଲ୍ୟାଣ ବୋର୍ଡକୁ ନୋଟିସ୍ ଜାରି କରି ୪ ସପ୍ତାହ ମଧ୍ୟରେ ଜବାବ ରଖିବାକୁ କହିଛନ୍ତି।

## ଅରୁଣାଚଳ ମୁଖ୍ୟମନ୍ତ୍ରୀଙ୍କ ସମ୍ପର୍କୀୟଙ୍କୁ ଠିକାକାମର ସିବିଆଇ ତଦନ୍ତ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୬ା୪(ପି.ଟି.)**

ଅରୁଣାଚଳପ୍ରଦେଶ କେତେକ ସରକାରୀ କାମକୁ ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁଙ୍କ ପରିବାର ସଦସ୍ୟଙ୍କ ମାଲିକାନାରେ ଥିବା କମ୍ପାନୀକୁ ଠିକା ଦିଆଯିବା ଅଭିଯୋଗର ସିବିଆଇ ତଦନ୍ତ ପାଇଁ ସୁପ୍ରିମକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ୨ ସପ୍ତାହ ମଧ୍ୟରେ ଏତଲା ଦାଏର କରିବାକୁ ଜଷ୍ଟିସ୍ ବିକ୍ରମ ନାଥଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ରାଜ୍ୟ ଓ ସରକାରୀ ସଂସ୍ଥା କୌଣସି ରାଜନେତା କିମ୍ବା ପ୍ରଶାସନିକ ଅଧିକାରୀଙ୍କ ଇଚ୍ଛାରେ କାହାକୁ ସୁବିଧା ଦେଇପାରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିବା ସହ ଏଭଳି ମାମଲାର ନିରପେକ୍ଷ ତଦନ୍ତ ଜରୁରୀ ବୋଲି କହିଛନ୍ତି। ଯେଉଁଠି ସରକାରୀ କ୍ରୟରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠେ ଏବଂ ସର୍ବୋଚ୍ଚ ସ୍ତରରେ ସ୍ୱାର୍ଥ ଦ୍ୱନ୍ଦ୍ୱ ଅଭିଯୋଗ ଜଡ଼ିତ ଥାଏ, ସେଠାରେ ତଦନ୍ତ ନ୍ୟାୟଯୁକ୍ତ ହେବା ଜରୁରୀ ବୋଲି ଖଣ୍ଡପୀଠ କହିଛନ୍ତି।

# ଆପୋଲୋ-୧୩ର ଦୂରତା ରେକର୍ଡ ଭାଙ୍ଗିଲା ଆର୍ଟେମିସ୍-୨



**ହ୍ୟୁଷ୍ଟନ୍,୬ା୪**

ନାସାର ଆର୍ଟେମିସ୍-୨ ମିଶନରେ ଯାଇଥିବା ୪ ମହାକାଶଚାରୀ ସୋମବାର ଭୋର ସମୟରେ ଚନ୍ଦ୍ର ମାଧ୍ୟାକର୍ଷଣ ପ୍ରଭାବ ବଳୟ ମଧ୍ୟରେ ପ୍ରବେଶ କରିଛନ୍ତି। ଏଥିସହ ମହାକାଶରେ ସେମାନେ ସର୍ବାଧିକ ଦୂରତା ଅତିକ୍ରମ କରିବାରେ ୭୦ ଦଶକର ଆପୋଲୋ-୧୩ର ରେକର୍ଡକୁ ଭାଙ୍ଗିଛନ୍ତି। ୧୯୭୦ ଏପ୍ରିଲରେ ଆପୋଲୋ ୨,୪୮,୬୫୫ ମାଇଲ (୪,୦୦,୧୭୧ କି.ମି.) ଅତିକ୍ରମ କରି ଚନ୍ଦ୍ର ପୃଷ୍ଠରେ ପହଞ୍ଚିଥିଲା। ଆର୍ଟେମିସ୍-୨ର ମହାକାଶଚାରୀମାନେ ଏହାଠାରୁ ଅଧିକ ୪,୧୦୨ ମାଇଲ୍ (୬,୬୦୦ କିମି) ଅତିକ୍ରମ କରିଛନ୍ତି।

ଆପୋଲୋ ଯୁଗ ପରେ ନାସାର ଏହି ଚନ୍ଦ୍ର ଅଭିଯାନର ମୁଖ୍ୟ ଆକର୍ଷଣ ହେଉଛି ୩ ଆମେରିକୀୟ ଏବଂ ଜଣେ କାନାଡୀୟ ମହାକାଶଚାରୀ ଚନ୍ଦ୍ରର ଅତି ନିକଟ ଦେଇ ଗତି କରିବା ସହ ୨ ବର୍ଷ ପରେ ଚନ୍ଦ୍ରର ଦକ୍ଷିଣ ମେରୁରେ ମାନବ ପାଦ ପକାଇବା ଦିଗରେ ଏହା ଏକ ବଡ଼ ପଦକ୍ଷେପ ହେବ। ଗତ ସପ୍ତାହରେ ଫ୍ଲୋରିଡ଼ାସ୍ଥିତ ମହାକାଶ କେନ୍ଦ୍ରରୁ ଚନ୍ଦ୍ର ଅଭିଯାନରେ ଯାଇଥିବା ମହାକାଶଚାରୀ ଓରିଅନ୍ କ୍ୟାପ୍‌ସୁଲରେ ସନ୍ଧ୍ୟା ୭ଟା ୫ ମିନିଟ୍ ଇଷ୍ଟର୍ନ ଟାଇମ୍‌ରେ ପୃଥିବୀଠାରୁ ସର୍ବାଧିକ ଦୂରତା ୨,୫୨,୭୫୭ ମାଇଲ୍ ଅତିକ୍ରମ କରି ରେକର୍ଡ କରିଛନ୍ତି।



କରିଶ୍ମା ତନ୍ନା

## ଗୁଡ୍‌ନ୍ୟୁଜ୍ ଦେଲେ କରିଶ୍ମା

**ମୁମ୍ବାଇ**

ଅଭିନେତ୍ରୀ କରିଶ୍ମା ତନ୍ନା ଖୁବ୍‌ଶୀଘ୍ର ମା' ହେବାକୁ ଯାଉଛନ୍ତି। ସେ ତାଙ୍କ ସ୍ୱାମୀ ବରୁଣ ବାଙ୍ଗେରାଙ୍କ ସହ ଫଟୋ ଶେୟାର କରି ପ୍ରଶଂସକଙ୍କୁ ଏହି ଶୁଭ ଖବର ଦେଇଛନ୍ତି। ଏବେ ଉଭୟଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ଇନ୍‌ଷ୍ଟାଗ୍ରାମରେ ଶେୟାର କରାଯାଇଥିବା ପୋଷ୍ଟ ସହିତ କରିଶ୍ମା ଏକ ହୃଦୟସ୍ପର୍ଶୀ କ୍ୟାପ୍‌ସନ ଲେଖିଛନ୍ତି: ଏକ ଛୋଟ ଚମତ୍କାର। ଆମର ସର୍ବଶ୍ରେଷ୍ଠ ଉପହାର। ଅଗଷ୍ଟ ୨୦୨୬। ଏହି ଖବର ଆସିବା ମାତ୍ରେ ଖୁସି କପୁର, ଅମ୍ରିତା ଆରୋରା, ବିପାଶା ବସୁ ଏବଂ କୃତିକା କାମରାଙ୍କ ଭଳି ଷ୍ଟାରମାନେ ପ୍ରଥମେ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

କରିଶ୍ମା ଦୁଇ ଦଶନ୍ଧି ଧରି ଭାରତୀୟ ମନୋରଞ୍ଜନ ଶିଳ୍ପରେ ଏକ ପରିଚିତ ଚେହେରା। ସେ ୨୦୦୧ରେ ସୁପରହିଟ୍ ଶୋ କ୍ୟୁଙ୍କି ସାସ ଭି କଭି ବହୁ ଥି ସହିତ କ୍ୟାରିଅର ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ବିଗ୍ ବସ୍ ୮ରେ ସେ ପ୍ରଥମ ରନର୍ସ-ଅପ୍ ହୋଇଥିଲେ। କରିଶ୍ମା ଏବଂ ବ୍ୟବସାୟୀ ବରୁଣ ବାଙ୍ଗେରା ୫ ଫେବୃଆରୀ ୨୦୨୨ରେ ମୁମ୍ବାଇରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ।



ଆଦିବାସୀଙ୍କ ଧର୍ମର ସମ୍ମାନ ରକ୍ଷା, ଜନଗଣନାରେ ପୃଥକ କୋଡ୍, ବଢ଼ି ଚାଲିଥିବା ଅତ୍ୟାଚାର ରୋକିବା ସହ ସ୍ୱତନ୍ତ୍ର କୋର୍ଟ ସ୍ଥାପନ ଆଦି ୨୦ ଦଫା ଦାବି ନେଇ ଆଦିବାସୀ ମହାସଂଘ ଓଡ଼ିଶା ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର୍ ପିଏମ୍‌ଜିରେ ଅନୁଷ୍ଠିତ ସମାବେଶରେ ଆଦିବାସୀ ସମ୍ପ୍ରଦାୟର ଲୋକେ ବାଜା ବଜାଇ ନାଚଗୀତ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। (ଫଟୋ: ମନୋରଞ୍ଜନ ମିଶ୍ର)

# ତାମିଲନାଡୁର ୯ ପୋଲିସ୍‌ଙ୍କୁ ମୃତ୍ୟୁ ଦଣ୍ଡ

## ୨୦୨୦ର ବାପପୁଅ ହାଜତ ମୃତ୍ୟୁ ମାମଲା

**ମଦୁରାଇ,୬।୪**

ତାମିଲନାଡୁର ଥୁଥୁକୁଡ଼ି ଜିଲା ଅନ୍ତର୍ଗତ ସନ୍ଥନ୍‌କୁଲମ୍‌ରେ ୨୦୨୦ରେ ଘଟିଥିବା ବାପପୁଅ ହାଜତ ମୃତ୍ୟୁ ମାମଲାରେ ମାଡ୍ରାସ ହାଇକୋର୍ଟର ମଦୁରାଇ ବେଞ୍ଚ୍ ସୋମବାର ରାଜ୍ୟର ୯ ଜଣ ପୋଲିସ କର୍ମଚାରୀଙ୍କୁ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଛନ୍ତି। ଏହା ଅତ୍ୟନ୍ତ ନୃଶଂସତା ଏବଂ କ୍ଷମତା ଦୁରୁପଯୋଗର ବିରଳରୁ ବିରଳତମ ଅପରାଧକୁ ସୂଚାଉଛି ବୋଲି ଅଦାଲତ କହିଛନ୍ତି।

ବ୍ୟବସାୟୀ ପି. ଜୟରାଜ (୫୯) ଓ ତାଙ୍କ ପୁଅ ଜି. ବେନିକ୍ସ (୩୧)ଙ୍କୁ ହାଜତରେ ନିର୍ଯାତନା ଦିଆଯାଇ ହତ୍ୟା କରାଯିବା ମାମଲା ଉପରେ ୬ ବର୍ଷର ଶୁଣାଣି ପରେ ବିଚାରପତି ଜି. ମୁଥୁକୁମାରନ୍ ସମସ୍ତ ୯ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ହାଜତ ନିର୍ଯାତନା ପୂର୍ବ ପରିକଳ୍ପିତ ଥିଲା ଏବଂ ସାରା ରାତି ଚାଲିଥିଲା ବୋଲି ସିବିଆଇ ତଦନ୍ତ ରିପୋର୍ଟରେ ଦର୍ଶାଇବା ସହ ଅପରାଧୀମାନଙ୍କୁ ସର୍ବାଧିକ ଦଣ୍ଡବିଧାନ କରିବାକୁ ନିବେଦନ କରିଥିଲା। ହାଇକୋର୍ଟ ସିବିଆଇର ଯୁକ୍ତିକୁ ଗ୍ରହଣ କରିଛନ୍ତି। ଦୋଷୀସାବ୍ୟସ୍ତ ହୋଇଥିବା ପୋଲିସ ଅଫିସରମାନେ ହେଲେ ଇନ୍ସପେକ୍ଟର ଏସ୍. ଶ୍ରୀଧର, ସବ୍‌ଇନ୍ସପେକ୍ଟର ପି. ରଘୁଗଣେଶ ଏବଂ କେ. ବାଲକ୍ରିଷ୍ଣନ୍, ହେଡ୍ କନ୍‌ଷ୍ଟେବଲ୍ ଏସ୍. ମୁରୁଗାନ୍ ଏବଂ ଏ. ସାମାଦୁରାଇ, କନ୍‌ଷ୍ଟେବଲ୍ ଏମ୍. ମୁଥୁରାଜ, ଏସ୍. ଚେଲ୍ଲାଦୁରାଇ, ଏକ୍ସ.ଥୋମାସ ଫ୍ରାନ୍ସିସ୍ ଏବଂ ଏସ୍. ୱେଲିମୁଥୁ। ଦଶମ ଅଭିଯୁକ୍ତ ସ୍ୱତନ୍ତ୍ର ସବ୍‌ଇନ୍ସପେକ୍ଟର ପୌଲଦୁରାଇଙ୍କର ତଦନ୍ତ ବେଳେ କୋଭିଡ୍ ମହାମାରୀରେ ମୃତ୍ୟୁ ଘଟିଥିଲା।



ପି. ଜୟରାଜ ଓ ଜି. ବେନିକ୍ସ

୨୦୨୦ର ଏହି ହାଜତ ମୃତ୍ୟୁ ମାମଲା ଦେଶବ୍ୟାପୀ ଉତ୍ତେଜନା ସୃଷ୍ଟି କରିଥିଲା। କୋଭିଡ୍-୧୯ ଲକ୍‌ଡାଉନ୍ କଟକଣାର ଉଲ୍ଲଂଘନ କରି ଜୟରାଜ ଓ ବେନିକ୍ସ ସେମାନଙ୍କ ମୋବାଇଲ୍ ଉପକରଣ ଦୋକାନ ଖୋଲିଥିବାରୁ ଜୁନ୍ ୧୯ ରାତିରେ ପୋଲିସ ସେମାନଙ୍କୁ ଉଠାଇ ଆଣିଥିଲା। ସେମାନଙ୍କୁ ସନ୍ଥନକୁଲମ୍ ☞ପୃଷ୍ଠା-୪

# ମଞ୍ଜୁଲତା, ମୁକ୍ତିକାନ୍ତ ବିଜେଡିରୁ ନିଲମ୍ବିତ

## ଦଳ କାହିଁକି ସସ୍‌ପେଣ୍ଡ କଲା ଜାଣିନି: ମୁକ୍ତିକାନ୍ତ

**ଭୁବନେଶ୍ୱର, ୬।୪(ସୁନିତ୍ ମିଶ୍ର)**

ବିଜେଡିର ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳଙ୍କୁ ଦଳ ସୋମବାର ନିଲମ୍ବନ କରିଛି। ମଞ୍ଜୁଲତା ବର୍ତ୍ତମାନ ବିଜେଡ଼ି ରାଜ୍ୟ ପରିଷଦ ସଦସ୍ୟ ରହିଥିଲେ। ମାତ୍ର ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ତାଙ୍କୁ ନିଲମ୍ବନ କରାଯାଇଥିବା ଜଣାପଡ଼ିଛି। ଏହାସହ ମଞ୍ଜୁଲତାଙ୍କ ସ୍ୱାମୀ ତଥା ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କୁ ମଧ୍ୟ ଦଳରୁ ନିଲମ୍ବନ କରାଯାଇଛି। ମୁକ୍ତିକାନ୍ତ ଭଦ୍ରକ ଜିଲା ବିଜେଡି ସଙ୍ଗଠନର ସଦସ୍ୟ ଥିଲେ। କିଛିଦିନ ତଳେ ଭଦ୍ରକ ଜିଲାର ଟାଣୁଆ ନେତା ତଥା ଭଣ୍ଡାରିପୋଖରୀର ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ୨ ପୁଅ ବିଜେଡି ଛାଡି ଭାଜପାରେ ଯୋଗଦେଇଥିଲେ। ଏବେ ଏମାନେ ବିଜେଡିରୁ ନିଲମ୍ବିତ ହେବା ପରେ ଭାଜପାରେ ଯୋଗଦେଇପାରନ୍ତି ବୋଲି



ମଞ୍ଜୁଲତା ମଣ୍ଡଳ ଓ ମୁକ୍ତିକାନ୍ତ ମଣ୍ଡଳ

ଚର୍ଚ୍ଚା ଜୋର୍ ଧରୁଛି। କାରଣ ରାଜ୍ୟରୁ ବିଜେଡି ସରକାର ଯିବା ପରେ ଅଧିକାଂଶ ସମୟରେ ଦେଖିବାକୁ ମିଳୁଛି, ଯେଉଁମାନେ ଭାଜପାରେ ଯୋଗଦେଉଛନ୍ତି ☞ପୃଷ୍ଠା-୭

# ପିଲା ନଥାଇ ମଧ୍ୟାହ୍ନଭୋଜନ

## ସିଏଜି ରିପୋର୍ଟ

■ ୩୩.୧୩ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ନାଁରେ ଆସୁଥିଲା, ଖାଉଥିଲେ ୩୦.୯୪ଲକ୍ଷ

**ଭୁବନେଶ୍ୱର, ୬।୪(ରବିନାରାୟଣ ଜେନା)**

ରାଜ୍ୟରେ ପୂର୍ବ ସରକାର ଅମଳରେ ଛାତ୍ରୀଛାତ୍ରଙ୍କ ଯୋଜନା କିଭଳି ହରିଲୁଟ୍ ହେଉଥିଲା ତା'ର ଗୁମର ପଦାକୁ ଆସିଛି। ଶିକ୍ଷୟିତ୍ରୀ/ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ନାଁରେ ସରକାରଙ୍କ ମଧ୍ୟାହ୍ନଭୋଜନଠାରୁ ଆରମ୍ଭ କରି ବିଭିନ୍ନ ଯୋଜନାରେ ଅର୍ଥ ଆତ୍ମସାତ୍ କରୁଥିଲେ। ତେବେ ଜଣେ କି ଦୁଇଜଣ, କିମ୍ବା ଗୋଟିଏ ଜିଲାରେ ନୁହେଁ, ରାଜ୍ୟର ବିଭିନ୍ନ ଜିଲାରେ ଜାଲ୍ ଛାତ୍ରୀଛାତ୍ର ଦର୍ଶାଇ ପ୍ରଧାନ ଶିକ୍ଷକମାନେ ମଧ୍ୟାହ୍ନଭୋଜନରେ ବ୍ୟାପକ ଅନିୟମିତତା କରିଛନ୍ତି ବୋଲି ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ(ସିଏଜି) ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି।

ମାର୍ଚ୍ଚ ୩୧ରେ ସିଏଜିଙ୍କ ପକ୍ଷରୁ ମଧ୍ୟାହ୍ନଭୋଜନ ସମେତ ପୋଷଣର କାର୍ଯ୍ୟକାରିତା ଉପରେ ସମ୍ପାଦିତ ରିପୋର୍ଟରେ ଦର୍ଶାଯାଇଛି ଯେ, ପ୍ରକୃତ ଉପସ୍ଥାନ ଅପେକ୍ଷା ମିଡ୍ ଡେ ମିଲ୍(ଏମ୍‌ଡିଏମ୍) ପରିବେଷଣ,ପରିଚାଳନାରେ ବ୍ୟାପକ ଅମେଳ ରହିଛି। ତେବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଅକ୍ଟୋବର ୨୦୧୬ରେ ମଧ୍ୟାହ୍ନଭୋଜନ ☞ପୃଷ୍ଠା-୭




# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଇଗ୍ନୋ ପକ୍ଷରୁ ୩୯ତମ ସମାବର୍ତ୍ତନ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ସଂଭାବନା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଓ'କରିମ୍, ମାଷ୍ଟରକ୍ୟାଣ୍ଟିନ୍ ଛକ, ସମୟ: ଅପରାହ୍ନ ୪ଟା।
- ଶିଶୁକଥା ଦିବସ ପାଳନ, ସ୍ଥାନ: ଇଚିକିଲି ମିଚିକିଲି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା।

**କଟକ**
- ଚତୁର୍ଦ୍ଦିବସୀୟ ୫୫ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀର ଉଦ୍‌ଯାପନୀ ଦିବସ, ସ୍ଥାନ: ମାତୃଭବନ, ସମୟ: ସନ୍ଧ୍ୟା ୬ଟା ୩୦।

**ବାଲେଶ୍ୱର**
- ମା' ଶୀତଳା ଦେବୀଙ୍କ ବାର୍ଷିକ ପୂଜା ଉତ୍ସବର ଉଦଯାପନୀ ଦିବସ, ସ୍ଥାନ: ନୀଳବାଡି ଶୀତଳା ମଣ୍ଡପ, ରୁପସା, ସମୟ: ସକାଳ ୭ଟା।
- ଏଫଏମ୍‌ୟୁରେ ୨୩ ତମ ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ:ନୂଆପାଢୀ କ୍ୟାମ୍ପସ, ରେମୁଣା, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।

**ଭଦ୍ରକ**
- ଶ୍ରୀ ହନୁମାନଙ୍କ ୪ର୍ଥ ବାର୍ଷିକ ଉତ୍ସବ, ସ୍ଥାନ: ସଠଙ୍ଗା, ବିରୋଳି, ଧାମନଗର, ସମୟ: ସକାଳ ୬ଟା ୧୫।
- ଓଡ଼ିଆ ପକ୍ଷ ପାଳନ ଅବସରରେ ବର୍ଣ୍ଣବୋଧ ଦିବସ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

**ମୟୂରଭଞ୍ଜ**
- ରକ୍ତଦାନ ଶିବିର,ସ୍ଥାନ: ବୈଶିଙ୍ଗା ମହାବିଦ୍ୟାଳୟ, ବେତନଟୀ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ନାଟକ 'ମହା ବିଭ୍ରାଟ' ଓ 'କରୋନା ଠକ',ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା,ସମୟ:ସନ୍ଧ୍ୟା ୬ଟା ୩୦।

**ବ୍ରହ୍ମପୁର**
- ସନ୍ତରଣ ପ୍ରତିଭା ଚିହ୍ନଟ, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୭ଟା।
- ଗଣଧାରଣା, ସ୍ଥାନ: ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସିଲ୍କ ସିଟି ମହୋତ୍ସବ, ସ୍ଥାନ: ଖଲ୍ଲିକୋଟ କଲେଜ ପଡ଼ିଆ, ସମୟ: ଅପରାହ୍ନ ୫ଟା।

**ଢେଙ୍କାନାଳ**
- ବିଶ୍ୱ ବରା ଦିବସ, ସ୍ଥାନ: ଢେଙ୍କାନାଳ ବସ୍‌ଷ୍ଟାଣ୍ଡସ୍ଥିତ ହନୁମାନ ବାଟିକା, ସମୟ: ସକାଳ ୮ଟା।
- ବରା ଦିବସ ପାଳନ, ସ୍ଥାନ– ଢେଙ୍କାନାଳ ସହର ସୂର୍ଯ୍ୟମଣ୍ଡପ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଢେଙ୍କାନାଳ ବରା ଦିବସ, ସ୍ଥାନ: ଢେଙ୍କାନାଳ ପୁରୁଣା ଜିଲା ପରିଷଦ ହଲ୍, ସମୟ:ପୂର୍ବାହ୍ନ ୧୧ଟା।
- ବଜରଙ୍ଗ କ୍ଲବ୍ ପକ୍ଷରୁ ବରା ଦିବସ, ସ୍ଥାନ: ଢେଙ୍କାନାଳ ଶ୍ରୀ ସିଦ୍ଧ ବଳରାମଜୀଉଙ୍କ ମନ୍ଦିର ସମ୍ମୁଖ, ସମୟ: ଅପରାହ୍ନ ୫ଟା ୩୦।

**ଅନୁଗୋଳ**
- ବର୍ଣ୍ଣବୋଧ ବହି ବଣ୍ଟନ, ସ୍ଥାନ: ଆଠମଲ୍ଲିକ ସହରସ୍ଥିତ ଅଙ୍ଗନୱାଡି କେନ୍ଦ୍ର, ସମୟ : ସକାଳ ୭ଟା।
- ଇଗ୍ନୁର ୩୯ତମ ଦୀକ୍ଷାନ୍ତ ସମାରୋହ, ସ୍ଥାନ: ଅନୁଗୋଳ ବ୍ଲକ ଡାଇମଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।

**ଜଗତ୍‌ସିଂହପୁର**
- ଓଡ଼ିଆ ପକ୍ଷ ଅଭିଯାନ ଅନୁଯାୟୀ ପୌରପାଳିକା ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ, ସ୍ଥାନ: ନେହେରୁବଙ୍ଗଳା, ପାରାଦୀପ, ସମୟ: ସକାଳ ୮ଟା।

**କେନ୍ଦ୍ରାପଡ଼ା**
- ଝାମୁଯାତ୍ରା ମହୋତ୍ସବ, ସ୍ଥାନ: ମା'ମଙ୍ଗଳା ପୀଠ, ପୋଖରିଆପଡା, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୮ଟା।
- ଶ୍ରୀ ରଘୁନାଥଜୀଉ ସାଂସ୍କୃତିକ ପରିଷଦ ପକ୍ଷରୁ ଶ୍ରୀରାମ ଜନ୍ମୋତ୍ସବ ଓ ରାମଗାଥ ଅଭିନୟ, ସ୍ଥାନ: ମୁକୁନ୍ଦପୁର, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନୂତନ ଶ୍ରେଣୀଗୃହ ଉଦ୍‌ଘାଟନ, ସ୍ଥାନ: ଚଣ୍ଡିଆଗଡି, ଆଳି, ସମୟ: ପୂର୍ବାହ୍ନ ୧୦ଟା।

**ଯାଜପୁର**
- କଳିଙ୍ଗନଗର ଉନ୍ନୟନ ପରିଷଦ (କେଏନ୍‌ଡିଏ) ମାଷ୍ଟର ପ୍ଲାନ୍‌ର ଉପସ୍ଥାପନ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ସାଢ଼େ ୧୧ଟା।
- ଅଗ୍ନିବୀର ପଞ୍ଜୀକରଣ ସଂକ୍ରାନ୍ତରେ ଭର୍ଚୁଆଲ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧ଟା।
- କଳିଙ୍ଗନଗର ଉନ୍ନୟନ ପରିଷଦ (କେଏନ୍‌ଡିଏ) ମାଷ୍ଟର ପ୍ଲାନ୍‌ର ଉପସ୍ଥାପନ କାର୍ଯ୍ୟକ୍ରମ, ସ୍ଥାନ: କେଏନ୍‌ଡିଏ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

**ନୟାଗଡ଼**
- ବର୍ଣ୍ଣବୋଧ ଦିବସ, ସ୍ଥାନ: ଜିଲା ଶିକ୍ଷା ଅଧିକାରୀ ଓ ଜିଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଐତିହାସିକ ଲଙ୍କାପୋଡି ଯାତ୍ରାର ଦ୍ୱାଦଶ ଦିବସରେ ରାବଣ ବଦ୍ଧ ପର୍ବ ପାଇଁ ପୂଜାର୍ଚ୍ଚନା, ସ୍ଥାନ: ଦଶପଲ୍ଲା ମହାବୀର ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।

**ନବରଙ୍ଗପୁର**
- ବର୍ଣ୍ଣବୋଧ ବହି ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ, ଡାବୁଗାଁ, ସମୟ: ପୂର୍ବାହ୍ନ ୯ଟା।
- ବର୍ଣ୍ଣବୋଧ ବହି ବଣ୍ଟନ କାର୍ଯ୍ୟକ୍ରମ, ପିଏମ୍‌ଶ୍ରୀ ଏସ୍‌ଏସ୍‌ଡି ସରକାରୀ ଉଚ୍ଚ ବଦ୍ୟାଳୟ, ଉମରକୋଟ, ସମୟ: ପୂର୍ବାହ୍ନ ୧୦ଟା।
- କର୍ମା ମାତା ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଇଙ୍ଗରା, ଉମରକୋଟ, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ଚୈତ୍ର ଯାତ୍ରା, ସ୍ଥାନ: ପାଣ୍ଡୁଆ ବଡ ଦେବତା ମନ୍ଦିର, ସମୟ: ସକାଳ ୭ରୁ ଆରମ୍ଭ।
- ଇଗ୍ନୁର ୩୯ ତମ ଦୀକ୍ଷାନ୍ତ ସମାରୋହ, ସ୍ଥାନ: ଶିକ୍ଷକଙ୍କ ଶିକ୍ଷା ମହାବିଦ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ନନ୍ଦପୁରରେ ଦଣ୍ଡ ଯାତ୍ରା, ସ୍ଥାନ: ହାଟପଦା କଲେଜ ରୋଡ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ଭୋଟର ତାଲିକା ସଂଶୋଧନ ନେଇ ସମନ୍ୱୟ ବୈଠକ, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଦଶମନ୍ତପୁର, ସମୟ: ଅପରାହ୍ନ ୪ଟା।
- ସେଣ୍ଟ ଜାଭିୟର ସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସେମିଳିଗୁଡ଼ା, ସମୟ: ଅପରାହ୍ନ ୫ଟା।

**ମାଲକାନଗିରି**
- ଚକ୍ଷୁ ଏବଂ ରକ୍ତଦାନ ଶିବିର, ସ୍ଥାନ: ବିଏସ୍‌ଏଫ କ୍ୟାମ୍ପ, ଚିତ୍ରକୋଣ୍ଡା, ସମୟ: ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଆୟୋଜିତ ଆନ୍ତଃବିଶ୍ୱବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତାର ଥ୍ରୋ ଇଭେଣ୍ଟ, ସ୍ଥାନ : ଅମୃତ ବିହାର ପରିସରସ୍ଥ ଖେଳ ପଡିଆ, ସମୟ : ସକାଳ ୬ଟା।
- ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଆୟୋଜିତ ଆନ୍ତଃ ବିଶ୍ୱବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତା, ସ୍ଥାନ : ବୀର ସୁରେନ୍ଦ୍ର ସାଏ, ଷ୍ଟାଡିୟମ, ସମୟ: ସକାଳ ୬ଟା।
- ଜିଲା ବିଜୁ ଜନତା ଦଳର ବୈଠକ, ସ୍ଥାନ: ସାକ୍ଷୀପଡାସ୍ଥିତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ ସ୍ତରୀୟ ନୃତ୍ୟ ପ୍ରତିଯୋଗିତାର ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ ଅବସରରେ ଶିଶୁ କଥା ଦିବସ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଷ୍ଟ୍ରୀୟ ପଛୁଆ ବର୍ଗ ସଙ୍ଗଠନ ପକ୍ଷରୁ ଧାରଣା ଓ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

**ବଲାଙ୍ଗୀର**
- ବ୍ୟାଡ଼ମିଣ୍ଟନ ପ୍ରଶିକ୍ଷଣ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୬ଟା।
- ମା'ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ମହିଷାସୁରଦରବାର ପଞ୍ଚମ ରଜନୀ, ସ୍ଥାନ: ଡୁଡୁକା, ଆଗଲପୁର ବ୍ଲକ, ସମୟ: ରାତି ୮ଟା।

**ରାଉରକେଲା**
- କିଶୋରୀ ରକ୍ତସ୍ରାବ ସଚେତନତା ଓ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୧୪ ଡିପିଏସ୍ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ସିଟୁ ପକ୍ଷରୁ ବୈଠକ, ସ୍ଥାନ: ସେକ୍ଟର-୧୬ ଶ୍ରମିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ବିପିୟୁଟିରେ ପେନ୍-ପେପର ଏକ୍ସଜାମିନେଶନ ଉତ୍ସବ, ସ୍ଥାନ: ଛେଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।
- ଧାମରା ସଂଘରେ ସାହିତ୍ୟ ସଭା, ସ୍ଥାନ: ଛେଣ୍ଡ କଲୋନୀ, ସମୟ: ସନ୍ଧ୍ୟା ୭ଟା।

**ବରଗଡ଼**
- ବିଶ୍ୱ ସ୍ୱାସ୍ଥ୍ୟ ଦିବସ, ସ୍ଥାନ:ପିଏମ୍‌ଶ୍ରୀ ଜନତା ହାଇସ୍କୁଲ,ବରଗଡ଼, ସମୟ:ସକାଳ ୮ଟା ୩୦।
- ବାର୍ଷିକ ସାଧାରଣ ସଭା, ଓଡ଼ିଶା ରାଜ୍ୟ କୃଷକ ସଂଗଠନ, ଅତାବିରା, ସ୍ଥାନ: ରାମଚଣ୍ଡୀ କଲ୍ୟାଣ ମଣ୍ଡପ, ଲାଦରପାଲି, ସମୟ:ସକାଳ ୯ଟା।
- ଜନଗଣନା ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ପିଏମ୍‌ଶ୍ରୀ ଜନତା ହାଇସ୍କୁଲ, ବରଗଡ଼, ସମୟ: ଅପରାହ୍ନ ୯ଟା ୩୦।
- ପ୍ରଫେସର ଘନଶ୍ୟାମ ଦାଶଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଗାନ୍ଧୀ ସ୍ମୃତି ପାଠାଗାର, ବରଗଡ଼, ସମୟ: ସନ୍ଧ୍ୟା ୬ଟା ୩୦।

**କଳାହାଣ୍ଡି**
- ରାସ୍ତା ପାଇଁ ରାସ୍ତାରୋକୋ କରିବେ ଗ୍ରାମବାସୀ, ସ୍ଥାନ: କର୍ଲାମୁଣ୍ଡା ବ୍ଲକ କୁର୍ଷୁଲା ସିଲେଟପଡା ଛକ, ସମୟ: ସକାଳ ୮ଟା।
- ଓଡ଼ିଆ ପକ୍ଷ ଉପଲକ୍ଷେ ଶିଶୁ କଥା ଦିବସ, ସ୍ଥାନ: ଭବାନୀପାଟଣା ବାପୁଜୀ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ବୌଦ୍ଧ ଗଡ଼ଜାତର ପବିତ୍ର ଗଣପର୍ବ ଶ୍ରୀରାମ ଲୀଳା ଯାତ୍ରାର ଦ୍ୱାଦଶ ଦିବସ, ସ୍ଥାନ:ଶ୍ରୀ ରଘୁନାଥ ଜିଉ ମନ୍ଦିର ମାରୁତି ମଣ୍ଡପ ବୌଦ୍ଧ, ସମୟ: ରାତି ୯ଟା।

**ଦେବଗଡ଼**
- ଓଡ଼ିଆ ପକ୍ଷ ପାଳନ ଅବସରରେ ବର୍ଣ୍ଣବୋଧ ବିତରଣ ଉତ୍ସବ, ସ୍ଥାନ: ଦେବଗଡ଼ ସରକାରୀ ବାଳକ ପ୍ରାଥମିକ ବିଦ୍ୟାଳୟ, ମନ୍ଦାକିନୀ ପ୍ରାଥମିକ ବିଦ୍ୟାଳୟ ଓ ଧରଣୀଧର ପ୍ରାଥମିକ ବିଦ୍ୟାଳୟ, ସମୟ: ସକାଳ ୮ଟା ୩୦।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା'ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ଷୋଳ ସୁଆଙ୍ଗ ପରିବେଷଣ, ସ୍ଥାନ: ବହଳପଦର,ବୀରମହାରାଜପୁର ବ୍ଲକ, ସମୟ: ରାତି ୧୧ଟା।

**ନୂଆପଡ଼ା**
- ଅଖଣ୍ଡ ଷୋହଳ ପ୍ରହର ନାମ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ଚାନ୍ଦୋପଲା ଗାଁ, ସମୟ: ପ୍ରାତଃ ୫ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ନୂଆଗାଁ ପଞ୍ଚାୟତ ଲହୋଣ୍ଡୋପାଲି ଗାଁ, ସମୟ: ପ୍ରାତଃ ୪ଟା ୪୫ ଓ ସନ୍ଧ୍ୟା ୬ଟା ୧୫।

**ଝାରସୁଗୁଡ଼ା**
- ହନୁମାନ ଚାଳିଶା ପଠନ ଓ ପଞ୍ଚ ଉପଚାର ପୂଜା, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।

# ରାଜ୍ୟ ସଭା ସଦସ୍ୟ ଭାବେ ଶପଥ ନେଲେ ମନମୋହନ, ସଂତୃପ୍ତ, ଦିଲୀପ


ମନମୋହନ ସାମଲ


ସଂତୃପ୍ତ ମିଶ୍ର


ଦିଲୀପ ରାୟ

**ଭୁବନେଶ୍ୱର,୬।୪(ସୁନିତ୍ ମିଶ୍ର)**

ନିକଟରେ ଓଡ଼ିଶାରୁ ରାଜ୍ୟ ସଭା ସଦସ୍ୟ ଭାବେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ବିଜେଡି ନେତା ସଂତୃପ୍ତ ମିଶ୍ର ଏବଂ ଭାଜପା ନେତା ଦିଲୀପ ରାୟ ଓ ସୁଜିତ କୁମାର ନିର୍ବାଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ମନମୋହନ, ସଂତୃପ୍ତ ଏବଂ ଦିଲୀପ ସୋମବାର ରାଜ୍ୟ ସଭା ସଦସ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି। ଏହି ୩ ନେତା ଓଡ଼ିଆରେ ରାଜ୍ୟ ସଭାରେ ଶପଥ ନେଇଥିଲେ। ରାଜ୍ୟ ସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ୍ ସମସ୍ତଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଏହାପରେ ସମସ୍ତେ ରାଜ୍ୟ ସଭା ଅଧ୍ୟକ୍ଷରୁ ପ୍ରଣାମ କରି ନିଜ ଆସନକୁ ଯାଇଥିଲେ।

## ଢଗଢମାଳି

**(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)**

**ଜୁଆ, ନାରୀ, ଚୋରି,
ନାଶେ ମଣିଷର ଶିରୀ।**

ଜୁଆ ଖେଳୁଥିବା ବ୍ୟକ୍ତି, ପରନାରୀ ପ୍ରତି କୁ ନଜର ପକାଉଥିବା ବ୍ୟକ୍ତି ଏବଂ ଚୋରି କରୁଥିବା ବ୍ୟକ୍ତି ଜୀବନକାଳରେ କେବେ ସୁଖ ସମୃଦ୍ଧି ଲାଭ କରିପାରି ନ ଥାନ୍ତି। ଦୁର୍ଭାଗ୍ୟ ଏମାନଙ୍କ ଚିର ସହଚର। ଏପରି କୁକାର୍ଯ୍ୟ କରୁଥିବା ବ୍ୟକ୍ତି ସମାଜରେ କେବଳ ନିନ୍ଦା ଅପବାଦ ପାଇବା ସାର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଜଗନ୍ନାଥଙ୍କର ବଡେଇ
କାହାକୁ ଦିଅନ୍ତି ପାଟ ପିତାମ୍ବରୀ
କାହାକୁ ଦିଅନ୍ତି ଗଡ଼େଇ।**

କୁହାଯାଏ ଭଗବାନଙ୍କ କୃପା ଦୃଷ୍ଟି ଥିଲେ ଦୁନିଆରେ କିଛି ବି ଅସମ୍ଭବ ନୁହେଁ। ତାଙ୍କ ଇଙ୍ଗିତରେ ହିଁ ସଂସାର ଆତଯାତ। ଭଗବାନଙ୍କ କୃପା ଥିଲେ ଘରେ ଧନଧାନ୍ୟ ପରିପୂର୍ଣ୍ଣ ହୁଏ ଓ ତାଙ୍କ କୃପା ବିନା କିଛି ମିଳି ନ ଥାଏ। ତାଙ୍କ ଲୀଳା ବୁଝିବା ମନୁଷ୍ୟଙ୍କ ପକ୍ଷେ କଷ୍ଟକର ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ୫,୯୬୭ ଡାକ୍ତର ପଦ...

୧ମ, ୩ୟ ପୃଷ୍ଠାରୁ...

ଦିଆଯାଇଥାଏ ବୋଲି ମନ୍ତ୍ରୀ ମହାଲିଙ୍ଗ କହିଥିଲେ। ସରକାରଙ୍କ ଯୋଜନା ଓ ବ୍ୟବସ୍ଥା ମୁତାବକ ଡାକ୍ତରୀ ଡିଗ୍ରୀଧାରୀଙ୍କୁ ନିଯୁକ୍ତି ମିଳୁନାହିଁ। ଏହି ପରିପ୍ରେକ୍ଷୀରେ କଟକ ଓପିଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଶତାଧିକ ଡାକ୍ତରୀ ଡିଗ୍ରୀଧାରୀ ଯୁବତୀଯୁବକ ପ୍ରତିବାଦ କରିଛନ୍ତି। ଡିଗ୍ରୀଧାରୀଙ୍କ ଅଭିଯୋଗ ହେଲା, ଆୟୋଗ ପକ୍ଷରୁ ୨୦୨୫ ଫେବୃଆରୀରେ ୫,୨୪୮ ମେଡିକାଲ ଅଫିସର ପଦ ପାଇଁ ନିଯୁକ୍ତି ବିଜ୍ଞାପନ ବାହାରିଥିବାବେଳେ ଏଥିରେ ୩,୯୫୫ ଡାକ୍ତରୀ ଛାତ୍ରୀଛାତ୍ରମାନେ ଆବେଦନ କରିଥିଲେ। ଏହି ପରୀକ୍ଷା ଗତବର୍ଷ ଜୁନ୍‌ରେ ଅନୁଷ୍ଠିତ ହୋଇଥିବାବେଳେ ୨,୯୨୧ ଜଣ ପରୀକ୍ଷା ଦେଇଥିଲେ ଓ ଅଗଷ୍ଟରେ ଫଳ ପ୍ରକାଶ ପାଇଥିଲା। ୧,୮୪୦ ଜଣ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ସେମାନଙ୍କର ସାର୍ଟିଫିକେଟ୍ ଯାଞ୍ଚ କରାଯାଇଥିଲା। ତେବେ ପରୀକ୍ଷାରେ ସାଧାରଣ ବର୍ଗଙ୍କ ସିଟ୍ ସଂଖ୍ୟା ୫୦ ପ୍ରତିଶତ ନ ଥିବା ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଏବଂ କୋର୍ଟ ଘଟଣାରେ ହସ୍ତକ୍ଷେପ ସହ ଏଥିରେ ରାଜ୍ୟ ସରକାର ଚାହିଁଲେ ନିଯୁକ୍ତି ଦେଇପାରିବେ ବୋଲି ଦର୍ଶାଇଥିଲେ। ଚଳିତବର୍ଷ ମାର୍ଚ୍ଚ ୩୧ରେ ନିଯୁକ୍ତି ତାଲିକା ପ୍ରକାଶ ପାଇଥିଲା, ଯେଉଁଥିରେ ୮୨୨ ଜଣଙ୍କ ନାମ ରହିଥିବାବେଳେ ଅନ୍ୟ ୧,୦୧୮ ଜଣଙ୍କର ନାମ ନ ଥିଲା। ତେବେ ଏହି ୧,୦୧୮ ଜଣଙ୍କ ନାମ ନିଯୁକ୍ତି ତାଲିକାରେ ଅନ୍ତର୍ଭୁକ୍ତ ନେଇ ଡିଗ୍ରୀଧାରୀମାନେ ପ୍ରତିବାଦ କରିଥିଲେ। ଏନେଇ ଓପିଏସ୍‌ସି ସଚିବ ବିଜୟ ଖଣ୍ଡାୟତରାଏ କହିଛନ୍ତି, ହାଇକୋର୍ଟଙ୍କ ରାୟ ମୁତାବକ ନିଯୁକ୍ତି ପ୍ରକ୍ରିୟା କରାଯିବ। ବିଭାଗ ପକ୍ଷରୁ ଯାହା ନିଷ୍ପତ୍ତି ନିଆଯିବ, ସେହିଅନୁଯାୟୀ କାର୍ଯ୍ୟ କରାଯିବବୋଲିସେ କହିଛନ୍ତି।

ପ୍ରତିବାଦ କରିଥିବା ଡିଗ୍ରୀଧାରୀ ଡା. ଓମ୍ ସ୍ୱୟମ୍ ପ୍ରକାଶ ରାଉତରାଏ କହିଛନ୍ତି, ସରକାର ଏ ଦିଗରେ ଗୁରୁତ୍ୱ ଦିଅନ୍ତୁ। ଅଢ଼େଇ ବର୍ଷରୁ ଅଧିକ ହେବ ସରକାରୀ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଓପିଏସ୍‌ସି ପକ୍ଷରୁ ମେଡିକାଲ ଅଫିସର ପଦ ପାଇଁ ପରୀକ୍ଷା କରାଯାଇଥିଲା, ହେଲେ ନିଯୁକ୍ତି ପ୍ରକ୍ରିୟାରେ ଅବହେଳା କରାଯାଇଛି। ପରୀକ୍ଷାରେ ଉତ୍ତୀର୍ଣ୍ଣ ୧,୦୧୮ ଜଣ ଛାତ୍ରୀଛାତ୍ରଙ୍କ ଜୀବନ ସହ ଖେଳାଯାଉଛି। ରାଜ୍ୟରେ ଡାକ୍ତର ସଂଖ୍ୟା ଅଭାବ ଥିବାବେଳେ ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦିଅନ୍ତୁ ଏବଂ ଏ ଦିଗରେ ପୁନର୍ବିଚାର କରନ୍ତୁ।

ଡା. ବିଭାସ କୁମାର ସାହୁ କହିଛନ୍ତି, କୋର୍ଟ ନିର୍ଦ୍ଦେଶକୁ ଅବମାନନା କରାଯାଇଛି। ନିଯୁକ୍ତି ତାଲିକାରେ କେବଳ ୮୨୨ ଜଣଙ୍କ ନାମ ନୁହେଁ, ବରଂ ୧୮୪୦ ଜଣଙ୍କ ନାମ ଅନ୍ତର୍ଭୁକ୍ତ କରାଯାଉ। ଏହି ଘଟଣାରେ କୋର୍ଟ ହସ୍ତକ୍ଷେପ କରିଛନ୍ତି, ହେଲେ କୋର୍ଟଙ୍କ ରାୟକୁ ପାଳନ କରାଯାଉ ନାହିଁ। ରାଜ୍ୟ ସରକାର ନିଯୁକ୍ତି ଦିଗରେ ଗୁରୁତ୍ୱ ଦିଅନ୍ତୁ। ସେହିପରି ଡା. ପ୍ରିୟମ୍ ଧଳ କହିଛନ୍ତି, ରାଜ୍ୟ ସରକାର ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଶେଷ ଗୁରୁତ୍ୱ ଦେଉଥିବାବେଳେ ଏବେ ସରକାରୀ ହସ୍ପିଟାଲରେ ଡାକ୍ତର ସଂଖ୍ୟା କମ୍ ରହିଛି। ଏପରି କି ନିଯୁକ୍ତି କରାଯାଉ ନାହିଁ। ପରୀକ୍ଷାରେ ଉତ୍ତୀର୍ଣ୍ଣ ଡାକ୍ତରଙ୍କୁ ଅବହେଳା କରାଯାଇଛି, ତୁରନ୍ତ ଏଦିଗରେ ପଦକ୍ଷେପ ନିଆଯାଉ।


କଟକ ଓପିଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଡିଗ୍ରିଧାରୀ ଡାକ୍ତରମାନେ ପ୍ରତିବାଦ କରୁଛନ୍ତି। **(ଫଟୋ: ରାଜକିଶୋର ମହାନ୍ତି)**

## ପୁରାତନ ମଧ୍ୟପ୍ରସ୍ତର...

ଏହି ପୁରାତନ ମଧ୍ୟ ପ୍ରସ୍ତର (ପାଲେଓଲିଥିକ) ଯୁଗର ପଥର ଉପକରଣ ଏବଂ କଳାକୃତି ଦସ୍ତାବିଜ ସନ୍ଧାନ କରିଛନ୍ତି। ରିଆମାଳ ନିକଟରେ ବାଇପାସ ରାସ୍ତା ନିର୍ମାଣ ପାଇଁ ପାହାଡ଼ରୁ ଲାଟେରାଇଟ ମାଟି ଅପସାରଣ ଯୋଗୁ ଉପକରଣଗୁଡ଼ିକ ଷ୍ଟ୍ରାଟିଗ୍ରାଫିରେ ପ୍ରକାଶିତ ହୋଇଥିଲା ଏବଂ ପୃଷ୍ଠରେ ବିଛାଡ଼ି ଦିଆଯାଇଥିଲା। ସଂଗୃହୀତ ସାମଗ୍ରୀରେ ହସ୍ତକୁଠାର, ଫାଳ କରିବା ପ୍ରସ୍ତର ଉପକରଣ( ଲେଭାଲୋଇଜ କୋର୍) ଏବଂ ଛେଲିବା ଉପକରଣ( ଫ୍ଲେକ୍ସ), ଆଲ, ସ୍କ୍ରାପର୍, ପିକ, ଡିସ୍କୋଇଡ ଏବଂ ସାଧାରଣ ପୁରାତନ ମଧ୍ୟ ପ୍ରସ୍ତର (ପାଲେଓଲିଥିକ) ଯୁଗ ସହିତ ସମାନତା ଥିବା ଅନ୍ୟାନ୍ୟ ଉପକରଣ ମଧ୍ୟ ରହିଛି। ଅଧିକ ଗବେଷଣା ନିଶ୍ଚିତ ଭାବରେ ଏହି ଅଞ୍ଚଳର ପ୍ରାଗୈତିହାସିକ ମାନବ ଜୀବନଶୈଳୀ ଉପରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିବ। ପ୍ରାଥମିକ ସର୍ବେକ୍ଷଣରୁ ଜଣାଯାଇଛି,ଏହି ପ୍ରସ୍ତର ଉପକରଣ ଅତି କମରେ ୬୦ହଜାରରୁ ୭୦ହଜାର ବର୍ଷ ପୁରୁଣା ହେବବୋଲି ଗବେଷକ ଡ. ଜୟ ଶଙ୍କର ନାଏକ ସୋମବାର ସୁନ୍ଦରଗଡଠାରେ ସୂଚନା ଦେଇଛନ୍ତି। ଏହି ପ୍ରତ୍ନତାତ୍ତ୍ୱିକ ଅବଶେଷର ସନ୍ଧାନ ପରେ ଏଠାରେ ବହୁ ପ୍ରାଚୀନ କାଳରେ ଏହି ପୁରାତନ ମଧ୍ୟ ପ୍ରସ୍ତର ଯୁଗର ମାନବ ସଭ୍ୟତା ବିକଶିତ ହୋଇଥିଲା ବୋଲି ଏହି ଗବେଷକମାନେ ଦାବି କରିଛନ୍ତି।

## ଏଲ୍‌ପିଜି: ବିଭାଗ...

ଯୋଗାଣ ମଧ୍ୟ ସ୍ୱାଭାବିକ ହୋଇ ଆସୁଛି। ବର୍ତ୍ତମାନ ସୁଦ୍ଧା ୭୦ ପ୍ରତିଶତ ଉପଲବ୍ଧ ହୋଇଗଲାଣି। ହସ୍ପିଟାଲ୍, ସ୍କୁଲ, ହଷ୍ଟେଲ, ଆହାର କେନ୍ଦ୍ର ଭଳି ସ୍ଥାନକୁ ୨୦ ପ୍ରତିଶତ ଯୋଗାଇ ଦିଆଯାଉଛି। ଜିଲାପାଳଙ୍କ ଅଧ୍ୟକ୍ଷତାରେ କମିଟି ରହିଛି। କିଛି ସମସ୍ୟା ଆସିଲେ ସମାଧାନ କରିବେ। ତେବେ ଆଜି ପର୍ଯ୍ୟନ୍ତ ୧୬୩୩ଟି ସ୍ଥାନରେ ଯାଞ୍ଚ କରାଯାଇ ୩୧୦୫ ସିଲିଣ୍ଡର ଜବତ କରାଯାଇଛି। ୨୮୮ କେସ୍ ରେକର୍ଡ କରାଯାଇଛି। କଳାବଜାରୀ ଓ ବେଆଇନ୍ ଗଚ୍ଛିତ ସିଲିଣ୍ଡରକୁ ଜବତ କରାଯାଉଛି। ଡିଜିଟାଲ ବୁକିଂ ପାଇଁ ପ୍ରମୁଖ ସଚିବ ରାଜ୍ୟବାସୀଙ୍କୁ ସେ ନିବେଦନ କରିଛନ୍ତି। ଏହି ଅବସରରେ ତୈଳ କମ୍ପାନୀର ନୋଡାଲ ଅଫିସର କମଲଶୀଲ କହିଛନ୍ତି, ୫ କିଲୋଗ୍ରାମ ବିଶିଷ୍ଟ ସିଲିଣ୍ଡର ସନ୍ଦର୍ଭରେ, ଇ-କେୱାଇସି ମାଧ୍ୟମରେ ଘରୋଇ ସଂଯୋଗ ପ୍ରଦାନ କରାଯାଉଛି। ଛାତ୍ରୀଛାତ୍ର ଏବଂ ଶ୍ରମିକଙ୍କ ପାଇଁ କେବଳ ପରିଚୟ ପତ୍ର (ଆଇଡି ପ୍ରୁଫ୍) ଦେଖାଇ ଅନୁମୋଦିତ ବିତରକଙ୍କ ନିକଟରୁ ୫ କିଲୋଗ୍ରାମର ଏଫ୍‌ଟିଏଲ୍ ସିଲିଣ୍ଡର ନେଇପାରିବେ। ଏହି ଗ୍ରାହକମାନଙ୍କ ପାଇଁ କୌଣସି ଠିକଣା ପ୍ରମାଣପତ୍ରର ଆବଶ୍ୟକତା ନାହିଁ। ଏଥିପାଇଁ ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ବିଭିନ୍ନ ସ୍ଥାନରେ ଶିବିରମାନ ଆୟୋଜନ କରାଯାଉଛି ବୋଲି କମଲଶୀଲ କହିଛନ୍ତି।

## ତାମିଲନାଡୁର...

ଥାନା ହାଜତରେ ରଖାଯାଇ କ୍ରମାଗତ ନିର୍ଯାତନା ଦିଆଯାଇଥିଲା ବୋଲି ତଦନ୍ତରୁ ଜଣାପଡ଼ିଥିଲା। ପ୍ରବଳ ମାଡ଼ରେ ଉଭୟ ବାପପୁଅଙ୍କ ହାଡ଼ ଭାଙ୍ଗିବା ଓ ପ୍ରବଳ ରକ୍ତସ୍ରାବ ହେବା ସହ ସେମାନେ ଗୁରୁତର ହୋଇପଡ଼ିଥିଲେ। କୋଭିଲପଟ୍ଟି ସବ୍‌ଜେଲରେ ରହିବାର କିଛିଦିନ ପରେ ଜୁନ୍ ୨୨ ଓ ୨୩ରେ ବାପପୁଅଙ୍କ ମୃତ୍ୟୁ ଘଟିଥିଲା। ହାଜତ ମୃତ୍ୟୁକୁ ନେଇ ଉତ୍ୟକ୍ତ ଲୋକେ ପୋଲିସକୁ ଦାୟୀ କରିଥିଲେ।

ପୋଲିସ ଅଫିସରମାନେ ମାଡ଼ ମାରିବା ପରେ ପ୍ରମାଣ ନଷ୍ଟ ପାଇଁ ଉଦ୍ୟମ କରିଥିବା ତଦନ୍ତରୁ ଜଣାପଡ଼ିଥିଲା। ବାପପୁଅଙ୍କୁ ସେମାନଙ୍କ ରକ୍ତ ନିଜେ ପୋଛିବାକୁ କୁହାଯାଇଥିଲା ଏବଂ ରକ୍ତଲଗା ପୋଷାକକୁ ନଷ୍ଟ କରିଦିଆଯାଇଥିଲା। ଅପରାଧକୁ ଲୁଚାଇବା ପାଇଁ ସେମାନଙ୍କ ନାମରେ ମିଥ୍ୟା ମାମଲା ରୁଜୁ ହୋଇଥିଲା। ଫୋରେନ୍‌ସିକ୍ ତଦନ୍ତ ରିପୋର୍ଟ, ହାଜତ କାନ୍ଥ, ପାଇଖାନା ଏସ୍‌ଏଚ୍‌ଓ ରୁମ୍ ଏବଂ ଲାଠିରୁ ସଂଗୃହୀତ ଡିଏନ୍‌ଏ ନମୁନା ପରୀକ୍ଷା ତଥ୍ୟ ସହ ସିବିଆଇ ପୂର୍ବରୁ ମଦୁରାଇ ବେଞ୍ଚରେ ରିପୋର୍ଟ ଦାଖଲ କରିଥିଲା। ଡିଏନ୍‌ଏ ରିପୋର୍ଟ ମୃତକଙ୍କ ସହ ମେଳ ଖାଇଥିଲା। ଚାର୍ଜଶିଟ୍ ଅନୁଯାୟୀ, ବାପାଙ୍କ ଉପରେ ମାଡ଼କୁ ବେନିକ୍ସ ବିରୋଧ କରିବାରୁ ଉତ୍ତେଜିତ ପୋଲିସ ଅଫିସରମାନେ ଅଧିକ ଜୋର୍‌ରେ ମାଡ଼ ମାରିଥିଲେ। ଅଭିଯୁକ୍ତ ଅଫିସରମାନେ ଏକ ଅପରାଧ ଷଡ଼ଯନ୍ତ୍ରର ଅଂଶ ସ୍ୱରୂପ କାର୍ଯ୍ୟ କରି ଉଭୟ ବାପପୁଅଙ୍କୁ ଦୀର୍ଘ ସମୟ ଧରି ନିର୍ଘାତ ମାଡ଼ ମାରିଥିଲେ। ସେମାନଙ୍କୁ ପୋଲିସ୍ ଅଫିସରମାନେ ଉଲଗ୍ନ କରି ଓ ବାନ୍ଧିଦେଇ ଲାଠିରେ ପିଟିଚାଲିଥିଲେ। ଡାକ୍ତରୀ ରିପୋର୍ଟରେ ଅନେକ ଗମ୍ଭୀର ଆଘାତ ଲାଗିଥିବା ଦର୍ଶାଯାଇଥିବାବେଳେ ସେହି କାରଣରୁ ବେନିକ୍ସଙ୍କ ମୃତ୍ୟୁ ଘଟିଥିବା ଚୂଡ଼ାନ୍ତ ପୋଷ୍ଟମର୍ଟମ ରିପୋର୍ଟରେ ଦର୍ଶାଯାଇଥିଲା। ଜୟରାଜଙ୍କର ରକ୍ତଚାପ ଓ ମଧୁମେହ ରହିଥିବା ଦର୍ଶାଇ ନିର୍ଯାତନା ବନ୍ଦ କରିବାକୁ ପୋଲିସକୁ ନିବେଦନ କରିଥିଲେ ମଧ୍ୟ ମାଡ଼ରୁ ନିସ୍ତାର ମିଳି ନ ଥିଲା। ଅଭିଯୁକ୍ତ ଅଫିସରମାନେ ଉଦ୍ଦେଶ୍ୟମୂଳକ ଭାବେ ମାଡ଼ ମାରିଚାଲିଥିଲ, ଯାହାର ପରିଣାମ ସ୍ୱରୂପ ଜୟରାଜଙ୍କ ମୃତ୍ୟୁ ଘଟିଥିଲା। ହାଜତ ମୃତ୍ୟୁ ମାମଲାରେ ୧୦ ପୋଲିସ ଅଫିସରଙ୍କୁ ଗିରଫ କରାଯାଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ ଆପଣଙ୍କ ସମସ୍ତ ଆଶା ଓ ଅଭିଳାଷ ପୂରଣ କରିବେ। ମନୋରଞ୍ଜନ ସକାଶେ ମନ ବଳିବା ସାଙ୍ଗକୁ ଯାତ୍ରାରେ ଅଭିଳଷିତ ଫଳ ପାଇବେ। କର୍ମକ୍ଷେତ୍ରରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ବଡ଼ ଧରଣର ହେବ ନାହିଁ। କର୍ତ୍ତବ୍ୟନିଷ୍ଠା ଫଳରେ ସାମାଜିକ ସ୍ତରରେ ଆଦର୍ଶବାଦୀ ହୋଇ ପ୍ରଶଂସିତ ହେବେ।

**ବୃଷ** — ଯାତ୍ରା, ଋଣ ପରିଶୋଧ, ବନ୍ଧୁଙ୍କୁ ସାହାଯ୍ୟ ମାଧ୍ୟମରେ ଅର୍ଥ ବ୍ୟୟ କରାଇପାରନ୍ତି। କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ଦୀର୍ଘ ସମୟଧରି ବନ୍ଧୁଙ୍କୁ ଅପେକ୍ଷାକରି ବିରକ୍ତ ହେବେ। ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସଭାସମିତି ଓ ସାହିତ୍ୟ, ସାମ୍ବାଦିକତା, ଏଜେନ୍ସିପ୍ରରୁ ପ୍ରଶଂସିତ ହେବା ସୌଭାଗ୍ୟ ଲାଭକରିବେ।

**ମିଥୁନ** — ଚନ୍ଦ୍ରଙ୍କ ସ୍ଥିତିର ଶୁଭ ପ୍ରଭାବ ଆଜି ଅର୍ଥ,ସମ୍ମାନ ଓ ପ୍ରତିଷ୍ଠା ପ୍ରଦାନରେ ସହାୟକ ହେବ। କେତେକ କ୍ଷେତ୍ରରେ ଅନ୍ୟମାନଙ୍କର ଭଲ କରିବାକୁ ଯାଇ ଅପଦସ୍ଥ ହୋଇପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନ ଏକପ୍ରକାର ହାଲୁକା ରହିବ। ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟହେବ।

**କର୍କଟ** — କର୍ମକ୍ଷେତ୍ରର ସମସ୍ୟା କ୍ରମଶଃ ଅପସରିଯାଉଥିବାରୁ ମାନସିକ ଅସ୍ଥିରତା ଦୂରହୋଇଯିବ। ଆପଣ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ରହି ନିଜର ଖାଇବା ପିଇବାରେ ଅବହେଳାକରି ସ୍ୱାସ୍ଥ୍ୟ ପାଇଁ ନିଜେ ହିଁ ବାଧକ ସାଜିବେ। ଘରଲୋକଙ୍କୁ ଅବିଶ୍ୱାସ କରିବା ସାଙ୍ଗକୁ ପରକଥାକୁ ବିଶ୍ୱାସକରି ହଇରାଣରେ ପଡ଼ିପାରନ୍ତି।

**ସିଂହ** — ଆଜିର ଗ୍ରହ ସ୍ଥିତି ମଧ୍ୟମ ପ୍ରକାର ହେତୁ ଭଲ ଓ ମନ୍ଦର ମିଶ୍ରିତ ଫଳ ମାଧ୍ୟମରେ ଦିନଟି ଅତିବାହିତ ହେବ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଯାତ୍ରା କରିବାକୁ ପଡ଼ିପାରେ। ଯେକୌଣସି ପରିସ୍ଥିତିରେ ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖିବାପାଇଁ ସମର୍ଥ ହେବେ। ଅଫିସ୍ କାମରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବା ଆଶଙ୍କା ରହିଛି।

**କନ୍ୟା** — ଧନ ସ୍ଥାନକୁ ଧନାଧିପଙ୍କ ଦୃଷ୍ଟିଜନିତ ଅର୍ଥଲାଭ କାରଣରୁ ଅଟକିଥିବା କାମ ସୁବିଧାରେ ହୋଇଯିବ। ସାମାଜିକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାରକରିବା କଷ୍ଟହେବ। ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଆଶଙ୍କା ରହିଛି। ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ତୁଳା** — ରାଶି ପ୍ରତି ରାଶ୍ୟାଧିପଙ୍କ ଶୁଭଦୃଷ୍ଟି କର୍ମକ୍ଷେତ୍ରରେ ଉନ୍ନତିର ପରିଚାୟକ ହୋଇପାରେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିଲେ ମଧ୍ୟ କର୍ମକ୍ଷେତ୍ରରେ ଟେନ୍‌ସନ ଲାଗିରହିବ। ଶୁଣାକଥାକୁ ବିଶ୍ୱାସକଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ଦୀର୍ଘଦିନରୁ ସମ୍ପର୍କରେ ଭଙ୍ଗା ପଡ଼ିଥିବା ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ।

**ବିଛା** — ଭାଗ୍ୟାଧିପ ସ୍ଥିର ରାଶିରେ ରହି କାର୍ଯ୍ୟପଦ୍ଧତିକୁ ଠିକ୍ ପରିଚାଳନା କରିପାରନ୍ତି। ସାଧାରଣ କଥାରେ ରାଗିବା ଦ୍ୱାରା ନିଜ ପାଇଁ ଅନିଷ୍ଟକର ପରିସ୍ଥିତି ସୃଷ୍ଟି କରିପାରେ। କୌଣସି ମାଙ୍ଗଳିକ କାମରେ ବନ୍ଧୁମାନଙ୍କୁ ସାହାଯ୍ୟକରି ଉଚ୍ଚ ପ୍ରଶଂସିତ ହୋଇପାରନ୍ତି। ସଙ୍ଗଠନ, ରାଜନୀତି, ଅଧ୍ୟୟନ ଓ ଅଧ୍ୟାପନା ତଥା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ।

**ଧନୁ** — ପାରିବାରିକ ସମସ୍ୟା ଲାଗି ରହିଥିଲେ ମଧ୍ୟ ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ତାହାଙ୍କ ସାଙ୍ଗରେ ଯିବାକୁ ବାଧ୍ୟ ହେବେ। ରାହୁଙ୍କ ପ୍ରଭାବରେ ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। କର୍ମକ୍ଷେତ୍ରରେ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ।

**ମକର** — ଏକାଦଶସ୍ଥ ଚନ୍ଦ୍ର ପ୍ରଭାବରେ ଦୀର୍ଘଦିନରୁ ସ୍ଥଗିତ ରହିଥିବା ବକେୟା ଆଜି ପାଇପାରନ୍ତି। କୌଣସି ଜନହିତକର କାର୍ଯ୍ୟରେ ଅଗ୍ରଣୀ ଭୂମିକା ଗ୍ରହଣକରି ସାମାଜିକ ସ୍ତରରେ ପ୍ରଶଂସିତ ହୋଇପାରନ୍ତି। ସ୍ୱାସ୍ଥ୍ୟ ସଚେତନତା ଅଭାବରୁ ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟପାଇବେ।

**କୁମ୍ଭ** — ଧନଭାବସ୍ଥ ମଙ୍ଗଳଙ୍କ ପ୍ରଭାବରେ ପାରସ୍ପରିକ ସହମତି ମଧ୍ୟରେ ପରିବାରରେ ସୁଖ ଶାନ୍ତି ଫେରି ଆସିବ। ଭଲ ସମ୍ପର୍କ ରଖୁ ନ ଥିବା ବ୍ୟକ୍ତିଙ୍କ ନିକଟରୁ ଦୂରେଇରହିବା ଭଲ। ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାରକରନ୍ତୁ। ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବ, ଯାହାକି ମୁଣ୍ଡବ୍ୟଥାର କାରଣ ହୋଇପାରେ।

**ମୀନ** — ଉଚ୍ଚାରୋହୀ ରବିଙ୍କ ପ୍ରଭାବରେ ଆବଶ୍ୟକତା ପୂରଣ କରିବା ସକାଶେ ଧାର କରିବାକୁ ପଡ଼ିବ। କର୍ମକ୍ଷେତ୍ରର କୌଣସି ନିକଟତମ ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଜମିଜମା ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲକରିବେ। ଦୀର୍ଘ ଦିନରୁ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ।

ଆଜି ଏପ୍ରିଲ ୭ ତାରିଖ, ବିଶ୍ୱ ସ୍ୱାସ୍ଥ୍ୟ ଦିବସ, ବୈଶାଖ କୃଷ୍ଣ ୫ମୀଯୁକ୍ତ ଷଷ୍ଠୀ ମଙ୍ଗଳବାର। ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୮।୪୪ ଗତେ, ୧୦।୩୫ ମଧ୍ୟେ, ଘ.୦୧।୦୨ ଗତେ, ଘ.୦୧।୨୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୩ ଗତେ, ଘ.୦୪।୨୬ ମଧ୍ୟେ ରାହୁକାଳ।

**ଆଇକନିକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାଫଳ ପ୍ରକାଶ**

କଟକ,(କାର୍ତ୍ତିକ ସାହୁ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତ ବର୍ଷର ଆଇକନିକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାଫଳ ସୋମବାର ସନ୍ଧ୍ୟାରେ ପ୍ରକାଶ ପାଇଛି। ବୋର୍ଡ ୱେବ୍‌ସାଇଟ୍ www.bseodisha.ac.in ଓ www.bseodisha.nic.inରେ ପରୀକ୍ଷାଫଳ ଉପଲବ୍ଧ ହୋଇଛି। ଏଥିରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ନିମନ୍ତେ ଆବେଦନ କରିଥିବା ପରୀକ୍ଷାର୍ଥୀମାନେ ନିଜ ଫଳ ଜାଣିପାରିବେ। ୬ଷ୍ଠରୁ ୯ମ ଶ୍ରେଣୀରେ ନାମ ଲେଖାଇବା ନିମନ୍ତେ ଏହି ପ୍ରବେଶିକା ପରୀକ୍ଷା ଉଦ୍ଦିଷ୍ଟ। ଗତ ମାର୍ଚ୍ଚ ୧୩ରେ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା।




# ୨୩ ଜିଲାରେ ଏସ୍‌ଡିସି ପାଇଁ ଅଧ୍ୟକ୍ଷ, ଉପାଧ୍ୟକ୍ଷ ନିଯୁକ୍ତ

ଭୁବନେଶ୍ୱର, ୬।୪(ସୁନିତ୍ ମିଶ୍ର)

ରାଜ୍ୟର ଭାଜପା ନେତୃତ୍ୱାଧୀନ ମୋହନ ଚରଣ ମାଝୀଙ୍କ ସରକାର ଶାସନକୁ ଆସିବାର ୨ ବର୍ଷ ପରେ ଧୀରେ ଧୀରେ ବିଭିନ୍ନ ପ୍ରକାର ସରକାରୀ ପଦ ପଦବୀରେ ନିଯୁକ୍ତି ଦେବା ପ୍ରକ୍ରିୟା ଆରମ୍ଭ କରିଛି। ଗତ ସପ୍ତାହରେ ୩୦ ଜିଲା ଯୋଜନା କମିଟିର ଅଧ୍ୟକ୍ଷ ଭାବେ ୪ ମନ୍ତ୍ରୀ ଏବଂ ୨୬ ଜଣ ବିଧାୟକଙ୍କୁ ଦାୟିତ୍ୱ ଦିଆଯାଇଛି। ସେହି କ୍ରମରେ ସରକାର ଆଉ ପାଦେ ଆଗକୁ ଯାଇ ସୋମବାର ୨୩ ଜିଲା ପାଇଁ ସ୍ୱତନ୍ତ୍ର ବିକାଶ ପରିଷଦ(ଏସ୍‌ଡିସି)ର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ଦାୟିତ୍ୱ ବଣ୍ଟାଯାଇଛି।

ସେହି କ୍ରମରେ ଅନୁଗୋଳରେ ବଶିଷ୍ଠ ନାଏକ ଅଧ୍ୟକ୍ଷ ଏବଂ ସୁରୁମଣୀ ଛାତରଙ୍କୁ ଉପାଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି। ବଲାଙ୍ଗୀରରେ ବଲ୍ଲଭ ଧାରୁଆଙ୍କୁ ଅଧ୍ୟକ୍ଷ ଏବଂ ଜୟନ୍ତ ଭୋଇଙ୍କୁ ଉପାଧ୍ୟକ୍ଷ, ବାଲେଶ୍ୱର ଜିଲାରେ ବିପିନ ମାରାଣ୍ଡି ଅଧ୍ୟକ୍ଷ ଏବଂ ଝରଣା ସିଂ ଉପାଧ୍ୟକ୍ଷ, ବରଗଡ଼ରେ ଗୋବର୍ଦ୍ଧନ ଭୁଏଁଙ୍କୁ ଅଧ୍ୟକ୍ଷ ଓ ତିଳୋତ୍ତମା ଭୁଏଁଙ୍କୁ ଉପାଧ୍ୟକ୍ଷ, ବୌଦ୍ଧରେ ଦାମାରୁଧର କହଁରଙ୍କୁ ଅଧ୍ୟକ୍ଷ ଓ ଝରଣା ଜାନୀଙ୍କୁ ଉପାଧ୍ୟକ୍ଷ, ଦେବଗଡ଼ରେ ପ୍ରଶାନ୍ତ କୁମାର ବେହେରାଙ୍କୁ ଅଧ୍ୟକ୍ଷ ଓ ପ୍ରମିଳା କିଷାନଙ୍କୁ ଉପାଧ୍ୟକ୍ଷ, ଢେଙ୍କାନାଳରେ ନାଉରୀ ସିଂଙ୍କୁ ଅଧ୍ୟକ୍ଷ ଓ ସେବତୀ ଭୋଇଙ୍କୁ ଉପାଧ୍ୟକ୍ଷ, ଗଜପତିରେ କାମଦେବ ବଡନାଏକଙ୍କୁ ଅଧ୍ୟକ୍ଷ ଓ ପଙ୍କଜିନୀ ଦଳାଇଙ୍କୁ ଉପାଧ୍ୟକ୍ଷ, ଗଞ୍ଜାମ ଜିଲାରେ ନୀଳମାଧବ ପାତ୍ରଙ୍କୁ ଅଧ୍ୟକ୍ଷ ଏବଂ ଲଳିତ ପ୍ରଧାନଙ୍କୁ ଉପାଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି।

ସେହିପରି ଯାଜପୁର ଜିଲାରେ ରାଜେନ୍ଦ୍ର କାନ୍ଧୁଲିଆଙ୍କୁ ଅଧ୍ୟକ୍ଷ ଓ ସାନୀ ଜାରିକାଙ୍କୁ ଉପାଧ୍ୟକ୍ଷ, ଝାରସୁଗୁଡ଼ାରେ ସାମଲ ନାଏକଙ୍କୁ ଅଧ୍ୟକ୍ଷ ଏବଂ ସଞ୍ଜୁକ୍ତା ଓରାମଙ୍କୁ ଉପାଧ୍ୟକ୍ଷ, କଳାହାଣ୍ଡି ଜିଲାରେ ବିଜୟ କୁମାର ଦିଶାରୀଙ୍କୁ ଅଧ୍ୟକ୍ଷ ଓ ରୀନା ଭୋଇଙ୍କୁ ଉପାଧ୍ୟକ୍ଷ, କନ୍ଧମାଳ ଜିଲାରେ ମାନଗୋବିନ୍ଦ ପ୍ରଧାନଙ୍କୁ ଅଧ୍ୟକ୍ଷ ଓ କଳ୍ପନା କୁମାରୀ କହଁରଙ୍କୁ ଉପାଧ୍ୟକ୍ଷ, କେନ୍ଦୁଝରରେ ମମିତା ନାଏକଙ୍କୁ ଅଧ୍ୟକ୍ଷ ଏବଂ ମାନସ କୁମାର ନାଏକଙ୍କୁ ଉପାଧ୍ୟକ୍ଷ, କୋରାପୁଟରେ ଭଗବାନ ମୁଦୁଲିଙ୍କୁ ଅଧ୍ୟକ୍ଷ ଓ ସୁକାନ୍ତ ମାଝୀଙ୍କୁ ଉପାଧ୍ୟକ୍ଷ, ମାଲକାନଗିରିରେ ଗଙ୍ଗାଧର ସୋଡ଼ିଙ୍କୁ ଅଧ୍ୟକ୍ଷ ଏବଂ ସାବିତ୍ରୀ ପଡ଼ିଆମିଙ୍କୁ ଉପାଧ୍ୟକ୍ଷ, ମୟୂରଭଞ୍ଜରେ ବୁଦ୍ଧାନ ମୁର୍ମୁଙ୍କୁ ଅଧ୍ୟକ୍ଷ ଓ କୌଶଲ୍ୟା ନାଏକଙ୍କୁ ଉପାଧ୍ୟକ୍ଷ, ନବରଙ୍ଗପୁରରେ ବାସନ୍ତୀ ମାଝୀଙ୍କୁ ଅଧ୍ୟକ୍ଷ ଓ ଲିଙ୍ଗରାଜ ଭତ୍ରାଙ୍କୁ ଉପାଧ୍ୟକ୍ଷ, ନୟାଗଡ଼ରେ ତ୍ରିନାଥ ମଲିକଙ୍କୁ ଅଧ୍ୟକ୍ଷ ଓ ସମିତା ଦେହୁରୀଙ୍କୁ ଉପାଧ୍ୟକ୍ଷ, ନୂଆପଡ଼ାରେ ହୋମସିଂ ମାଝୀଙ୍କୁ ଅଧ୍ୟକ୍ଷ ଏବଂ ବେଲାମତି ମାଝୀଙ୍କୁ ଉପାଧ୍ୟକ୍ଷ, ରାୟଗଡାରେ ବିଦ୍ୟାଧର ଶବରଙ୍କୁ ଅଧ୍ୟକ୍ଷ ଏବଂ ମଞ୍ଜୁଲା ମିଣିଆକାଙ୍କୁ ଉପାଧ୍ୟକ୍ଷ, ସମ୍ବଲପୁରରେ ଭାଗୀନ୍ଦ୍ର କିଷାନଙ୍କୁ ଅଧ୍ୟକ୍ଷ ଏବଂ ସୁଷମା ମୁଣ୍ଡାଙ୍କୁ ଉପାଧ୍ୟକ୍ଷ, ସୁନ୍ଦରଗଡ଼ ଜିଲାରେ ସନ୍ତୋଷ କୁମାର ଅମାତଙ୍କୁ ଅଧ୍ୟକ୍ଷ ଏବଂ ଗାଙ୍ଗି କିଣ୍ଡୋଙ୍କୁ ଉପାଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି।

ସୂଚନାଯୋଗ୍ୟ, ୨୦୧୭ ମସିହାରେ ରାଜ୍ୟର ୯ଟି ଆଦିବାସୀ ବହୁଳ ଜିଲାରେ ପ୍ରଥମେ ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଗଠନ କରାଯାଇଥିଲା। ପରବର୍ତ୍ତୀ ସମୟରେ ୨୦୨୩ରେ ଆହୁରି ୧୪ଟି ଜିଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ ହେଲା। ମୁଖ୍ୟତଃ ଆଦିବାସୀ ସମୁଦାୟଙ୍କୁ ସଶକ୍ତ କରିବା ସହ ୧୭୨ଟି ବ୍ଲକ୍‌ରେ ବିକାଶର ଧାରାକୁ ଆଗକୁ ନେବାକୁ ଏହା ଗଠନ କରାଯାଇଥିବା ସେହି ସମୟରେ କୁହାଯାଇଥିଲା। ସେହି କ୍ରମରେ ୨୩ ଜିଲାର ଏସ୍‌ଡିସି ଗଠନ ହେବା ସହ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷମାନଙ୍କ ନାଁ ଘୋଷଣା କରାଯାଇଛି। ତୃଣମୂଳସ୍ତରରେ ସରକାରଙ୍କ ପ୍ରଶାସନିକ ବ୍ୟବସ୍ଥାକୁ ପହଞ୍ଚାଇବା ଉଦ୍ଦେଶ୍ୟରେ ସରକାର ଏ ଦିଗରେ ପଦକ୍ଷେପ ନେଇଛନ୍ତି। ଏହିସବୁ ଜିଲା ଲାଗି ସରକାର ଅର୍ଥ ମଞ୍ଜୁର କରିସାରିବା ପରେ ଏସ୍‌ଡିସି ପକ୍ଷରୁ ନିଷ୍ପତ୍ତି ନିଆଯାଇଥାଏ ସେହିସବୁ ଅଞ୍ଚଳରେ କେଉଁ କ୍ଷେତ୍ରରେ ଅର୍ଥ ଖର୍ଚ୍ଚ କରାଯିବା ସହ ବିକାଶ କରାଯାଇପାରିବ। ଏସ୍‌ଡିସି ଏହି କାର୍ଯ୍ୟକୁ ଛାଡ଼ି ଦେଲେ ଆଦିବାସୀମାନଙ୍କ କଳା, ସଂସ୍କୃତିକୁ ଆଗକୁ ବଢାଇବା ଦିଗରେ କାର୍ଯ୍ୟକରେ। ଏହାଦ୍ୱାରା ସେମାନଙ୍କ ଆର୍ଥିକ ଏବଂ ସାମାଜିକ ବିକାଶ ହୋଇପାରିବ। ସୂତ୍ରରୁ ମିଳିଥିବା ଖବର ମୁତାବକ, ଏସ୍‌ଡିସିରେ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ଭାବେ ନିଯୁକ୍ତି ପାଇଥିବା ଅଧିକାଂଶ ବ୍ୟକ୍ତି ଭାଜପା ସହ ଜଡ଼ିତ। ଯେଉଁମାନଙ୍କୁ ଭାଜପା ୨୦୨୪ ସାଧାରଣ ନିର୍ବାଚନ ସମୟରେ ଟିକେଟ ଦେଇପାରି ନ ଥିଲା ସେମାନଙ୍କୁ ମୁଖ୍ୟତଃ ଏହି ମାଧ୍ୟମରେ ଥଇଥାନ କରିଥିବା ଚର୍ଚ୍ଚା ହେଉଛି। ଏଠାରେ ଉଲ୍ଲେଖଯୋଗ୍ୟ, ସରକାର ପ୍ରଥମେ ଜିଲା ଯୋଜନା କମିଟି ଏବଂ ବର୍ତ୍ତମାନ ଏସ୍‌ଡିସିର ପଦପଦବୀରେ ବିଭିନ୍ନ ନେତାଙ୍କୁ ଥଇଥାନ କରିବା ପରେ ଖୁବ୍‌ଶୀଘ୍ର ବିଭିନ୍ନ ବୋର୍ଡ ଓ ନିଗମରେ ନେତାଙ୍କୁ ଥଇଥାନ କରାଯିବା ସମ୍ଭାବନା ବଢ଼ିଥିବା ଚର୍ଚ୍ଚା ଚାଲିଛି।

## ବଲ ଭାବି ଖେଳିବା ବେଳେ ଫୁଟିଲା ବୋମା

**୨ ନାବାଳକ ଭାଇ ଗୁରୁତର**

ବ୍ରହ୍ମପୁର/କବିସୂର୍ଯ୍ୟନଗର,୬।୪ (ସୁବାସ ଚନ୍ଦ୍ର ପାଢ଼ୀ/କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଖଜାପଲ୍ଲୀ ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ବାରିପଟେ ପଡିଥିବା ଏକ ବୋମାକୁ ବଲ ଭାବି ଉଠାଇ ନେଇ ଖେଳିବା ବେଳେ ତାହା ଫୁଟିଯିବାରୁ ୨ ନାବାଳକ ଭାଇ ଆହତ ହୋଇଥିଲେ। ସେମାନେ ହେଲେ ରାଜେନ୍ଦ୍ର ବେହେରାଙ୍କ ପୁଅ ଓମ୍ ଭୂୟାଁ (୧୧) ଓ ତାଙ୍କ ଦାଦାଙ୍କ ପୁଅ ଗଣେଶ ଭୂୟାଁ(୭)। ଉଭୟଙ୍କୁ କୋଦଳା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ଓମ୍‌ଙ୍କ ଅବସ୍ଥା ଗୁରୁତର ରହିଥିବା ବେଳେ ତାଙ୍କ ଡାହାଣ ହାତର ୨/୩ଟି ଆଙ୍ଗୁଠିରେ ଗଭୀର କ୍ଷତ ହୋଇଥିବାରୁ ସର୍ଜରି ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ଗଣେଶ ଆଶୁ ଚିକିତ୍ସା ୱାର୍ଡରେ ଅଛନ୍ତି। ଉଭୟେ ବିପଦମୁକ୍ତ ଥିବା ଏମ୍‌କେସିଜିରେ ସେମାନଙ୍କୁ ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି। ଅନ୍ୟପଟେ କବିସୂର୍ଯ୍ୟନଗର ଥାନାଧିକାରୀ ନିରଞ୍ଜନ ଦାସ, ପ୍ରୋବେଶନ ଅଫିସର ଭାବେ କାର୍ଯ୍ୟରତ ଥିବା ଆଇପିଏସ୍ ନୀତିଶ କୁମାର ଓ ଅନ୍ୟ ଅଧିକାରୀମାନେ ଖଜାପଲ୍ଲୀରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ଘଟଣାସ୍ଥଳରୁ ୨ଟି ଖାଦ୍ୟପୁଡ଼ିଆ ଜବତ କରିଛି। ସେଗୁଡିକ କୌଣସି ମନ୍ଦିରରୁ ଆସିଥିବା ଅନୁମାନ କରାଯାଉଛି। ଘଟଣାପରେ ସେଠାରେ ପ୍ରବଳ ବର୍ଷା ହେବାରୁ କିଛି ତଥ୍ୟ ସଂଗ୍ରହରେ ବ୍ୟାଘାତ ହୋଇଥିବା ଆଇପିଏସ୍ ନୀତିଶ କୁମାର ସୂଚନା ଦେଇଛନ୍ତି। ଅଞ୍ଚଳର କେତେଜଣ ପେଶାଦାର ଅପରାଧୀଙ୍କୁ ଏବେ ସ୍କାନରକୁ ନିଆଯାଇଛି। ସେମାନଙ୍କୁ ଧରି ପଚରାଉଚରା କରାଯିବ ବୋଲି ସେ କହିଛନ୍ତି।

## ସଂଖ୍ୟାଲଘୁ ସମ୍ପ୍ରଦାୟ ଧର୍ମସ୍ଥଳରେ ଭଙ୍ଗାରୁଜା

ଆନନ୍ଦପୁର/ବାଞ୍ଛୋ,୬।୪(ସୁଶାନ୍ତ କୁମାର ସାହୁ/ ପ୍ରଦୋଷ ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଞ୍ଚଳରେ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ଘଟଣାରେ ସୋମବାର ଉତ୍ତେଜନା ଦେଖାଦେଇଛି। ନାବାଳିକା ୪ ମାସର ଗର୍ଭବତୀ ଥିବା ବେଳେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତ ସଂଖ୍ୟାଲଘୁ ସମ୍ପ୍ରଦାୟର। ସ୍ଥାନୀୟ ଲୋକେ ପ୍ରତିବାଦ କରି ସଂଖ୍ୟାଲଘୁ ସମ୍ପ୍ରଦାୟର ଧାର୍ମିକସ୍ଥଳରେ ଭଙ୍ଗାରୁଜା କରିଛନ୍ତି।

ସୂଚନା ମୁତାବକ, ପ୍ରାୟ ୪ମାସ ତଳେ ଜଣେ ଦୃଷ୍ଟିବାଧିତ ନାବାଳିକା ଗାଁ ନିକଟ ନାଳକୁ ଗାଧୋଇବାକୁ ଯାଇଥିଲେ। ସେ ସମୟରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ଯୁବକ ତାଙ୍କୁ ବଳାତ୍କାର କରିଥିଲେ। ଏନେଇ କାହାକୁ କହିଲେ ହତ୍ୟା କରିବେ ବୋଲି ଧମକ ଦେଇଥିଲେ। ନାବାଳିକା ଭୟରେ ପରିବାର ଲୋକଙ୍କୁ ଜଣାଇ ନ ଥିଲେ। ଘଟଣା ପରଠାରୁ ଅଭିଯୁକ୍ତ ଗାଁ ଛାଡ଼ି ପଳାଇଛନ୍ତି। ରବିବାର ନାବାଳିକା ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ନାବାଳିକା ଗର୍ଭବତୀ ଥିବା ଡାକ୍ତର କହିଥିଲେ। ପରେ ପୀଡ଼ିତା ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ଯୁବକ ଜଣକ ପୀଡ଼ିତାଙ୍କ ସମ୍ପର୍କୀୟ ଦାଦା ହୋଇଥିବା ବେଳେ ସେ ଧର୍ମ ପରିବର୍ତ୍ତନ କରିଛନ୍ତି। ଏ ନେଇ ସୋମବାର ଗ୍ରାମବାସୀ ବୈଠକ କରି ଥାନାରେ ଅଭିଯୋଗ ଦେବା ନେଇ ଆଲୋଚନା କରୁଥିଲେ। ଏ ସମୟରେ ପୋଲିସ ପହଞ୍ଚିଥିଲା। ମାତ୍ର ଗ୍ରାମବାସୀ ଖବର ଦେଇ ନ ଥିବା ବେଳେ ପୋଲିସ କାହିଁକି ଆସଛି ବୋଲି ପ୍ରଶ୍ନ କରିଥିଲେ। ପୋଲିସ ଅପରପକ୍ଷକୁ ସହଯୋଗ କରୁଥିବା ସନ୍ଦେହ କରି ଲୋକେ ଭଙ୍ଗାରୁଜା, ପୋଡ଼ାଜଳା କରିଥିଲେ। ପୋଲିସ ଫୋର୍ସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣକୁ ଆଣିଛି। କେନ୍ଦୁଝର ଏସ୍‌ପି ନୀତିନ କୁଶଲକର ତାଗୁଡ଼ ପହଞ୍ଚି ୨ ଗୋଷ୍ଠୀ ମଧ୍ୟରେ ଏକ ଶାନ୍ତି କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରିବା ସହ ପୀଡ଼ିତାଙ୍କୁ ନ୍ୟାୟ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ପରେ ପୀଡ଼ିତାଙ୍କ ପରିବାର ପକ୍ଷରୁ ଆନନ୍ଦପୁର ଥାନାରେ ଅଭିଯୋଗ କରାଯାଇଥିଲା। ଏ ନେଇ ଏକ ମାମଲା (ନଂ.୯୯/୨୬) ରୁଜୁ ହୋଇଛି।

## ଦୁର୍ଘଟଣାରେ ଦିନକରେ ୧୮ ମୃତ

ଉମରକୋଟ/ ଥୁଆମୂଳ ରାମପୁର, ୬।୪ (ସନ୍ତୋଷ ଶତପଥୀ/ ଦୁର୍ଗା କୀର୍ତ୍ତି)

ରାଜ୍ୟର ବିଭିନ୍ନ ଜିଲାରେ ସୋମବାର ଦୁର୍ଘଟଣା ଘଟି ୧୮ ଜଣଙ୍କ ପ୍ରାଣହାନୀ ଘଟିଛି। ନବରଙ୍ଗପୁର ଜିଲା ଉମରକୋଟରେ ୨ କାର ମଧ୍ୟରେ ମୁହାଁମୁହିଁ ଧକ୍କାରେ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ କଳାହାଣ୍ଡି ଥୁଆରାମପୁରରେ ପୃଥକ୍ ଦୁର୍ଘଟଣାରେ ୩ଜଣ ଜୀବନ ଯାଇଛି। ସେହିପରି କେନ୍ଦ୍ରାପଡ଼ା ଜିଲା କୁଦାନଗରୀ ଥାନା ଅଞ୍ଚଳରେ ସ୍କର୍ପିଓ ଧକ୍କାରେ ଜଣେ ମହିଳା ଓ ଯାଜପୁର ଜିଲା କୁଆଖିଆ ଥାନା ଅଞ୍ଚଳରେ ଏକ ଅଜଣା ଗାଡ଼ି ଧକ୍କାରେ ମଧ୍ୟ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସୁନ୍ଦରଗଡ଼ ଜିଲାରେ ୨, ବାଲେଶ୍ୱରରେ ୩ ଜଣ ଓ ଭୁବନେଶ୍ୱରରେ ୨ ଜଣଙ୍କ ଦିନକରେ ଦୁର୍ଘଟଣାରେ ଜୀବନ ହାନି ଘଟିଛି।

ରାୟପୁର–ବିଶାଖାପାଟଣା ନିର୍ମାଣାଧୀନ ଭାରତମାଳା ରାସ୍ତାର ଉମରକୋଟର ବଡ଼କୁମାରୀ ନିକଟରେ ଦୁଇଟି କାର୍ ମଧ୍ୟରେ ଧକ୍କାରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ସମ୍ପର୍କରେ ଅଜା ଅରୁଣ କୁମାର ପଣ୍ଡା, ନାତି ଆଶୁତୋଷ ରଥ, ଭଣଜା ସୁବ୍ରତ ଶତପଥୀ, ବଂଶୀଧର ପଣ୍ଡା ବୋଲି ଜଣାପଡିଛି। ସେହିପରି କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅଞ୍ଚଳରେ ପୃଥକ ଦୁର୍ଘଟଣା ଘଟି ୩ ଜଣଙ୍କ ମୃତ୍ୟୁ ହୋଇଛି। ପ୍ରଥମ ଦୁର୍ଘଟଣା ଇନ୍ଦ୍ରାବତୀ ବ୍ରିଜ ନିକଟ ସିନାତୋଟା ପାଖରେ ଘଟିଛି। ସାନ ଦେରଲା ଗ୍ରାମର ରୁଦ୍ର ନାଏକ, ବାଲେଶ୍ୱର ନାଏକ ଓ ବଡ଼ଦେରଲା ଗ୍ରାମର ଖଗେଶ୍ୱର ମାଝୀ ଦୁଇଟି ବାଇକ୍ ଯୋଗେ ଯାଉଥିବାବେଳେ ଦୁର୍ଘଟଣାରେ ରୁଦ୍ର ଓ ଖଗେଶ୍ୱରଙ୍କ ମୃତ୍ୟୁ ଘଟିଥିଲା।

## ମୋକ୍କିମଙ୍କ ଦାବି ହାସ୍ୟାସ୍ପଦ: କଂଗ୍ରେସ

ଭୁବନେଶ୍ୱର,୬।୪(ରବିନାରାୟଣ ଜେନା)

କଂଗ୍ରେସରୁ ନିଜ ପରିଚୟ ସୃଷ୍ଟି କରି ବିଶ୍ୱାସଘାତକତା କରିଥିବା ମହମ୍ମଦ ମୋକ୍କିମଙ୍କ ଦାବି ହାସ୍ୟାସ୍ପଦ ବୋଲି ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦୀପ ସାମଲ କହିଛନ୍ତି। ଏକ ପ୍ରେସ ବିଜ୍ଞପ୍ତିରେ ସାମଲ କହିଛନ୍ତି, ମୋକ୍କିମଙ୍କ ନେତୃତ୍ୱରେ ପରିଚାଳିତ ଦଳ ସହ କୌଣସି ଯୁବ କଂଗ୍ରେସର କର୍ମକର୍ତ୍ତା ଯୋଗଦେବା ଦାବି ଅମୂଳକ। ରାଜନୀତିକୁ ଏକ ବ୍ୟବସାୟିକ ମାଧ୍ୟମ ଭାବରେ ମୋକ୍କିମ ଗ୍ରହଣ କରିଛନ୍ତି। ଯେହେତୁ ତାଙ୍କର ବଡ଼ ବିଲ୍ଡର ସଂସ୍ଥା ରହିଛି ଏବଂ ଏହାକୁ ପରିଚାଳନା କରିବା ପାଇଁ ସରକାରଙ୍କ ସହ ସମ୍ପର୍କ ରଖିବା ଜରୁରୀ, ସେଥିପାଇଁ ସେ କଂଗ୍ରେସ ଛାଡ଼ି ନୂଆ ଦଳ ଗଠନ କରିଛନ୍ତି।

## ଓଡ଼ିଶାବାସୀଙ୍କୁ ଉପେକ୍ଷା କରାଯାଇଛି: ତାରା

**ବଂଶଧାରା ନଦୀ ଜଳବଣ୍ଟନ ପ୍ରସଙ୍ଗ**

ଭୁବନେଶ୍ୱର,୬।୪(ରବିନାରାୟଣ ଜେନା)

ବଂଶଧାରା ନଦୀ ଜଳବଣ୍ଟନରେ ଓଡ଼ିଶା ଏବଂ ଆନ୍ଧ୍ରର ୫୦:୫୦ ପରିମାଣର ବଣ୍ଟନ ହେବା ରାଜ୍ୟ ପାଇଁ ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି।

କଂଗ୍ରେସ ଭବନରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ତାରା କହିଛନ୍ତି,ଏହି ନିଷ୍ପତ୍ତି ଓଡ଼ିଶା ସ୍ୱାର୍ଥର ପରିପନ୍ଥୀ। ଡବଲ ଇଞ୍ଜିନ ସରକାରର ଓଡ଼ିଶା ବିରୋଧୀ ମନୋଭାବ ଟ୍ରିବ୍ୟୁନାଲଙ୍କ ରାୟରେ ସ୍ପଷ୍ଟ ଦୃଶ୍ୟମାନ ହେଉଛି। ଏଭଳି ଓଡ଼ିଶା ସ୍ୱାର୍ଥ ବିରୋଧୀ ନିଷ୍ପତ୍ତିକୁ ଓଡ଼ିଶାରୁ ସଂସଦକୁ ନିର୍ବାଚିତ ହୋଇଥିବା ୨୦ ଜଣ ଭାଜପା ସାଂସଦ ପ୍ରତିବାଦ କରିନାହାନ୍ତି। ଏପରିକି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ଦଳ ପକ୍ଷରୁ ଏହାକୁ ନାପସନ୍ଦ କରାଯାଇନାହିଁ। ସୁତରାଂ ଭାଜପାର ସ୍ୱାର୍ଥ ଏବଂ ଆନ୍ଧ୍ରର ଚନ୍ଦ୍ରବାବୁ ନାଇଡୁଙ୍କୁ ତୁଷ୍ଟୀକରଣ କରିବା ପାଇଁ ଓଡ଼ିଶାର ସ୍ୱାର୍ଥକୁ ବଳି ଦିଆଯାଇଛି। ଏହାକୁ ଓଡ଼ିଶାବାସୀ ଆଦୌ କ୍ଷମା ଦେବେ ନାହିଁ ବୋଲି ତାରା କହିଛନ୍ତି।

ସେ କହିଛନ୍ତି, ମାର୍ଚ୍ଚ ୩୦ରେ ଟ୍ରିବ୍ୟୁନାଲର ରାୟ ହେଉଛି ଓଡ଼ିଶା ବିରୋଧୀ ରାୟ। ବଂଶଧାରା ନଦୀର ଉତ୍ସସ୍ଥଳ ହେଉଛି ନିୟମଗିରି ଏବଂ ଏହାର ସମୁଦାୟ ୧୦୮୩୦ ବର୍ଗ. କି.ମି. କ୍ୟାଚ୍‌ମେଣ୍ଟ ଏରିଆରୁ ଓଡ଼ିଶାରେ ୮୦୧୫ ବର୍ଗ କି.ମି. ରହିଛି ଏବଂ ଆନ୍ଧ୍ରରେ ୨୮୧୫ ବର୍ଗ କି.ମି. ରହିଛି। ତେବେ କେଉଁ ନ୍ୟାୟରେ ଏହି ଜଳବଣ୍ଟନ ଦୁଇ ରାଜ୍ୟକୁ ୫୦: ୫୦ ପରିମାଣରେ କରାଯାଇଛି ତାହା ବୁଝାପଡୁନାହିଁ। ଏହାଦ୍ୱାରା ରାୟଗଡ଼ା ଏବଂ ଗଜପତି ଜିଲାର ଚାଷୀ କ୍ଷତିଗ୍ରସ୍ତ ହେବେ।






# ସ୍ୱାସ୍ଥ୍ୟ ପାଇଁ ଏକାଠି ହେବା

**ବିଶ୍ୱ ସ୍ୱାସ୍ଥ୍ୟ ଦିବସ**

ସ୍ୱାସ୍ଥ୍ୟ ହିଁ ସମ୍ପଦ। ଆମେ କିପରି ନୀରୋଗ ଜୀବନଯାପନ କରିପାରିବା ସେ ନେଇ ସଚେତନ ରହିବାର ସମୟ ଆସିଛି। ନିଜର ବ୍ୟସ୍ତବହୁଳ ଜୀବନ ଭିତରେ ସ୍ୱାସ୍ଥ୍ୟକୁ ଯଦି ଆମେ ସୁସ୍ଥ ନ ରଖିବା ତେବେ ତାହା ଭବିଷ୍ୟତରେ ଚିନ୍ତାର କାରଣ ସାଜିବ। ଏ ନେଇ ଅଧିକ ଜନସଚେତନତା ସୃଷ୍ଟିକରିବା ଲାଗି ପ୍ରତିବର୍ଷ ଏପ୍ରିଲ ୭ ତାରିଖକୁ 'ବିଶ୍ୱ ସ୍ୱାସ୍ଥ୍ୟ ଦିବସ' ଭାବରେ ପାଳନ କରାଯାଇଆସୁଛି। ଚଳିତ ବର୍ଷ ଏହି ଦିବସର ପ୍ରସଙ୍ଗ ରହିଛି –'ସ୍ୱାସ୍ଥ୍ୟ ପାଇଁ ଏକାଠି ହେବା, ବିଜ୍ଞାନ ସହ ଠିଆହେବା'। ସୁସ୍ଥ ରହିବା ମଣିଷର ଏକ ଆବଶ୍ୟକତା ଓ ଅଧିକାର। ଏଥିପାଇଁ ସତର୍କ ହେବା ନିହାତି ଦରକାର। ତେଣୁ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଚିକିତ୍ସକଙ୍କ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇନେବା ନିହାତି ଦରକାର। ଅନ୍ୟପକ୍ଷରେ



ଯଦି ଆପଣ କୌଣସି ରୋଗରେ ପୀଡ଼ିତ ତେବେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚିକିତ୍ସିତ ହେବା ଆବଶ୍ୟକ। ବିଶେଷଭାବରେ ବୟସ୍କ ବ୍ୟକ୍ତିଙ୍କଠାରେ ଅଧିକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବା ଆଶଙ୍କା ରହିଛି। ତେଣୁ ଏହି ସମୟରେ ସେମାନେ ନିଜକୁ ସୁସ୍ଥ ରଖିବା ଲାଗି ଅଧିକ ସତର୍କହେବା ଆବଶ୍ୟକ। ଯଦି ଆପଣ କୌଣସି ରୋଗରେ ପୀଡ଼ିତ ତେବେ ନିଜକୁ ମାନସିକ ସ୍ତରରେ ଦୃଢ଼ ରଖିବାକୁ ଚେଷ୍ଟା କରନ୍ତୁ। ଏଥର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ସମସ୍ତେ ଯେପରି ଅଧିକ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବେ ସେ ନେଇ ଗୁରୁତ୍ୱ ଦିଆଯାଇଛି। ବିଶେଷଭାବରେ ସମସ୍ତେ ଏକାଠିହୋଇ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟିକଲେ ଆମେ ନିଜକୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରୁ କେତେକାଂଶରେ ରକ୍ଷା କରିପାରିବା।

## ସୁସ୍ଥ ଶରୀର ଓ ଖାଦ୍ୟ

ସୁସ୍ଥ ଶରୀର ପାଇଁ ଖାଦ୍ୟର ଆବଶ୍ୟକତା କେତେ ତାହା ପ୍ରାୟ ସମସ୍ତେ ଜାଣନ୍ତି। କିନ୍ତୁ ଖାଦ୍ୟପେୟରେ ଅନିୟମିତତା କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକିଆଣିଥାଏ। ସବୁବେଳେ ଆମେ ଏପରି ଖାଦ୍ୟ ଖାଇବା ଦରକାର ଯାହା ସ୍ୱାସ୍ଥ୍ୟକୁ ସୁସ୍ଥ ରଖିବ। ଭିଟାମିନ୍‌ଯୁକ୍ତ ତଥା ସୁଷମ ଖାଦ୍ୟ ଖାଇବା ଦରକାର। ତା'ସହ ପନିପରିବା, ତଟକା ଫଳମୂଳ ଆଦି ଆମ ଶରୀର ପାଇଁ ବେଶ୍ ଉପକାରୀ। ଆମେ ଖାଦ୍ୟ ଠିକ୍ ସମୟରେ ଖାଇବା ଦରାକର। ତା'ସହ ଆବଶ୍ୟକ ମୁତାବକ ପାଣି ପିଇବା ସହ ରାତିରେ ୭–୮ ଘଣ୍ଟା ଶୋଇଲେ ଆମ ଶରୀର କେତେକାଂଶରେ ସୁସ୍ଥ ରହିଥାଏ। ଶରୀର ପୋଷଣ ପାଇଁ ଖାଦ୍ୟ ଆବଶ୍ୟକ। ଖାଦ୍ୟ ମଧ୍ୟ ସାତ୍ତ୍ୱିକ ହେବା ଉଚିତ। ଖାଇବା ଭିତରେ ପାଣି ପିଇବା ଠିକ୍ ନୁହେଁ। ଖାଇବାର ଘଣ୍ଟାଏ ପରେ ପାଣି ପିଅନ୍ତୁ। ଠିକ୍ ଖାଇବା ପରେ ପରେ ଥଣ୍ଡା ଜିନିଷ, ଆଇସକ୍ରିମ୍ ଆଦି ଖାଆନ୍ତୁ ନାହିଁ। ଏହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୋଇଥାଏ। ବାରମ୍ବାର ଖାଇବା, ଅତ୍ୟଧିକ ପରିମାଣରେ ଖାଇବା, ତେଲ, ମାଛ, ମାଂସ ଓ ଅଣ୍ଡାଦି ଗରିଷ୍ଠ ଭୋଜନ ଶରୀର ପାଇଁ କ୍ଷତିକାରକ। ଖାଦ୍ୟ ଖାଇବା ପରେ ତା'ର ପରିପାକ କ୍ରିୟା ସୁଚାରୁ ରୂପେ ହେବା ଆବଶ୍ୟକ। ମନକୁ ସର୍ବଦା ଶାନ୍ତ ଓ ସକାରାତ୍ମକ ଚିନ୍ତାଧାରା ରଖି ଖାଦ୍ୟ ଖାଇବା ଦରକାର। ରାତିରେ ଯେତେ ହାଲୁକା ଖାଦ୍ୟ ଖାଇବେ ତାହା ସେତେ ଭଲ।

## ମୋ ଚିକିତ୍ସା ମୋ ଅଧିକାର

ଆୟୁର୍ବେଦୀୟ ଚିକିତ୍ସା ପ୍ରଣାଳୀ ଏପରି ଏକ ଚିକିତ୍ସା ବିଜ୍ଞାନ ଯାହା ପ୍ରଥମେ ସୁସ୍ଥ ବ୍ୟକ୍ତି ସ୍ୱାସ୍ଥ୍ୟ ରକ୍ଷାର ଉପାୟ ନିର୍ଦ୍ଧାରଣ ଉପରେ ଅଧିକ ଗୁରୁତ୍ୱ ପ୍ରଦାନକରେ। ବ୍ରାହ୍ମ ମୁହୂର୍ତ୍ତରେ ଶଯ୍ୟା ତ୍ୟାଗ, ଦାନ୍ତ ଘଷିବା, ମୁହଁ ଧୋଇବା, କୁଳି କରିବା, ନସ୍ୟ (ନାକରେ ତରଳ ପଦାର୍ଥ ପୂରଣ) ତେଲ ଲଗାଇବା, ବ୍ୟାୟାମ, ଯୋଗ, ପ୍ରାଣାୟାମ, ସ୍ନାନ, ଭୋଜନର ନିୟମ ପାଳନ ଏବଂ ଋତୁ ଅନୁଯାୟୀ ଖାଦ୍ୟ ଗ୍ରହଣ ଓ ନିୟମ ପାଳନ (ଋତୁଚର୍ଯ୍ୟା) ମାଧ୍ୟମରେ ବ୍ୟକ୍ତିଗତ ସ୍ୱାସ୍ଥ୍ୟରକ୍ଷାର ଉପାୟ ଏହି ଚିକିତ୍ସା ବିଜ୍ଞାନ ହିଁ ଆମ୍ଭମାନଙ୍କୁ ଶିକ୍ଷା ଦେଇଥାଏ। ସମ୍ପୂର୍ଣ୍ଣ ନ ହେଲେ ମଧ୍ୟ ଆମେ ସକାଳୁ ଉଠି ମୁହଁ ଧୋଇବା, ଦାନ୍ତ ଘଷିବା କାମ ଯାହାକି ନିତ୍ୟକର୍ମ ଭାବରେ ଆଚରଣ କରୁ ତାହା ଏହି ଆୟୁର୍ବେଦ ଶାସ୍ତ୍ର ଜ୍ଞାନର ହିଁ ପଦଚିହ୍ନ। 'ସଦ୍‌ବୃତ୍ତ' ମାଧ୍ୟମରେ ଉଚିତ ସାମାଜିକ ଜୀବନଯାପନ ଓ ସୁସ୍ଥ ସମାଜ ଗଠନ ଦିଗରେ ଏହି ବିଜ୍ଞାନ ହିଁ ଚିନ୍ତା କରିଥାଏ। ନିଜେ ପ୍ରସନ୍ନ ରହିବ ଏବଂ ଅନ୍ୟମାନଙ୍କୁ ପ୍ରସନ୍ନ ରହିବାକୁ ପରାମର୍ଶ ଦେବ। ଚିନ୍ତାରହିତ, ଭୟଶୂନ୍ୟ, ବୁଦ୍ଧିମାନ, ଉତ୍ସାହୀ, ଚତୁର, କ୍ଷମାଯୁକ୍ତ, ଧାର୍ମିକ ଓ ଆସ୍ତିକ ହେବା ଉଚିତ। ସମସ୍ତ ପ୍ରାଣୀଙ୍କ ସହ ଭାଇ ପରି ବ୍ୟବହାର କରିବା ଦରକାର।

ବର୍ତ୍ତମାନ ବ୍ରାଜିଲ, ଜାମାଇକା, ଚିଲି, ଯୁକ୍ତରାଷ୍ଟ୍ର ଆମେରିକା, ଅଷ୍ଟ୍ରେଲିଆ, ଓମାନ ଆଦି ଅନେକ ଦେଶରେ ଆୟୁର୍ବେଦୀୟ ଚିକିତ୍ସା ଲୋକାଦୃତ ହୋଇପାରିଛି। ତେଣୁ ଆମେ କାହିଁକି ଏହି ଚିକିତ୍ସାର ଫାଇଦା ଉଠାଇବା ନାହିଁ ? ଏହି ଚିକିତ୍ସାକୁ ଆପଣେଇ ଅନେକ ରୋଗୀ ଆରୋଗ୍ୟ ହେବାର ଅନେକ ନଜିର ରହିଛି। କୋଭିଡ୍ ସମୟରେ ଏହାର ଭୂତାଣୁର ପ୍ରତିଷେଧକ ଉପାୟ ସହ ବିଭିନ୍ନ ସହଜଲବ୍ଧ ଗୁଳ୍ମୌଷଧି ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ସହାୟକ ହୋଇଥିଲା। ସର୍ବୋପରି ଆୟୁର୍ବେଦୀୟ ଚିକିତ୍ସା ବିଜ୍ଞାନର ଉତ୍କର୍ଷକୁ ବିଚାରକରି ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ସ୍ଲୋଗାନକୁ ମନେପକାଇ ଆମେ ମୁକ୍ତକଣ୍ଠରେ କହିବା–'ପ୍ରତିଦିନ ପ୍ରତି ଘର : ଆୟୁର୍ବେଦ ଦରକାର। ମୋ ଚିକିତ୍ସା ମୋ ଅଧିକାର'।

–ଡା. ଅନନ୍ତ କୁମାର ଆଚାର୍ଯ୍ୟ




❝ ମୁଖ୍ୟତଃ ଆମର ଏଠାରେ ବଂଚିବାର ଗୋଟିଏ ମାତ୍ର କାରଣ ହେଲା– ଆମେ ନିଜକୁ ଜାଣିବା– ଆମେ କ'ଣ ? ତାହା ହିଁ ଆମକୁ ଜାଣିବାକୁ ହେବ। ଆମେ ମଧ୍ୟ ଜାଣିବା– କାହିଁକି ଆମେ ଏଠାକୁ ଆସିଛୁ ଓ ଆମର କ'ଣ କରିବାକୁ ଅଛି ? ଯଦି ଆମେ ଏହା ଜାଣି ନାହୁଁ– ତେବେ ଆମ ଜୀବନ ଆମ ପାଇଁ ଓ ଅନ୍ୟ ପାଇଁ ନିରର୍ଥକ। –ଶ୍ରୀମା



# ପରମାଣୁ ଶକ୍ତିର ମୋହ



ସୁକାନ୍ତ କୁମାର ପଟେଲ

ପ୍ରାୟତଃ ଦୀର୍ଘ ଦିନ ଧରି ମଧ୍ୟ ପ୍ରାଚ୍ୟରେ ଯେଉଁ ସମସ୍ୟା ସୃଷ୍ଟି ହୋଇଛି ତାହାର ପ୍ରମୁଖ କାରଣ ତୈଳ, ଉଗ୍ରବାଦ, ଧର୍ମ କିମ୍ବା ରାଜନୈତିକ ଆଭିମୁଖ୍ୟ ନୁହେଁ ବରଂ ଅନ୍ୟର ପରମାଣୁ ଶକ୍ତିକୁ ପ୍ରତିହତ କରିବା। ଇରାକ୍‌ଠାରୁ ଲିବ୍ୟା ପରେ ଏବେ ଇରାନ୍‌ର ପାଳି। ତେବେ ପାଶ୍ଚାତ୍ୟ ଦେଶଗୁଡ଼ିକର ପ୍ରଧାନ ନିୟମ ହେଉଛି ନିଜେ ଏକାକୀ ହେଉ କିମ୍ବା କେବେ ସଙ୍ଗଠିତ ଭାବରେ ହେଉ ସମସ୍ତ ଶକ୍ତି ଖଟାଇ ପଶ୍ଚିମ ଏସିଆରେ କାହାକୁ କେବେ ହେଲେ ପରମାଣୁ ଶକ୍ତିରେ ବଳୀୟାନ ହେବାକୁ ଦେବେ ନାହିଁ। ସମୟାନୁକ୍ରମେ ଏହି ଲକ୍ଷ୍ୟ ଏବଂ ଆଭିମୁଖ୍ୟ ବଦଳିନାହିଁ ବରଂ ଏଥିରୁ ଆକ୍ରମଣକାରୀମାନେ ବେଶ୍ ଶିକ୍ଷା ପାଇଛନ୍ତି ଯାହା ଇତିହାସରୁ ସୁସ୍ପଷ୍ଟ। ତଥାପି ନିଜେ ଖଣ୍ଡିଆ ଖାବରା ହେଲେ ମଧ୍ୟ ବାହୁସ୍ଫୋଟ ମାରିବାରେ ଆଦୌ ହେଳା କରୁ ନାହିଁ ପାଶ୍ଚାତ୍ୟ ଶକ୍ତି।

କେତେଗୁଡ଼ିଏ ଉଦାହରଣ ଦେବା ପ୍ରାସଙ୍ଗିକ ମନେହୁଏ। ୧୯୮୧ରେ ଇସ୍ରାଏଲ ଏବଂ ଇରାକ୍ ଯୁଦ୍ଧ କଥା ମନେପକାନ୍ତୁ। ଇସ୍ରାଏଲର ପ୍ରଥମ ଭୟଙ୍କର ମାରଣାସ୍ତ୍ର ଆକ୍ରମଣ ଥିଲା ସଦ୍ଦାମ ହୁସେନଙ୍କ 'ଓଶିରାକ' ପରମାଣୁ ଶକ୍ତି ଉତ୍ପାଦନ କେନ୍ଦ୍ର ଉପରେ । ଯୁଦ୍ଧର ଅବସାନ ପରେ ଜାତିସଂଘର ପର୍ଯ୍ୟବେକ୍ଷକମାନେ କେବଳ ସେହି ଶକ୍ତି ଉତ୍ପାଦନ କେନ୍ଦ୍ର ଧ୍ୱଂସାବଶେଷର କିୟଦଂଶ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲେ। ଏଥିରୁ ଜଣାପଡେ ଯେ ପଶ୍ଚିମ ଏସିଆରେ ପରମାଣୁ ଶକ୍ତିରେ ଶକ୍ତିଶାଳୀ ହେବାର ଦୁର୍ବାର ଆଶା ଏବଂ ଇଚ୍ଛାକୁ ବଳ ପ୍ରୟୋଗ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବ।

ଏ ପ୍ରକାରର ଦାବିକୁ ସାକାର ରୂପ ପ୍ରଦାନ ନିମନ୍ତେ ଯୁକ୍ତରାଷ୍ଟ୍ର ଆମେରିକା ଇରାକ୍‌କୁ ସମୂହ ବିନାଶ ଅସ୍ତ୍ର ଏବଂ ଗ୍ୟାସ୍ ହାସଲ କରିଥିବା ଅଭିଯୋଗରେ ଭୟଙ୍କର ଆକ୍ରମଣ କରିଥିଲା, କିନ୍ତୁ ଅଭିଯୋଗର ସତ୍ୟତା ପ୍ରତିପାଦନ ହେଲା ନାହିଁ। ପରିଶେଷରେ ୧୯୯୦ରେ ଆମେରିକା ଦ୍ୱାରା ଇରାକ୍‌ର ରାଷ୍ଟ୍ରପତି ସଦ୍ଦାମ ହୁସେନଙ୍କୁ ହତ୍ୟା କରାଯାଇଥିଲା, ଯାହା ଆଜି ମଧ୍ୟ ବିସ୍ମୟକର ହୋଇରହିଛି।

ପରେ ପରେ ଲିବ୍ୟାର ଶାସକ ମୁଆମାର ଗଦ୍ଦାଫି ଯେ କି ଚୋରାରେ ପାକିସ୍ତାନର ପରମାଣୁ ଜନକ ଅବଦୁଲ କାଦିର ଖାଁଙ୍କ ସହାୟତାରେ ପରମାଣୁ ସମୃଦ୍ଧୀକରଣ ନିମନ୍ତେ ଚେଷ୍ଟା କରୁଥିବାରୁ ତାଙ୍କୁ ମଧ୍ୟ ଆମେରିକା ଓ ତାହାର ମିତ୍ରଦେଶଗୁଡ଼ିକ ନିହତ କରିଥିଲେ। ପାକିସ୍ତାନର ବିଜ୍ଞାନୀ ନିଜ ଦେଶରେ ପରମାଣୁ ଶକ୍ତି ସମୃଦ୍ଧୀକରଣ କରି ପରମାଣୁ ବୋମା ଖୁବ୍ ଲୁକ୍କାୟିତ ଭାବରେ ଆରମ୍ଭ କରିଥିଲେ। ସେ ମଧ୍ୟ ପରମାଣୁ ସମୃଦ୍ଧୀକରଣ ନିମନ୍ତେ ଆବଶ୍ୟକ ଯନ୍ତ୍ରାଂଶ ଗୋପନରେ ଇରାନ୍, ଲିବ୍ୟା ଏବଂ ଇରାକ୍‌କୁ ପ୍ରଦାନ କରିଥିଲେ। ଇରାକ୍ ଆକ୍ରମଣ ବର୍ଷ ଲିବ୍ୟା ବାଧ୍ୟ ହୋଇ ଏହାର ପରମାଣୁ ସମୃଦ୍ଧି କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଏହାକୁ ଅନ୍ତର୍ଜାତୀୟ ପରମାଣୁ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ପରୀକ୍ଷଣ କରିବା ନିମନ୍ତେ ଅନୁମତି ପ୍ରଦାନ କରିଥିଲା।



୨୦୦୪ରେ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା ଅଧିକାରୀଙ୍କ ସହ ଆମେରିକା ଏବଂ ବ୍ରିଟେନର ମିଳିତ ପର୍ଯ୍ୟବେକ୍ଷଣରୁ ଜଣାଗଲା ଯେ ଲିବ୍ୟାରେ ପରମାଣୁ ସମୃଦ୍ଧି କାର୍ଯ୍ୟକ୍ରମ ପ୍ରାଥମିକ ସ୍ତରରେ ଏବଂ ପାକିସ୍ତାନ ବିଜ୍ଞାନୀ କାଦିରଙ୍କ ସହାୟତାରେ 'ତାଜୋରା'ଠାରେ ଗୋପନରେ ଆରମ୍ଭ କରାଯାଇଛି । କିନ୍ତୁ ଏହାକୁ ନେଇ ଅନୁସନ୍ଧାନକାରୀମାନେ ସେମାନଙ୍କର ଅନୁସନ୍ଧାନ ସଫଳ ହୋଇଛି ବୋଲି ମତ ପ୍ରକାଶ କରିଥିଲେ। ଅର୍ଥାତ ଏହା ଥିଲା ପାଶ୍ଚାତ୍ୟ ଦେଶ ନିମନ୍ତେ ସାମୂହିକ ବିଜୟ । ତେବେ ଏହାର ୮ ବର୍ଷ ପରେ ଅର୍ଥାତ୍ ୨୦୧୧ରେ ପାଶ୍ଚାତ୍ୟ ଦେଶ ସହାୟତାରେ ଲିବ୍ୟାର ସ୍ୱାଧୀନ ଗୋଷ୍ଠୀ ଦ୍ୱାରା ଗଦ୍ଦାଫିଙ୍କୁ ଶାସନଗାଦିରୁ ବିଚ୍ୟୁତ କରାଯାଇ ହତ୍ୟା କରାଯାଇଥିଲା। ଏଣୁ ଇରାନ୍ ହେଉ କିମ୍ବା ଅନ୍ୟ ପଶ୍ଚିମ ଏସିଆ ଦେଶ ହୁଅନ୍ତୁ ନିଜେ ଆତ୍ମସମର୍ପଣ କଲେ କିମ୍ବା ନିଜର ପରମାଣୁ କେନ୍ଦ୍ରକୁ ଅନ୍ୟଙ୍କୁ ପର୍ଯ୍ୟବେକ୍ଷଣ ନିମନ୍ତେ ସୁବିଧା ପ୍ରଦାନ କଲେ ନିଜର ସାମ୍ରାଜ୍ୟ କେବେବି ସୁରକ୍ଷିତ ରହିବ ନାହିଁ। ଏହା ପ୍ରମାଣିତ ଏବଂ ପରୀକ୍ଷିତ ହୋଇସାରିଥିବାରୁ ଇରାନ୍ ଭବିଷ୍ୟତ ନିମନ୍ତେ ନିଜକୁ ପୂର୍ବ ପ୍ରସ୍ତୁତ କରିସାରିଛି । ଯେସାକୁ ତେସା ନ୍ୟାୟରେ ଆମେରିକା, ଇସ୍ରାଏଲକୁ ପ୍ରତିଆକ୍ରମଣ କରିବା ସହ ପାଶ୍ଚାତ୍ୟ ଅଞ୍ଚଳରେ ଥିବା ପାର୍ଶ୍ୱବର୍ତ୍ତୀ ଆମେରିକାର ସାମରିକ ଘାଟିଗୁଡିକ ଉପରେ ପ୍ରତି ଆକ୍ରମଣ କରିବାକୁ ଆଦୌ ଡେରି କରି ନାହିଁ। ଏହା ଫଳରେ ଆମେରିକା ଏବଂ ଇସ୍ରାଏଲ ଯୁଦ୍ଧବିରତି ଏବଂ ପଛଘୁଞ୍ଚା ଇତ୍ୟାଦି ଅଭିନବ କୌଶଳ ଆପଣାଇବା ନିମନ୍ତେ ବାଧ୍ୟ ହୋଇଛନ୍ତି।

ଆମେ ଜାଣୁ ଯେ କୌଣସି ଯୁଦ୍ଧ ଆରମ୍ଭ କରିବା କିମ୍ବା କରାଇବା ଖୁବ୍ ସହଜ ଏବଂ ସରଳ ମଧ୍ୟ। କିନ୍ତୁ ଯୁଦ୍ଧ ବନ୍ଦ କରିବା କଠିନ। ୧୯୪୫ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମାପ୍ତ ହେବା ପରେ ବହୁ ଯୁଦ୍ଧ ସଙ୍ଗଠିତ ହୋଇଛି ଏବଂ ଶୀତଳ ଯୁଦ୍ଧ ଅବ୍ୟାହତ ରହିଛି। ବିଶ୍ୱରେ ବଳଶାଳୀ ଦେଶଗୁଡିକ ଦୁର୍ବଳ ଦେଶକୁ ଆକ୍ରମଣ କରିବାରେ ଏବଂ ଅନ୍ୟଦ୍ୱାରା କରାଇବାରେ ବ୍ୟସ୍ତ। ରୁଷିଆ– ୟୁକ୍ରେନ ଯୁଦ୍ଧ ,ଇସ୍ରାଏଲ–ପାଲେଷ୍ଟାଇନ, ପାକିସ୍ତାନ–ଆଫଗାନିସ୍ତାନ ଏବଂ ମ୍ୟାନମାର, ସୁଦାନ, କାତାର, ସାଉଦୀ ଆରବ, ଲେବାନନ, ସିରିଆ, ଇଥିଓପିଆ, ମେକ୍ସିକୋ, ଭେନେଜୁଏଲା ପ୍ରଭୃତି ଦେଶରେ ଗୃହଯୁଦ୍ଧ, ଉଗ୍ରବାଦୀ ଯୁଦ୍ଧ ଜାରି ରହିଛି। ଯଦି ହିସାବ କରାଯାଏ ତେବେ ପ୍ରାୟ ୩୦ଟି ଦେଶ ବର୍ତ୍ତମାନ ଯୁଦ୍ଧ ବା ଆଞ୍ଚଳିକ ସଂଘର୍ଷରେ ନିମଗ୍ନ। ଯଦିଓ ପ୍ରଥମ ବିଶ୍ୱଯୁଦ୍ଧ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଯଥାକ୍ରମେ ୩୦ଟି ଏବଂ ୫୦ଟି ଦେଶ ଭାଗ ନେଇଥିଲେ, ବର୍ତ୍ତମାନ ବିଶ୍ୱଯୁଦ୍ଧ ନ ହୋଇ ମଧ୍ୟ ସେହି ଅବସ୍ଥା। କହିବା ବାହୁଲ୍ୟ, ଅଧିକାଂଶ ଯୁଦ୍ଧରେ ଆମେରିକା ସିଧାସଳଖ ଭାବେ ସମ୍ପୃକ୍ତ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକା କେବଳ ଇରାକ୍ ଯୁଦ୍ଧକୁ ଛାଡିଦେଲେ ଅନ୍ୟସବୁ ଯୁଦ୍ଧରେ ପଛଘୁଞ୍ଚା ଦେଇଛି। ଆମେରିକା ସହ ଇସ୍ରାଏଲ ଏବଂ ଇରାନ୍ ମଧ୍ୟରେ ଯୁଦ୍ଧ ଏବେ ଚାଲିଛି।

ଇରାକ୍ ଏବଂ ଲିବ୍ୟା ପରମାଣୁ ସମୃଦ୍ଧି ନିମନ୍ତେ ବାହ୍ୟ ଦେଶର ଯୋଗାଣ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିବାବେଳେ ଇରାନ୍ ନିଜର ସ୍ୱଦେଶୀ ଜ୍ଞାନ କୌଶଳରେ ପରମାଣୁ ସମୃଦ୍ଧି କରିପାରିଛି। ବିଶେଷ କରି ନିଜର ବୈଷୟିକ ଜ୍ଞାନ କୌଶଳକୁ ଉପଯୋଗ କରି ନିଜକୁ ନିଜେ ସ୍ୱାବଲମ୍ବୀ କରାଇ ପାରିଛି। ୨୦୨୨ରୁ ଇରାନ୍‌ର ପରମାଣୁ ସମୃଦ୍ଧୀକରଣ ସୁବିଧା ପରଠାରୁ ଏହା ଉପରେ ଅନେକ ଅର୍ଥନୈତିକ ପ୍ରତିବନ୍ଧକ, ଏହାର ପରମାଣୁ କେନ୍ଦ୍ରରେ ଅନେକ ଅନ୍ତର୍ଘାତି କାର୍ଯ୍ୟ ଏବଂ ବିଶେଷ କରି ଏହାକୁ ବାଧ୍ୟତାମୂଳକ ଚୁକ୍ତି କରିବାକୁ ବାଧ୍ୟ କରାଯାଇଛି। ପରିଶେଷରେ ୨୦୧୫ର ପରମାଣୁ ଚୁକ୍ତି 'ମିଳିତ ବ୍ୟାପକ କାର୍ଯ୍ୟକ୍ରମ ଯୋଜନାରେ'ରେ ଏହାକୁ ପ୍ରାୟତଃ ବଳ ପ୍ରୟୋଗ କରି ବାଧ୍ୟତାମୂଳକ ସ୍ୱାକ୍ଷର କରାଇପାରିଛନ୍ତି।

ଲିବ୍ୟା ଏବଂ ଇରାକ୍‌ର ପରିସ୍ଥିତିରୁ ଇରାନ ଶିକ୍ଷା ପାଇଥିଲେ ମଧ୍ୟ ଆଣବିକ କ୍ଷେତ୍ରରେ ଖୁବ୍‌ଶୀଘ୍ର ଅଗ୍ରଗତି କରି ବାହ୍ୟ ଆକ୍ରମଣର ସମ୍ମୁଖୀନ ହୋଇଛି। ଇରାନ୍‌ର ଅଘୋଷିତ ପରମାଣୁ ସମୃଦ୍ଧି କେନ୍ଦ୍ର 'ଡିମୋନା' ଏବେ ସମ୍ବେଦନଶୀଳ ଅଞ୍ଚଳ, ଯେଉଁଠି କ୍ଷୁଦ୍ର ରିଆକ୍ଟରରେ ୟୁରାନିୟମରୁ ପ୍ଲାଟୋନିୟମ ଉତ୍ପାଦନ କରାଯାଉଥିଲା । ଏହା ହିଁ ଇରାନ୍‌ର ପରମାଣୁ ପ୍ରକ୍ରିୟାକରଣରେ ପ୍ରାରମ୍ଭିକ ପଦକ୍ଷେପ ଯାହା କେବଳ ଇରାନ୍ ଜାଣିଥିଲା। ଏହି ରିଆକ୍ଟର ରୁଷିଆର ଚେର୍ନୋବିଲ ରିଆକ୍ଟରଠାରୁ ଛୋଟ ଏବଂ ବିଶେଷଜ୍ଞଙ୍କ ମତରେ ଅଧିକ ସଶକ୍ତ ଯାହା, କ୍ଷେପଣାସ୍ତ୍ର ମାଡକୁ ପ୍ରତିହତ କରିବାରେ ସକ୍ଷମ। ତେବେ ପଶ୍ଚିମ ଏସିଆରେ ଏବେ ପରମାଣୁ ଅସ୍ତ୍ର ହାସଲ ନିମନ୍ତେ ପ୍ରତିଯୋଗିତା ଆରମ୍ଭ ହୋଇ ନାହିଁ। କିନ୍ତୁ ଇରାନର ପଦାଙ୍କ ଅନୁସରଣ କରିବେ ପ୍ରାୟ ଅଧିକାଂଶ ଦେଶ। ନିଜକୁ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ଆରମ୍ଭ ହେବ ଏହି ପ୍ରତିଯୋଗିତା ଯାହାକୁ ନିୟନ୍ତ୍ରଣ କରିବା ବିଶ୍ୱବାସୀଙ୍କ ପକ୍ଷରେ କଷ୍ଟକର ହେବ ଏଥିରେ ସନ୍ଦେହ ନାହିଁ। ପରମାଣୁର ମୋହ ନିଶ୍ଚିତ ଭାବେ ବିଶ୍ୱକୁ ଧ୍ୱଂସ କରିଦେବ।

**ଆଇନଜୀବୀ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ**
**ମୋ:୯୪୩୭୯୩୬୭୪୪**

# ଡାକରା ଆସିନି



ଭଗବାନ ଦାଶ

ଜୀବନ ଏକ ଅଦ୍ଭୁତ ଯାତ୍ରା। ଜନ୍ମରୁ ଆରମ୍ଭ ଆଉ ମୃତ୍ୟୁରେ ଶେଷ। ନା ଜୀବ ଜାଣେ ଜନ୍ମର ମୁହୂର୍ତ୍ତ ନା ମୃତ୍ୟୁର ବି। ଏହି ପ୍ରାରମ୍ଭରୁ ସମାପ୍ତି ପର୍ଯ୍ୟନ୍ତ ବ୍ୟାପ୍ତି ବା ସମୟ ବହୁ ଅନୁଭବ, ଆଶା, ଆକାଂକ୍ଷା ଓ ସଫଳତା, ବିଫଳତାକୁ ନେଇ ଗତିଶୀଳ। ଗତି ଅଗତି ସାଜିବା ସେହି ଉପରବାଲାକୁ ହିଁ କେବଳ ଜଣା। ଆଉ ଆଗକୁ ସୃଷ୍ଟି ଦେଖିହେବ କି ନାହିଁ ତାହା ବି ତା' ଗୋଚରରେ। ସମ୍ଭାବନା ନ ଥିଲେ, ଡାକ ପକାଏ। ପାଖକୁ ଟାଣିନିଏ। ଏଇ ତ ସଂସାରର ଖେଳ। କାଳ ନ ପୂରିଲେ ବା କଣ୍ଟ ନ ପୂରିଲେ ଜୀବ ଚାହିଁଲେ ବି ଯାଇପାରେନାହିଁ, ପ୍ରାଣ ଛାଡ଼େନାହିଁ। ଏମିତି ବି କଣ୍ଟ ପୂରିଗଲେ ଯେତେ କାକୁତି ମିନତି କଲେ ବି କାଳ ମୁହୂର୍ତ୍ତେ ମଧ୍ୟ ଅଟକିପାରେନାହିଁ। ଏଥିପାଇଁ ଆସୁଥିବା ଡାକରା ହିଁ ଶେଷ ଡାକରା ସାଜେ। ଏହାପରେ ଆଉ ଡାକରା ଆସେନାହିଁ, ଏହା ବିଧି ନିର୍ଦ୍ଦିଷ୍ଟ। ତେଣୁ କଥାରେ କଥାରେ ତୁଣ୍ଡ କହିପକାଏ,'ଡାକରା ଆସିନି' ପରା।

ଜାତସ୍ୟ ହିଁ ଧ୍ରୁବ ମୃତ୍ୟୁ। ସେ ଜନମ ହେଉ ବା ମରଣ, ସବୁ ଭଗବାନ୍‌ଙ୍କ ଦରବାରର ନୀତି ନିର୍ଘଣ୍ଟ। ସ୍ରଷ୍ଟାର ନିର୍ଦ୍ଧାରିତ। କିନ୍ତୁ ସୃଷ୍ଟିର ଅଗୋଚର। ତେଣୁ ସମୟେ ସମୟେ ତୁଣ୍ଡରୁ ବାହାରେ ଏବେ ବି ବଞ୍ଚିଛି। ଅପେକ୍ଷା କରିଛି ସତ୍ୟ, ହେଲେ ଡାକରା ଆସିନି। ଉକ୍ତ ବାକ୍ୟଗୁଡ଼ିକ ମାନବ ଜୀବନର ଅନିଶ୍ଚିତତାକୁ ସୂଚାଇଦିଏ। ଆକ୍ଷରିକ ଅର୍ଥରେ ଧରି ନେଇ ବୁଝାଯାଏ ଯେ, ମୃତ୍ୟୁର ଅନ୍ତିମ ଡାକରା ଆସିନାହିଁ। ସୃଷ୍ଟିରେ ବିଭୁ ଅଭିପ୍ରେତ କର୍ତ୍ତବ୍ୟ ସରିନାହିଁ। ଅର୍ଥାତ୍ ଏହା ଏକ ଧରାବନ୍ଧା ବ୍ୟବସ୍ଥା। ଯେତିକି ସମୟ ପର୍ଯ୍ୟନ୍ତ ସୃଷ୍ଟିରେ ରହିବାର ଅଛି ବା ସଂସାର ଦେଖିବାର ଅଛି କିମ୍ବା ପ୍ରଶ୍ୱାସ ନେବାର ଅଛି ସେ ପର୍ଯ୍ୟନ୍ତ ଜୀବ ଅଛି। ଯିବା ହୋଇନାହିଁ, କାରଣ ଡାକରା ଆସିନାହିଁ। ଏଇ ତ ସଂସାର।

ମଣିଷ ଜୀବନ ଯେ କେବଳ ଏକ ସୁଖର ପାରାବାର ତାହା ଭାବିବା ଭୁଲ୍। ଦୁଃଖ, ଶୋକ, ବିପଦ ଆପଦ ଓ ଭୋଗ ବୈରାଗ ବି ଏ ସବୁର ସାଥୀ। ସମୟେ ସମୟେ ଏପରି ଜୀବନ ଦୁର୍ବିଷହ ହୁଏ, ଯାହା ବଞ୍ଚିରହିବାର ଆଉ ଆବଶ୍ୟକତା ଉପଲବ୍ଧି କରେନାହିଁ। ପ୍ରଭୁଙ୍କୁ ହାତ ଯୋଡ଼େ। ଅନୁନୟ ବିନୟ ହୁଏ, କାକୁତି ମିନତି କରେ, ଡାକେ ପ୍ରଭୁ ଆଉ ନୁହେଁ, ଏଥର ନେଇଯାଅ। ମୁଁ ତ ରକ୍ଷା ପାଇବି, ତଦ୍ ସଙ୍ଗେ ସଙ୍ଗେ ମୋତେ ସେବା କରୁଥିବା ବ୍ୟକ୍ତି ସମୂହ ମଧ୍ୟ ନିସ୍ତରିଯିବେ। କିନ୍ତୁ ପ୍ରଭୁ ଶୁଣି ନ ଶୁଣିଲା ପରି ରୁହନ୍ତି। ସେ ନାଚାର। କାରଣ ସମୟ ଆସିନି। ଡାକରା ଦେବେ କିପରି ! ଅପେକ୍ଷା କରନ୍ତି ପ୍ରଭୁ ସେହି ବିଧି ନିର୍ଦ୍ଦିଷ୍ଟ ସମୟକୁ। କାଳ ଘଣ୍ଟି ବାଜେ। ଡାକରା ଆସେ ଆଉ ତତ୍‌କ୍ଷଣାତ କାର୍ଯ୍ୟକାରୀ ହୁଏ। ଜୀବନଦୀପ ଟିକକ ଲିଭିଯାଏ। ନିୟନ୍ତ୍ରଣ ସୃଷ୍ଟିକର୍ତ୍ତାଙ୍କ ହାତରେ। ଏହା ଧ୍ରୁବ ଆଉ ମନୁଷ୍ୟର ପହଞ୍ଚ ବାହାରେ। ଏହା ଧନୀ, ଦରିଦ୍ର ଜାଣେନାହିଁ।

ଡାକରା ଆସିନି, ମାନେ ଡରିଯାଅନି। ଏବେ ପ୍ରାଣ ଅଛି। ବଞ୍ଚିବାର ଆଶା ତୁଟିନାହିଁ। ସତ୍ କାର୍ଯ୍ୟ, ଦୟା, କ୍ଷମା ଆଦି ଧର୍ମପଥର ପଥିକ ହୁଅ। ମନରୁ ଭୋଗ ଲାଳସା ଛାଡ଼ି ତ୍ୟାଗ, ସେବାକୁ ବ୍ରତ କର। ନିର୍ଭୀକ ହୁଅ। ଡାକରା ଆସିବାକୁ ନ ଡରି ନିଜର କଲା କର୍ମକୁ ଆଶ୍ରାକରି ପ୍ରସ୍ତୁତ ରୁହ। ''ନିଜ କଲା କର୍ମ ନିଜେ ଭୋଗେ ନର, ଏଡି ନ ପରେ ତା' ବ୍ରହ୍ମା ହରିହର।'' ନିଚ୍ଛକ ସତ୍ୟ ଅବଶ୍ୟମ୍ଭାବୀ। ଆତ୍ମ କୈନ୍ଦ୍ରିକ ଶକ୍ତି ଠୁଳକର। ନିଜ ଜୀବନଯାତ୍ରାର ଅଙ୍କ ସରିଲା ବୋଲି ଧରିନିଅ। ତୁମେ ଜଣେ କିଛି ସମୟର କଳାକାର ଥିଲ, ତୁମର ପ୍ରଦର୍ଶନ ପରେ ନାଟକଟିର ପରଦା ପଡ଼ିଗଲା ଭାବିନିଅ। ଏଥିରେ ହିଁ ଆନନ୍ଦ। କହିବା ଅତି ସହଜ, ହେଲେ ସହିବା ବଡ଼ କଠିନ। ସମସ୍ତଙ୍କ ପକ୍ଷେ ଏହା ସମ୍ଭବ ହୁଏନାହିଁ। ତୁଣ୍ଡ ଖୋଲିଯାଏ। ଫଳରେ ନ ମିଳେ ନିଜକୁ ତୃପ୍ତି, ନା ମିଳେ ତାଙ୍କୁ ଯାହା ପ୍ରତି ଉଦ୍ଦିଷ୍ଟ। ବରଂ ଅନୁଶୋଚନା ଯନ୍ତ୍ରଣାଦାୟକ। ଡାକରା ଆସିନି, ଦୁଇଟି ଶବ୍ଦ ବିଶିଷ୍ଟ ଏକ ସାଧାରଣ ବାକ୍ୟ ନୁହେଁ। ଏହା ଗଭୀର ସତ୍ୟ ଓ ଦର୍ଶନ ସମ୍ଭୁତ। ଶିକ୍ଷଣୀୟ। ଜୀବନକୁ ଭଲ ଭାବରେ ବୁଝିବା, ଭୟଯୁକ୍ତ ରହିବା, ଏବଂ ଭୟମୁକ୍ତ ନୈତିକ ଆଧାରରେ ଚାଲିବାକୁ ପ୍ରେରଣା ଦିଏ। ସୃଷ୍ଟିରେ ମିଳିଥିବା ସମୟ ଟିକକର ସଦ୍‌ବ୍ୟବହାର କରିବାକୁ ଆତ୍ମିକ ବିଚାର ସୃଷ୍ଟିକରେ। ଭଗବାନ୍‌ଙ୍କ ଅଭିପ୍ରେତ କର୍ତ୍ତବ୍ୟ ପୂରଣ ନ ହେବା ପର୍ଯ୍ୟନ୍ତ ଡାକରା ଆସେନାହିଁ। ଭୋଗେଇଥିଲେ ଭୋଗିବାକୁ ହୁଏ। ହସି ହସି ଖସିଯିବା କମ୍ ଲୋକଙ୍କ ଭାଗ୍ୟରେ ଆସେ। ଗଡ଼ି ପଡ଼ି ସଢୁଥିଲେ ବି ଡାକରା ଆସେନାହିଁ। ବୋଧେ ଆହୁରି ଭୋଗିବାକୁ ଥାଏ ବୋଲି ଧରି ନିଆଯାଏ। ମୋଟାମୋଟି ଭାବେ ଭାବିନେବା 'ଡାକରା ଆସିନି' ମାନେ ଧରାପୃଷ୍ଠରେ କର୍ତ୍ତବ୍ୟ ଏବେ ବି ସରିନାହିଁ।

**ଗୁଣ୍ଡିଚା ବିହାର, ପୁରୀ**
**ମୋ: ୮୨୪୯୦୮୨୪୦୦**

## ଏଇ ଭାରତରେ

ଗାର୍ବେଜ କ୍ଲିନିକ୍ ବା ବର୍ଜ୍ୟ କ୍ଲିନିକ୍ କଥା ଶୁଣିଛନ୍ତି କି। ହଁ, ଏମିତିକା କ୍ଲିନିକ୍ ଚାଲିଛି ଦିଲ୍ଲୀରେ। ପ୍ରବୀଣ ନାୟକ ଇଞ୍ଜିନିୟରିଂ କ୍ୟାରିୟର ଛାଡ଼ି ଦିଲ୍ଲୀକୁ ସବୁଜ ଓ ସ୍ୱଚ୍ଛ କରିବା ସକାଶେ ଗାର୍ବେଜ କ୍ଲିନିକ୍ ଆରମ୍ଭ କରିଛନ୍ତି। ଏହି କ୍ଲିନିକ୍ ଦ୍ୱାରା ବିଦ୍ୟୁତ୍‌ଚାଳିତ ରିକ୍ସା (ଇ–ରିକ୍ସା)ରେ ଦିଲ୍ଲୀର ବିଭିନ୍ନ ସ୍ଥାନରୁ ବର୍ଜ୍ୟ ସଂଗ୍ରହ କରାଯାଉଛି। ଫଳରେ ସେହିସବୁ ସ୍ଥାନରେ ଅଳିଆ ଗଦା ଦେଖିବାକୁ ମିଳୁନାହିଁ। ପ୍ରବୀଣ ପଢା ଛାଡ଼ିଦେବା ସମୟରେ ତାଙ୍କ ପରିବାର ଏହି କାର୍ଯ୍ୟକୁ ବିରୋଧ କରୁଥିଲେ। ଏବେ ପୂରା ପରିବାର ପ୍ରବୀଣଙ୍କ କାର୍ଯ୍ୟ ସହ ସାମିଲ ହୋଇଯାଇଛନ୍ତି। ପ୍ରବୀଣଙ୍କୁ ଏହି କାର୍ଯ୍ୟରେ ତାଙ୍କ ସ୍ତ୍ରୀ ବି ସହଯୋଗ କରୁଛନ୍ତି। ବଡ଼ କଥା ହେଉଛି, ଏହି କ୍ଲିନିକ୍ ଆରମ୍ଭ କରିବା ସମୟରେ ଆବଶ୍ୟକ ଅର୍ଥ ପାଇଁ ତାଙ୍କ ସ୍ତ୍ରୀ ଗହଣା ବିକ୍ରି କରିଦେଇଥିଲେ। ଗାର୍ବେଜ କ୍ଲିନିକ୍ ୨୦୧୮ରେ ଆରମ୍ଭ କରାଯାଇଥିଲା। ଏବେ ଦିଲ୍ଲୀରେ ମୋଟ ୧୮ଟି ଏମିତିକା କ୍ଲିନିକ୍ ରହିଛି। ବର୍ଜ୍ୟ ସଂଗ୍ରହକରି ରିସାଇକ୍ଲିଂ ପାଇଁ ପଠାଯାଉଛି ଏବଂ ବ୍ୟବସାୟିକ କାରବାର ବାର୍ଷିକ ୧.୫ କୋଟି ଟଙ୍କାରେ ପହଞ୍ଚିଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୭ ଏପ୍ରିଲ ୧୯୭୭**

- କେନ୍ଦ୍ରର ପୂର୍ବତନ ଘରୋଇ ମନ୍ତ୍ରୀ କେ. ବ୍ରହ୍ମାନନ୍ଦ ରେଡ୍ଡି ବିପୁଳ ସଂଖ୍ୟକ ଭୋଟରେ କଂଗ୍ରେସ ସଭାପତି ନିର୍ବାଚିତ।
- ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଭେନଗାଲ ରାଓ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | | | | | 7 | |
| | 2 | | | | | | | 1 |
| 4 | | 5 | | | 6 | 8 | | |
| 5 | | | | 6 | | 2 | | |
| | 7 | 2 | | 4 | | | | |
| | 4 | 6 | 1 | | | | | 9 |
| | | | | 2 | | | 5 | |
| | | 7 | | 9 | | | 1 | |
| | | | 3 | | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 4 | 6 | 1 | 8 | 2 | 5 | 7 |
| 7 | 6 | 1 | 2 | 5 | 3 | 4 | 9 | 8 |
| 5 | 8 | 2 | 4 | 9 | 7 | 6 | 1 | 3 |
| 2 | 1 | 5 | 3 | 7 | 9 | 8 | 6 | 4 |
| 6 | 7 | 8 | 5 | 4 | 1 | 9 | 3 | 2 |
| 4 | 9 | 3 | 8 | 6 | 2 | 5 | 7 | 1 |
| 1 | 5 | 7 | 9 | 8 | 4 | 3 | 2 | 6 |
| 8 | 2 | 9 | 1 | 3 | 6 | 7 | 4 | 5 |
| 3 | 4 | 6 | 7 | 2 | 5 | 1 | 8 | 9 |

ଗତକାଲିର ଉତ୍ତର

# ଶିକ୍ଷକଙ୍କ ରୂପାନ୍ତରଣକାରୀ ଭୂମିକା



ଇପ୍ସିତା ମହାନ୍ତି

'ଶିକ୍ଷା' କେବଳ ଜ୍ଞାନର ହସ୍ତାନ୍ତରଣ ନୁହେଁ। ଏହା ମନ, ମସ୍ତିଷ୍କକୁ ଗଢ଼ି ତୋଳେ। କୌଶଳ ଉଦ୍ଭାବନ କରେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସମ୍ଭାବନା ଓ କ୍ଷମତାର ବିକାଶ ପାଇଁ ଶିକ୍ଷା କାର୍ଯ୍ୟ କରିଥାଏ। ଶିକ୍ଷା ଯଦି ଏକ ସ୍ୱର୍ଣ୍ଣ ତ୍ରିଭୁଜ ହୁଏ, ବିଦ୍ୟାଳୟ, ଶିକ୍ଷାର୍ଥୀ ଏବଂ ଶିକ୍ଷକ ଏହାର ତିନୋଟି କୋଣ ସଦୃଶ। ତିନି ହେଁ ପରସ୍ପର ପରିପୂରକ। ଶିକ୍ଷକ ରୂପରେ ଶିକ୍ଷାର୍ଥୀଙ୍କ ଭୂମିକାକୁ ବ୍ୟାଖ୍ୟା କରିବା କିମ୍ବା ସେମାନଙ୍କ ନ୍ୟସ୍ତକାର୍ଯ୍ୟର ଗ୍ରେଡିଂ (ବର୍ଗୀକରଣ) କରିବାଠାରୁ ଅନେକ ଦୂର ପର୍ଯ୍ୟନ୍ତ ଏହା ପରିବ୍ୟାପ୍ତ। ଶିକ୍ଷା ମାଧ୍ୟମରେ ଜଣେ ବ୍ୟକ୍ତିର ବୈଚାରିକ ଶକ୍ତି ପରିପୁଷ୍ଟ ହୋଇଥାଏ। ଯେଉଁଥିରେ ଦାୟିତ୍ୱବାନ ନାଗରିକ ହେବା ପାଇଁ ମାର୍ଗଦର୍ଶନ, ପ୍ରେରଣା ଏବଂ ସଶକ୍ତୀକରଣ ଅନ୍ତର୍ଭୁକ୍ତ। ନିଜ ଭୂମିକା ଉପରେ ଚିନ୍ତନ କରିବା ଦ୍ୱାରା ଆମେ ନିଜ ଦାୟିତ୍ୱବୋଧତାକୁ ଅଧିକ ସଚେତନ ଭାବରେ ଗ୍ରହଣ କରିପାରିବା। ଏଥିସହ ଶିକ୍ଷାର୍ଥୀ ଏବଂ ସମାଜର ପରିବର୍ତ୍ତିତ ଆବଶ୍ୟକତା ସହିତ ଖାପ ଖୁଆଇ ପାରିବା।

ସମସାମୟିକ ଶିକ୍ଷା ବ୍ୟବସ୍ଥାରେ ଶିକ୍ଷକଙ୍କ ଭୂମିକା ଜ୍ଞାନର ଏକମାତ୍ର ଉତ୍ସରୁ ରୂପାନ୍ତରଣ ହୋଇ ଶିକ୍ଷଣର ସହଭାଗୀ ହୋଇଛି। ଏହି ପରିବର୍ତ୍ତନ ଛାତ୍ରୀଛାତ୍ରଙ୍କୁ ଅନୁସନ୍ଧାନ କରିବାରେ, ପ୍ରଶ୍ନ ପଚାରିବାରେ ଏବଂ ସେମାନଙ୍କର ନିଜସ୍ୱ ଚିନ୍ତାଧାରାକୁ ପ୍ରସ୍ଫୁଟିତ କରିବା ପାଇଁ ମାର୍ଗଦର୍ଶନ କରିବାରେ ଗୁରୁତ୍ୱ ପ୍ରଦାନ କରିଥାଏ। ଏହା ଏପରି ଏକ ପରିବେଶ ସୃଷ୍ଟି କରେ ଯେଉଁଠାରେ ଶିକ୍ଷାର୍ଥୀମାନେ ନିଜ ବିଚାରଧାରାକୁ ପରିପ୍ରକାଶ କରିବା, ଭୁଲ କରିବା ଏବଂ ତହିଁରୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ପାଇ ନିରାପଦ ଅନୁଭବ କରନ୍ତି। ଶିକ୍ଷା ବ୍ୟବସ୍ଥାର ସୁପରିଚାଳନା ପାଇଁ ବିଭିନ୍ନ ପରିଷଦ ରହିଛି। ଶିକ୍ଷାର୍ଥୀଙ୍କ ପାଇଁ କାମ କରିବା ସମୟରେ ଶିକ୍ଷକଙ୍କ ଭୂମିକା କେତେ ଯେ ଗୁରୁତ୍ୱପୂର୍ଣ୍ଣ ତାହା ଏ ସମସ୍ତ ପରିଷଦ ଅବଗତ। ଯେତେବେଳେ ଶିକ୍ଷକଙ୍କ କଥା ଆଲୋଚନାର ପରିସରକୁ ଆସେ ସେତେବେଳେ ଗୋଟିଏ କଥା ସ୍ପଷ୍ଟ ଭାବେ ସାମ୍ନାକୁ ଆସିଥାଏ ଯେ ଶିକ୍ଷାର୍ଥୀଗଣ ଯେପରି ପାଠ୍ୟକ୍ରମକୁ ଦୃଢ଼ତାର ସହିତ ବୁଝିବେ ତାହା ସୁନିଶ୍ଚିତ କରିବା ଶିକ୍ଷକଙ୍କର ପ୍ରାଥମିକ ଦାୟିତ୍ୱ।

ଶିକ୍ଷକଙ୍କ କାର୍ଯ୍ୟାବଳୀ କେବଳ ଶିକ୍ଷାଦାନ ଏବଂ ଶିକ୍ଷଣ ସାମଗ୍ରୀର ପ୍ରୟୋଗ ମଧ୍ୟରେ ସୀମିତ ନୁହେଁ। ଶିକ୍ଷାର୍ଥୀମାନେ ଚାପ ମଧ୍ୟରେ ଯେପରି କାର୍ଯ୍ୟ ସମ୍ପାଦନ କରିପାରିବେ, ଠିକ ଭାବେ ସମୟ ପରିଚାଳନା କରିବେ ଏବଂ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିବେ ଏ ଦିଗରେ ଶିକ୍ଷକମାନେ ଅଭିନବ କୌଶଳ ବିକଶିତ କରିବା ଉଚିତ। ଏହି ପରିପ୍ରେକ୍ଷୀରେ ଶିକ୍ଷକଙ୍କଠାରେ ବିଭିନ୍ନ ବିଷୟର ପାରଦର୍ଶିତା ସହ ପରୀକ୍ଷା ପଦ୍ଧତି ଏବଂ ବିଭିନ୍ନ ଅବଧାରଣା ବିଷୟରେ ଗଭୀର ସଚେତନତା ଦାବି କରେ। ଆଜି ବିଭିନ୍ନ ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଆକଳନ (ପରୀକ୍ଷା)ରେ ଶିକ୍ଷାର୍ଥୀଙ୍କ ପାଇଁ ଆଧୁନିକ ଶୈକ୍ଷିକ ଦୃଶ୍ୟପଟ୍ଟରେ ବୃଦ୍ଧି ପାଉଥିବା ପ୍ରତିସ୍ପର୍ଦ୍ଧା, ସାମାଜିକ ପ୍ରତ୍ୟାଶା ଏବଂ ଶିକ୍ଷଣରେ ପ୍ରଯୁକ୍ତିବିଦ୍ୟାର ଦ୍ରୁତ ସମନ୍ୱୟ ଭଳି ଏକାଧିକ ଆହ୍ୱାନ ଅନ୍ତର୍ଭୁକ୍ତ। ଶିକ୍ଷଣ ପ୍ରକ୍ରିୟାକୁ ଆକର୍ଷଣୀୟ ତଥା ସୁଗମିତ କରିବା ପାଇଁ ଡିଜିଟାଲ ଉପକରଣଗୁଡ଼ିକର ପ୍ରୟୋଗ ସହିତ ଶିକ୍ଷାର୍ଥୀଙ୍କ ବିଭିନ୍ନ ଆବଶ୍ୟକତା ପୂରଣ ପାଇଁ ଅଭିନବ ଜ୍ଞାନ କୌଶଳର ପ୍ରୟୋଗ ଏବଂ ପ୍ରତ୍ୟେକ ଶିକ୍ଷାର୍ଥୀ ଯେପରି ଶିକ୍ଷଣ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ ହେବେ ଓ ମୂଲ୍ୟବାନ ଅନୁଭବ କରିବେ ତାହା ସୁନିଶ୍ଚିତ କରିବା ଶିକ୍ଷକଙ୍କର ଦାୟିତ୍ୱ। ଏହା ସହିତ ଶିକ୍ଷାର୍ଥୀଙ୍କର ବିବିଧ ଶିକ୍ଷଣ ଆବଶ୍ୟକତାକୁ ସ୍ୱୀକାର କରିବା, ତାହାକୁ ପୂରଣ କରିବା ଏବଂ ଆବଶ୍ୟକ ସ୍ଥଳେ ଶିକ୍ଷଣକୁ ବ୍ୟକ୍ତିଗତ ସ୍ତରରେ ପ୍ରୟୋଗ କରିବା ଦରକାର। ଶିକ୍ଷାର୍ଥୀଙ୍କ ସଫଳତା ସୁନିଶ୍ଚିତ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ।




ଏକଥାକୁ ମଧ୍ୟ ଅସ୍ୱୀକାର କରାଯାଇ ପାରିବ ନାହିଁ ଯେ ଶିକ୍ଷାର୍ଥୀମାନେ ନିଜ ଶିକ୍ଷଣ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ଅଛନ୍ତି, ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛନ୍ତି ଯାହା ପ୍ରାୟତଃ ସେମାନଙ୍କ ଭବିଷ୍ୟତର ଶିକ୍ଷାଗତ ଏବଂ ବୃତ୍ତିଗତ ପଥ ନିର୍ଣ୍ଣୟ କରିଥାଏ। ଏଭଳି ସ୍ଥିତିରେ ଶିକ୍ଷକ ଭାବରେ ନିଜ ଭୂମିକାକୁ ବିଚାର କଲେ ଏକ ସନ୍ତୁଳିତ ଆଭିମୁଖ୍ୟର ଆବଶ୍ୟକତା ପ୍ରକାଶ ପାଇଥାଏ। ଯାହା ଶୈକ୍ଷିକ କଠୋରତା, ଭାବନାତ୍ମକ ସମର୍ଥନ ଏବଂ ଜୀବନ କୌଶଳର ବିକାଶକୁ ଯୋଡିଥାଏ।

ଜଣେ ଶିକ୍ଷକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟରୁ ଗୋଟିଏ ହେଉଛି 'ଜୀବନବ୍ୟାପୀ ଶିକ୍ଷାର୍ଥୀ ହେବା'। ଶିକ୍ଷା ଏକ ଗତିଶୀଳ କ୍ଷେତ୍ର। ଶୈକ୍ଷିକ ପ୍ରଗତି, ସାଂସ୍କୃତିକ ପରିବର୍ତ୍ତନ ଏବଂ ପ୍ରଯୁକ୍ତିବିଦ୍ୟାର ନବସୃଜନ ସହିତ ଶିକ୍ଷକଗଣ ଅଦ୍ୟତନ ରହିବା ଜରୁରୀ। ବ୍ୟକ୍ତିଗତ ଅଭିବୃଦ୍ଧି ପ୍ରତି ଏହି ପ୍ରତିବଦ୍ଧତା କେବଳ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାକୁ ପ୍ରଭାବଶାଳୀ କରେନାହିଁ ବରଂ ଶିକ୍ଷାର୍ଥୀଙ୍କ ପାଇଁ ନିରନ୍ତର ଶିକ୍ଷଣର ମୂଲ୍ୟକୁ ମଧ୍ୟ ଏକ ନମୁନା (ମଡେଲ) ରୂପେ ଗଢିତୋଳେ। ଆଲୋଚନାତ୍ମକ ଚିନ୍ତାଧାରା, ସହଯୋଗୀ ମନୋଭାବ ଏବଂ ଅନୁକୂଳନଶୀଳ ଭଳି ଶିକ୍ଷଣ ପ୍ରକ୍ରିୟା ଶିକ୍ଷାର୍ଥୀଙ୍କୁ ପରୀକ୍ଷା କକ୍ଷ ବାହାରେ ଏକାଧିକ ଆହ୍ୱାନର ମୁକାବିଲା ପାଇଁ ପ୍ରସ୍ତୁତ କରିଥାଏ। କେବଳ ପ୍ରଗତିପତ୍ର (ରିପୋର୍ଟକାର୍ଡ)ରେ ନମ୍ବର ଦେବା ନୁହେଁ, ଶିକ୍ଷା ହେଉଛି ଶିକ୍ଷାର୍ଥୀଙ୍କୁ ଜୀବନବ୍ୟାପୀ ଦକ୍ଷତା ସହିତ ସୁସଜ୍ଜିତ କରିବା। ଶିକ୍ଷକ ଭାବରେ ଆମେ ନିଜ ଭୂମିକା ଉପରେ ପ୍ରତିଫଳନ କରିବା ଦ୍ୱାରା ମାନବ ସମ୍ବଳ ଗଢିବାରେ ସହାୟକ ହୋଇଥାଏ। ଶିକ୍ଷକତାର ସେହି ବିଶାଳ ଦାୟିତ୍ୱ ଏବଂ ସୁଯୋଗକୁ ତାହା ଆଲୋକପାତ କରିଥାଏ। ଏଥିପାଇଁ ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ସହିତ ଶୈକ୍ଷିକ ଜ୍ଞାନ, ଭାବନାତ୍ମକ ବୁଦ୍ଧିମତ୍ତା ଏବଂ ଅତୁଟ ସମର୍ପଣ ଅପରିହାର୍ଯ୍ୟ। ଛାତ୍ରୀଛାତ୍ରଙ୍କ ଭାବନାକୁ ପ୍ରତିପୋଷଣ କରି ସେମାନଙ୍କୁ ବିଭିନ୍ନ ପରୀକ୍ଷାରେ ଏବଂ ବୃତ୍ତିଗତ ଜୀବନରେ ସଫଳତା ଆଡ଼କୁ ଅଗ୍ରସର କରାଇପାରିବା। ଶିକ୍ଷକ ଭାବରେ ନିଜର ବହୁମୁଖୀ ଭୂମିକାକୁ ଗ୍ରହଣ କରି ଆମେ ଛାତ୍ରୀଛାତ୍ରଙ୍କ ପାଇଁ ପରିବର୍ତ୍ତନକାରୀ ଅଭିଜ୍ଞତା ସୃଷ୍ଟି କରିପାରିବା।

**ବୈପାରୀଗୁଡ଼ା, କୋରାପୁଟ**
**ମୋ: ୬୩୭୦୬୭୯୪୦୫**

## ପାଠକ ଶ୍ରେଷ୍ଠ ବିଚାରକ

### ପଦବୀ ଛଡ଼ାଇନେବା ବ୍ୟବସ୍ଥା କରାଯାଉ

ମହାଶୟ,
ତା୧୬।୩।୨୦୨୬ରିଖରେ ଓଡ଼ିଶାର ୪ଟି ରାଜ୍ୟ ସଭା ସଦସ୍ୟଙ୍କ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଶାସକଦଳ, ବିରୋଧୀଦଳ ଓ ସ୍ୱାଧୀନ ଭାବେ ୫ ଜଣ ପ୍ରାର୍ଥୀ ଉଭାହୋଇଥିଲେ। ଯଦିଓ ବିଜେଡି–କଂଗ୍ରେସ ପ୍ରାର୍ଥୀ ଡ. ଦତ୍ତେଶ୍ୱର ହୋତା ଏହି ନିର୍ବାଚନ ବୈତରଣୀ ପାର ହୋଇଯିବା କଥା, କିନ୍ତୁ ଶେଷରେ ଏହି ୨ଦଳର କେତେଜଣ ବିଧାୟକଙ୍କ କ୍ରସ୍‌ଭୋଟିଂ ଯୋଗୁ ଦିଲୀପ ରାୟ ଜିତିଥିଲେ । ଉଭୟ ରାଜନୈତିକ ଦଳ ଯଥା କଂଗ୍ରେସ ଓ ବିଜେଡି ସେମାନଙ୍କ ଏହି ବିଧାୟକ/ବିଧାୟିକାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣକଲେ । ଦଳରୁ ବହିଷ୍କାର କରିବା ପ୍ରକୃତ ଦଣ୍ଡ ନୁହେଁ। ଆମ ମତରେ ଏହିପରି କ୍ରସ୍ ଭୋଟର ବିଧାୟକମାନେ ଯେଉଁ ଦଳରୁ ଠିଆହୋଇ ନିର୍ବାଚନ ଜିତିଥିଲେ ସେହି ଦଳକୁ ବିଶ୍ୱାସଘାତ କଲେ। ତେଣୁ କଡ଼ା ଆଇନ ଅଣାଯାଇ ଏପରି ବିଧାୟକମାନଙ୍କ ପଦବୀ ଛଡ଼ାଇନେବାର ବ୍ୟବସ୍ଥା କରାଯାଉ । ଯଦି ବିଧାନସଭା କାର୍ଯ୍ୟକାଳ ୧ ବର୍ଷ ବା ତା'ଠାରୁ କମ୍ ଥାଏ ସେ କ୍ଷେତ୍ରରେ ଆଉ ଏହି ଖାଲି ପଦବୀ ପାଇଁ ନିର୍ବାଚନ କରା ନ ଯାଉ । ହୁଏତ ସେମାନେ ଶାସକ ଦଳ ସହ ହାତ ମିଳାଇ ସେହି ଦଳରେ ସାମିଲ ହୋଇଯାଇପାରନ୍ତି । ଏପରି ଘଟଣା ପୂର୍ବରୁ ଘଟିଛି । ଏହି ବିଧାୟକମାନେ ଶାସକ ଦଳରୁ ଟିକେଟ ନେଇପାରନ୍ତି, ମାତ୍ର ତାଙ୍କ ପାରିବାପଣିଆ ଜଣାପଡ଼ିବ ।

**–ବିନୋଦ ବିହାରୀ ନାୟକ, ଚରମ୍ପା, ଭଦ୍ରକ**

## ଚିରନ୍ତନୀ

ଆଜି, ମୋତେ ଛାଡ଼ି ମୁଁ ଯେ
ଭୁବନେ ଆସିଛି
ପିଇଛି ସ୍ୱପନ–ସୁଧା
ଘର ଛାଡ଼ି ମୁଁ ଯେ ଘର ସଜାଡ଼ିଛି
ମୁକତ ମହା ବସୁଧା ।
–(ବିଶ୍ୱର ଆହ୍ୱାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବଜ୍ରପାତରେ ୩ ବଖରା ଜଳିଗଲା

**କୃଷ୍ଣପ୍ରସାଦ,୬।୪(କୈଳାସ ଚନ୍ଦ୍ର ପଟ୍ଟନାୟକ):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ପଞ୍ଚାୟତ ଅଧୀନ ଫତେପୁର ଗ୍ରାମରେ ବଜ୍ରପାତରେ ତିନି ବଖରା ଘର ଜାଳିଯାଇଛି। ଗ୍ରାମର ନକୁଳ ଗିରି, ସଞ୍ଜୟ ଗିରି ଏବଂ ରଞ୍ଜନ ଗିରିଙ୍କ ଘର ପୋଡ଼ିଯାଇଥିବା ଜଣାପଡ଼ିଛି। ଖବରପାଇ ମାଲୁଦ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ରାଜସ୍ୱ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାପଡ଼ିଛି।

### ନୂଆ ରୂପ ନେବ ରବୀନ୍ଦ୍ର ମଣ୍ଡପ, ଭଞ୍ଜକଳା ମଣ୍ଡପ

**ଭୁବନେଶ୍ୱର,୬।୪(ସୌମ୍ୟରଞ୍ଜନ ରାଉତ):** ରାଜଧାନୀର ଦୁଇ ପ୍ରମୁଖ ପ୍ରେକ୍ଷାଳୟ ରବୀନ୍ଦ୍ର ମଣ୍ଡପ ଓ ଭଞ୍ଜକଳା ମଣ୍ଡପର ରୂପ ବଦଳିବ। ଏହି ଦୁଇ ମଣ୍ଡପର ନବୀକରଣ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଯୋଜନା କରାଯାଇଛି। ବିଭିନ୍ନ କାର୍ଯ୍ୟକ୍ରମ ବୁକ୍ ହୋଇଥିବାରୁ ବିଚାରବିମର୍ଶ କରାଯାଇ ଆବଶ୍ୟକସ୍ଥଳେ ଚଳିତ ମାସ ସୁଦ୍ଧା କାର୍ଯ୍ୟ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି। ରବୀନ୍ଦ୍ର ମଣ୍ଡପର ବିଶ୍ରାମ କକ୍ଷଠାରୁ ଆରମ୍ଭ କରି ଗ୍ରୀନ୍ ରୁମ୍ ପର୍ଯ୍ୟନ୍ତ ସବୁକିଛି ନବୀକରଣ କରାଯିବ। ଅତିଥିଙ୍କ ବିଶ୍ରାମ ଲାଗି ଥିବା କକ୍ଷ ଛୋଟ ଥିବାରୁ ସଙ୍ଗୀତ ମହାବିଦ୍ୟାଳୟ ପାର୍ଶ୍ୱକୁ ବର୍ଦ୍ଧିତ କରାଯିବ। ଶୌଚାଳୟ ମରାମତି ସହିତ ସୋଫା ଏବଂ ଚେୟାର ବଦଳାଯିବ। ପ୍ରବେଶ ଦ୍ୱାରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିକୁ ରଙ୍ଗଦିଆଯିବ କିମ୍ବା ବଦଳାଯିବ। ରବୀନ୍ଦ୍ରନାଥ ଠାକୁରଙ୍କ ନାମରେ ଏହି ମଣ୍ଡପ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିମୂର୍ତ୍ତିଟି ଗୋଟିଏ କଡ଼କୁ ଥିବାରୁ ତାହା ଦୃଶ୍ୟମାନ ହେଉନାହିଁ। ତେଣୁ ଏହାକୁ ଦୃଶ୍ୟମାନ ହେବାଭଳି ମଣ୍ଡପ ସମ୍ମୁଖରେ ରଖାଯିବ। ମଣ୍ଡପ ପାଇଁ ସ୍ୱତନ୍ତ୍ରଭାବେ ୩ଟି ପୋଡିୟମ କରାଯିବ। ଦୁଇଟି ଭିତରେ ବା ମଞ୍ଚ ଉପରେ ରହିବ ଏବଂ ଅନ୍ୟଏକ ପୋଡିୟମ ମଞ୍ଚ ବାହାରେ ଗଣମାଧ୍ୟମ ବାଇଟ୍ ପାଇଁ ରହିବ। ସବୁ ପୋଡିୟମରେ ସଂସ୍କୃତି ବିଭାଗର ନାମ ଉଲ୍ଲେଖ ରହିବ। ଏସବୁ କାର୍ଯ୍ୟ ଖୁବ୍‌ଶୀଘ୍ର ହେବାକୁ ଥିବାବେଳେ ବିଶ୍ରାମ କକ୍ଷ ସମ୍ପ୍ରସାରଣ ଏପ୍ରିଲ ସୁଦ୍ଧା ହେବା ନେଇ ବିଭାଗ ପକ୍ଷରୁ ଯୋଜନା କରାଯାଇଛି। ସେହିପରି ଭଞ୍ଜକଳା ମଣ୍ଡପର ମଧ୍ୟ ନବୀକରଣ ହେବ। ଏହାର ଗ୍ରୀନ୍ ରୁମ୍ ସାଙ୍ଗକୁ ବିଶ୍ରାମ କକ୍ଷର ସମ୍ପ୍ରସାରଣ କରାଯିବ। କଳାକାର ଓ ଅତିଥି ବସିବା ପାଇଁ ପର୍ଯ୍ୟାପ୍ତ ସ୍ଥାନର ବ୍ୟବସ୍ଥା ହେବ। ମଞ୍ଚର ନୂଆ ସ୍କ୍ରିନ ସାଙ୍ଗକୁ ଆଲୋକ ବ୍ୟବସ୍ଥାକୁ ପରିବର୍ତ୍ତନ କରାଯିବ। ଏହାସହିତ ପୁରୁଣା ଚେୟାରକୁ ମଧ୍ୟ ବଦଳାଯିବ ।

# ପରିବା ବର୍ଜ୍ୟରୁ ଉତ୍ପାଦନ ହେବ ସିଏନ୍‌ଜି

**ନେକ୍ସବ୍ୟାଣ୍ଡ୍ ରିନ୍ୟୁଏବଲ୍ସ ସହ ଚୁକ୍ତି ସ୍ୱାକ୍ଷର କଲା ବିଏମ୍‌ସି**

■ ବେଗୁନିଆ ଖୁଣ୍ଟବନ୍ଧଠାରେ ୧୧.୨୭ ଏକର ଜମିରେ ପ୍ରତିଷ୍ଠା ହେବ ପ୍ଲାଣ୍ଟ




**ଭୁବନେଶ୍ୱର, ୬।୪(ବନ୍ଦନା ସେଠୀ)**

ଓଦା ବର୍ଜ୍ୟରୁ ଉତ୍ପାଦନ ହେବ କମ୍ପ୍ରେସ୍‌ଡ ନ୍ୟାଚୁରାଲ ଗ୍ୟାସ୍ (ସିଏନ୍‌ଜି)। ସହରରୁ ବାହାରୁଥିବା ପରିବା ଚୋପା ଓ ପଚା ପରିବାରୁ ଉତ୍ପାଦନ ହେବ ବାୟୋ ସିଏନ୍‌ଜି। ଏହାଦ୍ୱାରା ସହରର ପ୍ରଦୂଷଣ ଦୂର ହେବା ସହିତ ଗ୍ୟାସ୍ ସଙ୍କଟ ମଧ୍ୟ ହ୍ରାସ ପାଇବ। ଏନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବଂ ଓଦା ବର୍ଜ୍ୟରୁ ସିଏନ୍‌ଜି ପ୍ରସ୍ତୁତ କରିବାକୁ ଯାଉଥିବା ସଂସ୍ଥା ନେକ୍ସବ୍ୟାଣ୍ଡ୍ ରିନ୍ୟୁଏବଲ୍ସ ମଧ୍ୟରେ ସୋମବାର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ବିଏମ୍‌ସି ମୁଖ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମିଶନର ଚଞ୍ଚଳ ରାଣା ଏବଂ ନେକ୍ସ ବ୍ୟାଣ୍ଡ୍ ରିନ୍ୟୁଏବଲ୍ସ ସଂସ୍ଥାର ପରିଚାଳନା ନିର୍ଦ୍ଦେଶିକା ଲୋରୀ ଦାସ ଚୁକ୍ତି ସ୍ୱାକ୍ଷର କରିଥିଲେ। ଖୋର୍ଦ୍ଧା ଜିଲା ବେଗୁନିଆ ଖୁଣ୍ଟବନ୍ଧଠାରେ ୧୧.୨୭ ଏକର ଜମିରେ ଏକ ବିଶାଳ ବାୟୋ ସିଏନ୍‌ଜି ପ୍ଲାଣ୍ଟ ପ୍ରତିଷ୍ଠା କରାଯାଉଛି। ଏଥିରେ ଦୈନିକ ପ୍ରାୟ ୧୦୦ ଟନ୍ ନାପିୟର ଘାସ, ୫୦ ଟନ୍ ପରିବା ଆବର୍ଜନା ଏବଂ ୧୦ ଟନ୍ ଗୋବର ପ୍ରକ୍ରିୟାକରଣ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ରଖାଯାଇଛି। ଟିଟିଏସ୍, ୟୁନିଟ-୧ ହାଟ, ୟୁନିଟ୍-୪ ହାଟ, ଡମଣା ହାଟରୁ ପରିବା ଆବର୍ଜନା ସଂଗ୍ରହ କରାଯିବ। ଦିନକୁ ପ୍ରାୟ ୫୦ ମେଟ୍ରିକ ଟନ୍ ସଂଗୃହିତ ପରିବା ବର୍ଜ୍ୟକୁ ଚିହ୍ନିତ ସ୍ଥାନଗୁଡିକରେ ରଖାଯିବ ଏବଂ ଉକ୍ତ ସଂସ୍ଥା ସେହିସବୁ ସ୍ଥାନରୁ ନିଜସ୍ୱ ଖର୍ଚ୍ଚରେ ଆବର୍ଜନାକୁ କମ୍ପ୍ରେସ୍‌ଡ ବାୟୋ ଗ୍ୟାସ୍ ପ୍ଲାଣ୍ଟକୁ ନେଇ ସେଥିରୁ ଶକ୍ତି ଉତ୍ପାଦନ କରିବ। ଏହି ଚୁକ୍ତି ଏକ ଅଣ-ବ୍ୟବସାୟିକ ଏବଂ ପ୍ରାଥମିକ ଭାବେ ୧ବର୍ଷ ପାଇଁ କରାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ବିଏମ୍‌ସି ଅଞ୍ଚଳରେ ମାଇକ୍ରୋ କମ୍ପୋଷ୍ଟିଙ୍ଗ ସେଣ୍ଟର (ଏମ୍‌ସିସି)ଏବଂ ମ୍ୟାଟେରିଆଲ ରିକଭରି ଫ୍ୟାସିଲିଟି (ଏମ୍‌ଆର୍‌ଏଫ) ସେଣ୍ଟର କରାଯାଇ ପୃଥକୀକୃତ ବର୍ଜ୍ୟଗୁଡିକର ପ୍ରକ୍ରିୟାକରଣ କରାଯାଉଛି। ଏବେ ସେଥିରୁ ଖତ ପ୍ରସ୍ତୁତ କରାଯାଉଛି। ତେବେ ଏହି ବର୍ଜ୍ୟକୁ ଅଧିକ ଉନ୍ନତ ଓ ବୈଜ୍ଞାନିକ ପଦ୍ଧତିରେ ପ୍ରକ୍ରିୟାକରଣ କରି କିପରି ସେଥିରୁ ଶକ୍ତି ଉତ୍ପାଦନ କରାଯାଇ ପାରିବ ସେଥିପାଇଁ ବିଏମ୍‌ସି ପଦକ୍ଷେପ ନେଇଛି। ଏହି ପଦକ୍ଷେପ ବୈଜ୍ଞାନିକ ପ୍ରକ୍ରିୟାକରଣ ପାଇଁ ଜୈବିକ ପନିପରିବା ବର୍ଜ୍ୟକୁ ସ୍ଥାନାନ୍ତର କରି ସୈନିକ ସ୍କୁଲ ନିକଟରେ ଥିବା ଟିଟିଏସ୍ ଉପରେ ବୋଝକୁ ଯଥେଷ୍ଟ ହ୍ରାସ କରିବ। ବଜାରରୁ ପରିବା ବର୍ଜ୍ୟ ସଂଗ୍ରହ ଅଧିକ ନିୟମିତ ହେବା ସହ ବଜାର ଅଞ୍ଚଳର ପରିଚ୍ଛନ୍ନତା ବଜାୟ ରହିବ ଓ ପରିବା ବର୍ଜ୍ୟର ସଦୁପଯୋଗ ହୋଇପାରିବ। ଏହି ପଦକ୍ଷେପ ବିଏମ୍‌ସିର ପରିବହନ ଭାର ଏବଂ ଏ ସମ୍ବନ୍ଧିତ ପରିଚାଳନାଗତ ସମସ୍ୟା ଓ ଖର୍ଚ୍ଚକୁ ମଧ୍ୟ ହ୍ରାସ କରିବ ବୋଲି ଆଶା କରାଯାଉଛି। କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ଅତିରିକ୍ତ କମିଶନର କୈଳାସଚନ୍ଦ୍ର ଦାସ, ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ବିଭିନ୍ନ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା, ଅଧ୍ୟକ୍ଷ ଓ କର୍ପୋରେଟର, ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମୋବିଲ ଚୁଲା ତିଆରି କରି ଚର୍ଚ୍ଚାରେ ଭାସ୍କର



**ଖୋର୍ଦ୍ଧା,୬।୪(ପ୍ରଭାତ ପାଣିଗ୍ରାହୀ)**

ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧ ପାଇଁ ତୈଳ ଓ ରନ୍ଧନ ଗ୍ୟାସ୍ ସମସ୍ୟା ଦିନକୁ ଦିନ ବଢ଼ିଚାଲିଛି। ଏଭଳି ସ୍ଥିତିରେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଗେଡ଼ିଆପଲ୍ଲୀ ଗ୍ରାମର ଭାସ୍କର ଚନ୍ଦ୍ର ପ୍ରଧାନ ରନ୍ଧନ ଗ୍ୟାସ୍‌ର ଅଭାବ ପୂରଣ କରିବା ପାଇଁ ଏକ ଅଭିନବ ଉପାୟ ବାହାର କରିଛନ୍ତି। ସେ ମୋବିଲ ଚୁଲା ତିଆରି କରି ଏବେ ଚର୍ଚ୍ଚାରେ ଅଛନ୍ତି। ଗ୍ରାମରେ ସାଧାରଣ ଲୋକେ ମୋବିଲ ଚୁଲା ବ୍ୟବହାର କରିବା ଆରମ୍ଭ କରିଥିବା ବେଳେ ଗଣମାଧ୍ୟମରୁ ଖବରପାଇ ବହୁ ସ୍ଥାନରୁ ଲୋକେ ମୋବିଲ ଚୁଲା ନେବାକୁ ଆସୁଥିବା ଦେଖିବାକୁ ମିଳିଛି।

ଗ୍ରାମରେ ଭାସ୍କର ଏକ ୱେଲ୍ଡିଂ ଦୋକାନ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଏବେ ଯୁଦ୍ଧ ପ୍ରଭାବରେ ଗ୍ୟାସ୍ ସମସ୍ୟା ଦେଖାଦେଇଥିବା ବେଳେ ଏହାର ସମାଧାନ କିପରି କରିହେବ ସେ ଏନେଇ ୟୁଟ୍ୟୁବରେ ପୋଡା ମୋବିଲ ବ୍ୟବହାର କରି କିପରି ରନ୍ଧନ ପାଇଁ ଉପଯୋଗ ହୋଇପାରିବ ଜାଣିବାକୁ ପାଇଥିଲେ। ଏହା ପରେ ସେ ପୋଡ଼ା ମୋବିଲ ଚୁଲା କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ପ୍ରଦୂଷଣ ମୁକ୍ତ ଗ୍ୟାସ ଭଳି ନୀଳ ଫ୍ଲେମରେ ଏହା ଜଳୁଥିବା ଦେଖିବାକୁ ମିଳିଛି। ଭାସ୍କର କହିଛନ୍ତି, ପରିବାରର ଜଣେ ସଦସ୍ୟ ଗ୍ୟାସ ଟାଙ୍କି ବିସ୍ଫୋରଣ ଯୋଗୁ ମୃତ୍ୟୁବରଣ କରିଥିବା ଘଟଣା ବିଚଳିତ କରିଥିଲା। କିପରି ଗ୍ୟାସ ଚୁଲା ଭଳି ଏକ ରନ୍ଧନ ସାମଗ୍ରୀ ପାଇଁ ଚୁଲା ପ୍ରସ୍ତୁତ କରିବେ ତାହା ବିପଦମୁକ୍ତ ହୋଇପାରିବ ସେ ଦିଗରେ ପ୍ରୟାସ ଜାରି ରଖିଥିବା ବେଳେ ଏହି ସଫଳତା ପାଇଥିଲେ। ଏହା ପ୍ରଦୂଷଣ ମୁକ୍ତ ଏବଂ ଛୋଟ ପରିବାରଠାରୁ ଭୋଜିରେ ମଧ୍ୟ ଏହି ଚୁଲା ବ୍ୟବହାର ହୋଇପାରିବ। ଏହା ଏବେ ତାଙ୍କର ରୋଜଗାର ମାଧ୍ୟମ ପାଲଟିଛି। ଏହି ଚୁଲା ପରିବେଶ ଉପଯୋଗୀ। ସମସ୍ତଙ୍କ ଘରେ ଗାଡ଼ି ଅଛି, ପୋଡ଼ା ମୋବିଲ ନ ଫୋପାଡି ଏହାକୁ ଜାଳେଣିରେ ଉପଯୋଗ ପାଇଁ ଭାସ୍କର ବାର୍ତ୍ତା ଦେଇଛନ୍ତି।

# ୫ ନୂଆ ଡିଏସ୍‌ପିଙ୍କୁ ଜନସେବାରେ ବ୍ରତୀ ହେବାକୁ ଆହ୍ୱାନ



**ଦୀକ୍ଷାନ୍ତ ସମାରୋହ**

■ ସାଇବର ଏବଂ ସଂଗଠିତ ଅପରାଧ ମୁକାବିଲା ପାଇଁ ଡିଜିପିଙ୍କ ପରାମର୍ଶ

■ ସୃଷ୍ଟିଙ୍କୁ ସର୍ବଶ୍ରେଷ୍ଠ ପ୍ରୋବେଶନର ଭାବେ ଗଭର୍ନର ମେଡାଲ

**ଭୁବନେଶ୍ୱର,୬।୪(ତ୍ରିନାଥ ମହାନ୍ତି)**

ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀରେ ଦୀକ୍ଷାନ୍ତ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ନବମ ବ୍ୟାଚ୍‌ର ୫ଜଣ ଡିଏସ୍‌ପି ସଫଳତାର ସହ ମୌଳିକ ପ୍ରଶିକ୍ଷଣ ସମାପ୍ତ କରି ଏହି ଦୀକ୍ଷାନ୍ତ ସମାରୋହରେ ଭାଗ ନେଇଥିଲେ। ଏହି ଅବସରରେ ଡିଜିପି ସମସ୍ତ ନବନିଯୁକ୍ତ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କୁ ଓଡ଼ିଶା ପୋଲିସର ନୂତନ ଶକ୍ତି ଭାବେ ଜନସେବାରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ।

ଡିଜିପି କହିଥିଲେ, ଏକାଡେମୀ ପକ୍ଷରୁ ପ୍ରଦାନ କରାଯାଇଥିବା ଗୁଣାତ୍ମକ ପ୍ରଶିକ୍ଷଣ ନୂତନ ଅଧିକାରୀମାନଙ୍କୁ ଦାୟିତ୍ୱବାନ, ସକ୍ଷମ ଓ ପେସାଦାର ଭାବେ ଗଢ଼ିତୋଳିବ। ଆଗାମୀ ଦିନରେ ସାଇବର ଅପରାଧ, ସଂଗଠିତ ଅପରାଧ ଓ ଅନ୍ୟାନ୍ୟ ଚ୍ୟାଲେଞ୍ଜକୁ ସାହସ ଓ ସତ୍ୟନିଷ୍ଠାର ସହିତ ମୁକାବିଲା କରିବା ପାଇଁ ଡିଜିପି ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପୋଲିସ ବ୍ୟବସ୍ଥାକୁ ସଶକ୍ତ ଓ ଆଧୁନିକ କରିବା ପାଇଁ ବିଭିନ୍ନ ପଦକ୍ଷେପ ବିଷୟରେ ମଧ୍ୟ ସେ ଉଲ୍ଲେଖ କରିଥିଲେ। ନୂତନ ପଦବୀ ସୃଷ୍ଟି, ନିଯୁକ୍ତି ପ୍ରକ୍ରିୟା, ଓଏସ୍‌ଏସ୍‌ଏଫ, ଓଆଇଏସ୍‌ଏଫ ଏବଂ ଓଡ୍ରାଫ ୟୁନିଟର ବିସ୍ତାର ଓ ଟ୍ରାଫିକ ପରିଚାଳନାକୁ ସୁଦୃଢ଼ କରିବା ପଦକ୍ଷେପଗୁଡିକ ପୋଲିସ ବାହିନୀକୁ ଆହୁରି ଶକ୍ତିଶାଳୀ କରୁଥିବା ସେ କହିଥିଲେ। ସେହିପରି, ନୂତନ ଆପରାଧିକ ଆଇନଗୁଡିକର ସଠିକ କ୍ରିୟାନ୍ୱୟନ ଓ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧିରେ ପୋଲିସର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଡିଜିପି କୃତୀ ପ୍ରଶିକ୍ଷାର୍ଥୀମାନଙ୍କୁ ସମ୍ମାନିତ ଓ ପୁରସ୍କୃତ କରିଥିଲେ। ସୃଷ୍ଟି ପ୍ରଧାନଙ୍କୁ ସର୍ବଶ୍ରେଷ୍ଠ ପ୍ରୋବେଶନର ଭାବେ ଗଭର୍ନର ମେଡାଲ ଏବଂ ଟ୍ରଫି ସହିତ ଇନ୍‌ଡୋର ବିଷୟରେ ସର୍ବୋଚ୍ଚ ନମ୍ବର ଓ ଏନ୍‌ଆଇସିଏଫ୍‌ଏସ୍ ମେଡାଲ ଅର୍ଜନ କରିଥିଲେ। ସେହିପରି ସୌରଭ ରଞ୍ଜନ ପ୍ରଧାନ ଦ୍ୱିତୀୟ ସର୍ବଶ୍ରେଷ୍ଠ ପ୍ରୋବେଶନର ଭାବେ ସମ୍ମାନିତ ହେବା ସହ ଆଉଟଡୋର ବିଷୟରେ ସର୍ବୋଚ୍ଚ ନମ୍ବର ପାଇଥିଲେ। ପଙ୍କଜ ମାଝୀ ଏଇଟି କୋର୍ସରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଡାଇରେକ୍ଟର ଟ୍ରଫି ଲାଭ କରିଥିଲେ। ଏହି ସଫଳତା ପ୍ରଶିକ୍ଷାର୍ଥୀମାନଙ୍କ କଠୋର ପରିଶ୍ରମ, ନିଷ୍ଠା ଓ ଉଚ୍ଚମାନର ପ୍ରଶିକ୍ଷଣ ପାଇଁ ସମ୍ଭବ ହୋଇପାରିଥିବା ଡିଜିପି କହିଥିଲେ। ସମାରୋହରେ ଏକାଡେମୀର ନିର୍ଦ୍ଦେଶିକା ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ( ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା) ଏସ୍. ସାଇନି ଏବଂ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

## ଜମୁଛି ମୁଣ୍ଡମୁହାଣ ରାମଲୀଳା

**ଯାଁଳା,୬।୪(ବୁଲା ବାରିକ):** ଜଟଣୀ ବ୍ଲକ ଯାଁଳା ପଞ୍ଚାୟତର ମୁଣ୍ଡମୁହାଣ ଗ୍ରାମର ରଘୁନାଥ ଦେବଙ୍କ ପୀଠରେ ରାମଲୀଳା ନାଟକ ରଘୁନାଥ ଦେବ ନାଟ୍ୟ ପରିଷଦର କଳାକାରମାନଙ୍କ ଦ୍ୱାରା ପରିବେଷଣ ହେଉଛି। ସୋମବାର ସନ୍ଧ୍ୟାରେ ରାମନାଟକ ଛତ୍ରମୁକୁଟ ଓ ଅଙ୍ଗଦପଡ଼ି ପରିବେଷିତ ହୋଇଥିଲା। ନାଟକରେ ଭରତ ବାରିକ ରାମ ଭୂମିକାରେ ଅଭିନୟ କରିଥିବା ବେଳେ ସୁନୀଲ ମଙ୍ଗରାଜ ଲକ୍ଷ୍ମଣ, ମୁରଲୀ ପ୍ରଧାନ ସୀତା, ସଙ୍କର୍ଷଣ ମଙ୍ଗରାଜ ହନୁମାନ, ସନ୍ତୋଷ ପ୍ରଧାନ ରାବଣ, ସଞ୍ଜୟ ପରିଡ଼ା ମନ୍ଦୋଦରୀ, ସୁକାନ୍ତ ପରିଡା ତ୍ରିଜଟା ପ୍ରମୁଖ କଳାକାରଙ୍କ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଚରଣ ମଙ୍ଗରାଜ, ମିଟୁ ପ୍ରଧାନ ବାଦ୍ୟଯନ୍ତ୍ର ପରିଚାଳନା କରିଥିଲେ। ରାମାୟଣର ଏହି କଥାବସ୍ତୁ ଦେଖିବାକୁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା।

## ଉତ୍କଳିକା କୋଚିନ ଓଡ଼ିଆ ସଂଘର ପ୍ରତିଷ୍ଠା ଉତ୍ସବ

**ଭୁବନେଶ୍ୱର,୬।୪(ବନ୍ଦନା ସେଠୀ)**

ଉତ୍କଳିକା କୋଚିନ ଓଡ଼ିଆ ସଂଘର ୧୬ତମ ପ୍ରତିଷ୍ଠା ଉତ୍ସବ ସହ ଓଡ଼ିଶା ଦିବସ ସମାରୋହ ପାଳିତ ହୋଇଯାଇଛି। କେରଳର କୋଚି କୁଣ୍ଡାନୁରସ୍ଥିତ ପେଟ୍ରୋ ହାଉସ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଘ ଉପାଧ୍ୟକ୍ଷା ରୁବିତା ସାମନ୍ତ ଅଧ୍ୟକ୍ଷତା କରିବା ସହ ଉଦ୍‌ବୋଧନ ଦେଇଥିଲେ। ଓଡ଼ିଆ ଭାଷାର ପ୍ରଚାର କରିବା ସହ ପ୍ରବାସୀ ଶ୍ରମିକଙ୍କ ଶିଶୁମାନଙ୍କୁ ଓଡ଼ିଆ ଭାଷା ଶିକ୍ଷା ଦେଉଥିବା ରୁବିତା ସାମନ୍ତ ଓ ଶ୍ୱେତା ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଶିକ୍ଷାର୍ଥୀମାନଙ୍କୁ ମଧ୍ୟ ଓଡ଼ିଆ ଭାଷା ଶିଖିବା ଓ ଅଭ୍ୟାସ ପାଇଁ ପ୍ରମାଣପତ୍ର ଦିଆଯାଇଥିଲା। ଅତିଥିଙ୍କ ଦ୍ୱାରା ସଂଘର ବାର୍ଷିକ ସ୍ମରଣିକା 'ଚନ୍ଦ୍ରଭାଗା ୨୦୨୬'ର ଅଷ୍ଟମ ସଂସ୍କରଣ ଉନ୍ମୋଚନ ହୋଇଥିଲା।

**ODISHA HYDRO POWER CORPORATION LTD.**
**O/o. Sr. GENERAL MANAGER, HIRAKUD, HYDRO ELECTRIC PROJECT**
POST Box No.5, Burla-768017, District: Sambalpur (Odisha) India
Phone:0663-2910721 (O), 2950765 (R) E-Mail: srgmhps_burla@yahoo.co.in
CIN:U40101OR1995SGC003963

NO.HHEP/Tech-W-199/2190 Date:04.04.2026

**TENDER CALL NOTICE NO. HHEP-31/2026**

**No.4001/9/2627:** Sealed Tenders are invited in two parts i.e. (i) Techno Commercial bid & (ii) Price Bid in separate sealed envelopes from reputed manufacturers/ authorized dealers / supplies for supply of following materials to HHEP, Burla as mentioned below.

| Discription of Work | Cost of tender Paper (non-ferundable) in Rs. | EMD in shape of DD/BC (Refundable) in Rs. |
|---|---|---|
| Supply of Electrical consumable items for Residential and Non-Residential Buildings of HHEP, Burla | Rs.4720/-, (Rs.4000 + GST@ 18%) | 6200/- |

• Sale of tender paper: 09.04.2026 (10.00 AM) to 21.04.2026 upto 11.30 AM • Receipt of tender paper: 21.04.2026 upto 12.00 Noon • 3. Date & time of opening of tender.: 21.04.2026 at 12.30 PM. • Further details of tender documents, terms & conditions, corrigendum etc to the tender call notice. Please visit our website **www.ohpcltd.com**

OIPR-4001/4007/1/26-27/0001 Sd./- C&P Head, HHEP, Burla

## ୩୦ ଗ୍ରାମ୍‌ର ସୁନା ଚେନ୍‌ଚୋରି, କେୟାରଟେକର ଗିରଫ

**ଭୁବନେଶ୍ୱର,୬।୪(ପ୍ରସନଜିତ୍ ସାହୁ):** ସେବା କରିବା ଆଳରେ ଲୁଟ୍ କରି କେୟାର ଟେକର ଗିରଫ ହୋଇଛନ୍ତି। ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ସ୍ନିଗ୍ଧାରାଣୀ ପଟ୍ଟନାୟକଙ୍କ ଘରେ ଏମିତି ଘଟିଥିବା ସୂଚନା ମିଳିଛି। ଶଯ୍ୟାଶାୟୀ ସ୍ୱାମୀଙ୍କ ଯତ୍ନ ନେବା ପାଇଁ ସ୍ନିଗ୍ଧାରାଣୀ ଡି. ବିମଳା ରେଡ୍ଡୀଙ୍କୁ କେୟାରଟେକର ଭାବେ ନିୟୋଜିତ କରିଥିଲେ। ଗତ ମାର୍ଚ୍ଚ ୩୧ରେ ସେ ଘରୁ ଅଳ୍ପ ସମୟ ପାଇଁ ବାହାରକୁ ଯାଇ ଫେରିବା ପରେ ପ୍ରାୟ ୩୦ଗ୍ରାମ ଓଜନର ସୁନା ଚେନ ଚୋରି କରି ଡି. ବିମଳା ରେଡ୍ଡୀ ଘରୁ ପଳାଇ ଯାଇଥିବା ଦେଖିଥିଲେ।

## ସିଙ୍ଗାପୁରରେ ଓଡ଼ିଶା ଦିବସ ପାଳିଲା ଓଡ଼ିଆ ସମାଜ

**ଖୋର୍ଦ୍ଧା,୬।୪(ପ୍ରଭାତ ପାଣିଗ୍ରାହୀ)**

ସିଙ୍ଗାପୁର ଓଡ଼ିଆ ସମାଜ (ଓଏସ୍‌ଏସ୍) ପକ୍ଷରୁ ଜିଆଇଆଇଏସ୍ ଅଡିଟୋରିୟମରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାର ସମୃଦ୍ଧ ସାହିତ୍ୟ, ସଂସ୍କୃତି ଓ ପାରମ୍ପରିକ ଐତିହ୍ୟ ପ୍ରଦର୍ଶନୀ କରାଯାଇଥିଲା। ଓଏସଏସ୍ ସଭାପତି ସୁବ୍ରତ ନାୟକ ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅଭିଭାଷଣରେ ଓଡ଼ିଶାର କଳା, ସାହିତ୍ୟ, ଭାସ୍କର୍ଯ୍ୟ, ଗୌରବମୟ ଇତିହାସକୁ ମନେପକାଇଥିଲେ। ମୁଖ୍ୟ ଅତିଥିଭାବେ ସିଙ୍ଗାପୁରରେ ଭାରତର ଉଚ୍ଚାୟୁକ୍ତ ଶିଳ୍ପକ ଅମ୍ବୁଲେ ଯୋଗଦେଇଥିଲେ। ଓଡ଼ିଶା ଦିବସ ପାଳନ ମୁଖ୍ୟ ଆକର୍ଷଣ ଥିଲା ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନଙ୍କ ଲାଇଭ ସ୍ୟାଣ୍ଡ ଆନିମେଶନ ପ୍ରଦର୍ଶନ। ପ୍ରାୟ ୩୦ ମିନିଟରେ ଏହି ପ୍ରଦର୍ଶନରେ ସେ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପରମ୍ପରା ଓ ପର୍ଯ୍ୟଟନ ସହିତ ସିଙ୍ଗାପୁରର ଐତିହ୍ୟକୁ ସୁନ୍ଦରଭାବେ ଚିତ୍ରାଙ୍କନ କରିଥିଲେ। ବାଲୁକାକଳା ମାଧ୍ୟମରେ ଓଡ଼ିଶାର ବରପୁତ୍ର, ଐତିହ୍ୟ କୀର୍ତ୍ତିରାଜି, ଶ୍ରୀମନ୍ଦିର, ପାଇକଙ୍କ ବୀରତ୍ୱକୁ ଜୀବନ୍ତ କାହାଣୀରେ ପରିଣତ କରିଥିଲେ। ପ୍ରତ୍ୟେକ ଦୃଶ୍ୟ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଏହା ସହିତ ସୁଦାମ କୋଣାର୍କ ମନ୍ଦିର ଉପରେ ଆଧାରିତ ଏକ ଛୋଟ ଟେବଲ୍‌ଟପ ବାଲୁକା ଶିଳ୍ପ ସୃଷ୍ଟି କରିଥିଲେ, ଯାହାକୁ ଦର୍ଶକମାନେ ପସନ୍ଦ କରିଥିଲେ। ମୁଖ୍ୟ ଅତିଥି ସୁଦାମଙ୍କ କଳାକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନ ସହିତ ଯୁବ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଅନୁଷ୍ଠାନର ସଚିବ ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ସଦସ୍ୟ ସଞ୍ଜୀବ ସାହୁ, ସ୍ୱାଗତିକା ବିଶ୍ୱାଳ, ରଞ୍ଜିତ ସାହୁ, ସାଲୋନୀ ଦାସ, ବିଜୟଲକ୍ଷ୍ମୀ ବେହେରା, ମନୋରମା ଜେନା, ଶାରଦା ସାହୁ, ଲଗ୍ନଜିତ ପଟ୍ଟନାୟକ, ସୌମ୍ୟ ପାଲ, ସତ୍ୟମ ପାଣ୍ଡା, ସୁଶାନ୍ତ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।

**ROURKELA DEVELOPMENT AUTHORITY**
RDA
UDITNAGAR: ROURKELA-769012
No. 495/RDA., dated 31/03/26

**PROCLAMATION**

**No.13001/57/2627** : It is hereby informed to the General public that **Smt. Santilata Panda**, W/o- Late Niranjan Panda, has applied for permission for transfer of **House site No.-E/81, under CHP-I, Chhend, Rourkela-15** in favour of **Sri Biswajit Das, S/o- Bibhuti Bhusan Das**, Anybody has got objection to the proposed transfer, he/she may file objection petition before the undersigned within 15 (fifteen) days from the date of publication of this proclamation. Objection petition shall not be entertained after expiry of the stipulated Period.

Sd./- Secretary
Rourkela Development Authority
OIPR-13001/13250/1/26-27/0005

**PANCHAYAT SAMITI, GUMMA, DIST-GAJAPATI (ODISHA) PIN-761207**

AdvNo-01/ 2026-27 Dt:06.04.2026

**Tender Call Notice**

**No.19001/14/2627** : Sealed tenders (Percentage rate) are invited for 04 nos of works from the interested "B"/"C"/"D" Class Contractors registered with the Govt. for execution of civil works under Panchayat Samiti, Gumma, Dist- Gajapati. The details notification is available at official website **www.Gajapati.odisha.gov.in**. Interested bidders fulfilling the eligibility criteria may submit their proposal(s) to the Panchayat Samiti, Gumma, Gajapati, Proposal(s) complete in all respect should reach the undersigned on or before **3.00PM of 21.04.2026** through Regd/Speed post and the same will be opened on **11.00 AM of 22.04.2026**. The undersigned reserves the right to reject any or all the tender(s) without assigning any reason thereof.

Sd./- Block Development Officer,
Gumma, Gajapati
OIPR-19001/19347/1/26-27/0001

GOVERNMENT OF ODISHA
**OFFICE OF THE SUPERINTENDING ENGINEER PHULBANI (R&B) DIVISION, PHULBANI**
e-Procurement Notice / Invitation for Bids (IFB)
Bid Identification No. SE-(R&B)-PLB- 16/ 2025 - 26
Letter No. 2439 /Dtd.30.03.2026

**No.34001/27/2627** : The Superintending Engineer, Phulbani (R&B) Division, Phulbani on behalf of the Governor of Odisha invites Percentage rate bids in online mode for the following work:

- Name of the Work: PROVISION FOR ANNUAL COMPREHENSIVE ANNUAL MAINTENANCE OF FIRE FIGHTING AND ALARM SYSTEM AT M.C.H BUILDING, DHH PHULBANI IN THE DISTRICT OF KANDHAMAL.
- Value of Work : **Rs. 24,11,379.00**
- **Class of Contractor** : "MV"or "HT" or Above
- **Period of Completion** : 12 (Twelve) Calendar Months
- **Availability of Bid Documents in Portal** : From 10.00 AM of 04.04.2026 to 5.00 PM of 18.04.2026
- **Date of Opening of Bids** : 11.30 Hours on 20.04.2026

Further details, addendums, corrigendums or cancellations can be seen from the e- procurement portal website: http://tendersodisha.gov.in.

Sd./- Superintending Engineer
Phulbani (R&B) Division
OIPR-34001/34066/1/26-27/0002

**OFFICE OF THE ROURKELA MUNICIPAL CORPORATION**
Udit Nagar, Rourkela Dist.-Sundargarh (Odisha) Pin-769012
Website:www.rmc.nic.in, EmailId:rourkelamunicipality@gmail.com
No. 3932 Date : 30.03.2026

**Tender Call Notice**

**No.13001/60/2627** : The Municipal Commissioner on behalf of Rourkela Municipal Corporation invites sealed applications in conformation with detailed Quotation call notice from the reputed firms /Agencies for **"Supply of 100 Nos. of Tricycle & 100 Nos. Wheelbarrow to Rourkela Municipal Corporation"**.
For detail technical specifications along with Terms & Conditions etc. may be seen from the Website of www.tendersorissa.gov.in

Sd./- Commissioner
Rourkela Municipal Corporation
OIPR-13001/13131/1/26-27/0003

**OFFICE OF THE UTKAL BALASHRAM, BALASORE SAKHA**
Letter No. 713/UBBS/Date: 04.04.2026

**TENDER CALL NOTICE**

**No.27001/6/2627** : The sealed Tenders are invited from the intending Registred firm/ Registred supplier for supply of (A) Grocery, (B) Vegetables, (C) Non-Veg Item, (D) Sanitary Item, (E) Study Material, (F) Electrical Item, (G) Bedding, (H) Clothing, (I) Miscellaneous, (J) Baby Food & Sanitary Item, (K) Sports Item, (L) Office Stationary, (M) Cleaning Accessories For the use of inmates of Utkal Balashram, Balasore Sakha for the year 2026-27. The same can be purchased from the Honorary Secretary, Utkal Balashram, Sahadevkhunta, Balasore, 756001 on any Working day till 5 P.M. of 20.04.2026 on payment as per specification. The tender document can also be downloaded from the website https://balasore.odisha.gov.in/

The last date submission of Tender paper by Registred/ Speed post is on or before 21.04.26 till 5 P.M.

Sd./- DSWO-cum-Hon. Secretary
Utkal Balashram, Balasore
OIPR-27001/27196/1/26-27/0001

केनरा बैंक Canara Bank
सिंडिकेट Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁନ୍ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତା/ ଜାମିନ୍‌ଦାରଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଖୁଣ୍ଟକଟା ଶାଖା** (୧)ଶ୍ରୀ ସ୍ୱରୂପ ଖଟୁଆ (ଋଣଗ୍ରହୀତା/ବନ୍ଧକଦାତା), ପିତା: ପ୍ରହଲାଦ ଖଟୁଆ, ସା: ବଡଭୂଇଁଦେଶ, ପୋ: ବଡଭୂଇଁ, ଥାନା: ଆଠଗଡ, ଜିଲ୍ଲା: କଟକ, ଓଡିଶା, ପିନ୍- ୭୫୪୦୨୯ । | (କ)ଟ.୨୨,୯୯,୦୦୦/- / (ଖ) ୩୦.୦୩.୨୦୨୬ / (ଗ) ୦୨.୦୪.୨୦୨୬ | ୨୬.୦୩.୨୦୨୬ ସୁଦ୍ଧା ଟ.୧୬,୨୫,୨୪୭.୮୧ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ ସ୍ୱରୂପ ଖଟୁଆ**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.୩୬୯/୮୨୧, ମୌଜା: ବଡଭୂଇଁଦେଶ, ଥାନା/ତହସିଲି: ଆଠଗଡ, ଥାନା ନଂ.୧୧, ଜିଲ୍ଲା: କଟକ, (୧) ପ୍ଲଟ ନଂ.୭୪୯/୨୯୯୩, ଏରିଆ: ଏ୦.୦୩୦ ଡିସିମିଲି, କିସମ: ଘରବାରୀ, ଚାରିପାର୍ଶ୍ୱରେ: ଉତ୍ତର- ଭ୍ରମରବର ଚୌଧୁରୀ, ଦକ୍ଷିଣ- ରଙ୍ଗବତି ଖଟୁଆ, ପୂର୍ବ- ଶତୃଘ୍ନ ଡାଳୁଆ, ପଶ୍ଚିମ- ଭ୍ରମରବର |

ଚୌଧୁରୀ, (୨) ପ୍ଲଟ ନଂ.୭୫୦, ଏରିଆ: ଏ୦.୦୯୦ ଡିସିମିଲି, କିସମ: ଘରବାରୀ, ଚାରିପାର୍ଶ୍ୱରେ: ଉତ୍ତର- ଭ୍ରମରବର ଚୌଧୁରୀ, ଦକ୍ଷିଣ-ଧ୍ରୁବ ପଣ୍ଡା, ପୂର୍ବ- ରଙ୍ଗବତି ଖଟୁଆ, ପଶ୍ଚିମ- ରାସ୍ତା, (୩) ପ୍ଲଟ ନଂ.୭୫୨, ଏରିଆ: ଏ୦.୦୮୦ ଡିସିମିଲି, କିସମ: ଘରବାରୀ, ଚାରିପାର୍ଶ୍ୱରେ: ଉତ୍ତର- ଭ୍ରମରବର ଚୌଧୁରୀ, ଦକ୍ଷିଣ- ଗୋବର୍ଦ୍ଧନ ପଣ୍ଡା, ପୂର୍ବ- ଶତୃଘ୍ନ ଡାଳୁଆ, ପଶ୍ଚିମ- ସୁକୁମାରୀ ବେଓ୍ୱା ।

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିନ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

ତାରିଖ: ୦୬.୦୪.୨୦୨୬, ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

## ସଂକ୍ଷେପରେ

### ଡିଭାଇଡରକୁ ଧକ୍କା ଦେଲା କାର, ୫ ଆହତ

ଭୁବନେଶ୍ୱର,୬।୪(ପ୍ରସନଜିତ୍ ସାହୁ): ରାଜଧାନୀରେ ଡ୍ରଙ୍କ ଆଣ୍ଡ ଡ୍ରାଇଭ୍। ଶିଶୁ ଭବନ ଓଭରବ୍ରିଜ ଉପରେ ଡିଭାଇଡରକୁ ଏକ କାର ଧକ୍କା ଦେଇଛି। କାର୍‌ରେ ୨ଜଣ ଯୁବକ ଓ ୩ଜଣ ଯୁବତୀ ଥିବା ଜଣାପଡ଼ିଛି। ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଇ ଏଭଳି ଘଟଣା ଘଟିଥିବା ପୋଲିସ ସନ୍ଦେହ କରିଛି। ଆହତ ସମସ୍ତଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜଣଙ୍କ ଅବସ୍ଥା ଗୁରୁତର ଥିବାବେଳେ ଗାଡ଼ି ଚାଳକ ସ୍ଥାନୀୟ ଅଞ୍ଚଳର ବୋଲି ଜାଣିବାକୁ ମିଳିଛି। କ୍ୟାପିଟାଲ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ିଟିକୁ ଜବତ କରିଛି। କିଛିଦିନ ପୂର୍ବେ ଏହି ସ୍ଥାନରେ ସମାନ ଘଟଣା ଦେଖିବାକୁ ମିଳିଥିଲା। ତେବେ ରାଜଧାନୀରେ ପୋଲିସ ରାତି ସମୟରେ ଚେକିଂ ବ୍ଲକିଙ୍ଗ କଡ଼ାକଡ଼ି କରୁନଥିବାରୁ ଏଭଳି ସ୍ଥିତି ଦେଖିବାକୁ ମିଳୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

### ୩୦ ଗ୍ରାମର ସୁନାଚେନ୍ ଚୋରି, କେୟାରଟେକର ଗିରଫ

ସେବା ଆଳରେ ବିଶ୍ୱାସରେ ବିଷ ଦେଲେ

ଭୁବନେଶ୍ୱର,୬।୪(ପ୍ରସନଜିତ୍ ସାହୁ): ସେବା କରିବା ଆଳରେ ଲୁଟ କଲେ କେୟାର ଟେକର। ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ସ୍ନିଗ୍ଧାରାଣୀ ପଟ୍ଟନାୟକଙ୍କ ଘରେ ଏମିତି ଘଟିଥିବା ସୂଚନା ମିଳିଛି। ଶଯ୍ୟାଶାୟୀ ସ୍ୱାମୀଙ୍କ ଯତ୍ନ ନେବା ପାଇଁ ସ୍ନିଗ୍ଧାରାଣୀ ଡି. ବିମଳା ରେଡ୍ଡୀଙ୍କୁ କେୟାରଟେକର ଭାବରେ ନିୟୋଜିତ କରିଥିଲେ। ଗତ ମାର୍ଚ୍ଚ ୩୧ ତାରିଖରେ ସେ ଘରୁ ଅଳ୍ପ ସମୟ ପାଇଁ ବାହାରକୁ ଯାଇ ଫେରିବା ପରେ ପ୍ରାୟ ୩୦ଗ୍ରାମ ଓଜନର ସୁନା ଚେନ ଚୋରି କରି ଡି. ବିମଳା ରେଡ୍ଡୀ ଘରୁ ପଳାଇ ଯାଇଥିବା ଦେଖିଥିଲେ। ଏହି ଘଟଣାକୁ ନେଇ ସେ ଲକ୍ଷ୍ମୀସାଗର ଥାନାରେ ଏତଲା ଦେବାପରେ ପୋଲିସ ଏକ ମାମଲା(ନଂ. ୧୯୫/୨୦୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରବିବାର ପୋଲିସ ଅଭିଯୁକ୍ତାଙ୍କୁ ତାଙ୍କ ଜନ୍ମସ୍ଥାନ ଗଞ୍ଜାମ ଜିଲା ଲାଞ୍ଜିପାଲିରୁ ଗିରଫ କରିଥିଲା। ପଚରାଉଚରା ସମୟରେ ସେ ତାଙ୍କର ଅପରାଧରେ ସମ୍ପୃକ୍ତି ସ୍ୱୀକାର କରିଥିବା ବେଳେ ଚୋରି ହୋଇଥିବା ସୁନା ଚେନ୍‌କୁ ଗଞ୍ଜାମ ଜିଲା ଆସ୍କାରେ ଜଣେ ବଣିଆଙ୍କୁ ବିକ୍ରି କରିଦେଇଥିବା ସ୍ୱୀକାର କରିଥିଲେ। ପୋଲିସ ଏହି ମାମଲାର ଅଧିକ ତଦନ୍ତ କରିବା ସହିତ ଅଭିଯୁକ୍ତା ବିମଳାଙ୍କୁ କୋର୍ଟ ଚାଲାଣ କରିଛି।

# ପରିବା ବର୍ଜ୍ୟରୁ ଉତ୍ପାଦନ ହେବ ସିଏନ୍‌ଜି

## ନେକ୍ସବ୍ୟାଣ୍ଡ୍ ରିନ୍ୟୁଏବଲ୍ସ ସହ ଚୁକ୍ତି ସ୍ୱାକ୍ଷର କଲା ବିଏମ୍‌ସି

### ବେଗୁନିଆ ଖୁଣ୍ଟବନ୍ଧଠାରେ ୧୧.୨୭ ଏକର ଜମିରେ ପ୍ରତିଷ୍ଠା ହେବ ପ୍ଲାଣ୍ଟ

ଭୁବନେଶ୍ୱର, ୬।୪(ବନ୍ଦନା ସେଠୀ)


ମେୟର ସୁଲୋଚନା ଦାସ ଓ ଅଧିକାରୀଙ୍କ ଉପସ୍ଥିତିରେ ବୁଝାମଣାପତ୍ର ସ୍ୱାକ୍ଷର କରାଯାଉଛି।

ଓଦା ବର୍ଜ୍ୟରୁ ଉତ୍ପାଦନ ହେବ କମ୍ପ୍ରେସ୍‌ଡ ନ୍ୟାଚୁରାଲ ଗ୍ୟାସ୍ (ସିଏନ୍‌ଜି)। ସହରରୁ ବାହାରୁଥିବା ପରିବା ଚୋପା ଓ ପଚା ପରିବାରୁ ଉତ୍ପାଦନ ହେବ ବାୟୋ ସିଏନ୍‌ଜି। ଏହାଦ୍ୱାରା ସହରର ପ୍ରଦୂଷଣ ଦୂର ହେବା ସହିତ ଗ୍ୟାସ୍ ସଙ୍କଟ ମଧ୍ୟ ହ୍ରାସ ପାଇବ। ଏନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବଂ ଓଦା ବର୍ଜ୍ୟରୁ ସିଏନ୍‌ଜି ପ୍ରସ୍ତୁତ କରିବାକୁ ଯାଉଥିବା ସଂସ୍ଥା ନେକ୍ସବ୍ୟାଣ୍ଡ୍ ରିନ୍ୟୁଏବଲ୍ସ ମଧ୍ୟରେ ସୋମବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବିଏମ୍‌ସି ମୁଖ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମିଶନର ଚଞ୍ଚଳ ରାଣା ଏବଂ ନେକ୍ସ ବ୍ୟାଣ୍ଡ୍ ରିନ୍ୟୁଏବଲ୍ସ ସଂସ୍ଥାର ପରିଚାଳନା ନିର୍ଦ୍ଦେଶିକା ଲୋରୀ ଦାସ ଚୁକ୍ତି ସ୍ୱାକ୍ଷର କରିଥିଲେ। ଖୋର୍ଦ୍ଧା ଜିଲା ବେଗୁନିଆ ଖୁଣ୍ଟବନ୍ଧଠାରେ ୧୧.୨୭ ଏକର ଜମିରେ ଏକ ବିଶାଳ ବାୟୋ ସିଏନ୍‌ଜି ପ୍ଲାଣ୍ଟ ପ୍ରତିଷ୍ଠା କରାଯାଉଛି। ଏଥିରେ ଦୈନିକ ପ୍ରାୟ ୧୦୦ ଟନ୍ ନାପିୟର ଘାସ, ୫୦ ଟନ୍ ପରିବା ଆବର୍ଜନା ଏବଂ ୧୦ ଟନ୍ ଗୋବର ପ୍ରକ୍ରିୟାକରଣ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ରଖାଯାଇଛି। ଟିଟିଏସ୍, ୟୁନିଟ-୧ ହାଟ, ୟୁନିଟ୍-୪ ହାଟ, ଡମଣା ହାଟରୁ ପରିବା ଆବର୍ଜନା ସଂଗ୍ରହ କରାଯିବ। ଦିନକୁ ପ୍ରାୟ ୫୦ ମେଟ୍ରିକ ଟନ୍ ସଂଗୃହୀତ ପରିବା ବର୍ଜ୍ୟକୁ ଚିହ୍ନିତ ସ୍ଥାନଗୁଡିକରେ ରଖାଯିବ ଏବଂ ଉକ୍ତ ସଂସ୍ଥା ସେହିସବୁ ସ୍ଥାନରୁ ନିଜସ୍ୱ ଖର୍ଚ୍ଚରେ ଆବର୍ଜନାକୁ କମ୍ପ୍ରେସ୍‌ଡ ବାୟୋ ଗ୍ୟାସ୍ ପ୍ଲାଣ୍ଟକୁ ନେଇ ସେଥିରୁ ଶକ୍ତି ଉତ୍ପାଦନ କରିବ। ଏହି ଚୁକ୍ତି ଏକ ଅଣ-ବ୍ୟବସାୟିକ ଏବଂ ପ୍ରାଥମିକ ଭାବେ ୧ବର୍ଷ ପାଇଁ କରାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ବିଏମ୍‌ସି ଅଞ୍ଚଳରେ ମାଇକ୍ରୋ କମ୍ପୋଷ୍ଟିଙ୍ଗ ସେଣ୍ଟର (ଏମ୍‌ସିସି)ଏବଂ ମ୍ୟାଟେରିଆଲ ରିକଭରି ଫ୍ୟାସିଲିଟି (ଏମ୍‌ଆର୍‌ଏଫ) ସେଣ୍ଟର କରାଯାଇ ପୃଥକୀକୃତ ବର୍ଜ୍ୟଗୁଡିକର ପ୍ରକ୍ରିୟାକରଣ କରାଯାଉଛି। ଏବେ ସେଥିରୁ ଖତ ପ୍ରସ୍ତୁତ କରାଯାଉଛି। ତେବେ ଏହି ବର୍ଜ୍ୟକୁ ଅଧିକ ଉନ୍ନତ ଓ ବୈଜ୍ଞାନିକ ପଦ୍ଧତିରେ ପ୍ରକ୍ରିୟାକରଣ କରି କିପରି ସେଥିରୁ ଶକ୍ତି ଉତ୍ପାଦନ କରାଯାଇ ପାରିବ ସେଥିପାଇଁ ବିଏମ୍‌ସି ପଦକ୍ଷେପ ନେଇଛି। ଏହି ପଦକ୍ଷେପ ବୈଜ୍ଞାନିକ ପ୍ରକ୍ରିୟାକରଣ ପାଇଁ ଜୈବିକ ପନିପରିବା ବର୍ଜ୍ୟକୁ ସ୍ଥାନାନ୍ତର କରି ସୈନିକ ସ୍କୁଲ ନିକଟରେ ଥିବା ଟିଟିଏସ୍ ଉପରେ ବୋଝକୁ ଯଥେଷ୍ଟ ହ୍ରାସ କରିବ। ବଜାରରୁ ପରିବା ବର୍ଜ୍ୟ ସଂଗ୍ରହ ଅଧିକ ନିୟମିତ ହେବା ସହ ବଜାର ଅଞ୍ଚଳର ପରିଚ୍ଛନ୍ନତା ବଜାୟ ରହିବ ଓ ପରିବା ବର୍ଜ୍ୟର ସଦୁପଯୋଗ ହୋଇପାରିବ। ଏହି ପଦକ୍ଷେପ ବିଏମ୍‌ସିର ପରିବହନ ଭାର ଏବଂ ଏ ସମ୍ବନ୍ଧିତ ପରିଚାଳନାଗତ ସମସ୍ୟା ଓ ଖର୍ଚ୍ଚକୁ ମଧ୍ୟ ହ୍ରାସ କରିବ ବୋଲି ଆଶା କରାଯାଉଛି। କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ଅତିରିକ୍ତ କମିଶନର କୈଳାସଚନ୍ଦ୍ର ଦାସ, ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ବିଭିନ୍ନ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା, ଅଧ୍ୟକ୍ଷ ଓ କର୍ପୋରେଟର, ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ନବନିଯୁକ୍ତ କୁଳପତିଙ୍କୁ ଶୁଭେଚ୍ଛା ଜଣାଇଲେ ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୬।୪(ସୁଚିସ୍ମିତା ସାହୁ): ରାଜ୍ୟର ୧୪ଟି ବିଶ୍ୱବିଦ୍ୟାଳୟରେ ନୂତନ ଭାବେ ନିଯୁକ୍ତି ପାଇଥିବା କୁଳପତିଙ୍କୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅଭିନନ୍ଦନ ଜଣାଇଛନ୍ତି। କୁଳପତି ପଦବୀ ଖାଲିଥିବା ରାଜ୍ୟର ସମସ୍ତ ୧୪ଟି ବିଶ୍ୱବିଦ୍ୟାଳୟ ନିମନ୍ତେ ନୂତନ କୁଳପତି ନିଯୁକ୍ତି କରିଥିବାରୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ଏହି ନିଷ୍ପତ୍ତି ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥା ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ସମସ୍ତ ନବନିଯୁକ୍ତ କୁଳପତିଙ୍କୁ ଶୁଭେଚ୍ଛା ଜଣାଇ ମନ୍ତ୍ରୀ ସେମାନଙ୍କ ସହ ବିଦ୍ୟାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। କୁଳପତିଙ୍କ ଅନୁଭବ, ଅଭିଜ୍ଞତା, ଦୂରଦର୍ଶିତା, ଦକ୍ଷତା ଓ ମାର୍ଗଦର୍ଶନରେ ଶିକ୍ଷାନୁଷ୍ଠାନଗୁଡ଼ିକ ଶିକ୍ଷା କ୍ଷେତ୍ରରେ ନୂଆ କୀର୍ତ୍ତିମାନ ସ୍ଥାପନ କରିବ ବୋଲି ମନ୍ତ୍ରୀ କରିଛନ୍ତି।

### ରେଳଧାରଣା କଡ଼ରୁ ମୃତଦେହ ଜବତ

ବାରଙ୍ଗ,୬।୪(ଲିଙ୍ଗରାଜ ରାଉତ): ବାରଙ୍ଗ ଜିଆର୍‌ପି ଫାଣ୍ଡି ଅନ୍ତର୍ଗତ କଣ୍ଟାପାଟଣା ଗ୍ରାମ ନିକଟସ୍ଥ ରେଳଧାରଣା କଡ଼ରୁ ପୋଲିସ ସୋମବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ବେଲଗଛିଆ ଗ୍ରାମର ବସନ୍ତ ନାୟକ(୪୫)। ଟ୍ରେନ୍ ଆସୁଥିବା ବେଳେ ବସନ୍ତ ଆଗକୁ ଡେଇଁପଡ଼ି ଆତ୍ମହତ୍ୟା କରିଥିବା ନେଇ ଜିଆର୍‌ପି ପୋଲିସ ପ୍ରାଥମିକ ସୂଚନା ଦେଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇ ପଠାଇଛି।

ବସନ୍ତ ରଙ୍ଗମିସ୍ତ୍ରି ଭାବେ ବାରଙ୍ଗ ଅଞ୍ଚଳରେ କାର୍ଯ୍ୟ କରନ୍ତି। ସେ କିଛିଦିନ ହେବ ପାରିବାରିକ ବିଶୃଙ୍ଖଳା ଯୋଗୁ ଅତ୍ୟଧିକ ଚିନ୍ତାଗ୍ରସ୍ତ ରହୁଥିଲେ। ରବିବାରଠାରୁ ବସନ୍ତ କେଉଁଆଡ଼େ ଚାଲି ଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହୋଇ ବାରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ସୋମବାର ବସନ୍ତଙ୍କ ମୃତଦେହ କଣ୍ଟାପାଟଣା ଗାଁ ନିକଟ ରେଳଧାରଣା କଡ଼ରୁ ଜିଆର୍‌ପି ଜବତ କରିଛି।


ତୁରନ୍ତ ଶିକ୍ଷକ ନିଯୁକ୍ତି ସମେତ ବିଭିନ୍ନ ଦାବି ନେଇ ଓଡ଼ିଶା ହାଇସ୍କୁଲ ଶିକ୍ଷକ ଆଶାୟୀ ଶିକ୍ଷକ ସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି।

## ତୁରନ୍ତ ଶିକ୍ଷକ ନିଯୁକ୍ତି କରିବାକୁ ଦାବି

ଭୁବନେଶ୍ୱର,୬।୪
(ସୁଚିସ୍ମିତା ସାହୁ)

ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପ୍ରାୟ ୧୫ହଜାର ପଦ ଫାଙ୍କା ପଡ଼ିଥିଲେ ସୁଦ୍ଧା ସରକାର ନୂତନ ନିଯୁକ୍ତି ଦେଉନାହାନ୍ତି। ଏପରିକି ୨୦୨୪ରୁ ଏଯାବତ କୌଣସି ଗୋଟିଏ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଫଳରେ ଓଡ଼ିଶା ହାଇସ୍କୁଲ ଶିକ୍ଷକ ଆଶାୟୀ ଶିକ୍ଷକ ସଂଘର ହଜାର ହଜାର ଆଶାୟୀ ସୋମବାର ବିଧାନସଭା ସମ୍ମୁଖ ଗାନ୍ଧୀ ମାର୍ଗରେ ଆନ୍ଦୋଳନ କରିଛନ୍ତି। ଆଶାୟୀଙ୍କ କହିବା ଅନୁସାରେ, ପୂର୍ଣ୍ଣ ସହାୟତା ପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ୧୬୫୨ଟି ପଦ ଖାଲି ପଡ଼ିଛି। ସେହିପରି ନୂତନ ସହାୟତା ପ୍ରାପ୍ତ ହାଇସ୍କୁଲରେ ୫୫୩୮ ଓ ସରକାରୀ ଉଚ୍ଚ ବିଦ୍ୟାଳୟରେ ୫୫୬୮ ଶିକ୍ଷକ ପଦରେ କେହି ନାହାନ୍ତି। ଗତବର୍ଷ ଅଗଷ୍ଟ ୮ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୨୦୬୪ଟି ଏସ୍‌ଏସ୍‌ବି ଟିଜିଟି ପଦ ପୂରଣ କରିବାକୁ କୁହାଯାଇଥିଲା। ଏପରିକି ସେହି ମାସ ସେଷ ସୁଦ୍ଧା ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ଉଲ୍ଲେଖ କରାଯାଇଥିଲା। ମାତ୍ର ଘୋଷଣାକୁ ପ୍ରାୟ ୭ ମାସ ଅତିକ୍ରମ କରିଥିଲେ ମଧ୍ୟ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଉନାହିଁ। ଯାହା ଆଶାୟୀଙ୍କ ଆଶାକୁ ଧୂଳିସାତ କରିବା ସହ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ ହେଉଥିବା ଅଭିଯୋଗ କରିଛନ୍ତି। ସରକାର ନୂତନ ନିଯୁକ୍ତି ପାଇଁ ତୁରନ୍ତ ବିଜ୍ଞପ୍ତି ପ୍ରକାଶ କରିବାକୁ ଆଶାୟୀମାନେ ଦାବି କରିଛନ୍ତି।

# ନୂଆ ରୂପ ନେବ ରବୀନ୍ଦ୍ର ମଣ୍ଡପ, ଭଞ୍ଜକଳା ମଣ୍ଡପ


ରବୀନ୍ଦ୍ର ମଣ୍ଡପ।


ଭଞ୍ଜକଳା ମଣ୍ଡପ।

ଭୁବନେଶ୍ୱର,୬।୪
(ସୌମ୍ୟରଞ୍ଜନ ରାଉତ)

ରାଜଧାନୀର ଦୁଇ ପ୍ରମୁଖ ପ୍ରେକ୍ଷାଳୟ ରବୀନ୍ଦ୍ର ମଣ୍ଡପ ଓ ଭଞ୍ଜ କଳାମଣ୍ଡପର ରୂପ ବଦଳିବ। ଏହି ଦୁଇ ମଣ୍ଡପର ନବୀକରଣ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଯୋଜନା କରାଯାଇଛି। ବିଭିନ୍ନ କାର୍ଯ୍ୟକ୍ରମ ବୁକ୍ ହୋଇଥିବାରୁ ବିଚାରବିମର୍ଶ କରାଯାଇ ଆବଶ୍ୟକସ୍ଥଳେ ଚଳିତ ମାସ ସୁଦ୍ଧା କାର୍ଯ୍ୟ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି।

ରବୀନ୍ଦ୍ର ମଣ୍ଡପର ବିଶ୍ରାମ କକ୍ଷଠାରୁ ଆରମ୍ଭ କରି ଗ୍ରୀନ୍ ରୁମ୍ ପର୍ଯ୍ୟନ୍ତ ସବୁକିଛି ନବୀକରଣ କରାଯିବ। ଅତିଥିଙ୍କ ବିଶ୍ରାମ ଲାଗି ଥିବା କକ୍ଷ ଛୋଟ ଥିବାରୁ ସଙ୍ଗୀତ ମହାବିଦ୍ୟାଳୟ ପାର୍ଶ୍ୱକୁ ବର୍ଦ୍ଧିତ କରାଯିବ। ଶୌଚାଳୟ ମରାମତି ସହିତ ସୋଫା ଏବଂ ଚେୟାର ବଦଳାଯିବ। ପ୍ରବେଶ ଦ୍ୱାରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିକୁ ରଙ୍ଗ ଦିଆଯିବ କିମ୍ବା ବଦଳାଯିବ। ରବୀନ୍ଦ୍ରନାଥ ଠାକୁରଙ୍କ ନାମରେ ଏହି ମଣ୍ଡପ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିମୂର୍ତ୍ତିଟି ଗୋଟିଏ କଡ଼କୁ ଥିବାରୁ ତାହା ଦୃଶ୍ୟମାନ ହେଉନାହିଁ। ତେଣୁ ଏହାକୁ ଦୃଶ୍ୟମାନ ହେବାଭଳି ମଣ୍ଡପ ସମ୍ମୁଖରେ ରଖାଯିବ। ମଣ୍ଡପ ପାଇଁ ସ୍ୱତନ୍ତ୍ରଭାବେ ୩ଟି ପୋଡିୟମ କରାଯିବ। ଦୁଇଟି ଭିତରେ ବା ମଞ୍ଚ ଉପରେ ରହିବ ଏବଂ ଅନ୍ୟ ଏକ ପୋଡିୟମ ମଞ୍ଚ ବାହାରେ ଗଣମାଧ୍ୟମ ବାଇଟ୍ ପାଇଁ ରହିବ। ସବୁ ପୋଡିୟମରେ ସଂସ୍କୃତି ବିଭାଗର ନାମ ଉଲ୍ଲେଖ ରହିବ। ଏସବୁ କାର୍ଯ୍ୟ ଖୁବ୍‌ଶୀଘ୍ର ହେବାକୁ ଥିବାବେଳେ ବିଶ୍ରାମ କକ୍ଷ ସମ୍ପ୍ରସାରଣ ଏପ୍ରିଲ ସୁଦ୍ଧା ହେବା ନେଇ ବିଭାଗ ପକ୍ଷରୁ ଯୋଜନା କରାଯାଇଛି। ସେହିପରି ଭଞ୍ଜ କଳାମଣ୍ଡପର ମଧ୍ୟ ନବୀକରଣ ହେବ। ଏହାର ଗ୍ରୀନ୍ ରୁମ୍ ସାଙ୍ଗକୁ ବିଶ୍ରାମ କକ୍ଷର ସମ୍ପ୍ରସାରଣ କରାଯିବ। କଳାକାର ଓ ଅତିଥି ବସିବା ପାଇଁ ପର୍ଯ୍ୟାପ୍ତ ସ୍ଥାନର ବ୍ୟବସ୍ଥା ହେବ। ମଞ୍ଚର ନୂଆ ସ୍କ୍ରିନ ସାଙ୍ଗକୁ ଆଲୋକ ବ୍ୟବସ୍ଥାକୁ ପରିବର୍ତ୍ତନ କରାଯିବ। ଏହାସହିତ ପୁରୁଣା ଚେୟାରକୁ ମଧ୍ୟ ବଦଳାଯିବ ଏବଂ ଇଣ୍ଟେରିଅର୍ କାର୍ଯ୍ୟକୁ ମଧ୍ୟ ତଦାରଖ କରାଯାଇ ପରିବର୍ତ୍ତନ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ସାଉଦି ଆରବରେ ଓଡ଼ିଶା ଦିବସ ପାଳିଲେ ପ୍ରବାସୀ ଓଡ଼ିଆ

ଭୁବନେଶ୍ୱର,୬।୪
(ସୌମ୍ୟରଞ୍ଜନ ରାଉତ)


ଓଡ଼ିଶା ଦିବସ ପାଳନରେ ସାମିଲ ପ୍ରବାସୀ ଓଡ଼ିଆ ପରିବାର ଓ ଯୋଗଦେଇଥିବା କଳାକାରମାନେ।

ସାଉଦି ଆରବର ପ୍ରବାସୀ ଓଡ଼ିଆ ଅନୁଷ୍ଠାନ 'କଳିଙ୍ଗନ' ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ୨ଶହରୁ ଅଧିକ ଓଡ଼ିଆ ପରିବାର ଏକାଠି ହୋଇ ବିଦେଶ ମାଟିରେ ଓଡ଼ିଶାର କଳା ଓ ସଂସ୍କୃତିର ଅନନ୍ୟ ଛାପ ଛାଡ଼ିଛନ୍ତି। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ପରମ୍ପରାକୁ ବିଶ୍ୱ ଦରବାରରେ ପହଞ୍ଚାଇବା। ପ୍ରାରମ୍ଭରେ ଓଡ଼ିଶାର ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ ହୋଇଥିଲା। ଅତିଥି ଭାବେ କଳିଙ୍ଗନ୍‌ର ଚିଫ୍ ସର୍ଭିସ କୋଅର୍ଡିନେଟର ଶେଖ୍ ଶରାଫତ୍ ଯୋଗଦେଇ କହିଲେ, ବିଦେଶ ମାଟିରେ ରହି ମଧ୍ୟ ନିଜ ମାତୃଭୂମିର ସଂସ୍କୃତିକୁ ଉଜ୍ଜୀବିତ ରଖିବା ଏବଂ ନୂତନ ପିଢ଼ିକୁ ଓଡ଼ିଆ ପରମ୍ପରା ସହ ଯୋଡ଼ିବା ଆମର ମୂଳ ଲକ୍ଷ୍ୟ। କଳିଙ୍ଗନ ବିଭିନ୍ନ ସେବାମୂଳକ ଓ ପରୋପକାରୀ କାର୍ଯ୍ୟ ପାଇଁ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ସେ କହିଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟର ଶାସ୍ତ୍ରୀୟ ପରମ୍ପରା 'ମଙ୍ଗଳାଚରଣ'ରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ସମ୍ବଲପୁରୀ ନୃତ୍ୟ ସମେତ ଅନେକ ଓଡ଼ିଆ ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମ କରାଯାଇଥିଲା। କୁନି କୁନି ପିଲାମାନେ ଓଡ଼ିଶାର ଐତିହ୍ୟ ଏବଂ ଓଡ଼ିଶା ଦିବସର ଗୁରୁତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କଳିଙ୍ଗନ କୋର୍ କମିଟିର ସଦସ୍ୟ ଶିଶିର ଅଗଷ୍ଟିନ୍, ବିଶ୍ୱ ରଞ୍ଜନ ସାହୁ, ଦିଗମ୍ବର ମହାକୁଡ଼, ଇମ୍‌ତିଆଜ ଅଲି, ଜ୍ୟୋତିର୍ମୟ ଦାସ, ପ୍ରୀତମ ମହାନ୍ତିଙ୍କ ସମେତ ଅନୁଷ୍ଠାନର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଉ ୪ ଦିନ କାଳବୈଶାଖୀ, ବର୍ଷା

ଭୁବନେଶ୍ୱର, ୬।୪ (ବନ୍ଦନା ସେଠୀ)

ସମୁଦ୍ର ପତ୍ତନଠାରୁ ୦.୯ କି.ମି. ଉଚ୍ଚରେ ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟ ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏଥିସହ ଦକ୍ଷିଣ ଉପକୂଳ ଆନ୍ଧ୍ରପ୍ରଦେଶର ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ସମୁଦ୍ର ପତ୍ତନଠାରୁ ୧.୫ କି.ମି. ଉଚ୍ଚରେ ଆଉ ଏକ ଘୂର୍ଣ୍ଣିବଳୟ ଜାରି ରହିଛି। ଏହା ପ୍ରଭାବରେ ରାଜ୍ୟରେ କାଳବୈଶାଖୀ ଜାରି ରହିଛି। ଆଗାମୀ ୪ ଦିନ ଅର୍ଥାତ୍ ଏପ୍ରିଲ ୧୦ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ଲାଗିରହିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ରାଜ୍ୟର ୭ ଜିଲା କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କଟକକୁ ଘଡ଼ଘଡ଼ି ସହିତ ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ବର୍ଷା ସମୟରେ ପବନର ବେଗ ୫୦ରୁ ୬୦ କି.ମି. ରହିବ। ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ବରଗଡ଼ ଏବଂ କେନ୍ଦୁଝର ଜିଲାକୁ ଘଡ଼ଘଡ଼ି ସହିତ ବର୍ଷା ଓ ୩୦ରୁ ୪୦ କି.ମି. ବେଗରେ ପବନ ବହିବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହାବାଦ୍ ରାଜ୍ୟର ବିଭିନ୍ନ ଜିଲାରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହେବ ବୋଲି ସୂଚନା ଦିଆଯାଇଛି। କାଳବୈଶାଖୀ ପ୍ରଭାବରେ ସୋମବାର ରାଜଧାନୀ ଭୁବନେଶ୍ୱରରେ ବର୍ଷା ଓ ପବନ ହୋଇଥିଲା। ସେହିପରି ନୟାଗଡ଼ ଜିଲା ଦଶପଲ୍ଲା, ବଲାଙ୍ଗୀର ଜିଲା ପାଟଣାଗଡ଼, କଟକ ଜିଲାର ଆଠଗଡ଼, କଳାହାଣ୍ଡି ଜିଲାର ଧର୍ମଗଡ ସମେତ ବିଭିନ୍ନ ସ୍ଥାନରେ ପ୍ରବଳ ଝଡ଼ତୋଫାନ ସହିତ କିଛି ସ୍ଥାନରେ କୁଆପଥର ମାଡ଼ ହୋଇଥିବା ସୂଚନା ମିଳିଛି। ଅପରପକ୍ଷେ ବର୍ଷା ପାଇଁ ତାପମାତ୍ରା କମିବାରେ ଲାଗିଛି। ବୌଦ୍ଧରେ ରାଜ୍ୟର ସର୍ବାଧିକ ତାପମାତ୍ରା ୩୮.୩ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ବଲାଙ୍ଗୀର ୩୭.୨ ଡିଗ୍ରୀ, ହୀରାକୁଦ ୩୬.୮, ଭବାନୀପାଟଣା ୩୬.୫, ସମ୍ବଲପୁର ୩୬.୨, ସୋନପୁର ୩୬.୨ ଏବଂ ପାରଳାଖେମୁଣ୍ଡିରେ ୩୬ ଡିଗ୍ରୀ ରହିଥିଲା।



ସିଙ୍ଗାପୁରସ୍ଥିତ ଓଡ଼ିଆ ସୋସାଇଟି ପକ୍ଷରୁ ଶନିବାର ଉତ୍କଳ ଦିବସ ପାଳନ କରାଯାଇଛି। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବାଲୁକାଶିଳ୍ପୀ ସୁଦାମ ପ୍ରଧାନ ଓ କଣ୍ଠଶିଳ୍ପୀ ସୋହିନୀ ମିଶ୍ର ଯୋଗ ଦେଇଥିଲେ।

**ଭାଜପାର ପ୍ରତିଷ୍ଠା ଦିବସ ପାଳିତ**

ଚୌଦ୍ୱାର,(ଆଶୁତୋଷ ଦାସ):ଚୌଦ୍ୱାର ମଣ୍ଡଳରେ ଭାଜପାର ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ମଣ୍ଡଳ ସଭାନେତ୍ରୀ ମମତା ବେହେରାଙ୍କ ପୌରୋହିତ୍ୟରେ ସ୍ଥାନୀୟ ଗାନ୍ଧିଛକସ୍ଥିତ ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ଡ. ବିଚିତ୍ରାନନ୍ଦ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ପ୍ରଶାନ୍ତ କୁମାର ହୋତା, ସନ୍ତୋଷ କୁମାର ସାହୁ, ରମେଶ ଚନ୍ଦ୍ର ନାୟକ, ଇଂ. ସୁଜାତା ସାହୁ, ଶଶିକାନ୍ତ ନାୟକ, ସୁମିତ୍ରା ମହାନ୍ତି, ରାଜରତନ ପରିଡାଙ୍କ ସମେତ ବହୁ ଭାଜପା କର୍ମୀ ଯୋଗଦେଇଥିଲେ।

# ଆରମ୍ଭ ହେଲା ବ୍ୟାକ୍ ଟେକ୍ ପରୀକ୍ଷା

**ଶିଶୁ ଭବନରେ ପ୍ରଥମ**
- ଉପକୃତ ହେବେ ଶିଶୁରୋଗୀ
- ପ୍ରଦୂଷଣମୁକ୍ତ କରିବାକୁ ଯୋଜନା

କଟକ,୬।୪(ଶିକ୍ସା ପ୍ରିୟଦର୍ଶିନୀ)

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସ୍ନାତକୋତ୍ତର ଶିଶୁରୋଗ ପ୍ରତିଷ୍ଠାନ (ଶିଶୁଭବନ)ରେ ବ୍ୟାକ ଟେକ ପରୀକ୍ଷା ଆରମ୍ଭ ହୋଇଛି। ଏଥିରେ ଶିଶୁ ରୋଗୀଙ୍କ ରକ୍ତର ବିଭିନ୍ନ ପ୍ରକାର ପରୀକ୍ଷା କରାଯାଇ ପାରିବ ଏବଂ ୮ଘଣ୍ଟା ମଧ୍ୟରେ ରିପୋର୍ଟ ଆସିବା ପରେ ସଂକ୍ରମଣ ଚିହ୍ନଟ କରାଯାଇ ଆଣ୍ଟିବାୟୋଟିକ ପ୍ରଦାନ କରାଯିବ। ଅନ୍ୟପକ୍ଷେ ଶିଶୁଭବନରେ ସିଟିସ୍କାନ ମେଶିନ ଲଗା ସରିଥିବା ବେଳେ ଏହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏହାକୁ କାର୍ଯ୍ୟକ୍ଷମ କରିବା ଲାଗି ଶିଶୁଭବନ ପକ୍ଷରୁ ଅଟୋମିକ ଏନର୍ଜି ରେଗୁଲେଟୋରି ବୋର୍ଡ (ଏଇଆର୍‌ବି)କୁ ଅନୁମତି ମଗାଯାଇଛି। ଏଇଆର୍‌ବି ପକ୍ଷରୁ ଅନୁମତି ମିଳିଲେ ଏହା ରୋଗୀଙ୍କ ସେବାରେ ଆସି ପାରିବ ଏବଂ ଏହାସହ ଆଉ କେତେକ ଯନ୍ତ୍ରାଂଶ ବିଦେଶରୁ ଅଣାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହାସହ ଶିଶୁଭବନକୁ ପ୍ରଦୂଷଣ ମୁକ୍ତ କରାଯିବାକୁ ଲକ୍ଷ୍ୟରେ ବ୍ୟାଟେରି ଗାଡି ବ୍ୟବସ୍ଥା କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏମ୍‌ସିଏଲ୍ ପକ୍ଷରୁ ୩ଟି ବ୍ୟାଟେରି ଗାଡ଼ି ଆସିଛି, ଖୁବଶୀଘ୍ର ଆଉ ୩ ଗାଡ଼ି ଆସିବ ଏବଂ ମୋଟ ୧୦ ବ୍ୟାଟେରି ଗାଡ଼ି ସେବା ଯୋଗାଇବ ବୋଲି ସୂଚନା ମିଳିଛି। ଏନେଇ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ର କହିଛନ୍ତି, ମେଡିକାଲରେ ଅତ୍ୟାଧୁନିକ ଚିକିତ୍ସା ଯୋଗାଇ ଦେବା ଉପରେ ଗୁରୁତ୍ୱ ଦିଆଯାଉଛି। ଅଟୋ ଆନାଲାଇଜର, ବ୍ୟାକ୍‌ଟେକ୍ ମେଶିନରେ ପରୀକ୍ଷଣ ଆରମ୍ଭ ହେବା ଦ୍ୱାରା ଶିଶୁରୋଗୀ ବିଶେଷ ଭାବେ ଉପକୃତ ହେଉଛନ୍ତି। ସମସ୍ତ ପ୍ରକାର ସୁବିଧା ଏଠାରେ ଶିଶୁ ରୋଗୀଙ୍କୁ ମିଳିପାରିବ, ଏଥିଲାଗି ଯୋଜନା କରାଯାଉଛି ବୋଲି ସେ କହିଛନ୍ତି।

ସୂଚନାଥାଉ କି, ଶିଶୁଭବନର ଜି-ପ୍ଲସ ୬ ଅତ୍ୟାଧୁନିକ ଅଟ୍ଟାଳିକାକୁ ଉଦ୍‌ଘାଟନ ପରେ ଏବେ ଉନ୍ନତମାନର ଚିକିତ୍ସାକୁ ଗୁରୁତ୍ୱ ଦିଆଯାଉଛି। ଶିଶୁଭବନରେ ବ୍ୟାଟେରି ଗାଡି ସୁବିଧା ପୂର୍ବରୁ ନ ଥିବାବେଳେ ଏବେ ଏହା ଉପଲବ୍ଧ କରାଯାଇଛି। ମେଡିକାଲରେ କେବଳ ଆମ୍ବୁଲାନ୍ସକୁ ଛାଡ଼ିଲେ ଅନ୍ୟାନ୍ୟ ଗାଡ଼ିକୁ ଛଡ଼ାଯିବ ନାହିଁ। ଅନ୍ୟ କୌଣସି ଗାଡ଼ିରେ ରୋଗୀ ଆସିଲେ ମୁଖ୍ୟ ଫାଟକ ନିକଟରୁ ବ୍ୟାଟେରି ଗାଡ଼ିରେ ଶିଶୁ ରୋଗୀଙ୍କୁ ହସ୍ପିଟାଲ ପର୍ଯ୍ୟନ୍ତ ନିଆଯିବ। ସେହିପରି ବିଭିନ୍ନ ୱାର୍ଡକୁ ଯାତାୟାତ ନିମନ୍ତେ ଶିଶୁ ରୋଗୀ ଓ ଡାକ୍ତର ବ୍ୟାଟେରି ଗାଡ଼ି ବ୍ୟବହାର କରିପାରିବେ। ଅନ୍ୟପଟେ ଚିକିତ୍ସା କ୍ଷେତ୍ରରେ ଶିଶୁରୋଗୀ ପୂର୍ବରୁ ବ୍ୟାକ ଟେକ ପରୀକ୍ଷା ପାଇଁ ଏସସିବି ଉପରେ ନିର୍ଭର କରି ରହୁଥିଲେ। ଏସ୍‌ସିବିକୁ ରକ୍ତ ନମୁନା ପଠାଯାଉଥିବାବେଳେ ସେଠାରେ ରିପୋର୍ଟ ମିଳିବାରେ ବିଳମ୍ବ ହେଉଥିଲା। ଏହାଦ୍ୱାରା ରୋଗ ଚିହ୍ନଟ ଓ ଚିକିତ୍ସା ଆରମ୍ଭରେ ବିଳମ୍ବ ହେଉଥିଲା। ଏହି ଅତ୍ୟାଧୁନିକ ବ୍ୟାକଟେକ ପରୀକ୍ଷା ଏବେ ଶିଶୁଭବନରେ ଆରମ୍ଭ ହୋଇଥିବାବେଳେ ଶିଶୁରୋଗୀ ତ୍ୱରିତ ଚିକିତ୍ସା ପାଇବେ ବୋଲି ଜଣାପଡିଛି।

# 'ଗରିମା ଅକ୍ଷୁଣ୍ଣ ରହିବ, ବିଶୃଙ୍ଖଳା ହେବନି'

**ରେଭେନ୍‌ଶାର ନୂଆ କୁଳପତି ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର**



କଟକ,୬।୪(କୁମାରଶ୍ରୀ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନୂଆ କୁଳପତି ଭାବେ ପ୍ରଫେସର ଅର୍କ କୁମାର ଦାସମହାପାତ୍ରଙ୍କୁ ନିଯୁକ୍ତ କରାଯାଇଛି। କୁଳାଧିପତି ତଥା ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋମବାର ଏ ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରଫେସର ଦାସମହାପାତ୍ର ହେବେ ଏହି ଐତିହାସିକ ଶିକ୍ଷାନୁଷ୍ଠାନର ୬ଷ୍ଠ କୁଳପତି। ସେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ତାଙ୍କ ସହ ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାର।

**ପ୍ର:** ରେଭେନ୍‌ଶା ଭଳି ଐତିହାସିକ ଶିକ୍ଷାନୁଷ୍ଠାନର କୁଳପତି ପଦ ଅଧିଗ୍ରହଣ କରିବା କେତେ ଦୂର ଚ୍ୟାଲେଞ୍ଜିଂ ହେବ?

**ଉ:** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ୩ ବର୍ଷ ୫ ମାସ ଦାୟିତ୍ୱ ତୁଲାଇଛି। ଏହା ପୂର୍ବରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ କୁଳପତି (ଇନ୍‌ଚାର୍ଜ) ରହିଥିଲି। ତଥାପି ରେଭେନ୍‌ଶା ଭଳି ଗୌରବମୟ ଶିକ୍ଷାନୁଷ୍ଠାନରେ କୁଳପତି ହେବା ସୌଭାଗ୍ୟର ବିଷୟ। ଏବେ ସେଭଳି କିଛି ଭାବିନାହିଁ। ସେଠାରେ ମେଧାବୀଙ୍କ ସଂଖ୍ୟା ଅଧିକ। ଏଣୁ ଯାହା କିଛି ଚ୍ୟାଲେଞ୍ଜ ସାମ୍ନାକୁ ଆସିବ, ତାହା ସହଜରେ ଅତିକ୍ରମ କରିଯିବି ବୋଲି ଆଶା ରହିଛି।

**ପ୍ର:** ଅଧ୍ୟାପକ ସଙ୍କଟକୁ ନେଇ ଛାତ୍ର ଅଶାନ୍ତି ଦେଖାଦିଏ। ଅଣଛାତ୍ର ପ୍ରବେଶ ଯୋଗୁ ବିଶୃଙ୍ଖଳା ହୁଏ। ଏ ଦିଗରେ କ'ଣ ପଦକ୍ଷେପ ନେବେ?

**ଉ:** ଛାତ୍ରୀଛାତ୍ର ଯଦି ପାଠପଢ଼ା ସହିତ ଅନ୍ୟାନ୍ୟ ଶିକ୍ଷଣୀୟ କାର୍ଯ୍ୟକ୍ରମରେ ବ୍ୟସ୍ତ ରହିବେ, ତାହେଲେ କେବେ ବି ବିଶୃଙ୍ଖଳା ହେବନାହିଁ। କ୍ଲାସ ରୁମ୍‌ରେ ପାଠପଢ଼ା କେମିତି ଚାଲିଛି ଆଉ ତାହା ଛାତ୍ରୀଛାତ୍ରଙ୍କୁ କେତେମାତ୍ରାରେ ବାନ୍ଧି ରଖିପାରୁଛି ସେ ଦିଗରେ ପ୍ରାଥମିକତା ଦେବା ଆବଶ୍ୟକ। ସ୍କିଲ କମିଶନ ଅଫ ଇଣ୍ଡିଆର ଅଭିଯାନ ଅନୁଯାୟୀ, ବିଦ୍ୟାର୍ଥୀଙ୍କୁ ମଧ୍ୟ ଅନେକ କୌଶଳ ଶିକ୍ଷା ଦିଆଯାଇ ପାରିବ। ଏହି କ୍ରମରେ ରେଭେନ୍‌ଶାରେ ମେଧାବୀମାନଙ୍କୁ ଆହୁରି ସମୃଦ୍ଧ କରାଯିବ ବୋଲି ଆଶା ରହିଛି। ରେଭେନ୍‌ଶାର ଗରିମାକୁ ଅକ୍ଷୁଣ୍ଣ ରଖାଯିବ। ବିଶୃଙ୍ଖଳାକୁ ଏଡାଇବାକୁ ଚେଷ୍ଟା କରାଯିବ।

**ପ୍ର:** ବିଶ୍ୱବିଦ୍ୟାଳୟର ଶିକ୍ଷାଦାନ ବ୍ୟବସ୍ଥାରେ କିଛି ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ?

**ଉ:** ନ୍ୟାଶନାଲ ଏଜୁକେଶନ ପଲିସିରେ ଏକ ପରିବର୍ତ୍ତନ ଅଣାଯାଇଛି। ଏହା ଲାଗୁ କରାଗଲେ ଶିକ୍ଷାଦାନ ବ୍ୟବସ୍ଥା ଷ୍ଟୁଡେଣ୍ଟ ସେଣ୍ଟ୍ରିକ ହେବ। ଅର୍ଥାତ ଛାତ୍ରୀଛାତ୍ରଙ୍କ ହିତ ପାଇଁ ବିଶେଷ ପଦକ୍ଷେପ ନିଆଯିବ। ଯେଉଁମାନେ ଅଧାରୁ ଉଚ୍ଚଶିକ୍ଷା ଛାଡ଼ିଛନ୍ତି ସେମାନେ ମଧ୍ୟ ପୁନର୍ବାର ପାଠ ପଢ଼ିପାରିବେ। ଶିକ୍ଷାଦାନ ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ଅଣାଯିବା ଆବଶ୍ୟକତା ନାହିଁ। ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ଯାହା ଆବଶ୍ୟକତା ରହିଥିବ, ତାହା ପୂରଣ କରାଯିବ।

## ସଂକ୍ଷେପରେ

### ସ୍ୱଚ୍ଛ ଓଡ଼ିଶା ଦିବସ ପାଳିତ

ଚୌଦ୍ୱାର, ୬।୪(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ପକ୍ଷରୁ ଓଡ଼ିଆ ପକ୍ଷ-୨୦୨୬ ପାଳନ ଅବସରରେ ସୋମବାର ସ୍ୱଚ୍ଛ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ନେତୃତ୍ୱରେ ସ୍ଥାନୀୟ ୧୦ ନଂ. ୱାର୍ଡସ୍ଥିତ ବିରାଟ ଗାଦି ପରିସରକୁ ସଫେଇ କରାଯାଇଥିଲା। କାର୍ଯ୍ୟକ୍ରମରେ ପୌରପାଳିକାର ସମସ୍ତ ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ସ୍ୱଚ୍ଛକର୍ମୀ, ସଫେଇ କର୍ମଚାରୀ, ସୁପରଭାଇଜର ଯୋଗଦେଇ ଐତିହାସିକ ବିରାଟ ଗାଦୀ ପରିସରକୁ ସଂପୂର୍ଣ୍ଣ ଭାବେ ସଫେଇ କରିଥିଲେ। ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକ, କାଉନସିଲର ବିଜୟ କୁମାର ମଲ୍ଲିକ, ଅଜୟ କୁମାର ବେହେରା, ଅର୍ଜୁନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପୌରପାଳିକା ପରିମଳ ବିଶେଷଜ୍ଞ ପୀୟୁଷ କୁମାର ସାହୁ, ବିଚିତ୍ରା ନନ୍ଦ ସ୍ୱାଇଁ, ସୁନିଲ କୁମାର ଦାସ, ତପନ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

### ପରିବେଶ ସଚେତନତା କାର୍ଯ୍ୟକ୍ରମ

ଚୌଦ୍ୱାର, ୬।୪(ଆଶୁତୋଷ ଦାସ)

ଚୌଦ୍ୱାର କଲେଜରେ ଓଡ଼ିଆ ପକ୍ଷ ପାଳନ ଅବସରରେ ସୋମବାର ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମି ରାଉତରାୟ, ପ୍ରାଧ୍ୟାପକ ପ୍ରଭାକର ମିଶ୍ର, ପ୍ରଶାସନିକ ଅଧିକାରିଣୀ ଡ. ହରପ୍ରିୟା ମହାପାତ୍ର, ଅଧ୍ୟାପକ ସ୍ୱାଭିମାନ ସାମନ୍ତରାୟ, ଲିଜା ରଥ, ସୁଚିତ୍ରା ସାହୁ, ଶୁଭସ୍ମିତା ଭୂୟାଁ ପ୍ରମୁଖ ଯୋଗଦେଇ ସ୍ୱଚ୍ଛ କ୍ୟାମ୍ପସ, ସୁନ୍ଦର ପରିବେଶ ଉପରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ କଲେଜ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ ଜାତୀୟ ସେବା ସଂସ୍ଥାର ଛାତ୍ରୀଛାତ୍ରଙ୍କ ଦ୍ୱାରା କଲେଜ କ୍ୟାମ୍ପସକୁ ସଫେଇ କରାଯାଇଥିଲା।

### ଭାଜପାର ପ୍ରତିଷ୍ଠା ଦିବସ ପାଳନ

କଟକ ସଦର,୬।୪(ସୁଶାନ୍ତ କୁମାର ଜେନା)

ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠା ଦିବସ ସୋମବାର ବିରିବାଟଠାରେ ପାଳନ କରାଯାଇଥିଲା। କନ୍ଦରପୁର ଭାଜପା ମଣ୍ଡଳ ସଭାପତି ନିରଞ୍ଜନ ରାଉଳଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ଦଳର ଇତିହାସ ବିଷୟରେ ସବିଶେଷ ବକ୍ତବ୍ୟ ରଖିବା ସହ ପ୍ରତିଷ୍ଠା ଦିବସ ମହାନତା ବିଷୟରେ ବର୍ଣ୍ଣନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟର ବରିଷ୍ଠ ନେତା ହୃଷୀକେଶ ଜେନା, ଜିଲା ଉପସଭାପତି ସୁରେଶ ଜେନା, ମଣ୍ଡଳ ସାଧାରଣ ସମ୍ପାଦକ ରାଧା ମୋହନ ମହଲା ଓ ବିନୋଦ କୁମାର ପତି, ଜିଲା କୃଷକ ମୋର୍ଚ୍ଚା ସଭାପତି ନିର୍ମଳ ଦାସ, ମଣ୍ଡଳର ସମସ୍ତ ପଦାଧିକାରୀ, ମୋର୍ଚ୍ଚା ପଦାଧିକାରୀ, ସମସ୍ତ ପଞ୍ଚାୟତ ପ୍ରମୁଖଙ୍କ ସମେତ ମଣ୍ଡଳର ସମସ୍ତ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ସକାଳେ ନିମେଇଶାପୁର ପଞ୍ଚାୟତ ବିରିବାଟି ନୂଆପୋଲ ନିକଟରେ ଦଳୀୟ ପତାକା ଉତ୍ତୋଳନ କରାଯାଇଥିଲା।

### ପଞ୍ଚାୟତସ୍ତରୀୟ ଜନଅଭିଯୋଗ ଶୁଣାଣି

ମଙ୍ଗୁଳି-ଜଗତପୁର,୬।୪(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ବ୍ରହ୍ମପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ଲକ ପକ୍ଷରୁ ସାପ୍ତାହିକ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଡିଓ ଏନ. ରାଜଲକ୍ଷ୍ମୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ରାହୁଲ ଓରାମ ଉପସ୍ଥିତ ରହି ମୋଟ ୧୧୨ଟି ଅଭିଯୋଗ ଗ୍ରହଣ କରିଥିଲେ। ସେଥିରୁ ୬ଟି ଅଭିଯୋଗର ସମାଧାନ କରିଥିବା ବେଳେ ୧୦୬ଟିର ଶୁଣାଣି ସ୍ଥଗିତ ରହିଛି। ଏଥିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୭୪ଟି, ଓଏପି ଯୋଜନାରେ ୨୮ଟି ଅଭିଯୋଗ ହୋଇଥିବା ବେଳେ ସେମଧ୍ୟରୁ ୬ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ ୨୨ଟି ସ୍ଥଗିତ ରହିଛି। ସେହିପରି ରାଶନ କାର୍ଡ ବାବଦରେ ୬ଟି ଓ ରାସ୍ତା ଏବଂ ଉନ୍ନୟମୂଳକ ଯୋଜନାରେ ୪ଟି ଅଭିଯୋଗ ସ୍ଥଗିତ ରହିଥିବା ଜଣାପଡ଼ିଛି।

### ଗୋପାଳଜୀଉ ମଣ୍ଡଳ ପକ୍ଷରୁ ଭାଜପା ପ୍ରତିଷ୍ଠା ଦିବସ

କଟକ,୬।୪(କାର୍ତ୍ତିକ ସାହୁ)

ଭାଜପା କଟକ ଜିଲା ଗୋପାଳ ଜୀଉ ମଣ୍ଡଳ ପକ୍ଷରୁ ଖାନନଗର ଟ୍ରାଫିକ ଛକ ଠାରେ ପାର୍ଟିର ୪୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମଣ୍ଡଳ ସଭାପତି ମିଳନ ରାଉତରାୟ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଅଳକା ମହାନ୍ତି, ପୂର୍ବତନ ଜିଲା ସମ୍ପାଦକ ସୁବାସ ମହାନ୍ତି, ଆଇନଜୀବୀ ମିଳନ ବଡୁ, କୃଷ୍ଣ ମହାପାତ୍ର, ପ୍ରଦୀପ ମହାନ୍ତି ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ




ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ବିଭିନ୍ନ ସମସ୍ୟା ନେଇ ସିଏମ୍‌ସି କାର୍ଯ୍ୟାଳୟ ଘେରିଲା ଓଡ଼ିଶା ଜନତା କଂଗ୍ରେସ**

କଟକ,୬।୪(ଶିକ୍ସା ପ୍ରିୟଦର୍ଶିନୀ)

ସିଏମ୍‌ସି ଅଞ୍ଚଳରେ ହେଉଥିବା ବ୍ୟାପକ ଦୁର୍ନୀତି ଓ ଅନିୟମିତତାକୁ ବିରୋଧ କରିଛି ଓଡ଼ିଶା ଜନତା କଂଗ୍ରେସ। ଦଳର ରାଜ୍ୟ ସଭାପତି ଇଂ. ମହମ୍ମଦ ମୋକିମ ଆହ୍ୱାନକ୍ରମେ ଓ ବରିଷ୍ଠ ନେତ୍ରୀ ଗିରିବାଳା ବେହେରାଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରା ନୟାସଡ଼କରୁ ବାହାରି ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାସହ ସିଏମ୍‌ସି କମିଶନର କିରଣ ଦୀପ କୌର ସାହୋତାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଐତିହାସିକ କଟକ ସହରର ବିକାଶ ଦାୟିତ୍ୱରେ ଥିବା ସିଏମ୍‌ସି ବର୍ତ୍ତମାନ ଦୁର୍ନୀତିର ଗନ୍ତାଘର ପାଲଟିଛି। ଏହାବ୍ୟତୀତ ସହରରେ ମଶା ତେଲ କିଣା ଓ ବର୍ଷା ପୂର୍ବରୁ ଡ୍ରେନେଜ୍ ସଫେଇ କାର୍ଯ୍ୟ ଠିକ୍ ଭାବେ ନ ହେବା, ହୋଲ୍ଡିଂ ଟ୍ୟାକ୍ସ ଆଦାୟରେ ଶିଥିଳତା, ବିନା ଟେଣ୍ଡରରେ ବେଆଇନ ହୋର୍ଡିଂ ଏବଂ ପୁରୁଣା ଅପାରଗ ସଂସ୍ଥାକୁ ମ୍ୟାନ-ପାୱାର ଓ ଷ୍ଟ୍ରିଟ୍ ଲାଇଟ୍ ପାଇଁ ପୁନର୍ବାର ଅନୁକମ୍ପା ଦେଖାଇବା ପରି ଅନେକ ସମସ୍ୟା ଥିଲେ ମଧ୍ୟ ଏହାକୁ ସମାଧାନ କରାଯାଉ ନାହିଁ ବୋଲି ଉଲ୍ଲେଖ କରାଯାଇଥିଲା। କମିଶନର ଦାବିପତ୍ର ଗ୍ରହଣ କରି ଏଦିଗରେ କାର୍ଯ୍ୟ କରାଯିବାକୁ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ଏନେଇ ଗିରିବାଳା କହିଛନ୍ତି, କଟକ ସହରବାସୀଙ୍କ ଟିକସ ଟଙ୍କାରେ ନିଗମ କର୍ତ୍ତୃପକ୍ଷ ସେମାନଙ୍କୁ ସର୍ବନିମ୍ନ ସେବା ଯୋଗାଇବାରେ ବିଫଳ ହୋଇଛନ୍ତି। ଯଦି ତୁରନ୍ତ ପରିମଳ ଓ ଡ୍ରେନେଜ୍ ସମସ୍ୟା ସମାଧାନ କରା ନ ଯାଏ, ତେବେ ଆଗାମୀ ଦିନରେ ଓଡ଼ିଶା ଜନତା କଂଗ୍ରେସ ଓ କଟକବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସେ ଚେତାବନୀ ଦେଇଛନ୍ତି। ବରିଷ୍ଠ ନେତା ବିରେନ୍ଦ୍ର ଦାସ, ନିକୁଞ୍ଜ ପଶାୟତ, ଶୈଳବାଳା ଜେନା, ପୂର୍ବତନ କର୍ପୋରେଟର କେଦାର ପୃଷ୍ଟି, ସେକ୍ ଲିଆକତ ଉଦ୍ଦୀନ ଅହମ୍ମଦ, ଚାରୁଲତା ସାହୁ, ଅନିତା ନାୟକ, କାଞ୍ଚନ ଦାସ ଓ ଅଜିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

କଟକ,୬।୪(କାର୍ତ୍ତିକ ସାହୁ)

ଆଠଗଡ଼ ଖୁଣ୍ଟୁଣୀସ୍ଥିତ ଏକ କାରଖାନାକୁ ବନ୍ଦ କରିବାର ପ୍ରତିବାଦ ଏବଂ ଶ୍ରମିକମାନଙ୍କ ବକେୟା ପ୍ରାପ୍ୟ ଦାବିରେ ରୋଲର୍ସ ଶ୍ରମିକ ସଂଘ ପକ୍ଷରୁ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଧାରଣା ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଶାନ୍ତନୁ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କର୍ମକର୍ତ୍ତା ବସନ୍ତ କୁମାର ସାହୁ, ଅଶୋକ ସ୍ୱାଇଁ, ମୁକ୍ତିକାନ୍ତ ସାହୁ, ସବିତା ସାହୁ, ମନୋଜ ବସନ୍ତ ରାୟ, ନିମାଇଁ ଚରଣ ପରିଡ଼ା, ଦୀପକ ମହାପାତ୍ର, ଲକ୍ଷ୍ମୀଧର ନାୟକ ପ୍ରମୁଖ କାରଖାନା କର୍ତ୍ତୃପକ୍ଷଙ୍କର ଶ୍ରମିକଙ୍କ ପ୍ରତି ଅନ୍ୟାୟ ଏବଂ ସେମାନଙ୍କର ବକେୟା ପ୍ରାପ୍ୟ ଦେଉ ନ ଥିବାରୁ ଏହାର ଘୋର ନିନ୍ଦା କରିଥିଲେ। ସଂଘ ପକ୍ଷରୁ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏକ ପ୍ରତିନିଧି ଦଳ ରାଜ୍ୟ ଯୁଗ୍ମ ଶ୍ରମ କମିଶନରଙ୍କୁ ଭେଟି ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ।

# ୧୦ରୁ ପାଇକସାହି ଚୈତ୍ର ମହୋତ୍ସବ

ଫୁଲନଖରା, ୬।୪ (ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅଧୀନ ପାଇକ ସାହିଠାରେ ଥିବା ଖେଳପଡ଼ିଆରେ ଆସନ୍ତା ୧୦ ତାରିଖରୁ ତିନିଦିନ ବ୍ୟାପୀ ହେବାକୁ ଯାଉଛି ଚୈତ୍ର ମହୋତ୍ସବ। କଟକ ମହାନଗର କୈବର୍ତ୍ତ ସଭା ଖାନନଗର କଟକ ସହିତ ଅନୁବନ୍ଧିତ ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭା ଯୋବ୍ରା, କଟକ ଦ୍ୱାରା ଆୟୋଜନ ଏହି କାର୍ଯ୍ୟକ୍ରମରେ ବହୁ ନେତା ଓ ମନ୍ତ୍ରୀ ଯୋଗଦେଉଥିବାବେଳେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ୧୦ ତାରିଖରେ ଉଦ୍‌ଘାଟନୀ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବାବେଳେ ୧୧ ତାରିଖରେ ମା'ବାସେଳୀ ଠାକୁରାଣୀଙ୍କ ଚଳନ୍ତି ପ୍ରତିମା ପାଇକ ସାହିରେ ନଗର ପରିକ୍ରମା କରିବେ। ସେହିଭଳି ୧୨ ତାରିଖ ସନ୍ଧ୍ୟାରେ ସାଂସ୍କୃତିକ ଓ ଉଦ୍‌ଯାପନୀ ହେବା କାର୍ଯ୍ୟକ୍ରମ ରହିଛି। ସଭାପତି କୁଶ ସାହୁ, ସମ୍ପାଦକ ଭୈରବ ଚନ୍ଦ୍ର ବେହେରା, କାର୍ଯ୍ୟକାରୀ ସଭାପତି ଅବିନାଶ କୁମାର ବେହେରା, ସଙ୍ଗଠନ ସମ୍ପାଦକ ସୌମ୍ୟରଞ୍ଜନ ବେହେରା, ପାଇକ ସାହିର ଜଗନ୍ନାଥ ପ୍ରସାଦ ବେହେରା, ଦେବେନ୍ଦ୍ର ବେହେରା, ସଚ୍ଚିଦାନନ୍ଦ ବେହେରା, ବିଜୟ ବେହେରା ତ୍ରିଲୋଚନ ବେହେରା, ଟିକେମ ବେହେରା, ନିଳୁରାମ ବେହେରା, ଅଜୟ ବେହେରା ଓ ହୃଷୀକେଶ ବେହେରାଙ୍କ ସମେତ କଟକ ମହାନଗର କୈବର୍ତ୍ତ ସଭାର କର୍ମକର୍ତ୍ତା ପ୍ରମୁଖ ଏହି ସୂଚନା ଦେଇଛନ୍ତି।

# ରାଜ୍ୟ ଜୁନିୟର ବାସ୍କେଟବଲ | ପୁରୀ, ଏଣ୍ଟରଟେନର ଚାମ୍ପିୟନ



ଅତିଥିଙ୍କ ସହ ଉପସ୍ଥିତ ଚାମ୍ପିୟନ ଖେଳାଳି।

କଟକ,୬।୪(କୁମାରଶ୍ରୀ)

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ୬୨ତମ ଜୁନିୟର ରାଜ୍ୟ ବାସ୍କେଟବଲ ଚାମ୍ପିୟନଶିପ୍ ସୋମବାର ଉଦ୍‌ଯାପିତ ହୋଇଯାଇଛି। ବାଳକ ବର୍ଗରେ ପୁରୀ ୧୦୩-୭୬ ପଏଣ୍ଟରେ କେବିଡିଏକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ସେହିପରି ବାଳିକା ବର୍ଗରେ କଟକର ଏଣ୍ଟରଟେନର ୯୨-୬୯ ପଏଣ୍ଟରେ ଗଞ୍ଜାମକୁ ହରାଇ ଟାଇଟଲ ହାସଲ କରିଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଆଇଏଫଏଫ ସମ୍ପାଦକ ଜି.ଏସ. ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ରାଜ୍ୟ ସଂଘ ସଭାପତି ଜ୍ଞାନେନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ଏନ.ବି. ଯାଦବ, ରାଜୁ ଖୁଟିଂଆ, ରଶ୍ମୀରଞ୍ଜନ ସାମନ୍ତରାୟ, ପିକେ ବେହେରା, ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବଜ୍ରପାତରେ ଗଲା ଯୁବକଙ୍କ ଜୀବନ

କଣ୍ଟାପଡ଼ା,୬।୪(ସୁର ନାରାୟଣ ସାହୁ)

ଗଜପତି ଜିଲା ମହେନ୍ଦ୍ରଗିରିକୁ ବୁଲିବାକୁ ଯାଇଥିବା ଜଣେ ବ୍ୟକ୍ତିଙ୍କ ବଜ୍ରପାତରେ ରବିବାର ଅପରାହ୍ନରେ ମୃତ୍ୟୁ ଘଟିଛି। ମୃତକ ହେଲେ ଓଲଟପୁର ଥାନା ଅନ୍ତର୍ଗତ ଓଲଟପୁର ଗ୍ରାମର ବିନୋଦ ଜେନା (୪୫)। ଖବରରୁ ପ୍ରକାଶ ଓଲଟପୁର ଥାନା ଅନ୍ତର୍ଗତ ବାଇରୋଇ, ଇଚ୍ଛାପୁର ଓ ଓଲଟପୁର ଗ୍ରାମର ୩ଜଣ ବ୍ୟକ୍ତି ମହେନ୍ଦ୍ରଗିରି ପର୍ବତ ବୁଲିବାକୁ ଯାଇଥିଲେ। ରବିବାର ମହେନ୍ଦ୍ରଗିରି ନିକଟରେ ଥିବା ବିନୋଦଙ୍କ ଶ୍ୱଶୁର ଘରେ ଖାଇବା ପରେ ଅପରାହ୍ନରେ ଶାଳକଙ୍କ ସହ ୪ଜଣ ମହେନ୍ଦ୍ରଗିରି ପର୍ବତ ବୁଲିବାକୁ ଯାଇଥିଲେ। ସେଠାରେ ବୁଲୁଥିବା ବେଳେ ହଠାତ୍ କାଳବୈଶାଖୀ ଆରମ୍ଭ ହୋଇଥିଲା। ସେମାନଙ୍କ ମଧ୍ୟରୁ ୩ଜଣ ଏକ ପଥର ଖୋଲରେ ଲୁଚି ଯାଇଥିଲେ। ତେବେ ବିନୋଦ ଗାଡ଼ି ନିକଟକୁ ପଳାଇ ଯାଉଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। କାଳବୈଶାଖୀ ପରେ ବିନୋଦଙ୍କ ଖୋଜ ଖବର ମିଳି ନ ଥିଲା। ବହୁ ଖୋଜାଖୋଜି ପରେ ତାଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସ୍ଥାନୀୟ ପୋଲିସ ସୋମବାର ମୃତକଙ୍କ ବ୍ୟବଚ୍ଛେଦ ହୋଇଥିବା ଜଣାପଡିଛି। ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ମର୍ଣ୍ଣିଂ ଷ୍ଟାର ପକ୍ଷରୁ ବନ୍ଧୁମିଳନ



କଟକ,୬।୪(କାର୍ତ୍ତିକ ସାହୁ)

ମର୍ଣ୍ଣିଂଷ୍ଟାର ପକ୍ଷରୁ ଭୁଆସୁଣୀ ପୀଠରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପ୍ରତିଯୋଗିତାରେ କ୍ରିକେଟ, ମ୍ୟୁଜିକ୍ ଚେୟାର, ୧୦୦ ମିଟର ଦୌଡ଼ ଆଦି ଖେଳ ହୋଇଥିଲା। କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଥିଲା। କଟକ ସତସଙ୍ଗ ବିହାରର ପରିଚାଳକ ସନାତନ ନାୟକ ଯୋଗଦେଇଥିଲେ। ଏଥିସହ ଭୁବନେଶ୍ୱର, ଜାରକା, କୁଆଖିଆ, ଢେଙ୍କାନାଳ, ଜାତମୁଣ୍ଡିଆ ଓ ବାଙ୍କୀରୁ ବହୁ ସଭ୍ୟ ଯୋଗଦେଇଥିଲେ। ଶ୍ରୀକାନ୍ତ ରାଉତରାୟ, ବଂଶୀଧର ଶାସନି, ବିକ୍ରମ ସାହୁ, ଅମିୟ ବେହେରା, ମନୋଜ ବାରିକ, ବ୍ରଜକିଶୋର ସିହ୍ନା, ପୂର୍ଣ୍ଣଚନ୍ଦ୍ର ମହାମାନସିଂ, ଦିପେଶ ମହାମାନସିଂ ଓ ସ୍ୱରୂପ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରତିଷ୍ଠା ଦିବସରେ ଦଳୀୟ ସଙ୍ଗଠନକୁ ମଜଭୁତ କରିବାକୁ ଶପଥ

କଟକ, ୬।୪(ଶିକ୍ସା ପ୍ରିୟଦର୍ଶିନୀ)

ଭାରତୀୟ ଜନତା ପାର୍ଟିର ୪୭ତମ ପ୍ରତିଷ୍ଠା ଦିବସ ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଚୌଧୁରୀ ବଜାରସ୍ଥିତ ଗୌରିଶଙ୍କର ପାର୍କଠାରେ ପତାକା ଉତ୍ତୋଳନ କରାଯିବା ସହ ଶ୍ୟାମା ପ୍ରସାଦ ମୁଖାର୍ଜୀ ଏବଂ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିନୋଦ ଦାସ, ପ୍ରଦୀପ କୁମାର ସ୍ୱାଇଁ, ପୂର୍ବତନ ଜିଲା ସଭାପତି ଲକ୍ଷ୍ମୀଧର ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ସ୍ମୃତି ରଞ୍ଜନ ମିଶ୍ର, ଜିଲା ଉପସଭାପତି ଦେବାଶିଷ ଘୋଷ, ବିଶ୍ୱରଞ୍ଜନ ମିଶ୍ର, ଦେବାଶିଷ ରାୟ, ଶୁକାନ୍ତ ସିଂ, ଧୂରେନ କୁମାର ସେଠୀ, ଜିଲା ସଭା ନେତ୍ରୀ ପ୍ରବୀଣା ମହାପାତ୍ର ପ୍ରମୁଖ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ରହି ଦଳୀୟ ସଙ୍ଗଠନକୁ ଆହୁରି ମଜଭୁତ କରିବା ପାଇଁ ଶପଥ ଗ୍ରହଣ କରିଥିଲେ।

# ଶିବିରରେ ୪୫ ଅଭିଯୋଗର ଶୁଣାଣି




କଟକ ସଦର,୬।୪(ସୁଶାନ୍ତ କୁମାର ଜେନା)

କଟକସଦର ବ୍ଲକ ଅନ୍ତର୍ଗତ ନିମେଇସାପୁର ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ବିଡିଓଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ରାଉତରାୟଙ୍କ ଉପସ୍ଥିତିରେ ବିଡିଓ ପ୍ରତୀକ ସାହୁ ୪୫ଟି ଅଭିଯୋଗର ଶୁଣାଣି କରିଥିଲେ। ମୁଖ୍ୟତଃ ବାର୍ଦ୍ଧକ୍ୟ ଭତ୍ତା, ଅନ୍ତ୍ୟୋଦୟ ଗୃହ, ନୂଆ ରାଶନ କାର୍ଡ ସମ୍ପର୍କିତ ଅଭିଯୋଗର ଶୁଣାଣି କରାଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକ, ଗତିରାଉତପାଟଣା ସରପଞ୍ଚ ସୋନାଲି ପ୍ରଧାନ, ନିମେଇସାପୁର ସମିତି ସଭ୍ୟା ଉର୍ମିଳା ସାହୁ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶୁକଦେବ ବେହେରା, ଏଡିଇଓ ଚନ୍ଦ୍ରକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଉମାକାନ୍ତ ରାଉତରାୟ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ପୋଲିସ ବିଭାଗରେ ଅଧିକ ନିଯୁକ୍ତି ପାଇଁ ଜନସ୍ୱାର୍ଥ ମାମଲା

**କର୍ମଚାରୀଙ୍କ ମଧ୍ୟରେ ବୃଦ୍ଧି ପାଉଛି କାମଚାପ, ଅବସାଦ**

କଟକ,୬।୪(କାର୍ତ୍ତିକ ସାହୁ)

ଓଡ଼ିଶା ପୋଲିସ କର୍ମଚାରୀଙ୍କ ମଧ୍ୟରେ କର୍ମଚାପ ଓ ଅବସାଦ ବୃଦ୍ଧି ପାଉଛି। ଆବଶ୍ୟକ ମୁତାବକ ପୋଲିସ କର୍ମଚାରୀ ଅଭାବରେ ବର୍ତ୍ତମାନ ନିଯୁକ୍ତ ଥିବା କର୍ମଚାରୀମାନେ ଅପେକ୍ଷାକୃତ ଭାବେ ଅଧିକ କାର୍ଯ୍ୟ କରୁଛନ୍ତି। ଫଳରେ ସେମାନେ କର୍ମକ୍ଷେତ୍ରରେ ମାନସିକ ଚାପଗ୍ରସ୍ତ ହେଉଛନ୍ତି। ରାଜ୍ୟ ସରକାର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଅଧିକ ସଂଖ୍ୟକ ଆବଶ୍ୟକ ପୋଲିସ କର୍ମଚାରୀ ନିଯୁକ୍ତି ନିମନ୍ତେ ଆଦେଶ ଦେବାକୁ ପ୍ରାର୍ଥନା କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ସୋମବାର ଦାଏର ହୋଇଛି।

ମାମଲାର ବିବରଣୀ ଅନୁସାରେ, ଆବେଦନକାରୀ ଏ ସଂକ୍ରାନ୍ତରେ ଏକ ଜନସ୍ୱାର୍ଥ ମାମଲା (ନଂ. ୩୫୭୫/୨୩) ହାଇକୋର୍ଟରେ ରୁଜୁ କରିଥିଲେ। ଓଡ଼ିଶାରେ ପୋଲିସ କର୍ମଚାରୀମାନଙ୍କ ମାନସିକ ସ୍ୱାସ୍ଥ୍ୟ, କଲ୍ୟାଣ ଓ ମର୍ଯ୍ୟାଦା ରକ୍ଷା ସଂକ୍ରାନ୍ତୀୟ ସମସ୍ୟା ନେଇ ଆବେଦନକାରୀ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହାଇକୋର୍ଟ ଉକ୍ତ ମାମଲାର ଶୁଣାଣି କରି ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ୨୦୨୩ ଫେବୃଆରୀ ୮ରେ ଆଦେଶ ଦେଇଥିଲେ। ହାଇକୋର୍ଟଙ୍କ ଉକ୍ତ ଆଦେଶ ଅନୁଯାୟୀ ରାଜ୍ୟ ସରକାର କ'ଣସବୁ ପଦକ୍ଷେପ ନେଇଛନ୍ତି ସେନେଇ ହାଇକୋର୍ଟଙ୍କୁ ଜଣାଇବେ। ଏଥିସହ ରାଜ୍ୟର ସମସ୍ତ ପୋଲିସ କର୍ମଚାରୀଙ୍କ ମାନସିକ ସୁସ୍ୱାସ୍ଥ୍ୟ, ବୃତ୍ତିଗତ ସହଯୋଗ ନିଶ୍ଚିତ କରାଇବା, ଚାପହ୍ରାସ ପରିଚାଳନା କୌଶଳ ଶିକ୍ଷା, ମର୍ଯ୍ୟାଦା ଓ ମାନବିକତାର ସହ କାର୍ଯ୍ୟ କରିବା ନିମନ୍ତେ ଏକ ଉଚ୍ଚସ୍ତରୀୟ ସ୍ୱାଧୀନ କମିଟି ଗଠନ ଉପରେ ହାଇକୋର୍ଟ ଆଦେଶ ଦିଅନ୍ତୁ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି।



ହାଇକୋର୍ଟ ଆଇନଜୀବୀ ଶିବଶଙ୍କର ମହାନ୍ତି ମାମଲା ଦାଏର କରିଛନ୍ତି। ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଓ ପୋଲିସ ଡିଜିଙ୍କୁ ମାମଲାରେ ପକ୍ଷଭୁକ୍ତ କରାଯାଇଛି।

# ବଢୁଛି ପଥର ଚୋରାଚାଲାଣ, ପ୍ରଶାସନ ନୀରବ

**ଖୋର୍ଦ୍ଧା,୬।୪(ପ୍ରଭାତ ପାଣିଗ୍ରାହୀ)**



ଖୋର୍ଦ୍ଧା ଜିଲାରେ ଲଘୁ ଖଣିଜ ସମ୍ପଦ ଲୁଟ୍ ବଢ଼ିଚାଲିଛି। ସରକାରୀ ଜମି, କାଜୁ ଜଙ୍ଗଲ ଏବଂ ଶ୍ରୀମନ୍ଦିର ଜମି ଉପରେ ରହିଛି ଖଣି ମାଫିଆଙ୍କ ଲୋଲୁପ ଦୃଷ୍ଟି। ସବୁଠି ମାଙ୍କଡ଼ା ପଥର କଟାଚାଲିଛି। ଫଳରେ ଜମି, ଜଙ୍ଗଲ ନଷ୍ଟ ହେବା ସହ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେଉଛି। ପ୍ରତିବାଦ କଲେ ଖଣି ମାଫିଆମାନେ ଧମକ ଦେଉଛନ୍ତି। ଏନେଇ ସ୍ଥାନୀୟ ପୋଲିସଠାରୁ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ସତ୍ତ୍ୱେ ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ। ତେବେ ପ୍ରଶାସନ, ପୋଲିସର କେତେଜଣ ଅସାଧୁ କର୍ମଚାରୀ ଏବଂ ମାଫିଆଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ବେଆଇନ ପଥର ଖଣି ଖନନ ବଢ଼ିବାରେ ଲାଗିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଅନ୍ୟପଟେ ଚୋରାଚାଲାଣ ରୋକିବା ଲାଗି ପ୍ରଶାସନିକ ସ୍ତରରେ ପୋଲିସ ଏବଂ ରାଜସ୍ୱ ଅଧିକାରୀଙ୍କୁ ନେଇ ମିଳିତ ଟାସ୍କଫୋର୍ସ ଗଠନ କରାଯାଇଛି। ଏହି ଟିମ୍ ଅଚାନକ ଭାବେ ଖଣିରେ ଚଢ଼ାଉ କରି ଏନ୍‌ଜିଟି ଓ ପରିବେଶ, ପ୍ରଦୂଷଣ ବୋର୍ଡ ଗାଇଡ୍‌ଲାଇନ ପାଳନ କରାଯାଉଛି କି ନାହିଁ, କେତେ ପରିମାଣ ଖନନ କରାଯାଉଛି, ତାହାର ତଦାରଖ କରିବେ। ତେବେ ଜରିମାନା ଆଦାୟରେ ଏହା ସୀମିତ ରହିଛି। ଫଳରେ ମାଫିଆମାନେ ଅନୁମତି ଠାରୁ ଅଧିକ ପଥର ଖନନ କରିବା ସହିତ ବ୍ଲାଷ୍ଟିଂ ଜାରି ରଖିଛନ୍ତି। ଟାସ୍କଫୋର୍ସ ଗଠନ ଏକପ୍ରକାର ପ୍ରହସନରେ ପରିଣତ ହୋଇଛି।

ଖୋର୍ଦ୍ଧାରେ ଶ୍ରୀମନ୍ଦିର ପ୍ରଶାସନର ୪୬ରୁ ଊର୍ଦ୍ଧ୍ୱ ପଥର ଖଣି ରହିଛି। କୌଣସି ପଥର ଖଣିକୁ ବ୍ଲାଷ୍ଟିଂ ଅନୁମିତି ମିଳି ନ ଥିବା ବେଳେ ଦିବାରାତ୍ର ବେଧଡ଼କ ଭାବେ ଖଣି ଖନନ ଓ ଚୋରା ଚାଲାଣ ଚାଲିଛି। ନିଜିଗଡ ଟାପଙ୍ଗ, ଶରଧାପୁର, ହଳଦିପଦା,ଟାଙ୍ଗିଆପଡା, ଅରାଙ୍ଗ ଆଦି ଅଞ୍ଚଳରୁ ଦୈନିକ ଶହ ଶହ ଟ୍ରକରେ ଚୋରାଚାଲାଣ ହେଉଛି। ନକଲି ୱାଇ ଫର୍ମରେ ଚଢ଼ାଦରରେ ପଥର ଚାଲାଣ ଚାଲିଥିବା ସାଧାରଣରେ ଅଭିଯୋଗ ହୋଇଛି। ଖୋର୍ଦ୍ଧା-ନୟାଗଡ଼ ୫୭ନମ୍ବର ଏବଂ ଭୁବନେଶ୍ୱର-ଚେନ୍ନାଇ ୧୬ନମ୍ବର ଜାତୀୟ ରାଜପଥରେ ବେଧଡ଼କ ଭାବେ ଚୋରାଚାଲାଣ ଚାଲିଛି। ନିଜିଗଡ ଟାପଙ୍ଗରେ ବେଆଇନ ଭାବେ ୪୦୦ରୁ ଊର୍ଦ୍ଧ୍ୱ ସରକାରୀ ଜମି, ଜଙ୍ଗଲ ଜମି, କାଜୁ ଜଙ୍ଗଲ ଏବଂ ଶ୍ରୀମନ୍ଦିର ପ୍ରଶାସନ ଜମି, ପଥର ଖଣିରୁ ଚୋରା ଚାଲାଣ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲରେ ଶ୍ରୀମନ୍ଦିର ପ୍ରଶାସନକୁ ୧୨କୋଟି ଭରଣା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଟଙ୍କାରେ ଜିଲା ପ୍ରଶାସନ ଖନନ ହୋଇଥିବା ସ୍ଥାନରେ ମାଟି ପକାଇ ପୋତିବା କାର୍ଯ୍ୟ କରିବେ। ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୫କୋଟିରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ ସହ ଏକାଧିକ ବ୍ୟକ୍ତିଙ୍କ ନାମରେ ଥାନାରେ ମାମଲା ରୁଜୁ ହୋଇଛି। ତେବେ ପ୍ରଶାସନ ପକ୍ଷରୁ କେବଳ ଚୋରା ଚାଲାଣକାରୀଙ୍କ ଠାରୁ ଜରିମାନା ଆଦାୟ କରାଯାଉଥିବା ବେଳେ ଏହା ପଛରେ ରହିଥିବା ମାଷ୍ଟର ମାଇଣ୍ଡଙ୍କୁ ଗିରଫ କରାଯାଉନାହିଁ। ଫଳରେ ଦୀର୍ଘ ବର୍ଷ ଧରି ଚୋରା ଚାଲାଣରେ ସମ୍ପୃକ୍ତ ରହିଥିବା ପଥର ମାଫିଆମାନେ ଖସିଯାଉଛନ୍ତି।

ଏ ସମ୍ପର୍କରେ ଜିଲାପାଳ ଅମ୍ରିତ୍ ଋତୁରାଜ କହିଛନ୍ତି, ବେଆଇନ ପଥର ଚୋରାଚାଲାଣ ରୋକିବା ଲାଗି ନିୟମିତ ବ୍ୟବଧାନରେ ଚଢ଼ାଉ ଜାରି ରହିଛି। ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଏସ୍‌ପି ବିବେକାନନ୍ଦ ଶର୍ମା କହିଛନ୍ତି, ପୋଲିସ ପକ୍ଷରୁ ପଥର ଖଣିରେ ଚଢ଼ାଉ ଜାରି ରହିଛି। ବେଆଇନ ଭାବେ ଚାଲିଥିବା ପଥର ଖାଦାନ ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

# ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

## ୧୦୯ ଅଭିଯୋଗରୁ ୯୬ ତତ୍କାଳ ସମାଧାନ

**ବୋଲଗଡ଼,୬।୪(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଅସରଳା ଦଳ ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁମନ ସୁଧା କୁଣ୍ଟୁଙ୍କ ତତ୍ତ୍ୱାବଧାନରେ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗଦେଇ ଲୋକଙ୍କ ଅଭିଯୋଗ ଗ୍ରହଣ କରି ସମାଧାନ କରିଥିଲେ। ଏହି ଅବସରରେ ମୋଟ୍ ୧୦୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ତନ୍ମଧ୍ୟରୁ ୯୬ଟିର ତତ୍କାଳ ସମାଧାନ କରାଯାଇଛି। ଆଉ ୧୩ଟି ଅଭିଯୋଗର ବିଭାଗୀୟ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଆବାସ ଯୋଜନା, ଭତ୍ତା, ରାଶନ କାର୍ଡ, ଆଧାର କାର୍ଡ ଓ କୃଷି ସମ୍ବନ୍ଧୀୟ ଅଧିକାଂଶ ଅଭିଯୋଗ ସହ ଅନ୍ୟାନ୍ୟ ବିଭାଗର ଅଭିଯୋଗ ରହିଥିବା ବେଳେ ବହୁ ହିତାଧିକାରୀଙ୍କୁ ପଟା ବଣ୍ଟନ, ଜାତି ଓ ଆୟ ପ୍ରମାଣପତ୍ର, ରାଶନ କାର୍ଡ ଆଦି ପ୍ରଦାନ ସହ ସେଥିରେ ଥିବା ତ୍ରୁଟି ସଂଶୋଧନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏବିଡିଓ ଡ.ରତିକାନ୍ତ ମିଶ୍ର, ସ୍ଥାନୀୟ ସରପଞ୍ଚ ଶୁଭଲକ୍ଷ୍ମୀ ସୁନ୍ଦରାୟ, ସମିତିସଭ୍ୟା ସୁମିତ୍ରା ମହାପାତ୍ର, ପଞ୍ଚାୟତ ନିର୍ବାହୀ ଅଧିକାରୀ ବରଦାକାନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ଆଲୋକ ଜେନା ଓ ଅନ୍ୟ ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ।

# ୧୧୮ ଅଭିଯୋଗରୁ ୯ ତତ୍କାଳ ସମାଧାନ



**ଖୋର୍ଦ୍ଧା,୬।୪(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ପ୍ରଶାସନର ମିଳିତ ଜନଶୁଣାଣି ଶିବିର ସୋମବାର ଜିଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅମ୍ରିତ୍ ଋତୁରାଜ ଅଧ୍ୟକ୍ଷତା କରିଥିଲେ। ଏସ୍‌ପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ସଞ୍ଜୟ ଚନ୍ଦ୍ର ରାୟ ପ୍ରମୁଖ ଯୋଗଦେଇଥିଲେ। କୌଣସି ଅଭିଯୋଗ ସ୍ଥଗିତ ନ ରଖି ସମାଧାନ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣିରେ ମୋଟ୍ ୧୧୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ୧୧୨ ଏବଂ ଗ୍ରାମୀଣ ସମସ୍ୟା ୬ଟି ଅଭିଯୋଗ ରହିଥିଲା। ଜିଲାପାଳ ତତ୍କାଳ ୯ଟି ଅଭିଯୋଗର ସମାଧାନ କରିଥିବା ବେଳେ ଜିଲା ରେଡ୍‌କ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ୧୦ ହଜାର ଟଙ୍କା ଅନୁମୋଦନ କରିଥିଲେ। ଅନ୍ୟ ଅଭିଯୋଗ ଗୁଡ଼ିକ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ବିଡିଓ, ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଅଧିକାରୀମାନେ ଯୋଗଦେଇଥିଲେ।

# ବେଗୁନିଆରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

**ବେଗୁନିଆ,୬।୪(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ଅନ୍ତର୍ଗତ ବେଗୁନିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସତ୍ୟନାରାୟଣ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଡିଓ ସନ୍ତୋଷ କୁମାର ଜେନା, ଅତିରିକ୍ତ ତହସିଲଦାର ମୃତ୍ୟୁଞ୍ଜୟ ବରାଳ, ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ଦେବାଶିଷ ଆଚାର୍ଯ୍ୟ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ବିନୋଦିନୀ ପଣ୍ଡା ପ୍ରମୁଖ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ମୋଟ୍ ୧୬ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ଆବାସ, ଖାଉଟି କାର୍ଡ, ପାନୀୟଜଳ ଯୋଗାଣ ସମ୍ପର୍କିତ ବିଭିନ୍ନ ଅଭିଯୋଗ କରାଯାଇଛି। ବିଶେଷକରି ଚୟନ ପ୍ରକ୍ରିୟାରେ ପାତରଅନ୍ତର କରାଯାଉଛି ବୋଲି ଅଭିଯୋଗ ଉଠିଛି। ଏପରିକି ଯୋଗ୍ୟ ହିତାଧିକାରୀଙ୍କୁ ଖାଉଟି କାର୍ଡ ଓ ଆବାସ ଯୋଜନା ବଣ୍ଟନ କରା ନ ଯାଇ ଅଯୋଗ୍ୟଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରାଯାଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିଡିଓ ଜେନା କହିଛନ୍ତି, ଅଭିଯୋଗ ପରେ ନିର୍ଦ୍ଦିଷ୍ଟ ବିଭାଗ ପକ୍ଷରୁ ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ନିଆଯାଉଛି। ଡବ୍ଲୁଇଓ ସବିତା ନାୟକ, ବିଏସଏସଓ ପୂଜା ପୁଷ୍ପାଞ୍ଜଳି ଖଟେଇ, ଏମ୍‌ଆଇ ସାଗରିକା ମହାଲୀ, ମତ୍ସ୍ୟ ବିଭାଗରୁ ନିଜାମୁଦ୍ଦିନ ଖାଁ, ଜୀବିକାମିଶନର ରାକେଶ ପଟ୍ଟନାୟକଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏଡିଇଓ ଏବଂ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ବରୁଣେଇ ପୀଠରେ ସ୍ୱଚ୍ଛତା ଅଭିଯାନ




**ଖୋର୍ଦ୍ଧା,୬।୪(ପ୍ରଭାତ ପାଣିଗ୍ରାହୀ)**

## ଓଡ଼ିଆ ପକ୍ଷ ପାଳନ ଷଷ୍ଠ ଦିବସ

ଓଡ଼ିଆ ପକ୍ଷ ପାଳନର ଷଷ୍ଠ ଦିବସରେ ପ୍ରଶାସନ ପକ୍ଷରୁ ବିଭିନ୍ନ ଦେବାଳୟ ଓ ଐତିହ୍ୟସ୍ଥଳୀରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଜିଲାସ୍ତରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ବରୁଣେଇ ପୀଠରେ ଅନୁଷ୍ଠିତ ହୋଇଥିଲା। ଏହି ଅଭିଯାନରେ ପୌରାଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, ପରିଷଦ ସମସ୍ତ ୱାର୍ଡ ସଭ୍ୟ, ସ୍ୱେଚ୍ଛାସେବୀମାନେ ସାମିଲ ହୋଇଥିଲେ। ମନ୍ଦିର ପରିସର, ପାହାଚ, ପାହାଡ଼ ପାଦଦେଶ ସଫେଇ କରିଥିଲେ। ଐତିହ୍ୟ ଓ ପର୍ଯ୍ୟଟନସ୍ଥଳ ପ୍ଲାଷ୍ଟିକ, ପଲିଥିନ ମୁକ୍ତ ବାର୍ତ୍ତା ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ସଂଯୋଜନା କରିଥିଲେ। ଅତିଥିମାନେ ଓଡ଼ିଆ ପକ୍ଷ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିବା ସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣ ପାଇଁ ସ୍ୱଚ୍ଛତା ଜରୁରୀ ବୋଲି ଉଦ୍‌ବୋଧନ ଦେଇଥିଲେ। ନିଜର ଘର, ବାରି, ବଗିଚା, ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ପରିସର ତଥା ବିଭିନ୍ନ ଐତିହ୍ୟ ଓ ଦେବାଳୟ ସ୍ଥାନ, ସର୍ବସାଧାରଣ ସ୍ଥାନକୁ ସଫା ରଖିବାକୁ ସମସ୍ତେ ଯତ୍ନବାନ ହେବା ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ସେହିପରି ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ୟୁନିଟ୍ ପକ୍ଷରୁ ମା'ବାରୁଣେଇ ପୀଠରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ପୂର୍ଣ୍ଣିମା ନାୟକଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ହୋଇଥିବା ବେଳେ ମହାବିଦ୍ୟାଳୟର ସିନିୟର ପ୍ରଶାସନିକ ଅଧିକାରୀ ପ୍ରମୋଦ କୁମାର ସାମଲ, ଡ.ଅନିଲ କୁମାର ରାଏ ଏବଂ ଅଧ୍ୟାପକ ସୁବୋଧ ଜଗଦେବ ଯୋଗଦେଇ ସ୍ୱଚ୍ଛତାର ଉପାଦେୟତା ସମ୍ପର୍କରେ କହିବା ସହ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍, ଯୁବ ରେଡକ୍ରସ, ରୋଭର୍ସ- ରେଞ୍ଜର, ଏନ୍‌ସିସି ପକ୍ଷରୁ ୬୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଟି. ଅକ୍ଷୟ କୁମାର ଏବଂ ରୋଭର୍ସ-ରେଞ୍ଜର ଅଧିକାରିଣୀ ତରୁଲତା ମଲ୍ଲିକ ପରିଚାଳନା କରିଥିଲେ।

# ଭାଜପାର ୪୭ତମ ପ୍ରତିଷ୍ଠା ଦିବସ



ବଡ଼ପୋଖରିଆ ସ୍ଥିତ ଭାଜପା କାର୍ଯ୍ୟାଳୟଠାରେ ଦଳୀୟ ପତାକା ଉତ୍ତୋଳନ କରାଯାଉଛି।

**ଖୋର୍ଦ୍ଧା,୬।୪(ପ୍ରଭାତ ପାଣିଗ୍ରାହୀ)**

ଭାରତୀୟ ଜନତା ପାର୍ଟି(ଭାଜପା) ଖୋର୍ଦ୍ଧା ମଣ୍ଡଳ ପକ୍ଷରୁ ସ୍ଥାନୀୟ ସାନପଲ୍ଲା ଦଳୀୟ କାର୍ଯ୍ୟାଳୟରେ ଭାଜପାର ୪୭ତମ ସ୍ଥାପନା ଦିବସ ସୋମବାର ପାଳିତ ହୋଇଯାଇଛି। ପୂର୍ବତନ ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର ଦଳୀୟ ପତାକା ଉତ୍ତୋଳନ କରିଥିଲେ। ପରେ ମଣ୍ଡଳ ସଭାପତି ରଞ୍ଜିତ୍ କୁମାର ପଟ୍ଟଶାଣୀଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଅତିଥିମାନେ ଭାରତ ମାତା, ଡ.ଶ୍ୟାମାପ୍ରସାଦ ମୁଖାର୍ଜୀ ଏବଂ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଭାଜପା ସମବାୟ ପ୍ରକୋଷ୍ଠର ରାଜ୍ୟ ସଂଯୋଜକ ଶ୍ରୀରଞ୍ଜନ ମଙ୍ଗରାଜ ମୁଖ୍ୟ ବକ୍ତାଭାବେ ପାର୍ଟିର ୪୬ବର୍ଷର ସଂଘର୍ଷମୟ ଯାତ୍ରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଦୀର୍ଘ ୪୬ବର୍ଷର ସୁଦୀର୍ଘ ଯାତ୍ରା ପରେ ଭାରତୀୟ ଜନତା ପାର୍ଟି ବିଶ୍ୱର ସର୍ବବୃହତ ଦଳର ମାନ୍ୟତା ପାଇଛି। ୧୯୮୦ ଏପ୍ରିଲ ୬ରେ ଦଳର ମୁମ୍ବାଇ ଅଧିବେଶନରେ ଅଟଳ ବିହାରୀ ବାଜପେୟୀଙ୍କ ସଭାପତିତ୍ୱରେ ଭାରତୀୟ ଜନତା ପାର୍ଟି ଗଠନ ହୋଇଥିଲା। ଦଳ ନୀତି ଆଦର୍ଶ, ଶୃଙ୍ଖଳା, ରାଷ୍ଟ୍ରବାଦ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ପୂର୍ବ ମଣ୍ଡଳ ସଭାପତି ପ୍ରଦୀପ୍ତ କୁମାର ପାଣି, ନଗେନ୍ଦ୍ର ନାଥ ସାହୁ ଯୋଗଦେଇଥିବା ବେଳେ ସାଧାରଣ ନାରାରେ ଦଳୀୟ କାର୍ଯ୍ୟାଳୟ ପ୍ରକମ୍ପିତ ହୋଇଥିଲା। ନିର୍ବାଚନ ମଣ୍ଡଳୀର ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**କୃଷ୍ଣପ୍ରସାଦ,(କୈଳାସ ଚନ୍ଦ୍ର ପଟ୍ଟନାୟକ)**

କୃଷ୍ଣପ୍ରସାଦ ମଣ୍ଡଳ ପକ୍ଷରୁ ଭାଜପାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମଣ୍ଡଳ ସଭାପତି ସଂଗ୍ରାମ କେଶରୀ ଜେନାଙ୍କ ଅଧ୍ୟକ୍ଷତାରେ ଚିଛିଣି ସ୍ଥିତ ବୀଣାପାଣି ୟୁଥ କ୍ଲବ୍ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା କେଲୁ ଚରଣ ଜେନା ଦଳୀୟ ପତାକା ଉତ୍ତୋଳନ କରିଥିଲେ। ଦୀନବନ୍ଧୁ ଜେନା, ଉତ୍ତମ କୁମାର ତରେଇ, ହରିହର ଦାଶ, ସଂଜୟ କୁମାର ସେଠୀ, ଯୋଗେନ୍ଦ୍ର ନାଥ ପଲେଇ, ଯୁବ ମୋର୍ଚ୍ଚା ସଭାପତି ବିଶ୍ୱଜିତ ବିଶ୍ୱାଳ, ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, ସରସ୍ୱତୀ ଜେନା, କ୍ଷେତ୍ରବାସୀ ପଲେଇ, ବନମାଳୀ ଜେନା, ହଳଧର ବିଶ୍ୱାଳ, ସୁକାନ୍ତ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଦଳର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶରତ ଚନ୍ଦ୍ର ଜେନା, ହିରଣ୍ୟ କୁମାର ଜେନା, ମନୋଜ କୁମାର ଜେନା, ରଶ୍ମୀ ରଞ୍ଜନ ବିଶ୍ୱାଳ, ରାମଚନ୍ଦ୍ର ବେହେରା, ପ୍ରଦୀପ କୁମାର ଜେନା, ବିଷ୍ଣୁ ଚରଣ ବେହେରା, ଦେବାଶିଷ ଜଗଦେବ ନାୟକ, ପ୍ରଭାକର ଜେନା,ଲଳିତ କୁମାର ତରେଇ, ଗୋପାଳ କୃଷ୍ଣ ପଲେଇ, ଚନ୍ଦନ କୁମାର ଦଣ୍ଡସେଣା, ରାଜେନ୍ଦ୍ର ନାଥ ସାହୁ, ରମେଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।



ମା'ଭୂୟାଁଣୀଙ୍କ ପୀଠ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା କର୍ମକର୍ତ୍ତାମାନେ।

**ନିରାକାରପୁର, (ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ବଡ଼ପୋଖରିଆ ସ୍ଥିତ ଭାଜପା କାର୍ଯ୍ୟାଳୟଠାରେ ୯ନମ୍ବର ଜୋନର ମଣ୍ଡଳ ସଭାପତି ମାଧବ ପ୍ରସାଦ ମହାନ୍ତିଙ୍କ ସଭାପତିତ୍ୱରେ ଭାଜପାର ୪୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକର୍ତ୍ତାଙ୍କୁ ଦଳର ପ୍ରତିଷ୍ଠା ବିଷୟରେ ସମ୍ୟକ ସୂଚନା ଦେଇଥିଲେ। ଏହି ଅବସରରେ ଭାଜପାର ଦଳୀୟ ପତାକା ଉତ୍ତୋଳନ କରାଯାଇଥିଲା। ଭାରତ ମାତା କି ଜୟ ସମ୍ପାଦକ ରଶ୍ମି ମାନ୍ଧାତା, କୁନି ଦାସ, ସାଂସଦଙ୍କ ପ୍ରତିନିଧି ଇଂ.ବିଭୂପ୍ରସାଦ ବଳିୟାରସିଂହ, ଉପସଭାପତି କେଦାରେଶ୍ୱର ପୃଷ୍ଟି, ସମ୍ପାଦକ ଗଗନ ବଡ଼ଜେନା ଓ ସୁକାନ୍ତି ବେହେରା, ଶ୍ରୀଧର ବେହେରା, ଦିବାକର ମହାରଥୀ, ସୁବାସ ସେନାପତି, ତପନ ପାତ୍ର, ନୟନ ପରିଡ଼ା, ଜିତେନ୍ଦ୍ର ମହାନ୍ତି ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ବରିଷ୍ଠ ଉପସଭାପତି ଗଗନ ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।

**ବୋଲଗଡ଼,(ଦେବବ୍ରତ ହୋତା)**

ବୋଲଗଡ଼ ମଣ୍ଡଳ ଭାଜପା ସଭାପତି ଦିପନ ବିଶ୍ୱାଳଙ୍କ ଆବାହକତ୍ୱରେ ସୋମବାର ମା'ଭୂୟାଁଣୀଙ୍କ ପୀଠ ଠାରେ ଦଳର ୪୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଡ଼ାବରଧୁଆ, ଖଗୁରିଆ, କଳାଙ୍ଗ, ଫାସୀଓଦା, ବୋଲଗଡ଼ ଓ ଦଳେଇସାହି ଆଦି ପଞ୍ଚାୟତର ଦଳୀୟ ସଦସ୍ୟମାନେ ଯୋଗଦେଇଥିଲେ। ଭାରତମାତା କି ଜୟ ଓ ବନ୍ଦେ ମାତରଂ ଧ୍ୱନିରେ ସଭାମଞ୍ଚ ପ୍ରକମ୍ପିତ ହୋଇଥିଲା। ସଭାପତି ବିଶ୍ୱାଳ ଅଭିଭାଷଣରେ ରାଷ୍ଟ୍ରସେବା ପ୍ରତି ଉତ୍ସର୍ଗୀକୃତ ଭାରତୀୟ ଜନତା ପାର୍ଟି ବିଶ୍ୱର ସର୍ବବୃହତ ରାଜନୈତିକ ସଙ୍ଗଠନଭାବେ ଉଭା ହୋଇଛି ବୋଲି କହିଥିଲେ। ସେହିପରି ପୂର୍ବତନ ମଣ୍ଡଳ ସଭାପତି ସଞ୍ଜୟ ବେହେରା, ପୂର୍ବତନ ସରପଞ୍ଚ ପ୍ରମୋଦ କୁମାର ପ୍ରଧାନ, ନକୁଳ ରାଉତରାୟ, ପିଙ୍ଗଳ ମୁଦୁଲି, ଭାଗୀରଥି ମାର୍ଥା, ମାଧବ ସେଠୀ, ବ୍ରଜ ବନ୍ଧୁ ସାହୁ, ପବିତ୍ର ସିଂହ, ପୂର୍ଣ୍ଣଚନ୍ଦ୍ର ସିଂହ, କେଦାର ନାଥ ପାଟଶାଣୀ ପ୍ରମୁଖ ଦଳ ସ୍ଥାପନା ସମ୍ପର୍କରେ ଆଲୋକପାତ କରିଥିଲେ। ରାଜେଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ବେଗୁନିଆ,୬।୪(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ବଡ଼ବେରଣା ଗ୍ରାମର ଆରାଧ୍ୟ ଜଳେଶ୍ୱର ଦେବଙ୍କ ପୀଠରେ ଗ୍ରାମବାସୀଙ୍କ ସହଯୋଗରେ ତିନିଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । କୃଷ୍ଣ ଚନ୍ଦ୍ର କର ଶର୍ମାଙ୍କ ତତ୍ତ୍ୱାବଧାନରେ ନବ କିଶୋର ମହାପାତ୍ର ଓ ତାଙ୍କ ସ୍ତ୍ରୀ ସତ୍ୟଭାମା କର୍ତ୍ତାଭାବେ ଉପବେଶନ ହୋଇଥିଲେ। ବୈଦିକ ରୀତିନୀତି ଅନୁଯାୟୀ ଅଙ୍କୁରାରୋପଣ, ମଣ୍ଡଳକରଣ, ନାମଯଜ୍ଞ, କଳସ ଶୋଭାଯାତ୍ରା କରାଯାଇ ଯଜ୍ଞ ସ୍ଥଳରେ ସ୍ଥାପନ ହୋଇଥିଲା। ପରେ ଶାଳାପୂଜା, ବ୍ରାହ୍ମଣ ବରଣ, ଅଗ୍ନି ସ୍ଥାପନ, ଚଣ୍ଡୀ ଆହୁତି, ପୂର୍ଣ୍ଣ ଜଳ ଛାୟା, ତୀର୍ଥବାହନ, ସୂର୍ଯ୍ୟପୂଜା, ଗୋପୂଜା, ରୁଦ୍ରାଭିଷେକ, ଶିବ ମନ୍ତ୍ରରେ ଆହୁତି ସହ ପୂର୍ଣ୍ଣାହୁତି ହୋଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ଗୀତିକାର ପ୍ରଫୁଲ୍ଲ ଦେଉରିଙ୍କ ଦ୍ୱାରା ଭଜନ ଏବଂ ବଡ଼ବେରଣା ମା'କାଳିକା ଦେବୀ ସାଂସ୍କୃତିକ ପରିଷଦ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା।

# 'ଭଲ ପାଠପଢ଼ି ବିଦ୍ୟାଳୟର ଟେକ ରଖ'



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**ନିରାକାରପୁର,୬।୪**
**(ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ପଞ୍ଚାୟତ ଆର୍ଯ୍ୟବିହାର ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତ୍ରିଂଶତମ ବାର୍ଷିକ ଉତ୍ସବ ସୋମବାର ବିଦ୍ୟାଳୟର ସଭାପତି ଉର୍ମିଳା ଦେବୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ଡ.ମର୍କତ କେଶରୀ ରାୟ, ମୁଖ୍ୟ ବକ୍ତା ସ୍ତମ୍ଭକାର ଡ. ନିରଞ୍ଜନ ପାଢ଼ୀ, ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଡ.ମୃତ୍ୟୁଞ୍ଜୟ ରଥ, ଟାଙ୍ଗୀ ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ନଳିନୀ ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ଆଚାର୍ଯ୍ୟ ନିହାର ରଞ୍ଜନ ସାମନ୍ତସିଂହାର ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ, ସଙ୍ଗୀତ ପରିବେଷଣ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ, ଆଚାର୍ଯ୍ୟା, ପରିଚାଳନା କମିଟି ସଦସ୍ୟ, ଅଭିଭାବକି ସହଯୋଗ କରିଥିଲେ।

# 'ମୁକ୍ତିପସରା'ର ବାର୍ଷିକୋତ୍ସବ ଉଦ୍‌ଯାପିତ



**ବେଗୁନିଆ,୬।୪(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ନୂଆସାହିସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଗତ ତିନିଦିନ ଧରି ଚାଲିଥିବା ଶ୍ରୀଜଗନ୍ନାଥ ଚେତନା ପରିଷଦର 'ମୁକ୍ତି ପସରା'ର ସପ୍ତବିଂଶତମ ବାର୍ଷିକ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଦୀନବନ୍ଧୁ ଦାଶଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଉତ୍ସବରେ ଭାଜପା ରାଜ୍ୟ ଉପସଭାପତି ଡ.ଯତୀନ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପ୍ରବକ୍ତା କାଶୀନାଥ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ମଞ୍ଚରେ ସାମାଜିକ କର୍ମୀ ରମେଶ କୁମାର ମହାନ୍ତି, ସମ୍ପାଦକ ଭାଗୀରଥି ପରିଡା ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା, ନୀତି, ଖଞ୍ଜା ଓ ସଂସ୍କୃତି ଅନନ୍ୟ। ଜଗନ୍ନାଥଙ୍କ ସଂସ୍କୃତି ହେଉଛି ସାମ୍ୟବାଦ ଓ ଭକ୍ତିର ପ୍ରତୀକ। ଯେଉଁଠାରେ ଜାତି ଓ ଧର୍ମ ନିର୍ବିଶେଷରେ ସଭିଏଁ ଏକାକାର। ହରି ନାମେ କି ଅଦ୍ଭୁତ ସ୍ୱାଦ କିମ୍ବା ଆନନ୍ଦ ଭରି ରହିଛି ତାହାର ମହତ୍ତ୍ୱ କେବଳ ଭକ୍ତ ହିଁ ଜାଣିଛି ବୋଲି ପ୍ରବକ୍ତାମାନେ ମତବ୍ୟକ୍ତ କରିଥିଲେ। ତେବେ ହରି କଥା ସଭିଏଁ ଶ୍ରବଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଜଗନ୍ନାଥଙ୍କ ସଂସ୍କୃତି ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ନେଇ ପ୍ରତିଯୋଗିତା ହୋଇଥିଲା। ପ୍ରବଚକ ପଣ୍ଡିତ କୈଳାସ ଚନ୍ଦ୍ର ପଣ୍ଡା ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ଆଲୋଚନା କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୬।୪।୨୦୨୬

| | |
|---|---|
| ୪,୩୭,୪୬୪ ଟଙ୍କା | |
| ସୁନା | ୧୦ ଗ୍ରାମ୍ |
| ରୁପା | ୩୦.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ଲୋକନାଥ ମନ୍ଦିରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ପୁରୀ,୬।୪(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ମୁତାବକ ଏପ୍ରିଲ୍ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ପୁରୀ ମହାନଗର ନିଗମ ଦ୍ୱାରା ଶ୍ରୀଲୋକନାଥ ମନ୍ଦିର ପରିସରରେ ସୋମବାର ପ୍ରତ୍ୟୁଷରୁ ସ୍ୱଚ୍ଛତା ଅଭିଯାନ କରାଯାଇଥିଲା। ଏଥିରେ ପୁରୀ ମହାନଗର ନିଗମର ସ୍ୱାସ୍ଥ୍ୟ ଅଧିକାରୀ, ଜିଲା ପ୍ରଶାସନ ପକ୍ଷରୁ ଜିଲା ସଂସ୍କୃତି ଅଧିକାରୀଙ୍କ ସମେତ ସ୍ଥାନୀୟ ବାସିନ୍ଦା ଓ ସାମାଜିକ ଅନୁଷ୍ଠାନ ହାପିନେସ ଫାଉଣ୍ଡେଶନର ସ୍ୱେଚ୍ଛାସେବୀ ପ୍ରମୁଖ ଯୋଗଦେଇ ସ୍ୱଚ୍ଛତାରେ ସାମିଲ ଥିଲେ। ଏହାସହ ସମସ୍ତ ବ୍ଲକ ଓ ସହରାଞ୍ଚଳରେ ବିଭିନ୍ନ ଐତିହ୍ୟ, ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଜିଲାସ୍ତରୀୟ ଅଭିଯୋଗ ଶୁଣାଣି, ୧୦୦ ଅଭିଯୋଗ ଦାଖଲ

ପୁରୀ,୬।୪(ଅଜିତ୍ କୁମାର ମହାନ୍ତି)

ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ସଦ୍ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ପି ପ୍ରତୀକ ସିଂ ଏବଂ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୦୦ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା। ସେଥିରୁ ୭୭ଟି ବ୍ୟକ୍ତିଗତ, ୧୫ଟି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସହାୟତା, ୮ଟି ରେଡ୍‌କ୍ରସ ମାମଲା ରହିଛି। ୫ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଛି। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ୍) ନୀଳମାଧବ ଭୋଇ, ଉପଜିଲାପାଳ ରାଜକିଶୋର ଜେନା, ମୁଖ୍ୟ ଚିକିତ୍ସା ଅଧିକାରୀ ଅକ୍ଷୟ କୁମାର ଶତପଥୀ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ, ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି, ଅଭିଯୋଗ ଶୁଣାଣି ଅଧିକାରୀ ବିବେକାନନ୍ଦ ସାହୁଙ୍କ ସମେତ ବିଦ୍ୟୁତ୍ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

### କୁଆପଥର ବର୍ଷା, ଚିନ୍ତାରେ ଚାଷୀ

କଣାସ,୬।୪(ବିଭୂତି ଭୂଷଣ ତ୍ରିପାଠୀ)

ରାଜ୍ୟରେ କିଛିଦିନ ହେଲା ବିଭିନ୍ନ ଜିଲାରେ କାଳବୈଶାଖୀ ତାଣ୍ଡବ ଲୀଳା ସୃଷ୍ଟି କରି ବହୁ କ୍ଷୟକ୍ଷତି ହେଉଥିବାବେଳେ ସୋମବାର ଅପରାହ୍ଣରେ କାଳବୈଶାଖୀ ତାଣ୍ଡବ ରଚିଥିଲା। କାଳବୈଶାଖୀ ପ୍ରଭାବରେ ବର୍ଷା, ପବନ, ବଜ୍ରପାତ ସାଙ୍ଗକୁ କୁଆପଥର ମାଡ଼ ହୋଇଥିଲା। ଏହାର ପ୍ରଭାବରେ ଚାଷୀମାନେ ରବି ଋତୁ କରିଥିବା ଧାନ ଫସଲ ଓ ପରିବା ଫସଲରେ କୁଆ ପଥର ବୃଷ୍ଟି ଯୋଗୁ ପାଚିଲା ଧାନ ଝଡ଼ି ପଡ଼ିଥିବା ଦେଖିବାକୁ ମିଳିଛି। ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି।

# ପ୍ରକଳ୍ପ ପାଇଁ ୧୭ରୁ ୧୮ କୋଟିର ବଜେଟ

## ଶ୍ରୀମନ୍ଦିର ଆଲୋକୀକରଣ ପ୍ରକଳ୍ପ ନେଇ ବୈଠକ

ପୁରୀ, ୬।୪(ଅଜିତ୍ କୁମାର ମହାନ୍ତି)




ବୈଠକରେ ଉପସ୍ଥିତ ଅଧିକାରୀମାନେ ।

ଶ୍ରୀମନ୍ଦିର ଆଲୋକୀକରଣ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ଅପରାହ୍ଣରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଜିଲାପାଳ ତଥା ଉପ ମୁଖ୍ୟ ପ୍ରଶାସକ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏଏସ୍‌ଆଇ ଅଧିକାରୀ, ପରିଚାଳନା କମିଟି ସେବକ ସଦସ୍ୟ, ଓବିସିସି ଅଧିକାରୀ ଏବଂ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ପ୍ରସ୍ତାବିତ ଆଲୋକୀକରଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କେତେକ ନିର୍ଦ୍ଦିଷ୍ଟ ପରାମର୍ଶ ଦିଆଯାଇଥିଲା।

ଏଏସ୍‌ଆଇର ବୈଷୟିକ ପରାମର୍ଶ ଓ ମାର୍ଗଦର୍ଶନରେ ବିସ୍ତୃତ ରୂପରେଖ କରାଯାଇଥିବା ବେଳେ ଏହି କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ପ୍ରକଳ୍ପ ପାଇଁ ୧୭ରୁ ୧୮ କୋଟି ଟଙ୍କାର ବଜେଟ ରଖାଯାଇଛି। ଶ୍ରୀମନ୍ଦିର ଭିତରବେଢ଼ା, ପାର୍ଶ୍ୱ ଦେବଦେବୀ ମନ୍ଦିର ସହ ଶ୍ରୀମନ୍ଦିର ଚାରିଦ୍ୱାର, ମେଘନାଦ ପାଚେରି, କୁର୍ମ୍ମ ବେଢ଼ା, ଜଗମୋହନ, ନାଟମଣ୍ଡପ ଏବଂ ଆନନ୍ଦବଜାର ପ୍ରମୁଖ ସ୍ଥାନରେ ବିଶେଷ ଭାବେ ଆଲୋକୀକରଣ ବ୍ୟବସ୍ଥା କରାଯିବ।

ଏନେଇ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ କହିଛନ୍ତି, ଶ୍ରୀମନ୍ଦିର ଆଲୋକୀକରଣକୁ ନେଇ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା। ଶ୍ରୀମନ୍ଦିରରେ ଆଲୋକୀକରଣ କରାଯିବା ପରେ ଶ୍ରଦ୍ଧାଳୁମାନେ ଏକ ନୂଆ ଅନୁଭୂତି ପାଇପାରିବେ। ଭାରତବର୍ଷର ଅନ୍ୟ ପ୍ରମୁଖ ମନ୍ଦିରଗୁଡ଼ିକରେ ଯେପରି ଆଲୋକୀକରଣ କରାଯାଇଛି, ସେହିଭଳି ଭାବେ ଶ୍ରୀମନ୍ଦିରକୁ ଆଲୋକୀକରଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ସେଥିପାଇଁ ସରକାର ବଜେଟ କରିଛନ୍ତି। ଟେଣ୍ଡର କରାଯାଇ କାର୍ଯ୍ୟ କରାଯିବ। ଆସନ୍ତା ୩ରୁ ୪ ମାସ ମଧ୍ୟରେ ଏହି ଆଲୋକୀକରଣ ପ୍ରକଳ୍ପ କାର୍ଯ୍ୟ ଶେଷହେବ। ପ୍ରଥମତଃ ଯେଉଁ ଲାଇଟ୍ ଶ୍ରୀମନ୍ଦିରକୁ ମ୍ୟାଚ୍ କରିବ, ସେହିଭଳି ଲାଇଟ୍ ବ୍ୟବହାର କରାଯିବ। ପ୍ରଥମେ ମନ୍ଦିରର କାର୍ଯ୍ୟ କରାଯିବ, ପରବର୍ତ୍ତୀ ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିରର ଆଲୋକୀକରଣ କାର୍ଯ୍ୟ କରାଯିବା ନେଇ ପ୍ରସ୍ତାବ ରଖାଯାଇଛି ବୋଲି ସିଂହାରୀ ସୂଚନା ଦେଇଛନ୍ତି।

ଅଧିକାରୀ ଶିଳ୍ପୀ ଭରଦ୍ୱାଜ କହିଛନ୍ତି, ଶ୍ରୀମନ୍ଦିର ସମେତ ଶ୍ରୀମନ୍ଦିର ପରିସର ଓ ବାହାରେ ଥିବା ବିଭିନ୍ନ ସ୍ଥାନକୁ ଆଲୋକୀକରଣ କରାଯିବ। ବର୍ତ୍ତମାନ ଆକଳନ ଅନୁଯାୟୀ ପ୍ରକଳ୍ପ ପାଇଁ ୧୭ରୁ ୧୮ କୋଟି ଟଙ୍କାର ବଜେଟ ରଖାଯାଇଛି। ଶ୍ରୀମନ୍ଦିରର ସମସ୍ତ ସ୍ଥାନକୁ ଆଲୋକୀକରଣ କରାଯିବ। ଯେଉଁ ଲାଇଟ୍‌ଗୁଡ଼ିକ ଆଖି ଉପରେ ପ୍ରଭାବ ପକାଉଛି, ସେଗୁଡ଼ିକୁ ବାହାର କରାଯାଇ ନୂତନ ଭାବେ ଆଲୋକୀକରଣ କରାଯିବ, ଯାହା ସୁନ୍ଦର ଓ ଆକର୍ଷଣୀୟ ହେବ। ଆଲୋକୀକରଣ ପରେ ୧ରୁ ୨ କି.ମି. ଦୂରରୁ ଶ୍ରୀମନ୍ଦିର ବହୁତ ସୁନ୍ଦର ଦେଖାଯିବ। ଉନ୍ନତ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇ କାର୍ଯ୍ୟ କରାଯିବ। ଐତିହାସିକ କୀର୍ତ୍ତିରାଜିକୁ ଯେପରି କୌଣସି କ୍ଷତି ପହଞ୍ଚିବ ନାହିଁ ସେଭଳି ଲାଇଟ ବ୍ୟବହାର କରାଯିବ। ବର୍ତ୍ତମାନ ଟେଣ୍ଡର କରାଯିବ। ଯେଉଁ କମ୍ପାନୀମାନେ ଚାହୁଁଛନ୍ତି ସେମାନେ ଟେଣ୍ଡର ପକାଇପାରିବେ। ଯିଏ ଟେଣ୍ଡର ନେବ ସେ ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ମରାମତି କାର୍ଯ୍ୟ ମଧ୍ୟ କରିବ ବୋଲି ଶିଳ୍ପୀ ଭରଦ୍ୱାଜ ମତବ୍ୟକ୍ତ କରି କହିଛନ୍ତି।



ବାଲିସାହି ପକ୍ଷରୁ ସାହିଯାତ ଅବସରରେ ବାହାରିଥିବା ମେଢ଼ଗୁଡ଼ିକ ହରଚଣ୍ଡୀ ସାହି ପରିକ୍ରମା କରୁଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ଆଜି ଛତିଶା ନିଯୋଗ ବୈଠକ

ପୁରୀ,୬।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ଛତିଶା ନିଯୋଗର ବୈଠକ ମଙ୍ଗଳବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ବୈଠକରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ, ଏସ୍‌ପି, ଛତିଶା ନିଯୋଗ ନାୟକଙ୍କ ସହ ବିଭିନ୍ନ ନିଯୋଗର ସଭାପତି, ସମ୍ପାଦକ, ପରିଚାଳନା କମିଟି ସେବାୟତ ସଦସ୍ୟ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଯୋଗଦାନ କରିବେ। ବୈଠକରେ ଆସନ୍ତା ଚନ୍ଦନ ଯାତ୍ରା ନୀତି ନିର୍ଘଣ୍ଟ ନେଇ ଆଲୋଚନା କରାଯିବ। ଚଳିତ ମାସ ୨୦ ତାରିଖ ପବିତ୍ର ଅକ୍ଷୟ ତୃତୀୟା ଠାରୁ ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଆରମ୍ଭ ହେବା ସହ ଉକ୍ତ ଦିନ ଠାରୁ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ ହେବ। ତେଣୁ ନୀତିକାନ୍ତିକୁ କିପରି ଶୃଙ୍ଖଳିତ କରାଯାଇପାରିବ ସେ ନେଇ ଆଲୋଚନା କରାଯିବ। ଏଥିସହ ନାଟମଣ୍ଡପ ଶୀତତାପ ନିୟନ୍ତ୍ରଣ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହେବ। ଏଥିସହ ୮ ତାରିଖ ଠାରୁ ଶ୍ରୀମନ୍ଦିର ରତ୍ନଭଣ୍ଡାରର ଦ୍ୱିତୀୟ ପର୍ଯ୍ୟାୟ ଗଣତି କାର୍ଯ୍ୟ କରାଯିବ, ତେଣୁ ଉକ୍ତ ଦିନଗୁଡ଼ିକରେ ମହାପ୍ରଭୁଙ୍କ ନୀତିକାନ୍ତି ଯେପରି ଶୃଙ୍ଖଳିତ ହେବ ଓ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ସେ ଆଲୋଚନା ହେବ।

## ମହାପ୍ରଭୁଙ୍କ ପଇତାଲାଗି ନୀତି ସମ୍ପନ୍ନ

ପୁରୀ,୬।୪(ଅଜିତ୍ କୁମାର ମହାନ୍ତି)



ବୈଶାଖ କୃଷ୍ଣପକ୍ଷ ଚତୁର୍ଥୀ ତିଥି ସୋମବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଇତା ଲାଗି ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତ ନୀତିଗୁଡ଼ିକ ମଧ୍ୟରେ ପଇତାଲାଗି ନୀତି ଅନ୍ୟତମ। ମହାପ୍ରଭୁଙ୍କ ଏହା ଗୁପ୍ତନୀତି ହୋଇଥିବାରୁ ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ନୀତି ସରିବା ପରେ ପଇତାଲାଗି ନୀତି ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ନୀତି ସମ୍ପାଦନ କରିଥିଲେ। ଶ୍ରୀମନ୍ଦିରର ପାଟେରା ସେବକମାନେ ୩ ରଙ୍ଗର ବାସୁଙ୍ଗା ପାଟବସ୍ତ୍ରରେ ପଇତା ପ୍ରସ୍ତୁତ କରିଥାନ୍ତି। ପାଟରା ସେବକମାନେ ଲକ୍ଷ୍ମୀ ମନ୍ଦିରର ଜଗମୋହନରେ ଏହି ପଇତା ପ୍ରସ୍ତୁତ କରିବା ପରେ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିଥିଲେ। ସୋମବାର ଅପରାହ୍ଣରେ ଦ୍ୱିତୀୟ ଭୋଗମଣ୍ଡପ ସରି ମଇଲମ ହୋଇ ପାଣି ପଡ଼ିଥିଲା। ଲକ୍ଷ୍ମୀ ଏବଂ ସରସ୍ୱତୀ ଖଟଶେଯ ଘରକୁ ବିଜେ କରିବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ପଇତାଲାଗି ନୀତି ସମ୍ପାଦନ ପାଇଁ ଦଇତାପତି ସେବକମାନେ ସନ୍ଧ୍ୟା ୬ଟା ୫୦ରେ ଶ୍ରୀମନ୍ଦିର ଗର୍ଭଗୃହ ମଧ୍ୟକୁ ପ୍ରବେଶ କରିଥିଲେ। ଦଇତାପତି ସେବକମାନେ ନୀତି ସମ୍ପାଦନ କରି ପ୍ରସ୍ଥାନ କରିବା ପରେ ଶ୍ରୀବିଗ୍ରହଙ୍କ ମହାସ୍ନାନ ନୀତି କରାଯାଇ ଅନ୍ୟାନ୍ୟ ନୀତି ବଢ଼ିଥିଲା।

## ଉଦୟନାଥ ଏକାଡେମୀ ରୌପ୍ୟଜୟନ୍ତୀ ଉତ୍ସବ

ପୁରୀ,୬।୪(ଅଜିତ୍ କୁମାର ମହାନ୍ତି)

ଗୋପାଳପୁର ବାଲିଘାଟସ୍ଥିତ ଶିଶୁ ଶିକ୍ଷାନୁଷ୍ଠାନ ଉଦୟନାଥ ଏକାଡେମୀର ରୌପ୍ୟଜୟନ୍ତୀ ଉତ୍ସବ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ମହାସମାରୋହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଡାକ୍ତର ଅମ୍ଳାନ ଜ୍ୟୋତି ମହାନ୍ତି, ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ଡ. ପ୍ରଭାକର ତ୍ରିପାଠୀ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଚାରୁଲତା ମିଶ୍ର, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ଏବଂ ଶିକ୍ଷା ସଂଗଠକ କବିରାଜ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପିଲାଙ୍କ ସ୍ୱପ୍ନ ସାକାର କରିବା ପାଇଁ, ଭଲ ମଣିଷ ହେବା ଲାଗି ଏବଂ ଶାରୀରିକ ଓ ମାନସିକସ୍ତରରେ ସେମାନେ ପ୍ରସ୍ତୁତ ହେବା ପାଇଁ ଅତିଥିମାନେ ସୁନ୍ଦର ପରାମର୍ଶ ଦେଇଥିଲେ। ପରିଚାଳନା କମିଟି ସଭାପତି ରଶ୍ମି ରଞ୍ଜିତା ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ସମ୍ପାଦିକା ସସ୍ମିତା ସ୍ୱାଇଁ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଉପସଭାପତି ଦିନେଶ କୁମାର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟକ୍ଷା ସୁଜାତା ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସମବେତ ସ୍ୱାଗତ ସଂଗୀତ, ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଦେଶାତ୍ମବୋଧକ ନୃତ୍ୟ, ଭଜନ ନୃତ୍ୟ ଆଦି ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସରୋଜ ମହାନ୍ତି ମଞ୍ଚ ସଞ୍ଚାଳନ କରିଥିବାବେଳେ ସୁରେଖା ଜେନା, ଚନ୍ଦ୍ରଶେଖର ପାଢ଼ୀ, ପୁଷ୍ପାଞ୍ଜଳି ପ୍ରଧାନ, ବିଷ୍ଣୁପ୍ରିୟା ସାହୁ, ହରପ୍ରିୟା ନାୟକ ଓ ପିଙ୍କି ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସତ୍ୟନାରାୟଣ ଆଚାର୍ଯ୍ୟ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତ

ସାକ୍ଷୀଗୋପାଳ,୬।୪ (କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ)



ସତ୍ୟନାରାୟଣ ଆଚାର୍ଯ୍ୟ

ତିରୁପତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଡିନ୍ ତଥା ସାହିତ୍ୟ ବିଭାଗ ବରିଷ୍ଠ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟଙ୍କୁ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ରାଜ୍ୟପାଳ ନିଯୁକ୍ତ କରିଛନ୍ତି। ସେ ନୟାଗଡ଼ ଜିଲାର ନଟବରପୁର ଶାସନରେ ଜନ୍ମ ଗ୍ରହଣ କରିଥିବା ବେଳେ ପୁରୀ ଜିଲା ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରୁ ଉଚ୍ଚଶିକ୍ଷା ଗ୍ରହଣ କରିଥିଲେ। ପୂର୍ବରୁ ସେ ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଭାବେ କାର୍ଯ୍ୟ ମଧ୍ୟ ତୁଲାଇଛନ୍ତି। ଜଣେ କର୍ତ୍ତବ୍ୟନିଷ୍ଠ ଅଧିକାରୀ ତଥା ଛାତ୍ରବତ୍ସଳ ଅଧ୍ୟାପକ ଭାବେ ତାଙ୍କର ଯଥେଷ୍ଟ ସୁନାମ ରହିଛି।

## ୨ ନାବାଳିକାଙ୍କୁ ଉଦ୍ଧାର କଲା ପୋଲିସ

ପୁରୀ,୬।୪(ଅଜିତ୍ କୁମାର ମହାନ୍ତି)

ପୁରୀ ପୋଲିସ ଦୁଇଟି ଭିନ୍ନ ଘଟଣାରେ ନିଖୋଜ ଥିବା ୨ ନାବାଳିକାଙ୍କୁ ଉଦ୍ଧାର କରିଛି। ପ୍ରଥମ ଘଟଣାରେ ଚନ୍ଦନପୁର ଥାନା କେସ୍ ନଂ ୪୬/୨୬ ସମ୍ବନ୍ଧରେ ଅଭିଯୋଗପ୍ରାପ୍ତ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଦ୍ୱାରା ସଂଗ୍ରହ କରାଯାଇଥିବା ସୂଚନା ଆଧାରରେ ଜଣେ ନାବାଳିକାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ତାଙ୍କୁ ଚିକିତ୍ସା ପାଇଁ ପଠାଯାଇଥିଲା ଏବଂ ସମସ୍ତ ଆବଶ୍ୟକ ଆଇନଗତ ପ୍ରକ୍ରିୟା ଅନୁସରଣ କରାଯାଇଛି। ଏହି ଘଟଣାରେ ସଂପୃକ୍ତ ଅଭିଯୁକ୍ତ ସତ୍ୟ ମହାରଣାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେହିପରି ଦ୍ୱିତୀୟ ଘଟଣାରେ ବ୍ରହ୍ମଗିରି ଥାନା କେସ୍ ନଂ ୨୨୭/୨୪ରେ ତଦନ୍ତ ଚାଲିଥିବା ବେଳେ ଜଣେ ନାବାଳିକାଙ୍କୁ ସଫଳତାର ସହ ଉଦ୍ଧାର କରାଯାଇଛି। ପୀଡ଼ିତାଙ୍କୁ ସୁରକ୍ଷିତ ଭାବେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୁଲିସ ପକ୍ଷରୁ ମହିଳା ଓ ଶିଶୁଙ୍କ ସୁରକ୍ଷା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଓ ନିୟମିତ ପାଟ୍ରୋଲିଂ କାର୍ଯ୍ୟ ଜାରି ରହିଛି। ଆଗାମୀ ଦିନରେ ଏହି ପ୍ରୟାସକୁ ଆହୁରି ଜୋରଦାର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଜୁଆ ଆଡ୍ଡାରେ ଚଢ଼ାଉ, ୫ ଗିରଫ

ପୁରୀ,୬।୪(ଅଜିତ୍ କୁମାର ମହାନ୍ତି)

ଜୁଆ ଆଡ୍ଡାରେ ଚଢ଼ାଉ କରି ସୋମବାର ଚନ୍ଦନପୁର ପୋଲିସ ୫ ଜଣଙ୍କୁ ଧରିବାରେ ସକ୍ଷମ ହୋଇଛି। ସେମାନେ ହେଲେ ଚନ୍ଦନପୁର ଥାନା ଅନ୍ତର୍ଗତ ଅଠରଭାଗର ପବିତ୍ର ବେହେରା (୨୬), ଦୁଷ୍ମନ୍ତ ବେହେରା (୩୧), ଖଣ୍ଡିଘରର ପ୍ରଭାତ ପ୍ରଧାନ (୨୭), ହେମନ୍ତ ପ୍ରଧାନ (୩୮) ଓ ରୋହିତ ପ୍ରଧାନ (୩୦)।

ସୂଚନା ଅନୁଯାୟୀ, ଗୌଡ଼ିକେରା ପଞ୍ଚାୟତ ମାଳ ଗ୍ରାମାଞ୍ଚଳର ଏକ ଭିଡିଓ ସୋସିଆଲ ମିଡିଆରେ ପୋଲିସ ନଜରକୁ ଆସିଥିଲା। ମାଳ ଗ୍ରାମରୁ ପ୍ରାୟ ୧ କି.ମି. ଦୂରରେ ଥିବା ଏକ ବିଲରେ କିଛି ବ୍ୟକ୍ତି ଅବୈଧ ଭାବେ ଜୁଆ ଖେଳୁଥିବା ଦେଖାଯାଇଥିଲା। ଏହି ସୂଚନାକୁ ଗୁରୁତ୍ୱର ସହ ନେଇ ଚନ୍ଦନପୁର ଥାନା ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ପୋଲିସର ଏକ ଟିମ୍ ସେଠାରେ ଚଢ଼ାଉ କରି ଘଟଣାସ୍ଥଳରୁ ୫ ଜଣଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ଏଥିସହ ପୋଲିସ ସେମାନଙ୍କ ଠାରୁ ୭,୬୭୦ ଟଙ୍କା, ୬ଟି ବାଇକ୍, ୬ଟି ମୋବାଇଲ୍ ମଧ୍ୟ ଜବତ କରିଛି। ଏ ନେଇ ଚନ୍ଦନପୁର ଥାନାରେ ଏକ ମାମଲା (ନଂ.୭୩/୨୬) ରୁଜୁ କରାଯାଇ ୫ ଜୁଆଡ଼ିଙ୍କୁ ନୋଟିସ୍ ଦିଆଯାଇ ଛଡ଼ାଯାଇଛି। ପୋଲିସ ପକ୍ଷରୁ ଅବୈଧ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖାଯାଇଛି ଏବଂ ଏପରି କାର୍ଯ୍ୟରେ ଜଡ଼ିତ ଲୋକମାନଙ୍କ ବିରୋଧରେ କଡ଼ା ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।

## ବର୍ଷକେ ଥରେ ମନ୍ଦାର ଫୁଲ ରତ୍ନସିଂହାସନ ଛୁଇଁଥାଏ

ପୁରୀ,୬।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ରର କଳା ସଂସ୍କୃତି ପରମ୍ପରା ଖୁବ୍ ନିଆରା। ଏପରି ଅନେକ ପରମ୍ପରା ରହିଛି, ଯାହା ଭାରତର ଅନ୍ୟକୌଣସି ସ୍ଥାନରେ ଦେଖାଯାଏ ନାହିଁ। ତାହା କେବଳ ଶ୍ରୀକ୍ଷେତ୍ର ପୁରୀରେ ଦେଖିବାକୁ ମିଳିଥାଏ। ରାମନବମୀଠାରୁ ଶ୍ରୀକ୍ଷେତ୍ରରେ ରାମଲୀଳା ଭିତ୍ତିକ ସାହିଯାତ ଆରମ୍ଭ ହୋଇ ରାମ ଅଭିଷେକରେ ସମ୍ପନ୍ନ ହୋଇଥାଏ। ଏହି ସମୟରେ ଏକ ନିଆରା ପରମ୍ପରା ଦେଖିବାକୁ ମିଳିଥାଏ। ମୁଖ୍ୟତଃ ଭାରତ ବର୍ଷର ସମସ୍ତ ସ୍ଥାନରେ ରାବଣକୁ ଖଳନାୟକ ଭାବେ ବିବେଚନା କରାଯାଇ ରାବଣ ପୋଡ଼ି ଅନୁଷ୍ଠିତ ହୋଇଥାଏ। ମାତ୍ର ଶ୍ରୀକ୍ଷେତ୍ରରେ ରାବଣକୁ ମହାଜ୍ଞାନୀ ଭାବେ ବିବେଚନା କରାଯାଇଥାଏ।

ସାହିଯାତରେ ରାବଣର ଏକ ସ୍ୱତନ୍ତ୍ର ସ୍ଥାନ ରହିଥାଏ। ରାବଣକୁ ସମ୍ମାନ ଦିଆଯାଇଥାଏ। ତେଣୁ ଶ୍ରୀକ୍ଷେତ୍ରରେ ରାବଣ ପୋଡ଼ି ଦେଖାଯାଇ ନ ଥାଏ। ଏପରିକି ରାବଣକୁ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ମଧ୍ୟ ଆସିଥାଏ। ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ରଙ୍କ ସହ ଯୁଦ୍ଧ କରିବାକୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଆଜ୍ଞାମାଳ ପ୍ରଦାନ କରିଥାନ୍ତି। ରାବଣଙ୍କୁ ଆଜ୍ଞାମାଳ ପ୍ରଦାନ କରିବାକୁ ବର୍ଷକେ ଥରେ ମନ୍ଦାର ଫୁଲ ରତ୍ନସିଂହାସନ ସ୍ପର୍ଶ କରିଥାଏ।

ପରମ୍ପରା ଅନୁଯାୟୀ, ଶ୍ରୀମନ୍ଦିର ଗର୍ଭଗୃହକୁ ମନ୍ଦାର ଫୁଲ ଯିବା ନିଷେଧ ରହିଥାଏ। ମାତ୍ର ବର୍ଷକରେ ଗୋଟିଏ ଦିନ ସାହିଯାତ କ୍ରମରେ ରାବଣ ବଧ ନୀତି ଦିନ ମନ୍ଦାର ଫୁଲ ଗର୍ଭଗୃହକୁ ଯାଇ ମନ୍ଦାର ଫୁଲ ରତ୍ନସିଂହାସନ ଛୁଇଁଥାଏ। ଉକ୍ତ ମାଳଙ୍କୁ ରାବଣକୁ ପ୍ରଦାନ କରାଯାଇଥାଏ। ରବିବାର ରାବଣ ବଧ ନୀତିଥିବାରୁ ସକାଳୁ ରାବଣ ବାଲିସାହି ଆଖଡ଼ାରୁ ବାହାରି ସାହି ପରିକ୍ରମା କରି ଶ୍ରୀମନ୍ଦିରକୁ ଯାଇଥିଲେ। ସେଠାରେ ମହାପ୍ରଭୁଙ୍କଠାରୁ ଯୁଦ୍ଧ ପାଇଁ ଆଜ୍ଞା ଆଣିଥିଲେ। ସେହିପରି ରାତିରେ ହରଚଣ୍ଡୀ ସାହି ପରିକ୍ରମା କରିବା ସହ ଜମ୍ୱେଶ୍ୱର ମନ୍ଦିରରେ ଯଜ୍ଞସାହି ସେଠାରୁ ଭଗବତୀ କୋଟକୁ ଯାଇ ପଣାପାନ କରିବା ପରେ ଜଗନ୍ନାଥବଲ୍ଲଭକୁ ଯାଇ ବଧନୀତି ସମ୍ପାଦନ କରିଥିଲେ।

ଏନେଇ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଐତିହାସିକ ଡ. ସୁରେନ୍ଦ୍ର କୁମାର ମିଶ୍ର ମତବ୍ୟକ୍ତ କରି କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥ ଉଭୟ ରାମଚନ୍ଦ୍ର ଏବଂ ରାବଣକୁ ଆଜ୍ଞାମାଳ ପ୍ରଦାନ କରିଥାନ୍ତି। ରାବଣକୁ ମନ୍ଦାର ମାଳ ରତ୍ନସିଂହାସନ ଛୁଆଁଯାଇ ପ୍ରଦାନ କରାଯାଇଥାଏ। ସେହିପରି ରାମଚନ୍ଦ୍ର ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପ୍ରଦାନ କରିଥାନ୍ତି। ଏହି ଗୋଟିଏ ଦିନ ହିଁ ରତ୍ନସିଂହାସନରେ ମନ୍ଦାର ଫୁଲ ଛୁଆଁଯାଇଥାଏ। ଅନ୍ୟଦିନଗୁଡ଼ିକରେ ମନ୍ଦାର ଫୁଲ ଶ୍ରୀବିଗ୍ରହଙ୍କ ପୂଜାରେ ବର୍ଜନୀୟ। ସେହିପରି ରାବଣ ବଧ ପୂର୍ବରୁ ଭଗବତୀ କୋଟକୁ ଯାଇ ସେଠାରେ ପଣା ପିଇବା ପରେ ମା'ଙ୍କୁ ଦୁଇଟି ଜିନିଷ ମାଗିଥାଏ। ସ୍ୱର୍ଗକୁ ଶିଢ଼ି ଓ ଶକ୍ତିପ୍ରାପ୍ତ ହୋଇଥାନ୍ତି। ତେଣୁ ସ୍ୱର୍ଗଦ୍ୱାର ନିକଟରେ ସ୍ୱର୍ଗ ଶିଡି ଦେଖିବାକୁ ମିଳେ, ଯାହା ଅନ୍ୟତ୍ର କେଉଁଠାରେ ଦେଖିବାକୁ ମିଳେନାହିଁ ବୋଲି କହିଛନ୍ତି।

ଏ ନେଇ ଅଧ୍ୟାପିକା ତଥା ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷିକା କଲ୍ୟାଣୀ ଶତପଥୀ କହିଛନ୍ତି, ଶ୍ରୀକ୍ଷେତ୍ର ହେଉଛି ପୁଣ୍ୟକ୍ଷେତ୍ର। ସାରାଦେଶରେ ରାବଣ ପୋଡ଼ି ଥିବାବେଳେ ପୁରୀରେ ରାବଣକୁ ସମ୍ମାନ ଦିଆଯାଇଥାଏ। ତେଣୁ ରାବଣ ବଧ ନୀତି ଦିନ ଶ୍ରୀମନ୍ଦିର ଗର୍ଭଗୃହକୁ ମନ୍ଦାର ଫୁଲ ଯିବା ସହ ରତ୍ନସିଂହାସନ ଛୁଆଁ ଯାଇ ରାବଣକୁ ପ୍ରଦାନ କରାଯାଇଥାଏ ବୋଲି କହିଛନ୍ତି।

## ଫଟୋରେ ଖବର



ସୋମବାର ସନ୍ଧ୍ୟାରେ ଶ୍ରୀମନ୍ଦିର ଆକାଶରେ କଳାବାଦଲର ଚାଦର ଘେରି ରହିଛି।




ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ପୁରୀ ବେଳାଭୂମିରେ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।




ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ବାଲୁକା ଶିଳ୍ପୀ ମାନସ ସାହୁଙ୍କ ସ୍ୟାଣ୍ଡ ଆନିମେଶନ।

# ଶ୍ରୀଲିଙ୍ଗରାଜଙ୍କ ୭ ଘଣ୍ଟା ନୀତି ବନ୍ଦ

## ରୁପା ଘୋଡ଼କୁ ନେଇ ଦୁଇ ସେବାୟତ ଗୋଷ୍ଠୀ ମୁହାଁମୁହିଁ





ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ସେବା ପ୍ରତିନିଧି ସଦସ୍ୟ ଓ ବୁଦ୍ଧିଜୀବୀମାନେ ଧାରଣା ଦେଇଛନ୍ତି । ମୁଥମାଡ଼ରେ ଆହତ ଦୁର୍ଗା ପ୍ରସାଦ ମହାପାତ୍ର ।

ପୁରୁଣା ଭୁବନେଶ୍ୱର,୬।୪
(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ସୋମବାର ଶକ୍ତିରୁ ରୁପା ଘୋଡ଼ ଉଠାଇ ଦର୍ଶନ କରାଇବାକୁ ନେଇ ବଡୁ ସେବାୟତ ଏବଂ ମହାସୁଆର ସେବାୟତଙ୍କ ମଧ୍ୟରେ ବିବାଦ ଉପୁଜିଥିଲା । ଫଳରେ ସକାଳ ୯ଟା ୩୦ରେ ଠାକୁରଙ୍କ ନୀତି ବନ୍ଦ ରହିଥିଲା । ଅପରାହ୍ଣରେ ମନ୍ଦିର ପ୍ରଶାସନ ପକ୍ଷରୁ ଉଭୟ ପକ୍ଷ ସେବାୟତଙ୍କୁ ନେଇ ବୈଠକ ହୋଇଥିଲା । ବୁଝାଶୁଝା ପରେ ଉଭୟ ପକ୍ଷ ସେବାୟତ ନୀତି କରିବାକୁ ସହମତି ପ୍ରକାଶ କରିଥିଲେ । ଫଳରେ ଅପରାହ୍ଣ ୪ଟା ୩୦ରେ ଠାକୁରଙ୍କ ନୀତି ସ୍ୱାଭାବିକ ହୋଇଥିଲା ।

ସୂଚନା ମୁତାବକ, ସୋମବାର ସକାଳେ ଆଳତି, ଅବକାଶ ପରେ ସକାଳ ୯ଟାରେ ଭକ୍ତମାନେ ଧାଡ଼ିରେ ଆସି ଠାକୁରଙ୍କ ଦର୍ଶନ କରିଥିଲେ । ପୂର୍ବ ଦିନମାନଙ୍କ ପରି ହଠାତ୍ ଠାକୁରଙ୍କ ଶକ୍ତିରେ ଲାଗିଥିବା ରୁପା ଘୋଡ଼କୁ କେତେଜଣ ପାଳିଆ ବଡୁ ସେବାୟତ ଅନାବରଣ କରି ଭକ୍ତଙ୍କୁ ଦର୍ଶନ କରାଉଥିଲେ । ଏହାକୁ ଭୁଲ ଦର୍ଶାଇ କେତେଜଣ ପାଳିଆ ମହାସୁଆର ସେବାୟତ ମଧ୍ୟ ରୁପା ଘୋଡ଼କୁ ଅନାବରଣ କରି ଦର୍ଶନ କରାଇବାକୁ ନେଇ ଉଭୟ ସେବାୟତଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଫଳରେ ସକାଳ ୯ଟା ୩୦ରୁ ଠାକୁରଙ୍କ ନୀତି ବନ୍ଦ ହୋଇଥିଲା । ପରେ ମନ୍ଦିର ପ୍ରଶାସନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ଜେନା ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟରେ ଉଭୟ ପକ୍ଷ ସେବାୟତଙ୍କୁ ବୁଝାଶୁଝା କରିଥିଲେ । ଠାକୁରଙ୍କ ରୁପା ଘୋଡ଼ ବର୍ଷ ବର୍ଷ ଧରି କିଏ ଲଗାଇବା ବିଧି ରହିଛି, ଏହା କେଉଁ ସେବାୟତଙ୍କ ସେବା ପୂର୍ବରୁ ନିଷ୍କର୍ଷ ଥିବା ସତ୍ତ୍ୱେ ଜୋର୍ ଜବରଦସ୍ତ ଏହି ଭୁଲ ସେବା କରୁଥିବା ନିର୍ଦ୍ଦିଷ୍ଟ ପାଳିଆ ସେବାୟତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମହାସୁଆର ସେବାୟତମାନେ ଯୁକ୍ତି ବାଢ଼ିଥିଲେ । ଏହି ସମୟରେ କେତେଜଣ ବଡୁ ସେବାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜେନାଙ୍କ ଉପସ୍ଥିତିରେ ମହାସୁଆର ସେବାୟତ ଦୁର୍ଗା ପ୍ରସାଦ ମହାପାତ୍ରଙ୍କୁ ମୁଥ ମାରି ନାକ ଫଟାଇ ଦେଇଥିଲେ । ଏହି ଘଟଣାକୁ ନେଇ ଚାପା ଉତ୍ତେଜନା ଦେଖାଦେଇଥିଲା । ପରେ ଏନେଇ ମହାସୁଆର ସେବାୟତ ଥାନାରେ ପହଞ୍ଚିଥିଲେ । ତେବେ ଘୋଡ଼ କିଏ ଲଗାଇବ ଏହି ତଥ୍ୟ ମନ୍ଦିର ପ୍ରଶାସନର କହି ଅଭିଯୋଗ ନ ରଖି ଫେରାଇ ଦେଇଥିଲେ ବୋଲି ଆଇଆଇସି ପୂର୍ଣ୍ଣଚନ୍ଦ୍ର ପ୍ରଧାନ କହିଛନ୍ତି । ଅନ୍ୟପକ୍ଷରେ ଏନେଇ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜେନା କହିଛନ୍ତି, କେଉଁ ସେବାୟତଙ୍କ କେଉଁ ସେବା ପୂଜା ରହିଛି ସେଥିପାଇଁ ସତ୍ତ୍ୱନୀତି କମିଟି ଗଠନ ହୋଇଛି । ଯାହା ଏ ପର୍ଯ୍ୟନ୍ତ ବଳବତ୍ତର ରହିଛି । ରିପୋର୍ଟ ପରେ ସେବା ନୀତି ସ୍ପଷ୍ଟ ହୋଇଯିବ । ତେବେ ରିପୋର୍ଟ ଆସିବା ପରେ ଯେଉଁ ସେବାୟତମାନେ ପୁଣି ବିଶୃଙ୍ଖଳା ସୃଷ୍ଟି କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

### ମୁଥ ମାଡ଼ରେ ଜଣେ ସେବାୟତଙ୍କ ନାକ ଫାଟିଲା

### ସ୍ୱାଭାବିକ ହେଲା ଠାକୁରଙ୍କ ନୀତିକାନ୍ତି

ସକାଳ ୯ଟା ୩୦ରୁ ୭ଘଣ୍ଟା ଧରି ବନ୍ଦ ଥିବା ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ମନ୍ଦିର ପ୍ରଶାସନର ବୁଝାଶୁଝା ପରେ ଅର୍ଥାତ୍ ଅପରାହ୍ଣ ୪ଟା ୩୦ରେ ସ୍ୱାଭାବିକ ହୋଇଥିଲା । କେତେକ ବରାଦିଆ ଅବଢ଼ା ଭୋଗ କରାଯାଇଥିବାରୁ ସେଗୁଡ଼ିକୁ ଅଛୁଣିଆ କୂଅରେ ପକାଯାଇଥିଲା । ପୁନଃ ମହାସ୍ନାନ କରାଯାଇ ନୀତି ହୋଇଥିଲା ।

### ସେବା ପ୍ରତିନିଧି ପକ୍ଷରୁ ଧାରଣା

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତି ବନ୍ଦ ଥିବାରୁ ଅସନ୍ତୋଷ ବ୍ୟକ୍ତ କରି ସେବା ପ୍ରତିନିଧିର ସଦସ୍ୟ, କେତେଜଣ ବୁଦ୍ଧିଜୀବୀ ଓ ଶ୍ରଦ୍ଧାଳୁ ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଧାରଣାରେ ବସିଥିଲେ । ଏହି ପ୍ରସଙ୍ଗରେ ଜନପ୍ରତିନିଧିମାନେ ନୀରବ ରହିବା ଏବଂ ଠାକୁରଙ୍କ କିଛି ନୀତି ବନ୍ଦ ହେବା ନେଇ ଜନ ପ୍ରତିନିଧିମାନଙ୍କୁ ଦାୟୀ କରିଛନ୍ତି ଅନୁଷ୍ଠାନର ନୀଳମଣି ମଶ୍ର । ସେହିପରି ହେଲ୍ପ ଗ୍ରୁପ ଅଧ୍ୟକ୍ଷ ସୁଶାନ୍ତ ସାହୁ କହିଛନ୍ତି, ଶ୍ରୀଲିଙ୍ଗରାଜଙ୍କ ସ୍ୱତନ୍ତ୍ର ନୀତି ଆକ୍ଟ ହେଲେ ଏହି ଘଟଣା ଘଟନ୍ତାନି ଏବଂ ଭୁଲ ସେବା କରୁଥିବା ସେବାୟତମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନିଆଯାଉ । ମନ୍ଦିର ପ୍ରଶାସନ ଏଥିପାଇଁ ଦାୟୀ ।

ସେଲ୍ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବଳରାମ



@ ଲିପୁ



@ ବିଷ୍ଣୁ



@ ବାପୁ



@ ରଜତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜଗନ୍ନାଥ ହସ୍ପିଟାଲର ୧୪ତମ ବାର୍ଷିକ ଉତ୍ସବ

## ଡା. ପ୍ରସନ୍ନ କୁମାର ସାହୁଙ୍କୁ 'ଦ୍ୱିତୀୟ ଜଗନ୍ନାଥ ମହାପାତ୍ର ସମ୍ମାନ'

ଭୁବନେଶ୍ୱର,୬।୪(ବନ୍ଦନା ସେଠୀ)

ଜଗନ୍ନାଥ ହସ୍ପିଟାଲର ୧୪ତମ ବାର୍ଷିକ ଉତ୍ସବ, 'ଦ୍ୱିତୀୟ ଜଗନ୍ନାଥ ମହାପାତ୍ର ସ୍ମୃତି ପୁରସ୍କାର' ଏବଂ କଣ୍ଟିନିୟୁଇଙ୍ଗ୍ ମେଡିକାଲ ଏଜୁକେଶନ (ସିଏମ୍‌ଇ) କାର୍ଯ୍ୟକ୍ରମ ରବିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସିଏମ୍‌ଇର କାର୍ଯ୍ୟଧାରାକୁ ନେଇ ଦୁଇଟି ଅଧିବେଶନ ଆୟୋଜିତ ହୋଇଥିଲା । ଏଥିସହ ଦେଶର ପ୍ରମୁଖ ଶିଶୁରୋଗ ବିଶେଷଜ୍ଞମାନଙ୍କୁ ନେଇ ଶିଶୁରୋଗ ଚିକିତ୍ସା ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଭାରତର ବିଭିନ୍ନ ସ୍ଥାନରୁ ଆସିଥିବା ଶିଶୁ ବିଶେଷଜ୍ଞମାନେ ଯୋଗଦେଇ ଶିଶୁଙ୍କ କ୍ଷେତ୍ରରେ ହେଉଥିବା ବଢ଼ା ଘା' ଓ ଆସ୍ଥମା ଭଳି ରୋଗରୁ ଛୋଟପିଲାମାନେ କିପରି ମୁକ୍ତି ପାଇପାରିବେ, ସେ ବିଷୟରେ ଆଲୋଚନା କରିଥିଲେ ।

ଏହି ଅବସରରେ ଶିଶୁରୋଗ ବିଶେଷଜ୍ଞ ଡା. ପ୍ରସନ୍ନ କୁମାର ସାହୁଙ୍କୁ ଦ୍ୱିତୀୟ 'ଜଗନ୍ନାଥ ମହାପାତ୍ର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ଉତ୍ସବରେ ହସ୍ପିଟାଲର ପ୍ରତିଷ୍ଠାତା ସ୍ୱର୍ଗତ ଡା. ଜଗନ୍ନାଥ ମହାପାତ୍ରଙ୍କ ସ୍ତ୍ରୀ ପ୍ରଫେସର ସଂଘମିତ୍ରା ମିଶ୍ର ଉପସ୍ଥିତ ରହି ଏହି ସମ୍ମାନ ପ୍ରଦାନ କରିଥିଲେ । ପୁରସ୍କାର ଗ୍ରହଣ ଅବସରରେ ଡା. ସାହୁ କହିଲେ, ଜଗନ୍ନାଥ ହସ୍ପିଟାଲକୁ ନିଜର ବୋଲି ଅନୁଭବ କରେ । ଯାଜପୁର ଅଞ୍ଚଳରୁ ବହୁ ଗରିବ ଲୋକଙ୍କୁ ଏହି ହସ୍ପିଟାଲ ମାଧ୍ୟମରେ ଉତ୍ତମ ଚିକିତ୍ସା ପ୍ରଦାନ କରି ଉପକୃତ କରାଯାଇଛି । ହସ୍ପିଟାଲ କର୍ତ୍ତୃପକ୍ଷ ସର୍ବଦା ସମସ୍ତଙ୍କୁ ଉତ୍ତମ ଚିକିତ୍ସା ପ୍ରଦାନ କରିଛନ୍ତି । ହସ୍ପିଟାଲ ଅଧ୍ୟକ୍ଷ ଡା. ଅବିନାଶ ମହାପାତ୍ର, ନିର୍ଦ୍ଦେଶକ ଡା. ବିଶ୍ୱଜିତ ମିଶ୍ର ଓ ଡା. ଅରିଜିତ ମହାପାତ୍ର, ଅଧ୍ୟାପିକା ଅପରାଜିତା ମହାପାତ୍ର, ଚେନ୍ନାଇରୁ ଡା. ପି. ରାମଚନ୍ଦ୍ରନ୍ ଯୋଗେଶ ପାରିଖ, କୋଲକାତାରୁ ଡା. ଅଭିଜିତ୍ ସାହା, ଡା. ଦେବାଶିଷ ପାତ୍ର, ଡା, କଳ୍ପନା ପଣ୍ଡା, ଡା. ଗୋପବନ୍ଧୁ ନନ୍ଦ, ଡା. ନାରାୟଣ ପ୍ରସାଦ ମୋଦି, ଡା. ସ୍ମିତା ଶତପଥୀ, ଡା. ସଞ୍ଜୟ ସାହୁ, ଡା. ସୌମ୍ୟଶ୍ରୀ ବାହାଲିଆଙ୍କ ସମେତ ବହୁ ଶିଶୁରୋଗ ବିଶେଷଜ୍ଞ ଯୋଗଦେଇ ନିଜ ରୋଗୀ ସେବା ସମ୍ପର୍କିତ ଅନୁଭୂତି ପ୍ରଦାନ କରିଥିଲେ । ସ୍ୱର୍ଗତ ଡା. ମହାପାତ୍ର ରାଜନୀତି କରି କ୍ଷମତାରେ ରହିବା ପରେ ମଧ୍ୟ ନିଜର ମୂଳ ବୃତ୍ତି ରୋଗୀସେବାକୁ ଛାଡ଼ି ନ ଥିଲେ । ସେ ରୋଗୀସେବା କାର୍ଯ୍ୟକୁ ଆଗକୁ ବଢ଼ାଇବା ପାଇଁ ଭୁବନେଶ୍ୱରରେ ଜଗନ୍ନାଥ ହସ୍ପିଟାଲ ଆରମ୍ଭ କରିଥିଲେ । ବର୍ତ୍ତମାନ ସ୍ୱର୍ଗତ ମହାପାତ୍ରଙ୍କ ଅବର୍ତ୍ତମାନରେ ଡା. ଅର୍ଜିତ ମହାପାତ୍ର ଓ ଡା. ବିଶ୍ୱଜିତ ମିଶ୍ର ହସ୍ପିଟାଲରେ ରୋଗୀ ସେବା ଜାରି ରଖିଛନ୍ତି ।




ଭୁବନେଶ୍ୱରସ୍ଥିତ ଜଗନ୍ନାଥ ହସ୍ପିଟାଲର ବାର୍ଷିକ ଉତ୍ସବରେ ଡା. ପ୍ରସନ୍ନ କୁମାର ସାହୁଙ୍କୁ 'ଦ୍ୱିତୀୟ ଜଗନ୍ନାଥ ମହାପାତ୍ର ସମ୍ମାନ' ପ୍ରଦାନ କରାଯାଉଛି ।

# ବାହାର ରାଜ୍ୟର ପୁରୁଣା ଗାଡ଼ିର ମାଲିକାନା ପରିବର୍ତ୍ତନ ପାଇଁ ମିଳିବନି ଅନୁମତି

କଟକ,୬।୪(କାର୍ତ୍ତିକ ସାହୁ)

## ୨ ବର୍ଷ ୯ ମାସ ପରେ କାର୍ଯ୍ୟକାରୀ ହେଲା ନିଷ୍ପତ୍ତି

ବାହାର ରାଜ୍ୟର ୧୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ବାଣିଜ୍ୟିକ ଗାଡ଼ି ଯଥା ଯାତ୍ରୀବାହୀବସ୍ ଆଦି ରାଜ୍ୟରେ ମାଲିକାନା ପରିବର୍ତ୍ତନ କରିବା ଉପରେ ରୋକ୍ ଲଗାଯାଇଛି । ଓଡ଼ିଶା ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ଦ୍ୱାରା ଏଭଳି ନିଷ୍ପତ୍ତି ନିଆଯାଇଛି । ଅନ୍ୟ ରାଜ୍ୟର ଖରାପ ମାନର ଯାତ୍ରୀବାହୀ ବାଣିଜ୍ୟିକ ଗାଡ଼ିକୁ ଓଡ଼ିଶାରେ ମାଲିକାନା ପରିବର୍ତ୍ତନକୁ ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । କିନ୍ତୁ ପୂର୍ବରୁ ଅନୁମତି ନେଇସାରିଥିବା ଗାଡ଼ିରେ କୌଣସି ଅସୁବିଧା ହେବନାହିଁ । ସେହିପରି ଓଡ଼ିଶା ରାଜ୍ୟର ଗାଡ଼ି କିମ୍ବା ଆନ୍ତଃରାଜ୍ୟ ପରମିଟ୍ ଥିବା ଗାଡ଼ିପାଇଁମଧ୍ୟ କୌଣସି ସମସ୍ୟା ନାହିଁ ବୋଲି ଏସ୍‌ଟିଏ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

ଏସ୍‌ଟିଏ ପକ୍ଷରୁ କୁହାଯାଇଛି, ଯାତ୍ରୀମାନଙ୍କ ସୁରକ୍ଷା ଏବଂ ଆରାମଦାୟକ ଯାତ୍ରା ଆଦିକୁ ଦୃଷ୍ଟିରେ ରଖି ୨୦୨୩ ଜୁଲାଇ ୧୯ରେ ଅନୁଷ୍ଠିତ ଏସ୍‌ଟିଏ ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଥିଲା । ଉକ୍ତ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ଏସ୍‌ଟିଏ ପକ୍ଷରୁ ଏବେ ତତ୍ପରତା ପ୍ରକାଶ କରାଯାଇଛି । ବାହାର ରାଜ୍ୟର ୧୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ବାଣିଜ୍ୟିକ ଯାତ୍ରୀବାହୀ ଗାଡ଼ିଗୁଡ଼ିକର ମାଲିକାନା ଠିକଣା ପରିବର୍ତ୍ତନ ହେବ ନାହିଁ କିମ୍ବା ମାଲିକାନା ପରିବର୍ତ୍ତନ ପାଇଁ ଅନୁମତି ଦିଆଯିବ ନାହିଁ । ସେଭଳି ଗାଡ଼ିଗୁଡ଼ିକର ଟିକସ ମଧ୍ୟ ଓଡ଼ିଶାରେ ନିଆଯିବ ନାହିଁ । ଯଦିଓ ଏହା ମଧ୍ୟରେ ୨ ବର୍ଷ ୯ ମାସ ଅତିକ୍ରାନ୍ତ ହୋଇଗଲାଣି, ତଥାପି ଉକ୍ତ ବୈଠକର ନିଷ୍ପତ୍ତିକୁ ସାରା ରାଜ୍ୟରେ କାର୍ଯ୍ୟକାରୀ କରିବା ଦେଇ ପଦକ୍ଷେପ ନିଆଯାଉଛି । ଚଳିତ ଏପ୍ରିଲ ୨ରେ ଏସ୍‌ଟିଏ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇ ବିଭିନ୍ନ ଜିଲାରେ ଥିବା ଆଞ୍ଚଳିକ ପରିବହନ ଅଧିକାରୀ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଅଥବା ସରକାରୀ ଆଞ୍ଚଳିକ ପରିବହନ ଅଧିକାରୀ ଏହା ନିର୍ଦ୍ଦେଶନାମା ଜାରି ହେବା ଦିନଠାରୁ କାର୍ଯ୍ୟକାରୀ କରିବାକୁ କୁହାଯାଇଛି ।

# ଆଜି ପାଳନ ହେବ 'ଶିଶୁକଥା ଦିବସ'

ଭୁବନେଶ୍ୱର,୬।୪ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏପ୍ରିଲ ୧ରୁ ୧୪ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ପାଳନ ହେଉଛି ଓଡ଼ିଆ ପକ୍ଷ । ଏହାର ୭ମ ଦିବସ ମଙ୍ଗଳବାରକୁ 'ଶିଶୁକଥା ଦିବସ' ଭାବେ ପାଳନ କରାଯିବ । ଏହି ଅବସରରେ ରାଜ୍ୟର ବିଭିନ୍ନ ଜିଲାରେ ରହିଥିବା ବିଦ୍ୟାଳୟଗୁଡ଼ିକରେ ବର୍ଣ୍ଣବୋଧ ଓ ଶିଶୁଲେଖା ପୁସ୍ତକ ବଣ୍ଟନ କରାଯିବ । ଏହାସହିତ ବରିଷ୍ଠ ନାଗରିକମାନଙ୍କୁ ଭାଗବତ ପୁସ୍ତକ ପ୍ରଦାନ କରାଯିବ । ଏନେଇ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଚିଠି କରାଯାଇଛି । ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର ସହ ଓଡ଼ିଆ ସଂସ୍କୃତି, ପରମ୍ପରା ଏବଂ ବିଭିନ୍ନ ଲୋକବାଣୀ ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରାଇବାକୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ଓଡ଼ିଶା ପୋଲିସକୁ ମିଳିବ ପ୍ରେସିଡେଣ୍ଟ କଲର ଆୱାର୍ଡ

ଭୁବନେଶ୍ୱର,୬।୪(ତ୍ରିନାଥ ମହାନ୍ତି)

- ରାଷ୍ଟ୍ରପତିଙ୍କଠାରୁ ସମ୍ମାନସୂଚକ ପୁରସ୍କାର ପାଇବ ଓଡ଼ିଶା ପୋଲିସ
- ସାହସିକତା ଏବଂ ବୃତ୍ତିଗତ ସେବାକୁ ସ୍ୱୀକୃତି ଦେଇଥାଏ ଏହି ଆୱାର୍ଡ
- ସମସ୍ତ ପୋଲିସ କର୍ମୀଙ୍କ ସେବା ପାଇଁ ଏହା ସଫଳ ହୋଇଛି: ଡିଜିପି

ଓଡ଼ିଶା ପୋଲିସକୁ ମିଳିବ ପ୍ରେସିଡେଣ୍ଟ କଲର ଆୱାର୍ଡ । ରାଷ୍ଟ୍ରପତିଙ୍କଠାରୁ ଏହି ସମ୍ମାନସୂଚକ ପୁରସ୍କାର ଓଡ଼ିଶା ପୋଲିସ ପାଇବ । ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ସମୟରେ ଏହି ଆୱାର୍ଡ ମିଳିବ ବୋଲି ସୂଚନା ମିଳିଛି । ତେବେ ଏନେଇ କୌଣସି ନିର୍ଦ୍ଦିଷ୍ଟ ତାରିଖ ଘୋଷଣା ହୋଇ ନାହିଁ । ପ୍ରେସିଡେଣ୍ଟ କଲର ଆୱାର୍ଡ ସମ୍ମାନ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ଦେଶର ସାମରିକ ୟୁନିଟ୍, ତାଲିମ ପ୍ରତିଷ୍ଠାନ କିମ୍ବା ପୋଲିସ ଫୋର୍ସକୁ ପ୍ରଦାନ କରାଯାଉଥିବା ସର୍ବୋଚ୍ଚ ସମ୍ମାନଜନକ ପୁରସ୍କାର । ପ୍ରେସିଡେଣ୍ଟ କଲର୍ ଆୱାର୍ଡ ସାହସିକତା ଏବଂ ବୃତ୍ତିଗତ ସେବାକୁ ସ୍ୱୀକୃତି ଦେଇଥାଏ । ଏହା ଏକ ଆନୁଷ୍ଠାନିକ ପତାକା ଏବଂ ଉତ୍କର୍ଷତାର ପ୍ରତୀକ ଭାବରେ କାର୍ଯ୍ୟ କରେ । ଏହି ପୁରସ୍କାର ସମ୍ମାନର ପ୍ରତୀକ, ଯାହାକୁ ଅଧିକାରୀମାନେ ସେମାନଙ୍କ ୟୁନିଫର୍ମର ବାମ ହାତରେ ପିନ୍ଧନ୍ତି ।

ଏନେଇ ପୋଲିସ ଡିଜିଙ୍କ ଅଧ୍ୟକ୍ଷତାରେ ସୋମବାର ଡିଜିପି କ୍ୟାମ୍ପ ଅଫିସରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା । ବୈଠକରେ ପୁରସ୍କାର ସମ୍ପର୍କରେ ଆଲୋଚନା କରାଯାଇଥିଲା । ଡିଜିପି ୱାଇ.ବି. ଖୁରାନିଆ କହିଥିଲେ, ଏହି ପୁରସ୍କାରକୁ ସେ ସମସ୍ତ ପୋଲିସ କର୍ମୀଙ୍କୁ ଉତ୍ସର୍ଗ କରୁଛନ୍ତି । ସେମାନଙ୍କ ତ୍ୟାଗ ଏବଂ ସେବା ଦ୍ୱାରା ଏହି ପୁରସ୍କାର ମିଳିପାରିଛି । ଲୋକଙ୍କୁ ତ୍ୱରିତ ନ୍ୟାୟ ଦେବା ସହ ଅପରାଧୀ ଏବଂ ନିଶା ମାଫିଆଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯାଉଛି । ଜଣଙ୍କ ପାଇଁ ଏହା କେବେ ସାଧିତ ହେବ ନାହିଁ, ଏକାଧିକ ପୋଲିସ କର୍ମଚାରୀଙ୍କ ସହଯୋଗ ପାଇଁ ଏହି ଆୱାର୍ଡ ମିଳିଥିବା ଡିଜିପି କହିଛନ୍ତି । ବୈଠକରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର, ଏଡିଜି ଆଇନଶୃଙ୍ଖଳା ସଞ୍ଜୟ କୁମାର, ଏଡିଜି ଆଧୁନିକୀକରଣ ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜି କମ୍ୟୁନିକେଶନ ଦୟାଲ ଗଙ୍ଗୱାର, ଏଡିଜି ଆଣ୍ଟି ନକ୍ସଲ ଅପରେଶନ ସଞ୍ଜୀବ ପଣ୍ଡା, ଏଡିଜି ରାଜେଶ କୁମାର, ଏଡିଜି ଏସ୍. ସାଇନି, ଏଚ୍‌ଆର୍‌ପିସି ଯତୀନ୍ଦ୍ର କୋଏଲ, ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ, ଏଡିଜି ମୁଖ୍ୟାଳୟ ପ୍ରତୀକ ମହାନ୍ତି, ଆଇଜି ପ୍ରବୀଣ କୁମାର, ଆଇଜି କ୍ରାଇମବ୍ରାଞ୍ଚ ସାର୍ଥକ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ବୈଠକରେ ରାଜ୍ୟର ଆଇନ ଶୃଙ୍ଖଳା ଉପରେ ଆଲୋଚନା କରାଯାଇଥିଲା ।

# ବମିଖାଲ ଓଭରବ୍ରିଜ୍‌ରେ ବାଇକ୍ ମୁହାଁମୁହିଁ, ୨ ଚାଳକ ମୃତ

ଭୁବନେଶ୍ୱର,୬।୪(ତ୍ରିନାଥ ମହାନ୍ତି)

ଲକ୍ଷ୍ମୀସାଗର ଥାନା ବମିଖାଲ ଓଭରବ୍ରିଜ ଉପରେ ସୋମବାର ସକାଳେ ଏକ ସଡ଼କ ଦୁର୍ଘଟଣା ଘଟିଛି । ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଆହତ ହୋଇଛନ୍ତି । ମୃତ ଦୁଇ ବାଇକ୍ ଚାଳକ ହେଲେ ବେଗୁନିଆର ବିଜୟାନନ୍ଦ ପ୍ରଧାନ ଏବଂ ଢେଙ୍କାନାଳ ଟାଉନର ପ୍ରକାଶ ପିରୋଇ । ବିଜୟାନନ୍ଦ ଲକ୍ଷ୍ମୀସାଗରରେ ରହି ଏକ ଘରୋଇ ସଂସ୍ଥାରେ କାମ କରୁଥିବାବେଳେ ପ୍ରକାଶ ଶହୀଦନଗରରେ ଏକ ଦୋକାନରେ କାମ କରୁଥିଲେ । ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି । ଏନେଇ ପୋଲିସ ଦୁଇଟି ଦୁର୍ଘଟଣାଜନିତ ମାମଲା ରୁଜୁ କରି ୨ବାଇକକୁ ଜବତ କରି ତଦନ୍ତ କରୁଛି ।

ସୂଚନା ଅନୁସାରେ, ସୋମବାର ସକାଳ ପ୍ରାୟ ୯ଟା ୩୦ମିନିଟରେ ବିଜୟାନନ୍ଦ ଝାରପଡ଼ାରୁ ଦ୍ରୁତଗତିରେ ବମିଖାଲ ଓଭରବ୍ରିଜ୍ ଚଢ଼ି ଶହୀଦନଗର ଅଭିମୁଖେ ଯାଉଥିଲେ । ସେହିଭଳି ପ୍ରକାଶ ଶହୀଦନଗର ପଟରୁ ଦ୍ରୁତତ୍‌ଗତିରେ ବମିଖାଲ ଓଭରବ୍ରିଜ୍ ଚଢ଼ି ରସୁଲଗଡ଼ ଯାଉଥିଲେ । ଏହ ସମୟରେ ଓଭରବ୍ରିଜ ମଝିରେ ୨ ବାଇକ୍ ଚାଳକ ପରସ୍ପର ମୁହାଁମୁହିଁ ଧକ୍କା ହୋଇଥିଲେ । ଫଳରେ ଘଟଣାସ୍ଥଳରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବାବେଳେ ପ୍ରକାଶଙ୍କ ପଛରେ ବସିଥିବା ଜଣେ ଯୁବକ ଆହତ ହୋଇଥିଲେ । ଖବରପାଇ ପୋଲିସ ପହଞ୍ଚି ୨ଜଣଙ୍କ ମୃତଦେହ ଜବତ କରି କ୍ୟାପିଟାଲ ଶବ ସଂରକ୍ଷଣ ଗୃହକୁ ପଠାଇଥିବାବେଳେ ଆହତଙ୍କୁ ଚିକିତ୍ସା କରାଯାଇଥିଲା । ସେ ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।



ବିଏସ୍ଇ ସେନ୍ସେକ୍ସ
୭୪,୧୦୬.୮୫(+୭୮୭.୩୦)



୧ ଡଲାର = ୯୨.୯୯ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍
(ପ୍ରତି ବ୍ୟାରେଲ୍)
୧୦୯.୯୦ ଡଲାର

# ରେଳ ସ୍କ୍ରାପ୍ ବିକ୍ରିରୁ ୨୯୦.୨୨ କୋଟି ରାଜସ୍ୱ ହାସଲ

## ଗତ ବର୍ଷ ତୁଳନାରେ ୭.୭୭% ଅଭିବୃଦ୍ଧି



ଭୁବନେଶ୍ୱର,୬।୪(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ୨୦୨୫-୨୬ ଆର୍ଥିକ ବର୍ଷରେ ସ୍କ୍ରାପ୍ ବିନିଯୋଗ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏହା ସର୍ବକାଳୀନ ସର୍ବାଧିକ ୨୯୦.୨୨ କୋଟି ରାଜସ୍ୱ ଆଦାୟରେ ରେକର୍ଡ ସୃଷ୍ଟି କରିଛି। ଏହି ଉଲ୍ଲେଖନୀୟ ପ୍ରଦର୍ଶନ ରେଲୱେ ବୋର୍ଡର ୨୬୦ କୋଟି ଲକ୍ଷ୍ୟଠାରୁ ୩୦.୨୨ କୋଟି ଅଧିକ ଓ ୧୧.୬୨% ବୃଦ୍ଧି ଅଟେ। ଏହି ସଫଳତା ପୂର୍ବ ବର୍ଷର ପ୍ରାୟ ୨୬୯.୩ କୋଟି ଟଙ୍କାର ସର୍ବୋତ୍ତମ ସ୍କ୍ରାପ୍ ନିଷ୍କାସନ ରାଜସ୍ୱ ତୁଳନାରେ ୭.୭୭% ବୃଦ୍ଧିକୁ ଦର୍ଶାଉଛି। 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ଅଧୀନରେ ଡିଭିଜନ, କର୍ମଶାଳା ଏବଂ ଲୋକୋ ସେଡ୍ଗୁଡ଼ିକରେ ନିରନ୍ତର ଓ କେନ୍ଦ୍ରିତ ଭାବେ ଚାଲିଥିବା ସ୍ୱଚ୍ଛତା ଅଭିଯାନର ଫଳସ୍ୱରୂପ ଏହି ସଫଳତା ହାସଲ ହୋଇଛି। ଏହି ପଦକ୍ଷେପଗୁଡ଼ିକ କେବଳ ରାଜସ୍ୱ ବୃଦ୍ଧିକୁ ତ୍ୱରାନ୍ୱିତ କରିନାହିଁ, ବରଂ ସ୍ୱଚ୍ଛ ପରିବେଶ, ଉନ୍ନତ ସୁରକ୍ଷା ମାନଦଣ୍ଡ ଏବଂ ପରିଚାଳନାଗତ କାର୍ଯ୍ୟକୁଶଳତା ବୃଦ୍ଧିରେ ମଧ୍ୟ ଉଲ୍ଲେଖନୀୟ ଭାବେ ସହାୟକ ହୋଇଛି। ୪୦,୩୪୨ ମେଟ୍ରିକ ଟନ୍ରୁ ଅଧିକ ପରିତ୍ୟକ୍ତ ରେଳ ଏବଂ ରେଳପଥ ସାମଗ୍ରୀ, ୫ ଲକ୍ଷରୁ ଅଧିକ ପିଏସ୍ସି ସ୍ଲିପର ଏବଂ ବହୁ ପରିମାଣର ଲୌହ ସ୍କ୍ରାପ୍ ନିଷ୍କାସନ ସାମଗ୍ରୀ ଏଥିରେ ରହିଛି। ଏହାବ୍ୟତୀତ ବୈଦ୍ୟୁତିକ ଏବଂ ଡିଜେଲ ଇଞ୍ଜିନ, କୋଚ ଏବଂ ୱାଗନକୁ ନେଇ ଗଠିତ ରୋଲିଙ୍ଗ ଷ୍ଟକ୍କୁ ଦକ୍ଷତାର ସହ ନିଲାମ କରାଯାଇଥିଲା।

# ପାରସ୍ୟ ଉପସାଗରରେ ଅଟକିଛି ଭାରତର ୧୬ ଜାହାଜ

## ଷ୍ଟ୍ରେଟ୍ ଅଫ୍ ହର୍ମୁଜ ପାର କଲା ୨ ଏଲ୍ପିଜି ଜାହାଜ



ନୂଆଦିଲ୍ଲୀ, ୬।୪ (ପି.ଟି.)

ପଶ୍ଚିମ ଏସିଆରେ ଯୁଦ୍ଧ ଯୋଗୁ ସାମୁଦ୍ରିକ ଜଳପଥ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍' ଦେଇ ତୈଳ, ଗ୍ୟାସ୍ ଓ ଅନ୍ୟାନ୍ୟ ସାମଗ୍ରୀ ବୋଝେଇ ଜାହାଜଗୁଡ଼ିକ ପାର ହେବା ଇରାନ୍ର ନିୟନ୍ତ୍ରଣାଧୀନ ରହିଛି। ଅର୍ଥାତ୍ ଇରାନ୍ ଇଚ୍ଛାରେ ଜାହାଜଗୁଡ଼ିକ ଗନ୍ତବ୍ୟ ସ୍ଥଳକୁ ଯାଇପାରୁଛି। ଗତ ଫେବୃଆରୀ ୨୮ରୁ ଇରାନ୍ ବିରୋଧରେ ଯୁଦ୍ଧ ଚଳାଇଥିବା ଆମେରିକା ଓ ଇସ୍ରାଏଲ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଖୋଲିବାରେ ଏଯାଏ ସଫଳ ହୋଇପାରୁନାହାନ୍ତି। ଫଳରେ ଅନେକ ଦେଶର ମାଲବାହୀ ଜାହାଜଗୁଡ଼ିକ ଅଟକି ରହିଛି। ଏଥିମଧ୍ୟରେ ୧୮ଟି ଭାରତୀୟ ଜାହାଜ ପାରସ୍ୟ ଉପସାଗର ଅଞ୍ଚଳରେ ଅଟକି ରହିଥିବାବେଳେ ୨ଟି ଏଲ୍ପିଜି ଜାହାଜ ସୁରକ୍ଷିତ ଭାବେ ହର୍ମୁଜ୍ ପ୍ରଣାଳୀ ଅତିକ୍ରମ କରି ଭାରତୀୟ ବନ୍ଦର ଅଭିମୁଖେ ଯାତ୍ରା କରୁଥିବା ଜଣାପଡ଼ିଛି। ତଥାପି ଆହୁରି ୧୬ଟି ଜାହାଜ ଅଟକି ରହିଛି। ଏହାର ପ୍ରଭାବରେ ଭାରତର ବିଭିନ୍ନ ସ୍ଥାନରେ ରନ୍ଧନ ଗ୍ୟାସ୍ ଅଭାବଜନିତ ଗୁରୁତର ସଙ୍କଟ ଦେଖାଦେଇଛି।

ସୋମବାର ଏକ ଖବରଦାତା ସମ୍ମିଳନୀରେ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ମୁକେଶ ମଙ୍ଗଳ କହିଛନ୍ତି, ପ୍ରାୟ ୪୬,୬୫୦ ଟନ୍ ଏଲ୍ପିଜି ବହନ କରୁଥିବା 'ଗ୍ରୀନ୍ ସାନ୍ୱି' ନାମକ ଜାହାଜ ଏପ୍ରିଲ ୭ରେ ଭାରତୀୟ ବନ୍ଦରରେ ପହଞ୍ଚିବ। ସେହିପରି ୧୫,୫୦୦ ଟନ୍ କାର୍ଗୋ ସହ 'ଗ୍ରୀନ୍ ଆଶା' ଜାହାଜ ଏପ୍ରିଲ ୯ ସୁଦ୍ଧା ଭାରତୀୟ ଉପକୂଳରେ ପହଞ୍ଚିବାକୁ ଧାର୍ଯ୍ୟ କରାଯାଇଛି। ପଶ୍ଚିମ ଏସିଆ ସଙ୍କଟ ସତ୍ତ୍ୱେ ଭାରତୀୟ ସାମୁଦ୍ରିକ କାର୍ଯ୍ୟକଳାପ ସୁରକ୍ଷିତ ଏବଂ ଅପରିବର୍ତ୍ତିତ ରହିଛି। ବର୍ତ୍ତମାନ ଏହି ଅଞ୍ଚଳରେ ୪୩୩ ଜଣ ନାବିକଙ୍କ ସହ ୧୬ଟି ଭାରତୀୟ ପତାକାଧାରୀ ଜାହାଜ ରହିଛନ୍ତି ବୋଲି ସଚିବ ମଙ୍ଗଳ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ଫେବୃଆରୀ ୨୮ରେ ଆମେରିକା ଏବଂ ଇସ୍ରାଏଲ ପକ୍ଷରୁ ଇରାନ୍ ଉପରେ ଆକ୍ରମଣ ଓ ଏହାର ପାଲଟା ଜବାବ ପରେ ଏହି ରଣନୈତିକ ଜଳପଥ ପ୍ରାୟତଃ ବନ୍ଦ ରହିଥିଲା। ଏହା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ୮ଟି ଭାରତୀୟ ଏଲ୍ପିଜି ଟ୍ୟାଙ୍କର ସୁରକ୍ଷିତ ଭାବେ ଏହି ପଥ ଅତିକ୍ରମ କରିଛି। ଏବେ ପାରସ୍ୟ ଉପସାଗରରେ ଅଟକି ରହିଥିବା ୧୬ଟି ଜାହାଜ ମଧ୍ୟରେ ଗୋଟିଏ ଏଲ୍ଏନ୍ଜି ଜାହାଜ, ଦୁଇଟି ଏଲ୍ପିଜି ଟ୍ୟାଙ୍କର, ଛଅଟି ଅଶୋଧିତ ତୈଳବାହୀ ଜାହାଜ, ତିନୋଟି କଣ୍ଟେନର ଜାହାଜ ଏବଂ ଅନ୍ୟାନ୍ୟ କାର୍ଗୋ ଜାହାଜ ରହିଛି। ଇରାନ ପକ୍ଷରୁ ଜଳପଥ ଅତିକ୍ରମ ପାଇଁ କୌଣସି ଶୁଳ୍କ ଆଦାୟ କରାଯାଉଥିବା ନେଇ ମନ୍ତ୍ରଣାଳୟ ପାଖରେ ସୂଚନା ନାହିଁ ବୋଲି ସଚିବ ମଙ୍ଗଳ ସ୍ପଷ୍ଟ କରିଛନ୍ତି।

ଭାରତ ନିଜର ରନ୍ଧନ ଗ୍ୟାସ ଆବଶ୍ୟକତାର ପ୍ରାୟ ୬୦ ପ୍ରତିଶତ ଆମଦାନୀ ଉପରେ ନିର୍ଭର କରୁଥିବା ବେଳେ ଏହି ଜାହାଜଗୁଡ଼ିକର ଆଗମନ ଦେଶରେ ଦେଖାଦେଇଥିବା ଏଲପିଜି ଅଭାବକୁ କିଛି ମାତ୍ରାରେ ଦୂର କରିବାରେ ସହାୟକ ହେବ। ଗତ ବର୍ଷ ଭାରତରେ ୩୩.୧୫ ମିଲିୟନ ଟନ୍ ଏଲ୍ପିଜି ବ୍ୟବହୃତ ହୋଇଥିଲା, ଯେଉଁଥିରୁ ୯୦ ପ୍ରତିଶତ ଆମଦାନୀ ପଶ୍ଚିମ ଏସିଆରୁ କରାଯାଇଥିଲା।

# ୧୦ ନିୟୁତ ହୋଣ୍ଡା ଗାଡ଼ି ବିକ୍ରି

ଭୁବନେଶ୍ୱର,୬।୪(ଅନୁରାଧା ମହାରଣା)

ଦୁଇ-ଚକିଆ ଯାନ ନିର୍ମାତା ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍ଏମ୍ଏସ୍ଆଇ) ପୂର୍ବାଞ୍ଚଳରେ ମୋଟ ୧୦ ନିୟୁତ ଗାଡ଼ି ବିକ୍ରି ମାଇଲଖୁଣ୍ଟ ହାସଲ କରିଛି, ଯାହା ପଶ୍ଚିମବଙ୍ଗ, ବିହାର, ଓଡ଼ିଶା, ଝାଡ଼ଖଣ୍ଡ ଏବଂ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟସମୂହ ସମସ୍ତ ପ୍ରମୁଖ ବଜାରରେ ଏହାର ଅଭିବୃଦ୍ଧି ଯାତ୍ରାରେ ଏକ ଉଲ୍ଲେଖନୀୟ ଅଧ୍ୟାୟ ହୋଇଛି। କୋଲକାତା, ପାଟନା, ରାଞ୍ଚି, ଭୁବନେଶ୍ୱର ଏବଂ ଗୁଆହାଟୀ ଭଳି ସମସ୍ତ ପ୍ରମୁଖ ସହରଗୁଡିକର ସମର୍ଥନରେ ଏହି ଅଭିବୃଦ୍ଧିରେ ପଶ୍ଚିମବଙ୍ଗ ଏବଂ ବିହାର ମୁଖ୍ୟ ଅବଦାନ ରଖିଛନ୍ତି। ସ୍କୁଟରଗୁଡ଼ିକ ମଧ୍ୟରେ ଆକ୍ଟିଭା ଏବଂ ଡିଓ ବେଶି ଲୋକାଦୃତ ହୋଇପାରିଛି। ମୋଟରସାଇକେଲ ବର୍ଗରେ ଏସ୍ପି ୧୨୫ ଏବଂ ଶାଇନ୧୨୫ ବିକ୍ରିରେ ଉଲ୍ଲେଖନୀୟ ଅବଦାନ ରଖିଛି। ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆର ଡାଇରେକ୍ଟର (ସେଲ୍ସ ଆଣ୍ଡ ମାର୍କେଟିଂ) ମୁତ୍ସୁଓ ଉସୁଇ କହିଛନ୍ତି, ପୂର୍ବାଞ୍ଚଳରେ ୧୦ ନିୟୁତ ଗାଡ଼ି ବିକ୍ରିର ମାଇଲଖୁଣ୍ଟ ବିବିଧ ବଜାରରେ ଗ୍ରାହକମାନଙ୍କର ଦୈନନ୍ଦିନ ଗମନାଗମନ ଆବଶ୍ୟକତା ସହିତ ଆମର ଉତ୍ପାଦଗୁଡ଼ିକ କିଭଳି ସଂଯୁକ୍ତ ହୋଇଛି, ତାହା ପ୍ରତିଫଳିତ କରୁଛି।

# ଭବିଷ୍ୟତ ହେଲ୍ଥ କେୟାର ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର,୬।୪(ଅନୁରାଧା ମହାରଣା)

ହେଲ୍ଥ କେୟାର କନସଲ୍ଟିଂ ସେବା ପ୍ରଦାନକାରୀ ସଂସ୍ଥା ଅଡିଟମେଟ ପକ୍ଷରୁ ସିଇଓ ରାଉଣ୍ଡ ଟେବୁଲ - ହେଲଥ କେୟାର ୨୦୨୬ର ପ୍ରଥମ ସଂସ୍କରଣ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରମୁଖ ହସ୍ପିଟାଲଗୁଡ଼ିକରୁ ୨୫ରୁ ଅଧିକ ସିଇଓ ଓ ହେଲଥ୍ କେୟାରର ବ୍ୟକ୍ତିତ୍ୱ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଡ. ସୁଚିନ୍ ବଜାଜ୍, ସନ୍ଧ୍ୟା ଶ୍ରୀରାମ, ଡ. ଆଲୋକ ଲୋଢ଼ ଓ ନରେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ରାଉଣ୍ଡଟେବୁଲରେ ଭବିଷ୍ୟତ ହେଲଥ କେୟାର, ଅପରେଶନାଲ ଏକ୍ସେଲେନ୍ସ, ରେଭେନ୍ୟୁ ଇଣ୍ଟେଗ୍ରିଟି, ଡିଜିଟାଲ ଟ୍ରାନ୍ସଫର୍ମେଶନ ଓ ଓଡ଼ିଶାରେ ମେଡିକାଲ ଟୁରିଜମ୍ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଗଭର୍ନାନ୍ସ, ରିସ୍କ ଓ କଣ୍ଟ୍ରୋଲ୍ ମାଧ୍ୟମରେ ହେଲଥ କେୟାରକୁ ସୁଦୃଢ଼ କରିବା ଏହାର ବିଷୟବସ୍ତୁ ରହିଥିଲା। କାର୍ଯ୍ୟକ୍ରମଟି ରାକେଶ କୁମାର ପାତ୍ର, ଅମୂଲ୍ୟ କୁମାର ପ୍ରଧାନ, କ୍ଷିତିଶ ଚନ୍ଦ୍ର ପାତ୍ର ଓ ସତ୍ୟାନନ୍ଦ ରାଉତରାୟଙ୍କ ଦ୍ୱାରା ଆୟୋଜିତ ହୋଇଥିଲା।

# ଶ୍ୟାମ ମେଟାଲିକ୍ସ ସିଲ୍

## ପରିବେଶ ସୁରକ୍ଷା ନିୟମ ଉଲ୍ଲଂଘନ

ସମ୍ବଲପୁର/ରେଙ୍ଗାଲି,୬।୪
(ପ୍ରମୋଦ ବହିଦାର/ଦେବବ୍ରତ ପଣ୍ଡା)



ପ୍ରଦୂଷଣ ବୋର୍ଡ, ଜିଲା ପ୍ରଶାସନ ଓ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ରେଙ୍ଗାଲିସ୍ଥିତ ଶ୍ୟାମ ମେଟାଲିକ୍ସ ଓ ଏନର୍ଜି ଲିମିଟେଡ୍କୁ ସିଲ୍ କରାଯାଉଛି।

ପରିବେଶ ସୁରକ୍ଷା ନିୟମ ଉଲ୍ଲଂଘନ ପାଇଁ ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ପଣ୍ଡଲୋଇସ୍ଥିତ ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜି ଲିମିଟେଡ ବିରୋଧରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ସୋମବାର ସକାଳୁ କମ୍ପାନୀର ଏକାଧିକ ଗୁରୁତ୍ୱପୂର୍ଣ୍ଣ ୟୁନିଟ୍କୁ ସିଲ୍ କରି ଦିଆଯାଇଛି। ସିପିସିବି ପକ୍ଷରୁ ଗତ ମାର୍ଚ୍ଚ ୩୦ ତାରିଖରେ ଜାରି ଏକ ନିର୍ଦ୍ଦେଶନାମା ଅନୁସାରେ ପରିବେଶ(ସୁରକ୍ଷା) ଆଇନ ୧୯୮୬ର ଧାରା ୫ ଅନୁଯାୟୀ ଜିଲା ମାଜିଷ୍ଟ୍ରେଟଙ୍କ ଆଦେଶ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଫଳରେ କମ୍ପାନୀର ଫେରୋ ଆଲୟ ପ୍ଲାଣ୍ଟର ସମସ୍ତ ୭ଟି ଫର୍ନେସ୍, ଦ୍ୱିତୀୟ ଓ ତୃତୀୟ ୟୁନିଟର ଇସ୍ପାତ ତରଳାଇବା ଶପ୍(ଏସ୍ଏମ୍ଏସ୍), ଦ୍ୱିତୀୟ ୟୁନିଟର ପେଲେଟ୍ ପ୍ଲାଣ୍ଟ ସମେତ ଡିଆର୍ଆଇ କିଲନ୍ର ୩, ୪ ଓ ୫ ନମ୍ବର ୟୁନିଟ୍କୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରି ଦିଆଯାଇଛି। ଅଗଷ୍ଟ ୨୦୨୪ରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କୋଲକାତା ଆଞ୍ଚଳିକ ନିର୍ଦ୍ଦେଶାଳୟର ଏକ ଟିମ୍ ଦ୍ୱାରା ହୋଇଥିବା ଯାଞ୍ଚ ସମୟରେ ପ୍ଲାଣ୍ଟରୁ ନିର୍ଗତ ହେଉଥିବା ପ୍ରଦୂଷଣର ମାତ୍ରା ନିର୍ଦ୍ଧାରିତ ମାନଦଣ୍ଡଠାରୁ ଯଥେଷ୍ଟ ଅଧିକ ଥିବା ଜଣାପଡିଥିଲା। ଏହା ପରିବେଶକୁ ପ୍ରଦୂଷଣ କରୁଥିବା ୧୭ଟି ବର୍ଗ ମଧ୍ୟରୁ ଅନ୍ୟତମ। ବିଶେଷକରି ଡିଆର୍ଆଇ-୧, ଡିଆର୍ଆଇ-୨ ଏବଂ ଏଏଫ୍ବିସି ବଏଲରରୁ ନିର୍ଗତ ଧୂଳିକଣାର ପରିମାଣ ସୀମା ବାହାରେ ଥିବାରୁ ଏହା ଜନଜୀବନ ଉପରେ କୁପ୍ରଭାବ ପକାଉଥିଲା। ପୂର୍ବରୁ ବୋର୍ଡ ପକ୍ଷରୁ ଏହି ତ୍ରୁଟିରେ ସୁଧାର କରି ଏହାର ପ୍ରତିକାର ବ୍ୟବସ୍ଥା କରିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନୋଟିସ ଦିଆଯାଇଥିଲା। ମାତ୍ର ଏହାକୁ ଗୁରୁତ୍ୱ ନ ଦେବାରୁ ଶେଷରେ ସୋମବାର ପ୍ଲାଣ୍ଟକୁ ସିଲ୍ କରାଯାଇଛି। ପ୍ଲାଣ୍ଟର ବିଭିନ୍ନ ୟୁନିଟ୍ର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବା ସହ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହାକୁ ପୁନଃ ସଂଯୋଗ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷରେ ଉକ୍ତ କମ୍ପାନୀରୁ ନିର୍ଗତ ପାଉଁଶ ଓ ଧୂଳି ପ୍ରଭାବରେ ହେଉଥିବା ବ୍ୟାପକ ପ୍ରଦୂଷଣକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ପ୍ରଦୂଷଣ ମାତ୍ରା ନିୟନ୍ତ୍ରଣ ବାହାରକୁ ଯାଉଥିବା ନେଇ ଦୀର୍ଘ ଦିନର ଅଭିଯୋଗ ପରେ ଏହି କାର୍ଯ୍ୟାନୁଷ୍ଠାନ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଗ୍ରାହକକୈନ୍ଦ୍ରିକ ଆଭିମୁଖ୍ୟ ଆମକୁ ସ୍ୱତନ୍ତ୍ର କରିଛି

**ଓଡ଼ିଶାର ବିଦ୍ୟୁତ୍ ଭିତ୍ତିଭୂମି କ୍ଷେତ୍ରର ଅନ୍ୟତମ ପ୍ରତିଷ୍ଠିତ ସଂସ୍ଥା ଭୁବନେଶ୍ୱରର ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ 'ଓଡ଼ିଶା ଟ୍ରାନ୍ସଫର୍ମର୍ସ ପ୍ରାଇଭେଟ ଲିମିଟେଡ' (ଓଟିପିଏଲ୍) ର ପରିଚାଳନା ନିର୍ଦ୍ଦେଶକ ହେଉଛନ୍ତି ଜୀବନ କୁମାର ବଡୁ। ୩୭ ବର୍ଷରୁ ଅଧିକ ଶିଳ୍ପ ଅଭିଜ୍ଞତା ସହିତ ସେ ଓଟିପିଏଲ୍କୁ ଉଚ୍ଚମାନର ବୈଦ୍ୟୁତିକ ଟ୍ରାନ୍ସଫର୍ମର ପ୍ରସ୍ତୁତକାରୀ ଅଗ୍ରଣୀ ସଂସ୍ଥାରେ ପରିଣତ କରିଛନ୍ତି। ଉତ୍କଳ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ସେ ଜଣେ ପ୍ରମୁଖ ବ୍ୟକ୍ତି ହୋଇଥିବାବେଳେ ଆଞ୍ଚଳିକ ଅଭିବୃଦ୍ଧି ପାଇଁ ଏକ ପ୍ରେରଣାଦାୟୀ ହୋଇ ରହିଛନ୍ତି। ଜୀବନ କୁମାର ବଡୁଙ୍କ ସହ ଏକ ସ୍ୱତନ୍ତ୍ର ସାକ୍ଷାତ୍କାର...**



ଜୀବନ କୁମାର ବଡୁ

**ପ୍ର- ୧୯୮୮ ମସିହାରେ ଓଟିପିଏଲ୍ ପ୍ରତିଷ୍ଠା ପରଠାରୁ ଏହାର ନିରନ୍ତର ଅଭିବୃଦ୍ଧିରେ କେଉଁ ପ୍ରମୁଖ କାରକଗୁଡ଼ିକ ସହାୟକ ହୋଇଛି?**

ଉ-୧୯୮୮ରୁ ଦୃଢ଼ ଉତ୍ପାଦନ କ୍ଷମତା, ଗୁଣାତ୍ମକ ପ୍ରମାଣପତ୍ର, ସମଗ୍ର ଭାରତରେ ଏକ ବିବିଧ ଗ୍ରାହକ ଆଧାର, ନିର୍ଭରଯୋଗ୍ୟ ବିକ୍ରୟ ପରବର୍ତ୍ତୀ ସେବା ଏବଂ ସ୍ଥିର ନେତୃତ୍ୱ ମାଧ୍ୟମରେ ଓଟିପିଏଲ୍ର ନିରନ୍ତର ଅଭିବୃଦ୍ଧି ହୋଇଛି। ଏହାଦ୍ୱାରା ଆମେ ଓଡ଼ିଶା ଏବଂ ବାହାରେ ପାୱାର ଡିଷ୍ଟ୍ରିବ୍ୟୁଶନ ଟ୍ରାନ୍ସଫର୍ମରର ଏକ ବିଶ୍ୱସ୍ତ ଯୋଗାଣକାରୀ ଭାବରେ ନିଜକୁ ପ୍ରମାଣିତ କରିଛୁ।

**ପ୍ର- ଟ୍ରାନ୍ସଫର୍ମର ଏବଂ ବୈଦ୍ୟୁତିକ ଉପକରଣ ଶିଳ୍ପ ବର୍ତ୍ତମାନ କେଉଁ ପ୍ରମୁଖ ଆହ୍ୱାନ ଦେଇ ଗତି କରୁଛି?**

ଉ- ଭାରତରେ ଟ୍ରାନ୍ସଫର୍ମର ଏବଂ ବୈଦ୍ୟୁତିକ ଉପକରଣ ଶିଳ୍ପ ବର୍ତ୍ତମାନ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। କଞ୍ଚାମାଲ ମୂଲ୍ୟରେ ଅସ୍ଥିରତା, ବିଶେଷକରି ତମ୍ବା ଏବଂ ଇସ୍ପାତ ସହିତ କଠୋର ନିୟାମକ ଏବଂ ଦକ୍ଷତା ମାନଦଣ୍ଡ ଏହି ଶିଳ୍ପକୁ ପ୍ରଭାବିତ କରୁଛି। ଏହାବ୍ୟତୀତ ବିଦ୍ୟୁତ୍ କ୍ଷେତ୍ରରେ ଚାଲିଥିବା ସଂସ୍କାର ଯୋଗୁ ଆଧୁନିକୀକରଣ ଏବଂ ଅକ୍ଷୟ ଶକ୍ତିର ସଂଯୋଗର ଆବଶ୍ୟକତା ବଢ଼ିଛି, ଯାହା ଉତ୍ପାଦନକାରୀଙ୍କ ପାଇଁ ଖର୍ଚ୍ଚ, ନିୟମ ପାଳନ ଏବଂ ସାମଗ୍ରିକ ପ୍ରତିଯୋଗିତାକୁ ପ୍ରଭାବିତ କରୁଛି।

**ପ୍ର- ଅତ୍ୟନ୍ତ ପ୍ରତିଯୋଗିତାମୂଳକ ଟ୍ରାନ୍ସଫର୍ମର ଉତ୍ପାଦନ ଶିଳ୍ପରେ ଆପଣଙ୍କ କମ୍ପାନୀ ନିଜକୁ କିପରି ସ୍ୱତନ୍ତ୍ର କରିପାରିଛି?**

ଉ- ଏହି ପ୍ରତିଯୋଗିତାମୂଳକ କ୍ଷେତ୍ରରେ କେବଳ ଉପକରଣ ତିଆରି କରିବା ଯଥେଷ୍ଟ ନୁହେଁ, ଏଥିପାଇଁ ବିଶ୍ୱାସ, ଦକ୍ଷତା ଏବଂ ପରିବର୍ତ୍ତନଶୀଳତା ଆବଶ୍ୟକ। ଆମ କମ୍ପାନୀର ଗୁଣବତ୍ତା, ନବସୃଜନ, ଠିକ୍ ସମୟରେ ବିତରଣ, ବିକ୍ରୟ ପରବର୍ତ୍ତୀ ସେବା ଏବଂ ଗ୍ରାହକ-କୈନ୍ଦ୍ରିକ ଆଭିମୁଖ୍ୟ ଯୋଗୁ ଆମକୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର କରିପାରିଛି।

**ପ୍ର- ଓଟିପିଏଲ୍ ବର୍ତ୍ତମାନ କେଉଁ ପ୍ରକାରର ବୈଷୟିକ ପ୍ରଗତି କିମ୍ବା ଉଚ୍ଚ-ଦକ୍ଷତାବିଶିଷ୍ଟ ଡିଜାଇନ ଉପରେ ପୁଞ୍ଜି ବିନିଯୋଗ କରୁଛି?**

ଉ- ଆମେ ଉଚ୍ଚ-ଦକ୍ଷତାସମ୍ପନ୍ନ ଟ୍ରାନ୍ସଫର୍ମର ଡିଜାଇନରେ ନିବେଶ କରୁଛୁ, ଯାହା ଶକ୍ତି ସଞ୍ଚୟ, ସ୍ଥାୟିତ୍ୱ ଏବଂ ସ୍ମାର୍ଟ-ଗ୍ରୀଡ୍ ଅନୁକୂଳତା ଉପରେ ଧ୍ୟାନ ଦେଇଥାଏ। ଭାରତର ଅକ୍ଷୟ ଶକ୍ତି ଅଭିଯାନ ଏବଂ କଠୋର ଦକ୍ଷତା ମାନଦଣ୍ଡ ସହ ତାଳ ମିଳାଇବା ପାଇଁ ଆମେ ଲୋ-ଲସ୍ କୋର୍ ସାମଗ୍ରୀ ଏବଂ ଅତ୍ୟାଧୁନିକ ମନିଟରିଂ ସିଷ୍ଟମ ବ୍ୟବହାର କରୁଛୁ।

**ପ୍ର- ଅକ୍ଷୟ ଶକ୍ତିର ସଂଯୋଗ, ସ୍ମାର୍ଟ ଗ୍ରୀଡ୍ ଏବଂ ଜାତୀୟ ସ୍ତରର ବଡ଼ କମ୍ପାନୀଙ୍କ ପ୍ରତିଯୋଗିତା ଭଳି ନୂତନ ଆହ୍ୱାନଗୁଡ଼ିକୁ ସାମ୍ନା କରିବା ପାଇଁ ଓପିଟିଏଲ୍ କିଭଳି ପ୍ରସ୍ତୁତ ହେଉଛି?**

ଉ- ଗ୍ରାହକ ସନ୍ତୁଷ୍ଟିକୁ ଦୃଷ୍ଟିରେ ରଖି ସେମାନଙ୍କର ଆବଶ୍ୟକତା ଓ ଚାହିଦା ଅନୁସାରେ ସରଞ୍ଜାମ ଯୋଗାଇ ଦିଆଯାଉଛି। ଯାହାକି ଦୀର୍ଘସ୍ଥାୟୀ ହୋଇପାରୁଛି ଏବଂ ଏହା ଦ୍ୱାରା ଗ୍ରାହକ ଆନନ୍ଦିତ ହେଉଛନ୍ତି।

# ନିୟୁ ହଣ୍ଟର ବୁଲେଟ୍ର ଶୁଭାରମ୍ଭ



କେନ୍ଦୁଝର,୬।୪(ନରେଶ ଚନ୍ଦ୍ର ପଟ୍ଟନାୟକ

କେନ୍ଦୁଝର ଡାଙ୍ଗରପଡ଼ାସ୍ଥିତ ରୟାଲ ଏନ୍ଫିଲ୍ଡର ଡିଲରଶିପ ସାଇ ଅଟୋମୋବାଇଲଠାରେ ବହୁ ପ୍ରତୀକ୍ଷିତ ନିୟୁ ହଣ୍ଟର ବୁଲେଟ୍ର ଶୁଭାରମ୍ଭ ହୋଇଛି। ଶୋ'ରୁମ୍ ପକ୍ଷରୁ ଅନୁଷ୍ଠିତ ଏକ ବିଶେଷ କାର୍ଯ୍ୟକ୍ରମରେ ସାଇ ଅଟୋମୋବାଇଲର ସିଇଓ ପ୍ରବୀଣ ମହାପାତ୍ର, ରୟାଲ ଏନ୍ଫିଲ୍ଡର କଷ୍ଟମର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ମଡେଲଟି ଗ୍ରାହକଙ୍କ ମଧ୍ୟରେ ବେଶ୍ ଆଦୃତ ହୋଇପାରିବ ଏବଂ ଏଥିରେ ଅପଡେଟ ଫିଚର ଗ୍ରାହକ ପାଇବେ ବୋଲି ମହାପାତ୍ର କହିଛନ୍ତି।

# ବିଦେଶୀ ନିବେଶକଙ୍କ ପାଇଁ ୧୬ ଲକ୍ଷ କୋଟିକୁ ନିବେଶ ସୀମା ବୃଦ୍ଧି

ନୂଆଦିଲ୍ଲୀ, ୬।୪

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍ପିଆଇ)ଙ୍କ ପାଇଁ ଭାରତୀୟ ଡେବ୍ଟ ମାର୍କେଟରେ ନିବେଶ ସୀମା ବୃଦ୍ଧି କରିଛି। ୨୦୨୬-୨୭ ବର୍ଷ ପାଇଁ ଏହି ସୀମାକୁ ୧୬.୩୨ ଲକ୍ଷ କୋଟି ଟଙ୍କା କରିଦିଆଯାଇଛି। ଏହାଦ୍ୱାରା ବିଦେଶରୁ ଅଧିକ ଟଙ୍କା ଭାରତକୁ ଆସିବ ବୋଲି ଆଶା କରାଯାଉଛି। ଏହି ନୂଆ ନିୟମ ଅନୁଯାୟୀ ନିବେଶ ସୀମା ଦୁଇ ପର୍ଯ୍ୟାୟରେ ବଢ଼ିବ। ଏପ୍ରିଲ୍ରୁ ସେପ୍ଟେମ୍ବର ୨୦୨୬ ଯାଏ ୧୫.୫୧ ଲକ୍ଷ କୋଟି ଏବଂ ଅକ୍ଟୋବରରୁ ମାର୍ଚ୍ଚ ୨୦୨୭ ଯାଏ ୧୬.୩୨ ଲକ୍ଷ କୋଟି ଟଙ୍କା ହେବ। ଏହା ଦ୍ୱାରା ବଜାରରେ ଅଧିକ ଟଙ୍କା ଆସିବ, ସରକାରଙ୍କୁ କମ୍ ସୁଧରେ ଋଣ ମିଳିବ ଏବଂ ଦେଶର ଉନ୍ନୟନ କାମରେ ସହାୟତା ମିଳିବ ବୋଲି ଆଶା କରାଯାଉଛି। ତେବେ ଆରବିଆଇ ପୁରୁଣା ନିୟମରେ ପରିବର୍ତ୍ତନ କରିନାହିଁ। ସରକାରୀ ବଣ୍ଡରେ ୬%, ରାଜ୍ୟ ବଣ୍ଡରେ ୨% ଏବଂ କମ୍ପାନୀ ବଣ୍ଡରେ ୧୫% ପର୍ଯ୍ୟନ୍ତ ବିଦେଶୀ ନିବେଶ କରାଯାଇପାରିବ। ଏହି ନିୟମ ଅର୍ଥନୀତିକୁ ସୁରକ୍ଷିତ ରଖିବା ପାଇଁ ରଖାଯାଇଛି। କମ୍ପାନୀ ବଣ୍ଡ ପାଇଁ ମଧ୍ୟ ସୀମା ବଢ଼ାଯାଇଛି। ଏଥି ସହ କିଛି ନୂଆ ନିୟମ ମଧ୍ୟ ଲାଗୁ ହେବ। ଏହି ନିଷ୍ପତ୍ତି ଭାରତର ଅର୍ଥନୀତିକୁ ଆହୁରି ଶକ୍ତିଶାଳୀ କରିବ ଏବଂ ବିଦେଶୀ ନିବେଶକଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଉଛି।

# କୋଇଲା ଗ୍ୟାସିଫିକେଶନରେ ଜିନ୍ଦଲ ଷ୍ଟିଲ୍ ଆଗୁଆ

ଭୁବନେଶ୍ୱର,୬।୪(ଅନୁରାଧା ମହାରଣା)



ଜିନ୍ଦଲ୍ ଷ୍ଟିଲ୍ କମ୍ପାନୀ ଦେଶୀ କୋଇଲା ବ୍ୟବହାର କରି ଗ୍ୟାସିଫିକେଶନ୍ ପ୍ରକ୍ରିୟା ଆରମ୍ଭ କରିଛି। ଏହାଦ୍ୱାରା ଭାରତର ଶକ୍ତି ସୁରକ୍ଷା ବଢ଼ିଛି ଏବଂ କମ୍ କାର୍ବନ୍ ଷ୍ଟିଲ୍ ତିଆରି ହେଉଛି। ଜିନ୍ଦଲ୍ ଷ୍ଟିଲ୍ ଭାରତର ପ୍ରଥମ କୋଇଲା ଗ୍ୟାସିଫିକେଶନ୍ ଆଧାରିତ ଡାଇରେକ୍ଟ ରିଡ୍ୟୁସ୍ଡ ଆୟରନ୍ (ଡିଆରଆଇ) ପ୍ଲାଣ୍ଟ ତିଆରି କରିଛି। ଏଥିରେ ସିନଗ୍ୟାସ୍ ବ୍ୟବହାର କରି ଲୌହ ତିଆରି କରାଯାଉଛି। ଏହା ବିଶ୍ୱରେ ପ୍ରଥମ ଥର ପାଇଁ ହୋଇଛି। ପ୍ରାକୃତିକ ଗ୍ୟାସ୍, ଏଲପିଜି, ଏବଂ ପ୍ରୋପେନ୍ ଅଭାବ ହେତୁ ଜିନ୍ଦଲ୍ ଷ୍ଟିଲ୍ ଗ୍ୟାଲଭାନାଇଜିଂ ଏବଂ କଲର୍ କୋଟିଂ ଲାଇନ୍ ଫର୍ନେସରେ ସିନଗ୍ୟାସ୍ ବ୍ୟବହାର କରିଛି। ଷ୍ଟିଲ୍ ଶିଳ୍ପରେ ଏହା ପ୍ରଥମ ଥର ହୋଇଛି। ଏହାଦ୍ୱାରା ଇନ୍ଧନ ଅଭାବ ସମସ୍ୟା କମିଛି। କମ୍ପାନୀ ବ୍ଲାଷ୍ଟ ଫର୍ନେସରେ ମଧ୍ୟ ସିନଗ୍ୟାସ୍ ଇଞ୍ଜେକ୍ଟ କରିଛି। ଏହା ଦ୍ୱାରା ବିଦେଶରୁ ଆସୁଥିବା କୋକିଂ କୋଇଲା କମ୍ ଲାଗୁଛି ଏବଂ ଷ୍ଟିଲ୍ ତିଆରିରେ କାର୍ବନ୍ ନିର୍ଗମ କମିଛି। ଜିନ୍ଦଲ୍ ଷ୍ଟିଲ୍ ଷ୍ଟିଲ୍ ତିଆରିର ସମସ୍ତ ପ୍ରକ୍ରିୟାରେ ସିନଗ୍ୟାସ୍ ବ୍ୟବହାର କରୁଛି। ଜିନ୍ଦଲ୍ ଷ୍ଟିଲ୍ ଅନୁଗୋଳର ଏକ୍ଜିକ୍ୟୁଟିଭ୍ ଡାଇରେକ୍ଟର ପିକେ ବିଜୁ ନାୟର କହିଛନ୍ତି, ଦେଶୀ କୋଇଲାରୁ ତିଆରି ସିନଗ୍ୟାସ୍ ବିଦେଶରୁ ଆସୁଥିବା ମିଥାନଲ୍, ଆମୋନିଆ, ଆମୋନିୟମ୍ ନାଇଟ୍ରେଟ୍ ଏବଂ ଏଲ୍ଏନ୍ଜି ବଦଳରେ ବ୍ୟବହାର କରାଯାଇପାରିବ।

# ଭାରତରେ ୨୦-୨୫% ମହଙ୍ଗା ହେବ କପଡ଼ା

ନୂଆଦିଲ୍ଲୀ, ୬।୪

ପଶ୍ଚିମ ଏସିଆ ଯୁଦ୍ଧ ଏବେ ଭାରତର ସାଧାରଣ ଲୋକଙ୍କ ପକେଟ ଉପରେ ପ୍ରଭାବ ପକାଉଛି। ଖାଦ୍ୟ, ପେଟ୍ରୋଲ ଏବଂ ଗାଡ଼ି ମରାମତି ପରେ ଏବେ କପଡ଼ା ମଧ୍ୟ ମହଙ୍ଗା ହେବାର ସମ୍ଭାବନା ଦେଖାଦେଇଛି। ଆଗାମୀ ଦିନରେ କପଡ଼ାର ଦାମ୍ ୨୦ରୁ ୨୫ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିପାରେ। ବିଶେଷଜ୍ଞମାନଙ୍କ ଆକଳନ ଅନୁସାରେ, ଯୁଦ୍ଧ ଯୋଗୁଁ ଇନ୍ଧନ ଏବଂ କଞ୍ଚା ମାଲର ଦାମ୍ ବଢ଼ିଛି। କଟନ୍ କପଡ଼ା ତିଆରି ମହଙ୍ଗା ହୋଇଛି। ସିନ୍ଥେଟିକ୍ କପଡ଼ାରେ ବ୍ୟବହୃତ କ୍ରୁଡ୍ ଅଏଲ୍ ମହଙ୍ଗା ହେବାରୁ ପଲିଷ୍ଟରର ଦାମ୍ ଗତ ୨-୩ ମାସରେ ପ୍ରାୟ ୨୫% ବଢ଼ିଛି। ଗ୍ୟାସ୍ ସିଲିଣ୍ଡର ନ ମିଳିବା ଏବଂ ବିଦ୍ୟୁତ୍ ଖର୍ଚ୍ଚ ବଢ଼ିବାରୁ ଶିଳ୍ପର ମୋଟ ଖର୍ଚ୍ଚ ୮ ରୁ ୧୦% ବଢ଼ିଛି। ଶିପିଂ ଖର୍ଚ୍ଚ ମଧ୍ୟ ବଢ଼ିଛି। ପୂର୍ବରୁ ୪୦ ଫୁଟ୍ କଣ୍ଟେନରର ଖର୍ଚ୍ଚ ୧୨୦୦ ଡଲାର୍ ଥିଲା, ଏବେ ତାହା ୧୯୦୦ ରୁ ୨୦୦୦ ଡଲାର୍ ହୋଇଛି। ଯୁଦ୍ଧ ଯୋଗୁ ଟେକ୍ସଟାଇଲ୍ ଶିଳ୍ପର ୪୦ରୁ ୪୫ ହଜାର କଣ୍ଟେନର ବିଭିନ୍ନ ବନ୍ଦରରେ ଅଟକି ରହିଛି। ଟେକ୍ସଟାଇଲ୍ ଆସୋସିଏଶନ୍ ଅଫ୍ ଇଣ୍ଡିଆର ଭାଇସ୍ ପ୍ରେସିଡେଣ୍ଟ ଯୋଗେଶ ମହାଜନଙ୍କ କହିବାନୁସାରେ, ସିନ୍ଥେଟିକ୍ ଫାଇଲାମେଣ୍ଟର ଦାମ୍ ୨୫ ରୁ ୩୦% ବଢ଼ିଛି। ଅନେକ ମିଲ୍ ଉତ୍ପାଦନ ସମୟ ୧୮ ଘଣ୍ଟାରୁ କମାଇ ୧୦ ଘଣ୍ଟା କରିଦେଇଛନ୍ତି। ଏହାର ପ୍ରଭାବ କାର୍ପେଟ୍, କମ୍ବଳ ଏବଂ ବେଡ୍ ଶିଟ୍ ଉପରେ ମଧ୍ୟ ପଡ଼ିଛି । ସୂଚନା ଥାଉକି, ଗ୍ୟାସ୍ ଅଭାବ ଏବଂ ଦରବୃଦ୍ଧି ଯୋଗୁ ଅନେକ ଶ୍ରମିକ ଗାଁକୁ ଫେରି ଯାଉଛନ୍ତି, ଯାହାକି ଟେକ୍ସଟାଇଲ୍ ଶିଳ୍ପକୁ ପ୍ରଭାବିତ କରୁଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମାମଲା ରୁଜୁ ସହ ଏନ୍‌ଆଇଏର ତଦନ୍ତ ଆରମ୍ଭ

## ସୁନ୍ଦରପଦା ବୋମା ବିସ୍ଫୋରଣ ଘଟଣା

- ବିସ୍ଫୋରଣରେ ଆର୍‌ଡିଏକ୍ସ ଭଳି ରାସାୟନିକ ପଦାର୍ଥ ମିଳିଥିଲା
- ଶେହନ୍‌ବାଜ ଏବଂ ମା'ଙ୍କ ମୃତ୍ୟୁ ପରେ ସତ ବଖାଣିବେ ବାନ୍ଧବୀ
- ଆକାଉଣ୍ଟକୁ ବାହାର ରାଜ୍ୟରୁ ଟଙ୍କା ଆସିଥିବାର ମିଳିଛି ପ୍ରମାଣ
- ଆନ୍ତଃରାଜ୍ୟ ଆତଙ୍କୀଙ୍କ ସହ ଲିଙ୍କ୍ ଖୋଜୁଛି ଏନ୍‌ଆଇଏ

**ଭୁବନେଶ୍ୱର,୬।୪(ତ୍ରିନାଥ ମହାନ୍ତି)**

ସୁନ୍ଦରପଦା ଆଜାଦ୍‌ନଗରରେ ଗତ ଜାନୁଆରୀ ୨୭ରେ ହୋଇଥିବା ବିସ୍ଫୋରଣ ଘଟଣାରେ ସୋମବାର ରାଜ୍ୟ ଏନ୍‌ଆଇଏ ମାମଲା ରୁଜୁ କରିବା ସହ କମିଶନରେଟ୍ ପୋଲିସ ଠାରୁ ପୂର୍ଣ୍ଣ ତଦନ୍ତ ଭାର ନିଜ ହାତକୁ ନେଇଛି। ବିସ୍ଫୋରଣ ଘଟିଥିବା ସ୍ଥାନରୁ ଏନ୍‌ଆଇଏ ଏବଂ ଫୋରେନ୍‌ସିକ୍ ଟିମ୍ ଜବତ କରିଥିବା ସାମଗ୍ରୀକୁ ଲ୍ୟାବ୍‌କୁ ପଠାଯାଇଥିଲା। ବିସ୍ଫୋରଣରେ ଆର୍‌ଡିଏକ୍ସ ଭଳି କେମିକାଲ ପଦାର୍ଥ ବ୍ୟବହାର ହୋଇଥିବା ରିପୋର୍ଟ ଆସିବା ପରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଏନ୍‌ଆଇଏ ଅଧିକାରୀ। ଏହି ଆର୍‌ଡିଏକ୍ସ ଭଳି ପଦାର୍ଥ ମୃତ ଶେହନୱାଜ ମଲ୍ଲିକ ଓରଫ ମୁଫି ଏବଂ ତାଙ୍କ ମା' ଲିଜାତୁନ କେଉଁଠୁ ଆଣିଥିଲେ, ତାହା ସନ୍ଦେହ ଘେରକୁ ଆସିଛି। ମୁଫିଙ୍କ ଆନ୍ତଃରାଜ୍ୟ ଆତଙ୍କୀ ସଂଗଠନ ସହ ଲିଙ୍କ୍ ରହିଥାଇପାରେ ବୋଲି ଏନ୍‌ଆଇଏ ସନ୍ଦେହ କରୁଛି। କାରଣ ଆର୍‌ଡିଏକ୍ସ ଭଳି ରାସାୟନିକ ପଦାର୍ଥକୁ ଆତଙ୍କୀମାନେ ବିସ୍ଫୋରଣରେ ବ୍ୟବହାର କରନ୍ତି। ସେନେଇ ଏନ୍‌ଆଇଏ ସୋମବାରଠାରୁ ଖୋଳତାଡ଼ ଆରମ୍ଭ କରିଦେଇଛି। ଏଥିସହ



ବିସ୍ଫୋରଣରୁ ବର୍ତ୍ତି ଯାଇଥିବା ମୁଫିଙ୍କ ବାନ୍ଧବୀ ଏବଂ ସାଙ୍ଗଙ୍କୁ ଏନ୍‌ଆଇଏ ପୁଣି ପଚରାଉଚରା କରୁଛି। ବଡ଼ କଥା ହେଲା ,ଆର୍‌ଡିଏକ୍ସ ଭଳି ପଦାର୍ଥ ଲିଙ୍କ୍ ଆସିବା ପରେ ମୁଫି ଏବଂ ତାଙ୍କ ମା'ଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଥିଲା। ଆକାଉଣ୍ଟକୁ କିଛି ରାଜ୍ୟ ବାହାର ସନ୍ଦିଗ୍ଧ ବ୍ୟକ୍ତି ଟଙ୍କା ପଠାଇଥିବା ତଥ୍ୟ ମିଳିଥିଲା। ଏହି ବ୍ୟକ୍ତିମାନେ କିଏ ଏବଂ କାହିଁକି ମୁଫି ଏବଂ ତାଙ୍କ ମା'ଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଥିଲେ, ସେନେଇ ଅଧିକ ଖୋଳତାଡ଼ କରାଯାଉଛି। ଏନ୍‌ଆଇଏର ଏକ ସ୍ପେଶାଲ ଟିମ୍ ଗଠନ କରାଯାଇ ଏହାର ତଦନ୍ତ କରାଯାଉଛି। ଏପରିକି ଯେଉଁମାନେ ଟଙ୍କା ପଠାଇଛନ୍ତି ସେମାନଙ୍କୁ ମଧ୍ୟ ପଚରାଉଚରା କରାଯିବ ବୋଲି ଏନ୍‌ଆଇଏର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ଆଜାଦନଗର ବିସ୍ଫୋରଣର ସିସିଟିଭି ଭାଇରାଲ ହେବାପରେ ସାରା ଦେଶରେ ଭୟର ବାତାବରଣ ଖେଳିଯାଇଥିଲା। ଭିଡିଓରେ ୩ଟି ପାଣିଟାଙ୍କି ପଛରେ ୪ଜଣ ରହିଥିବା ବେଳେ ବୋମା ମୁଫି ଭିଡୁଥିଲେ। ମୁଫିଙ୍କ ମା' ମଝିରେ ମଝିରେ ଏଣେତେଣେ ଅନାଉଥିବା ସିସିଟିଭିରୁ ଦେଖିବାକୁ ମିଳିଥିଲା। ଏହାପରେ ଟ୍ରେନ୍ ଯିବା ଶବ୍ଦ ଶୁଭିବା ପରେ ୧୪ଟା ୪୫ ମିନିଟ ୫୫ ସେକେଣ୍ଡରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ପାଣିଟାଙ୍କି ପଛପଟ ନିଆଁ ଏବଂ ଧୂଆଁମୟ ହୋଇଯାଇଥିଲା। ଏହାପରେ ମୁଫିଙ୍କ ହାତ ଛିଣ୍ଡି ଯାଇଥିବାବେଳେ ଗୋଡ଼ରୁ ମାଂସ ଉଡ଼ି ପଳାଇଥିଲା। ଦେହରେ ନିଆଁ ଲାଗିବା ଅବସ୍ଥାରେ ସେ ପାଣିଟାଙ୍କି ଆଗକୁ ଆସି ବସିପଡ଼ି ପାଣି ଟ୍ୟାପ୍ ଖୋଲିଥିଲେ। ସେହିସମୟରେ ମୁଫିଙ୍କ ମା' ନିଆଁଲଗା ଅବସ୍ଥାରେ ଦୌଡ଼ି ଆସିବା ସମୟରେ ମୁଫି ତାଙ୍କ ଦେହରୁ କପଡ଼ା କାଢି ଦେଇଥିଲେ। ମୁଫିଙ୍କ ବାନ୍ଧବୀ ଚିତ୍କାର କରି ତାଙ୍କ ନିକଟକୁ ଆସିବା ପରେ ସେ ତାଙ୍କୁ ପାଣି ଟ୍ୟାପ୍ ଖୋଲିବାକୁ କହୁଥିବା ଭଡିଓରେ ଦେଖିବାକୁ ମିଳିଥିଲା। ବିସ୍ଫୋରଣରେ ଆର୍‌ଡିଏକ୍ସ ଭଳି ରାସାୟନିକ ପଦାର୍ଥ ମିଳିଥିବାରୁ କୌଣସି ସ୍ଥାନରେ ବଡ଼ ବିସ୍ଫୋରଣର ଯୋଜନା କରୁଥିବାର ଆଶଙ୍କା କରୁଛି ଏନ୍‌ଆଇଏ। ବିସ୍ଫୋରଣ ସାମଗ୍ରୀ ଏବଂ ଅନ୍ୟାନ୍ୟ ରିପୋର୍ଟ ରାଜ୍ୟ ଏନ୍‌ଆଇଏ ଦିଲ୍ଲୀ ମୁଖ୍ୟାଳୟକୁ ପଠାଇଥିଲା। ସେଠାରୁ ନିର୍ଦ୍ଦେଶ ଆସିବା ପରେ ଏନ୍‌ଆଇଏ ତଦନ୍ତକୁ ଆଗକୁ ନେଇଛି। ପ୍ରକାଶ ଯେ, ହତ୍ୟା ଉଦ୍ୟମ, ବେଆଇନ ଅସ୍ତ୍ରଶସ୍ତ୍ର ଭଳି ସଙ୍ଗିନ ମାମଲା ମୁଫିଙ୍କ ବିରୋଧରେ ରହିଛି। ତେଣୁ ସେ କିଛି ବଡ଼ ଅଘଟଣ କରିବା ଯୋଜନାରେ ଥିବା ଏନ୍‌ଆଇଏ ଆଶଙ୍କା କରୁଛି।

# ନାବାଳିକା କଲେଜ ଛାତ୍ରୀଙ୍କୁ ଅପହରଣ ପରେ ଉଦ୍ଧାର

**ପାଟକୁରା, ୬।୪(ରବୀନ୍ଦ୍ର ନାଥ ବାରିକ )**

## ଗୋଟିଏ କାର ଜବତ, ଡ୍ରାଇଭର, ଜଣେ ଯୁବକ ଅଟକ

କେନ୍ଦ୍ରାପଡା ଜିଲା ଗରଦପୁର ବ୍ଲକ କୁଳଡୁଠି ସନ୍ଥ ଅରକ୍ଷିତ ଦାସ ମନ୍ଦିର ନଦୀବନ୍ଧ ଗଡା ନିକଟରୁ ସୋମବାର ଯୁକ୍ତ ୨ ଦ୍ୱିତୀୟ ବର୍ଷର ନାବାଳିକା ଛାତ୍ରୀ କଲେଜରୁ ଫେରୁଥିବା ବେଳେ କେତେକ ଦୁର୍ବୃତ୍ତ କାରରେ ତାଙ୍କୁ ଅପହରଣ କରିନେଇ ଯାଇଥିଲେ। ଘଟଣା ଜଣାପଡିବା ପରେ ଛାତ୍ରୀଙ୍କ ବାପା ପାଟକୁରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୬୬/୨୬ରେ ମାମଲା ରୁଜୁକରି ତଦନ୍ତ ଜାରି ରଖିବା ସହ ଅପହୃତା ଛାତ୍ରୀଙ୍କୁ ଉଦ୍ଧାର କରିଛି। ବ୍ୟବହୃତ କାର ଜବତ କରିବା ସହ ଡ୍ରାଇଭର ଏବଂ କାରରେ ଥିବା ଅନ୍ୟ ଜଣେ ଯୁବକଙ୍କୁ ଅଟକ ରଖାଯାଇ ପଚାର ଉଚରା କରାଯାଉଛି।

ଅଭିଯୋଗରୁ ଜଣାଯାଇଛି, ଅପହୃତା ଛାତ୍ରୀ ଜଣକ ସାଙ୍ଗ ସହିତ ସ୍ଥାନୀୟ କଲେଜରେ କୋଚିଂ ନେବାପାଇଁ ସକାଳ ୭ଟାର ଘରୁ ଯାଇଥିଲେ। ତେବେ କୋଚିଂ ସାରି ପୂର୍ବାହ୍ନ ପ୍ରାୟ ୧୦ଟାରେ ଘରକୁ ଫେରୁଥିବା ବେଳେ ନଦୀବନ୍ଧ ଗଡା ନିକଟରେ ଗୋଟିଏ କାର ଆସି ସେମାନଙ୍କ ସାଇକେଲ ଆଗରେ ଅଟକି ଥିଲା। କେତେଜଣ ସେହି କାରରୁ ବାହାରି ନାବାଳିକାଙ୍କୁ ଜୋର ଜବରଦସ୍ତ ଅପହରଣ କରି ନେଇଥିଲେ। ସାଙ୍ଗରେ ଥିବା ଅନ୍ୟ ଜଣେ ଛାତ୍ରୀଙ୍କଠାରୁ ସମସ୍ତ ବିଷୟ ବୁଝି ସାରିବାପରେ ନାବାଳିକାଙ୍କ ବାପା ଝିଅକୁ ଉଦ୍ଧାର ପାଇଁ ପାଟକୁରା ଥାନାରେ ଅଭିଯୋଗ କରିଥିଲେ।

# ୧୧.୨୮ ଲକ୍ଷ ଭତ୍ତାଟଙ୍କା ଆତ୍ମସାତ୍ କରି ପିଇଓ ଗିରଫ

**ଭୁବନେଶ୍ୱର/ନିରାକାରପୁର,୬।୪(ତ୍ରିନାଥ ମହାନ୍ତି/ ମାନସଚନ୍ଦ୍ର ପଟ୍ଟନାୟକ)**

ସରକାରୀ ଅର୍ଥ ହେରଫେର ମାମଲାରେ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରତନପୁର ଗ୍ରାମ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଦିଲୀପ କୁମାର ପ୍ରଧାନଙ୍କୁ ଭିଜିଲାନ୍ସ ଗିରଫ କରିଛି। ଦିଲୀପଙ୍କୁ ସ୍ପେଶାଲ ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ଦିଲୀପ ବାଲିପାଟଣା ପଞ୍ଚାୟତ ସମିତିରେ କାର୍ଯ୍ୟରତ ଥିବା ସମୟରେ ୨୦୨୩ ଜାନୁୟାରୀରୁ ୨୦୨୪ ଜୁଲାଇ ମଧ୍ୟରେ ମଧୁବାବୁ ପେନସନ ଯୋଜନାରେ ଆସିଥିବା ୧୧ଲକ୍ଷ ୨୮ ହଜାର ୬ଶହ ଟଙ୍କା ଆତ୍ମସାତ୍ କରିଥିଲେ। ଏହି ଭତ୍ତା ଟଙ୍କା ବାଲିଅନ୍ତା ବ୍ଲକ୍ ପମ୍ପାଲୋ ଗ୍ରାମ ପଞ୍ଚାୟତ ଏବଂ ରାଜସ ଗ୍ରାମ ପଞ୍ଚାୟତର ହିତାଧିକାରୀଙ୍କ ପାଇଁ ଆସିଥିଲା। ମାତ୍ର ଦିଲୀପ ହିତାଧିକାରୀଙ୍କୁ ନ ବାଣ୍ଟି ନିଜ ଆକାଉଣ୍ଟକୁ ଟ୍ରାନ୍ସଫର କରିଦେଇଥିଲେ। ଭତ୍ତା ନ ମିଳିବାରୁ ହିତାଧିକାରୀମାନେ ବରିଷ୍ଠ ଅଧିକାରୀଙ୍କୁ ଜଣାଇଥିଲେ। ବ୍ଲକ୍ ପକ୍ଷରୁ ଛାନ୍‌ଭିନ୍ ପରେ ଦିଲୀପ ଉକ୍ତ ଅର୍ଥ ହଡ଼ପ କରିଥିବା ଜଣାପଡ଼ିବା ପରେ ଭିଜିଲାନ୍ସରେ ଅଭିଯୋଗ କରାଯାଇଥିଲା।


## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ମାଳତୀ ମହାନ୍ତି**

ଆବିର୍ଭାବ: ୦୨।୧୦।୧୯୪୮
ତିରୋଧାନ: ୦୭।୦୪।୨୦୦୯

ଦୀର୍ଘ ଷୋହଳ ବର୍ଷ ହେଲା ତୁମେ ଦିବ୍ୟ ପଥର ଯାତ୍ରୀ ହେଲେ ସୁଦ୍ଧା ଆମେ ସମସ୍ତେ ଅହରହ ତୁମ ସୂକ୍ଷ୍ମସତ୍ତା ଅନୁଭବ କରୁଛୁ। ଅଦୃଶ୍ୟ ଭାବରେ ତୁମେ ଆମ ସୁଖ ଦୁଃଖର ସାଥୀ ହୋଇଛ । ଆମକୁ ଆଲୋକର ପଥ ଦେଖାଇଛ। ଯେଉଁଠି ଥାଅ ପଛେ ସୁଖରେ ଥାଅ, ଶାନ୍ତିରେ ଥାଅ । ତୁମ ଆଶୀର୍ବାଦରେ ଆମକୁ ସିକ୍ତ କରୁଥାଅ ।

ଶୋକସନ୍ତପ୍ତ– ସ୍ୱାମୀ, ପୁତ୍ର, କନ୍ୟା ଓ ଆତ୍ମୀୟସ୍ୱଜନ, ସ୍ୱାମୀ: ଡ. ରାମଚନ୍ଦ୍ର ପଟ୍ଟନାୟକ, ପୁତ୍ର–କନ୍ୟା: ସବ୍ୟସାଚୀ, ମହେଶ୍ୱତା, ଶୁଚିସ୍ମିତା, ପୁତ୍ରବଧୂ ଓ ଜ୍ୱାଇଁ– ମନୋରମା, ସତ୍ୟନାରାୟଣ, ମନୋଜ ରାମାନୁଜନ, ଆତ୍ମୀୟସ୍ୱଜନ, ଶାନ୍ତି, ବାସନ୍ତୀ, ଭାନୁ, ଟୁନି, ରୋମାନି, ଇଲୁ, ପିଙ୍କି, ଶାନ୍, ବିଭାନ୍, ଓବୁ, ରିଆନ୍ ଓ ଅନ୍ୟମାନେ

ଧ–୪୦


# ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଯବାନ ଗୁରୁତର

**ବଣାଇଁ, ୬।୪(ପ୍ରଦୀପ ତ୍ରିପାଠୀ)**

- ଚିକିତ୍ସା ପାଇଁ ରାଞ୍ଚି ଏୟାରଲିଫ୍ଟ
- ଓଡ଼ିଶା- ଝାଡ଼ଖଣ୍ଡ ସୀମାରେ ସର୍ଚ୍ଚ ଅପରେଶନ ଜାରି

ଓଡ଼ିଶା–ଝାଡ଼ଖଣ୍ଡ ସୀମା ସଂଲଗ୍ନ ଛୋଟନାଗରା ଥାନା ବାଲିବା ଗାଁ ନିକଟସ୍ଥ ଚାଡ୍ରିଡେରା ଜଙ୍ଗଲରେ ସୋମବାର ପୁଣି ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଛି। ଏଥିରେ କୋବ୍ରା ୨୦୫ ବାଟାଲିୟନର ଜଣେ ଯବାନ ଗୁରୁତର ହୋଇଛନ୍ତି। ଆହତ ଯବାନ ଅନୁଜ କୁମାରଙ୍କୁ ଉତ୍ତମ ଚିକିତ୍ସା ପାଇଁ ରାଞ୍ଚି ଏୟାରଲିଫ୍ଟ କରାଯାଇଥିବା ସୂଚନା ମିଳିଛି। ଘଟଣା ପରେ ଝାଡ଼ଖଣ୍ଡ ସୀମା ସଂଲଗ୍ନ ସମଗ୍ର ସରଣ୍ଡା ଜଙ୍ଗଲକୁ ଘେରାବନ୍ଦୀ କରି ସର୍ଚ୍ଚ ଅପରେଶନକୁ ଜୋରଦାର୍ କରାଯାଇଥିବା ଚାଇଁବସା ଉପଖଣ୍ଡ ପୋଲିସ ଅଧିକାରୀ ବାହାମନ ଟୁଟି ସୂଚନା ଦେଇଛନ୍ତି।

୩୧ ମାର୍ଚ୍ଚ ୨୦୨୬ ମଧ୍ୟରେ ସମ୍ପୂର୍ଣ୍ଣ ମାଓବାଦୀ ମୁକ୍ତ ଭାରତ ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଧାର୍ଯ୍ୟ କଟ୍ଟକୁ ମାଓବାଦୀ ଚ୍ୟାଲେଞ୍ଜ ଦେଇ କାର୍ଯ୍ୟକଳାପ ଜାରି



ଆହତ ଯବାନ ଅନୁଜ କୁମାର

ରଖିଛନ୍ତି। ସରଣ୍ଡା ଜଙ୍ଗଲ ଅଞ୍ଚଳ ଦେଶର ସବୁଠୁ ସମ୍ବେଦନଶୀଳ ମାଓବାଦୀ ପ୍ରଭାବିତ ଅଞ୍ଚଳ ଗୁଡିକ ମଧ୍ୟରୁ ଗୋଟିଏ। ଘଞ୍ଚ ଜଙ୍ଗଲ ଏବଂ ଦୁର୍ଗମ ଭୌଗୋଳିକ ପରିସ୍ଥିତି ସହିତ ଦୁଇଟି ରାଜ୍ୟ ଓଡ଼ିଶା ଓ ଝାଡ଼ଖଣ୍ଡର ସମ୍ମିଶ୍ରଣ ଅଞ୍ଚଳ ଥିବାରୁ ଏହା ମାଓବାଦୀଙ୍କ ଲୁଚିବା ପାଇଁ ସହାୟକ ସ୍ଥଳ ସାଜିଛି। ଏତେ ଦିନର ଅପରେଶନ ପରେ ଯଦିଓ କିଛି ମାଓବାଦୀ ନେତା ନିହତ ହୋଇଛନ୍ତି ହେଲେ ଏବେ ବି ଟପ ମାଓନେତା ମିଶ୍ରି ବେଶ୍ରା ଓ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଦୁର୍ଦ୍ଧାନ୍ତ ମାଓବାଦୀ ଲୁଣ୍ଠିଡ଼ି ପଡିଥିବା ସଙ୍ଗଠନକୁ ସୁଦୃଢ କରିବା ପାଇଁ ଚେଷ୍ଟା କରୁଛନ୍ତି। ଏବେ ବି ଉଭୟ ରାଜ୍ୟ ପୋଲିସ ସାଧାରଣ ଜନତାଙ୍କ ବିଶ୍ୱାସଭାଜନ ନ ହେବା ଯୋଗୁ ଅନ୍ୟ ଅଞ୍ଚଳ ତୁଳନାରେ ଓଡ଼ିଶା–ଝାଡ଼ଖଣ୍ଡ ସୀମାରେ ସକ୍ରିୟ ମାଓବାଦୀଙ୍କୁ ଆତ୍ମସମର୍ପଣ କରାଇବା କ୍ଷେତ୍ରରେ ଏକ ବିରାଟ ପ୍ରତିବନ୍ଧକ ସାଜିଥିବା କାରଣ ଠିକ ବୋଲି ବିବେଚିତ ହେଉଛି । ସତର୍କତା ଅବଲମ୍ବନ ସହ ଗୋଇନ୍ଦା ତଥ୍ୟକୁ ଅଧିକ କ୍ରିୟାଶୀଳ କରିବା ଓ ସାଧାରଣ ଜନତାଙ୍କ ବିଶ୍ୱାସ ଭାଜନ ହେଲେ ଯାଇ ମାଓବାଦୀ ଦମନ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ଚାଲିଛି ।

# ଜମି ବିକ୍ରି ନାଁରେ ୨୪ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୬।୪(ପ୍ରସନଜିତ୍ ସାହୁ)**

ଜମି ବିକ୍ରି ଲୋଭ ଦେଖାଇ ୨୪ ଲକ୍ଷ ଟଙ୍କା ଠକେଇ ହୋଇଛି। ଭୁବନେଶ୍ୱରର ହୃଷୀକେଶ ସାମଲ (୪୨) ମଞ୍ଚେଶ୍ୱର ଥାନାରେ କରିଥିବା ଲିଖିତ ଅଭିଯୋଗ ଅନୁସାରେ ସେ ଏକ ଜମି କିଣିବା ପାଇଁ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅଧୀନ ବନ୍ଧସାହି ଗ୍ରାମର ପ୍ରମୋଦ କୁମାର ପଲେଇ ଓ ତାଙ୍କ ପରିବାର ସଦସ୍ୟଙ୍କ ସହ ଚୁକ୍ତି କରିବା ସହିତ ଅନ୍‌ଲାଇନ ମାଧ୍ୟମରେ ୨୪ ଲକ୍ଷ ଟଙ୍କା ଦେଇଥିଲେ। ଟଙ୍କା ଦେବାପରେ ପ୍ରମୋଦ ବିକ୍ରୟ ହୋଇଥିବା କବଲା କାର୍ଯ୍ୟକାରୀ କରି ନ ଥିଲେ ଓ ଟଙ୍କା ମଧ୍ୟ ଫେରସ୍ତ କରି ନ ଥିଲେ। ପରବର୍ତ୍ତୀ ସମୟରେ କିସ୍ତିରେ ଟଙ୍କା ଫେରସ୍ତ ଦେବାକୁ ଚୁକ୍ତିନାମା କରାଯାଇଥିଲେ ମଧ୍ୟ ତାହା ବି ବିଫଳ ହୋଇଥିଲା। ପ୍ରମୋଦ ପୁଣିଥରେ ଜମି ବିକ୍ରୟ କରିବାକୁ ପ୍ରତିଶ୍ରୁତି ଦେଇ ପଞ୍ଜୀକରଣ କରିବାକୁ ମନା କରିବା ସହ ଟଙ୍କା ଫେରସ୍ତ ପାଇଁ ଦେଇଥିବା ଚେକ୍ ମଧ୍ୟ ବାଉନ୍ସ ହୋଇଥିଲା। ଏନେଇ ଅଭିଯୋଗ ପରେ ମଞ୍ଚେଶ୍ୱର ପୋଲିସ ଏକ ମାମଲା(ନଂ. ୧୬୭/୨୬) ରୁଜୁ କରି ଅଭିଯୁକ୍ତ ପ୍ରମୋଦଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ପ୍ରମୋଦଙ୍କ ନାଁରେ ପୂର୍ବରୁ ଲକ୍ଷ୍ମୀସାଗର ଥାନାରେ ଠକେଇ ଓ ଅନ୍ୟାନ୍ୟ ଅପରାଧ ସମ୍ବନ୍ଧୀୟ ମାମଲା ଥିବା ଜଣାପଡିବା ପରେ ଅଧିକ ତଦନ୍ତ ଚାଲିଛି।

# ଖଣ୍ଡା ଦେଖାଇ ଆତଙ୍କ ସୃଷ୍ଟି କରି ଯୁବକ ଗିରଫ

**ଭୁବନେଶ୍ୱର,୬।୪(ପ୍ରସନଜିତ୍ ସାହୁ)**

ନୟାପଲ୍ଲୀ ଜୁଡିଓ ଛକ ନିକଟରେ ସୋମବାର ଖଣ୍ଡା ଦେଖାଇ ସାଧାରଣ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବାଲେଶ୍ୱର ଜଳେଶ୍ୱର ଅଞ୍ଚଳର ପବିତ୍ର କୁମାର ଦଳେଇ। ସେ ନୟାପଲ୍ଲୀ ଗଣପତି ନଗର ବସ୍ତିରେ ରହନ୍ତି। ପବିତ୍ରଙ୍କ ନିକଟରୁ ପୋଲିସ ଏକ କାର, ଗୋଟିଏ ଲୁହାଖଣ୍ଡା ଉଦ୍ଧାର କରିଛି। ଏନେଇ ଏକ ମାମଲା (ନଂ. ୨୧୫/୨୦୨୬) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇ ମାମଲାର ଅଧିକ ତଦନ୍ତ ଚାଲିଥିବା ପୋଲିସ କହିଛି।

# ବ୍ୟବସାୟୀଙ୍କୁ ଆକ୍ରମଣ କରି ୭ କେଜି ରୁପା ଲୁଟିନେଲେ



ଥାନାକୁ ଅଭଯୋଗ ଲାଗି ଆସିଥିବା ବ୍ୟବସାୟୀମାନେ।

**ପୁରୁଷୋତ୍ତମପୁର,୬।୪ (ସବିତା ମିଶ୍ର)**

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅଞ୍ଚଳରେ ସୋମବାର ଦିନ ଦ୍ୱିପ୍ରହରରେ ଜଣେ ବ୍ୟବସାୟୀଙ୍କୁ ଆକ୍ରମଣ କରି ତାଙ୍କଠାରୁ ୭ କେଜି ରୁପା ଅଳଙ୍କାର ଲୁଟ ହୋଇଥିବା ଅଭିଯୋଗ ହୋଇଛି। ବ୍ୟବସାୟୀ ଜଣକ ହେଲେ ଗଡ଼ସାହିର ଅଭିମନ୍ୟୁ ନାୟକ(୫୫)।

ସବୁଦିନ ଭଳି ଅଭିମନ୍ୟୁ ରୁପା ଅଳଙ୍କାର ଧରି ବ୍ୟବସାୟ ପାଇଁ ନିଜ ବାଇକ୍‌ରେ ଯାଉଥିଲେ। ହତାପୁର–ଖୋସାଳପଲୀ ରାସ୍ତାରେ ୨ଜଣ ଯୁବକ ଏକ ବାଇକରେ ଆସି ତାଙ୍କୁ ଆକ୍ରମଣ କରି ରୁପା ଅଳଙ୍କାର ଭର୍ତ୍ତି ବ୍ୟାଗ୍‌କୁ ଲୁଟି ନେଇଛନ୍ତି। ଅଭିମନ୍ୟୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡି ଚିତ୍କାର କରୁଥିବା ବେଳେ ନିକଟସ୍ଥ ଜମିରେ କାମ କରୁଥିବା କେତେଜଣ ବ୍ୟକ୍ତି ଆସି ତାଙ୍କୁ ଉଦ୍ଧାର କରି ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଅଭିମନ୍ୟୁ ଥାନାରେ ଅଭିଯୋଗ କରିଛନ୍ତି। ରାସ୍ତାରେ ବାରମ୍ବାର ବ୍ୟବସାୟୀଙ୍କ ଉପରେ ଆକ୍ରମଣ ନେଇ ବହୁ ବ୍ୟବସାୟୀ ଥାନାକୁ ଯାଇ ଜଣାଇବା ସହ ଏଥିପ୍ରତି ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# Classified Everyday

**0674-2580101, 9692975378**



**REAL ESTATE**

**SALE**

**2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact- 7440045095, 7077771880.** D-106

କଟକ ଭୁବନେଶ୍ୱର ମଧ୍ୟଭାଗରେ ଥିବା Sum Hospital–2 ଏବଂ Grand Bazar NH–16 ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି Sc/ General Plot କିଣନ୍ତୁ, ଗୃହନିର୍ମାଣ କରନ୍ତୁ। 8249422604. D–03

Now Matrimonial ads. only on Wednesday & Sunday Book 1 Get 1 FREE

Farm house measuring 30 acres in two adjacent patches near Devkund (Mayurbhanj) having Cashew Plantation, Ponds, Three Phase connection with all establishment and machinery for sale. Contact: 8328903885. D-52





All types of physiotherapy and massage contact 9556924059 / 7656969134. D-06

Newly open spa positively health benefits (Expert therapist). Kalpana - 8984846329. D-76957

Newly open SPA health benefits relax refresh good therapist. 8658466886. D-76959

## AFFIDAVIT

I, Santosh Kumar Behera, S/o- Krutibas Behera, R/o- Mani Colony, Panposh, P.O.- Rourkela-04, P.S.- Raghunathpali, Dist.- Sundargarh, Odisha, declare by this affidavit No. 109, dtd. 03.04.2026 that, my actual and correct name is Santosh Kumar Behera but in my Aadhaar Card No. XXXX XXXX 3441 my name has been mentioned as Santosh Ku Behera. That Santosh Ku Behera and Santosh Kumar Behera is one and same person. D-53

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

By virtue of an affidavit sworn before the Notary Public, Titilagarh, dt. 06.04.2026, I, Ahalya Rana, W/o- Miniketan Rana, R/o: Village-Ghantabahali, P.O.- Siskela, P.S.- Saintala, Dist.- Balangir (Odisha), PIN- 767032 declare that now I have changed my Son's name from Adrash Rana to Adarsa Rana. Henceforth, he shall be known as Adarsa Rana for all purposes.

Ahalya Rana
D-54

By virtue of an affidavit sworn before Notary Public, Puri, dated 01.04.2026, I, Sri Hrushikesh Das, S/o- Mahanta Sri Banshidhar Das, Address: Ramji Matha, Chudanga Sahi, Puri Town, Puri declare that I have changed my name from Kameshwer to Hrushikesh Das. Henceforth, I shall be known as Sri Hrushikesh Das for all purposes. D-56

I, PATHANA DAS (Formerly PRATAP DAS), S/o- Late Dasarathi Das, B. Nuagam, Rangipur, Golanthara, Ganjam, Odisha, PIN- 760003, declare that I have renounced PRATAP DAS and assumed PATHANA DAS. I shall be known as PATHANA DAS in all records and transactions. Request all to recognize me, my wife and children by this name.

Signature:
PRATAP DAS (Former)
PATHANA DAS (New)
Sd./- Deponent
D-55

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ଅର୍ଡର ୫, ରୁଲ୍ ୨୦ ଅନୁଯାୟୀ
ଧାମନଗର ମୁକାମ ସିଭିଲ ଜଜ୍ ଜୁନିୟର ଡିଭିଜନଙ୍କ ଅଦାଲତ
ମୋକଦ୍ଦମା ନମ୍ବର ୪୯/୯୮(ଚୂଡ଼ାନ୍ତ ଡ଼ିକ୍ରୀ)

ଶ୍ରୀମତୀ କନକଲତା ମହାରଣା ଓଗେର ....ଦରଖାସ୍ତକାରୀମାନେ

(ବନାମ)

ଶ୍ରୀ ଖଗେଶ୍ୱର ମହାରଣା ଓଗେର ......ଅପରପକ୍ଷମାନେ

ଅପରପକ୍ଷ ନମ୍ବର ରବି ମହାରଣା, ବ୪୦ର୍ଷ, ପିତା– ୰ମାଧ ମହାରଣା, ସା– ମଙ୍ଗରାଜପୁର, ପୋ/ଥାନା– ତିହିଡ଼ି, ଜି– ଭଦ୍ରକ

ଅପରପକ୍ଷଙ୍କ ପ୍ରତି

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛିକି ଦରଖାସ୍ତକାରୀ ଆପଣଙ୍କ ବିରୁଦ୍ଧେ ନିମ୍ନ ତଫସିଲ ବୃତ୍ତିପକ୍ଷେ ଉକ୍ତ ଚୂଡ଼ାନ୍ତ ଡ଼ିକ୍ରୀ କେସ୍ ଆଗତ କରିଅଛନ୍ତି। ଆପଣଙ୍କୁ ବାରମ୍ବାର ସମନ ପଠାଯାଇଥିଲେ ମଧ୍ୟ ଆପଣ ଜାଣିଶୁଣି ସମନ ଗ୍ରହଣ କରୁନାହାନ୍ତି ଓ କୋର୍ଟରେ ହାଜର ହେଉ ନାହାନ୍ତି। ଏଣୁ ଆପଣଙ୍କୁ ଜଣାଇ ଦିଆଯାଉଅଛିକି ଆପଣ ତା୨୧।୦୪।୨୬ରିଖ ଦିନ ଘ୭.୩୦ଟିକା ସମୟେ ଅତ୍ର କୋର୍ଟରେ ଆପଣ ନିଜେ କିମ୍ବା ନିଜର କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଜରିଆରେ ହାଜର ହୋଇ ପକ୍ଷ ରଖିବେ ନଚେତ୍ ଗଏର ହାଜରରେ ମୋକଦ୍ଦମା ଆଇନ ଅନୁଯାୟୀ ଫଏସଲା କରାଯିବ।

ତଫସିଲ ବୃତ୍ତି

୧) ଜିଲ୍ଲା– ଭଦ୍ରକ, ମୌଜା ବୟାଙ୍ଗ ଡ଼ିହ, ଖା୨୮୦ତା ଖ୨୮୯ ସଡ଼ା କିସମ ଘରବାରି ଏ୦.୧୨ଡି. ଯାହାକି ସନ୧୩୩୦ ସାଲ ବନ୍ଦୋବସ୍ତର ଖା୯୧୭ତା ଖ୩୭୭ ସଡ଼ା ଏ୦.୧୭ଡି.ର ଅଂଶବିଶେଷ ଅଟେ। ୨) ଜି– ଭଦ୍ରକ, ମୌଜା– ବୟାଂଡ଼ିହି ଖା୬୬ତା ଖ୨୮୪ସଡ଼ା କିସମ ଘରବାରି ଏ୦.୦୫ଡି, ଯାହାକି ସନ ୧୩୩୦ ସାଲ ବନ୍ଦୋବସ୍ତର ଖା୯୧୭ତା ଖ୩୭୭ ସଡ଼ା ଏ୦.୧୭ଡି. ଅଂଶବିଶେଷ ଅଟେ।

ଆମ୍ଭର ସ୍ୱାକ୍ଷର ଅତ୍ର ଅଦାଲତର ମୋହର ଯୁକ୍ତେ ଦିଆଗଲା
ସିଜେଜେଡି, ଧାମନଗର
ଧ–୪୧

ସୌନ୍ଦର୍ଯ୍ୟ

# ଗ୍ରୀଷ୍ମଋତୁରେ ରୂପଚର୍ଯ୍ୟା



ସକାଳେ ଘରୁ ବାହାରିବା ସମୟରେ ଲୁକ୍ ପରଫେକ୍ଟ ଲାଗିଥାଏ । ଏହି ଫ୍ରେଶ୍‌ନେସ୍ ଖରାବେଳକୁ ମଉଳିଯାଇଥାଏ । କେବେ ତ୍ୱଚା ଅଏଲୀ ଦେଖାଯାଇଥାଏ ଏବଂ ଫାଉଣ୍ଡେଶନ ଲଗାଇଥିଲେ ପ୍ୟାଚ୍ ପରି ଦେଖାଯାଇଥାଏ ଏବଂ ଆଇଲାଇନର ଚାରିଆଡ଼େ ଲାଗିଯାଏ । ବାରମ୍ବାର ପୂରା ମେକ୍‌ଅପ୍ ନେବା ସହଜ ହୋଇ ନ ଥାଏ । ଏଥିପାଇଁ ଛୋଟମୋଟ ସ୍ମାର୍ଟ ଟ୍ରିକ୍ସ ଆପଣାଇ ଅଧିକ ପରିଶ୍ରମ ନ କରି ଲୁକ୍‌କୁ ପୁନର୍ବାର ଫ୍ରେଶ୍ ଲାଗିପାରେ । ଜାଣନ୍ତୁ ଏ ବିଷୟରେ...

–ମୁହଁରୁ ଯଦି ଝାଳ ବୋହୁଛି ତେବେ ମୁହଁକୁ ପୋଛନ୍ତୁ ନାହିଁ । ଏହାକୁ ହାଲ୍‌କା ଭାବେ ମେକ୍‌ଅପ୍ ସାହାଯ୍ୟରେ ଟଚ୍‌ଅପ୍ କରନ୍ତୁ । ଯଦି ତ୍ୱଚା ଅଏଲୀ ଦେଖାଯାଉଛି ତେବେ ଟିସୁ ସାହାଯ୍ୟରେ ରଗଡ଼ନ୍ତୁ ନାହିଁ । ଏହାଦ୍ୱାରା ମେକ୍‌ଅପ୍ ସଫା ହୋଇଯାଏ । ଭଲ ହେବ ଟିସୁ ସାହାଯ୍ୟରେ ତ୍ୱଚାକୁ ଥାପିଦିଅନ୍ତୁ । ଏହାଦ୍ୱାରା ଏକ୍ସଟ୍ରା ଅଏଲ ବାହାରିଯିବ ଏବଂ ମେକ୍‌ଅପ୍ ବି ଠିକ୍ ରହିବ ।



–ଫେସ୍ ମିଷ୍ଟ ଦ୍ୱାରା ଇନ୍‌ଷ୍ଟାଣ୍ଟ ଫ୍ରେଶ୍‌ନେସ୍ ଲାଗିଥାଏ । ଏହା ତ୍ୱଚାକୁ ହାଇଡ୍ରେଟ୍ କରିଥାଏ । ଫଳରେ ଏହାଦ୍ୱାରା ମେକ୍‌ଅପ୍ ସେଟ୍ ହୋଇଯାଏ । ହାଲ୍‌କା ସ୍ପ୍ରେ ଆପଣଙ୍କ ଲୁକ୍‌କୁ ରିଭାଇଜ୍ କରିପାରିବ । ଖାସ୍ କଥା ହେଲା ଫେଶ୍ ମିଷ୍ଟ ଦ୍ୱାରା ମେକ୍‌ଅପ୍ ଭାରି ଲାଗି ନ ଥାଏ । ଏହାଦ୍ୱାରା ନାଚୁରାଲ ଗ୍ଲୋ ଦେଖାଯାଇଥାଏ ।

–କମ୍ପାକ୍ଟ ପାଉଡର ଅଏଲ କଣ୍ଟ୍ରୋଲ କରିବାରେ ସାହାଯ୍ୟ କରିଥାଏ । ହାଲ୍‌କା କମ୍ପାକ୍ଟ ପାଉଡର ଟ୍ୟାବ୍ କରିବା ବହୁ ସହଜ ଉପାୟ । ଏହାଦ୍ୱାରା ମୁହଁ ସାଇନ୍ କମ୍ କରିଥାଏ । ସ୍କିନ୍ ମ୍ୟାଟ୍ ଦେଖାଯାଇଥାଏ । ଧ୍ୟାନରଖନ୍ତୁ, ଅଧିକ ପାଉଡର ଲଗାଇବା ଦ୍ୱାରା ମୁହଁ ଫିକା ଲାଗେ । ଏଥିପାଇଁ ଯେତିକି ଆବଶ୍ୟକ କମ୍ପାକ୍ଟ ପାଉଡର ସେତିକି ଲଗାନ୍ତୁ ।

–ଚାରିଆଡେ ଲେସି ହୋଇଯାଇଥିବା ଆଇଲାଇନର ଲାଗିବା ଖରାଦିନରେ ସାଧାରଣ କଥା । ଏହାକୁ ଠିକ୍ କରିବାକୁ ହେଲେ କଟନ୍ ସ୍ୱାବ୍ ନିଅନ୍ତୁ , ଏହାକୁ ହାଲ୍‌କା ଭାବେ ଖରାପ ହୋଇଥିବା ଭାଗକୁ ସଫାକରନ୍ତୁ । ଏହାପରେ ଆଇଲାଇନରକୁ ଠିକ୍ ଭାବେ ଲଗାନ୍ତୁ । ଏହି ଛୋଟ ଟଚ୍‌ଅପ୍ ପୂରା ଲୁକ୍‌କୁ ତୁରନ୍ତ ଶାର୍ପ ବନାଇଥାଏ ।

## ଗୃହିଣୀଙ୍କ ପାଇଁ..

**ଆଜିକାଲି ବଜାରରେ ମିଳୁଥିବା ବିଭିନ୍ନ ପନିପରିବାରେ ପେଷ୍ଟିସାଇଡ୍ ବ୍ୟବହର ହେବା ସାଧାରଣ କଥା । ହେଲେ ଏହାକୁ କିଣି ସାରିବା ପରେ କିପରି ଏଥିରୁ ପେଷ୍ଟିସାଇଡ୍ ଦୂର କରିବେ ଜାଣନ୍ତୁ ଏ ସମ୍ପର୍କରେ ...**



**ପାଣି:** ଫଳ ଓ ପନିପରିବାକୁ ପାଣିରେ ଭଲ ଭାବେ ୨–୩ ମିନିଟ୍ ପର୍ଯ୍ୟନ୍ତ ରଗଡ଼ି ଧୋଇ ନିଅନ୍ତୁ । ଫଳରେ ଏଥିରେ ଲାଗିଥିବା ଧୂଳି ,ବ୍ୟାକ୍ଟେରିଆ ଏବଂ ପେଷ୍ଟିସାଇଡ୍ କିଛି ପରିମାଣରେ ଦୂର ହୋଇଯିବ ।

**ଲୁଣପାଣି:** ପନିପରିବାକୁ ବଜାରରୁ କିଣି ଆଣି ତାକୁ ଲୁଣପାଣିରେ ୧୦–୧୫ ମିନିଟ୍ ପର୍ଯ୍ୟନ୍ତ ଭିଜାଇ ରଖନ୍ତୁ । ଏହାଦ୍ୱାରା କିଛି ମାତ୍ରାରେ ପେଷ୍ଟିସାଇଡ୍ ଧୋଇହୋଇଯିବ ।

**ବେକିଂ ସୋଡ଼ା**
ସେଓ , ଟମାଟୋ, କଶ୍ମୀର ଲଙ୍କା ଆଦି ସଫାକରିବା ପାଇଁ ବେକିଂ ସୋଡ଼ା ଭଲ କାମ କରିଥାଏ ।

## ଖାଦ୍ୟରୁଚି

# ମିକ୍ସ ସ୍ପ୍ରାଉଟ୍

**ଆବଶ୍ୟକ ସାମଗ୍ରୀ:** ଭିଜା ହୋଇଥିବା ମିକ୍ସ ସ୍ପ୍ରାଉଟ୍ ଅଧା କପ, ସିଝା ହୋଇଥିବା ସୁଇଟ୍ କର୍ନ ଅଳ୍ପ ପରିମାଣରେ , ଛୋଟ ଆକାରରେ କଟାହୋଇଥିବା ପିଆଜ ଅଧାକପ, ଟମାଟୋ, କାକୁଡ଼ି, ଲେମ୍ବୁରସ ଅଧା ଚାମଚ, ଚିଲି ଫ୍ଲେକ୍ସ ଅଧା ଚାମଚ, ଅରେଗାନୋ ଅଧା ଚାମଚ, ଗୋଲମରିଚ ପାଉଡର ଅଧା ଚାମଚ, ଛୋଟ ଆକାରରେ କଟାହୋଇଥିବା ଧନିଆପତ୍ର (ଆବଶ୍ୟକତା ଅନୁଯାୟୀ) ।

**ପ୍ରସ୍ତୁତି ପ୍ରଣାଳୀ:** ସ୍ପ୍ରାଉଟ୍ ବ୍ୟବହାର କରିବା ପୂର୍ବରୁ ତାକୁ ଭଲ ଭାବେ ଧୋଇନିଅନ୍ତୁ । ଏବେ ସବୁ ସ୍ପ୍ରାଉଟ୍ ଏବଂ କର୍ନ ପକାନ୍ତୁ । ଏଥିରେ କଟାହୋଇଥିବା ପିଆଜ, କାକୁଡ଼ି,ଟମାଟୋକୁ ପକାନ୍ତୁ । ବର୍ତ୍ତମାନ ସେଥିରେ ଲେମ୍ବୁ ରସ ପକାନ୍ତୁ । ବର୍ତ୍ତମାନ ବିଟ୍ ଲୁଣ,ଚାଟ୍ ମସଲା, ଅରେଗାନୋ,ଚିଲି ଫ୍ଲେକ୍ସ, ଗୋଲମରିଚ ପାଉଡର ପକାନ୍ତୁ । ଏଥର ମିକ୍ସ ସ୍ପ୍ରାଉଟ୍ ପ୍ରସ୍ତୁତ ହୋଇଗଲା । ସେଥିରେ ଧନିଆପତ୍ର ପକାଇ ଏବେ ପରଷି ପାରିବେ ।



# ଖୁସିର ରହସ୍ୟ

**ଖୁସି ରହିବାକୁ ସମସ୍ତେ ଚାହାନ୍ତି। କିନ୍ତୁ ଏହାକୁ କିପରି ହାସଲ କରାଯିବ, କିପରି ଜୀବନରେ ଏହା ବଜାୟ ରହିବ ଏହି କଥାକୁ ନେଇ ଲୋକେ ଅନଭିଜ୍ଞ ଥାନ୍ତି, ଯେତେବେଳେ କି ଖୁସି କୌଣସି ଦୁର୍ଲଭ ଜିନିଷ ନୁହେଁ। ଏହା ଛୋଟ ଛୋଟ କଥାରେ ବି ଲୁଚି ରହିଥାଏ, ପୁଣି ନିଜ ଆଖପାଖରେ। ତେଣୁ ଆପଣ କେମିତି ନିଜ ପାଇଁ ଖୁସି ଖୋଜିବେ ତାହା ଆପଣଙ୍କ ଉପରେ ହିଁ ନିର୍ଭର କରେ....**



ଶାନ୍ତିର ଅନ୍ୟତମ ମାଧ୍ୟମ ହେଉଛି ଖୁସି । ବେଳେବେଳେ ଏହାକୁ କେତେକେ ବହୁ କଠିନ ଏବଂ ଦୁର୍ଲଭ ବୋଲି ଭାବିଥାନ୍ତି । କିନ୍ତୁ ଖୁସି କୌଣସି ବହୁ ବଡ଼ କିମ୍ବା ଜଟିଳ ଉପଲବ୍ଧି ନୁହେଁ । ନିଜର ଜୀବନଶୈଳୀକୁ ଏକ ନୂଆ ରୂପ ଦିଅନ୍ତୁ । ଏକ ବ୍ୟବସ୍ଥିତ ଜୀବନଶୈଳୀ ଆପଣଙ୍କ ମନରେ ଅନେକାଂଶରେ ଖୁସି ଆଣିପାରିବ । ଆଉ ସେହି ଖୁସି ଆପଣଙ୍କ ଜୀବନକୁ ଏକ ନୂଆ ରାସ୍ତାରେ ନେଇଯାଇପାରିବ ।

**ମନରେ ରହିଛି ଖୁସି**
ଖୁସି ବାହାର ଜିନିଷରେ ନୁହେଁ ମାନସିକ ଅନୁଶାସନ ଦ୍ୱାରା ଆସିଥାଏ । ଏକ ଖୁସିମୟ ଜୀବନ ପାଇଁ ପ୍ରଥମେ ମନରୁ କ୍ରୋଧ, ଈର୍ଷା ଏବଂ ନକାରାତ୍ମକ ଭାବନା ଦୂରକରିବାକୁ ଚେଷ୍ଟାକରନ୍ତୁ । କାରଣ ଯେପର୍ଯ୍ୟନ୍ତ ଆପଣ ଏଭଳି ସମସ୍ୟା ସହ ଜଡ଼ିତ ହୋଇ ରହିବେ ସେପର୍ଯ୍ୟନ୍ତ ଖୁସିର ଝଲକ ପାଇବା ସହଜ ହେବ ନାହିଁ । ତେଣୁ ନିଜର ଆଚାର ବ୍ୟବହାର ଏବଂ କଥାବାର୍ତ୍ତା ଶୈଳୀରେ ପରିବର୍ତ୍ତନ ଆଣନ୍ତୁ । ଦେଖିବେ ଧୀରେ ଧୀରେ ଆପଣ ଖୁସିର ନିକଟବର୍ତ୍ତୀ ହୋଇପାରିବେ ।

**ଖୁସିର ୫୦–୧୦–୪୦ ସୂତ୍ର**
ଖୁସି ପାଇବାକୁ ହେଲେ କେତୋଟି ସୂତ୍ର ପ୍ରତି ଧ୍ୟାନ ଦିଅନ୍ତୁ । ଖୁସିର ସ୍ତରକୁ ନିର୍ଦ୍ଧାରିତ କରିବାକୁ ହେଲେ ୫୦–୧୦–୪୦ ସୂତ୍ରକୁ ଆପଣେଇ ପାରନ୍ତି । ଏହି ନିୟମ ଅନୁସାରେ ଖୁସିର ଘଟକ ଏହି ପ୍ରକାର– ୫୦ ପ୍ରତିଶତ ଜେନେଟିକ୍ସ – ଆମର ଅଧା ଖୁସି ଆମର ସେଟ୍ ପଏଣ୍ଟ ବା ଆନୁବଂଶିକ କାରଣ ଉପରେ ଆଧାରିତ ହୋଇଥାଏ । ୧୦ପ୍ରତିଶତ ଜୀବନର ପରିସ୍ଥିତି ବାହାର ପରିସ୍ଥିତି ଯେମିତି ଧନ,ବୈବାହିକ ସ୍ଥିତି ,ସ୍ୱାସ୍ଥ୍ୟ ଏବଂ ଚାକିରି । ଆମର ସମ୍ପୂର୍ଣ୍ଣ ଖୁସିର ୪୦ପ୍ରତିଶତ ଭାଗ ଆମର ନିଜର ବିଚାର,ବ୍ୟବହାର,ଦୈନିକ ଅଭ୍ୟାସ ଉପରେ ନିର୍ଭର କରିଥାଏ । ତେଣୁ ଖୁସି ପାଇବାକୁ ହେଲେ ଏହି ସୂତ୍ର ପ୍ରତି ନିହାତି ଭାବରେ ଅଧିକ ଧ୍ୟାନଦେବା ଆବଶ୍ୟକ ।



**ଖୁସିର ସିଦ୍ଧାନ୍ତ ଆପଣାନ୍ତୁ**
ଖୁସିରେ କିଛି ଖାସ୍ ସିଦ୍ଧାନ୍ତ ରହିଛି । ନିଜର ମାନସିକତାକୁ ସକାରାତ୍ମକ ପରିବେଶରେ ରଖିବାକୁ ଚେଷ୍ଟା କରନ୍ତୁ । କେହି କେହି ଆପଣଙ୍କର ଭଲ ଗୁଣକୁ ପ୍ରଶଂସା କଲେ ଆପଣ ଖୁସି ହୋଇଥାଆନ୍ତି । ତେଣୁ ଏଥିଲାଗି ନିଜର ବ୍ୟବହାର ମାର୍ଜିତହେବା ନିହାତି ଦରକାର । ବଡ଼ ଚ୍ୟାଲେଞ୍ଜ ବଦଳରେ ଛୋଟ ଲକ୍ଷ୍ୟ ଉପରେ ଧ୍ୟାନ କେନ୍ଦ୍ରିତ କରନ୍ତୁ । ଏହାଦ୍ୱାରା ଆପଣଙ୍କୁ ନିରାଶ ହେବାକୁ ପଡ଼ିବ ନାହିଁ । ଭଲ ଅଭ୍ୟାସ ଆପଣାଇ ପାରିଲେ ଆପଣ ନିଜ ଜୀବନକୁ ଖୁସିରେ ରଖିପାରିବେ ।

**ସାମାଜିକ ସମ୍ପର୍କ**
ନିଜକୁ ଖୁସିରେ ରଖିବାକୁ ହେଲେ ପ୍ରଥମେ ନିଜର ପଡ଼ୋଶୀ ଏବଂ ପରିଚିତ ବ୍ୟକ୍ତିବିଶେଷଙ୍କ ସହ ମଧୁର ସମ୍ପର୍କ ସ୍ଥାପନ କରନ୍ତୁ । କାରଣ ଅନ୍ୟମାନଙ୍କ ସହଯୋଗରେ ଆପଣ କେତେକାଂଶରେ ନିଜକୁ ଖୁସିରେ ରଖିପାରିବେ । ଯେଉଁମାନଙ୍କ ସହ ମିଶୁଛନ୍ତି ସେମାନଙ୍କ ସହ ସମ୍ପର୍କ କିପରି ଆହୁରି ମଧୁର ହୋଇପାରିବ ଚେଷ୍ଟାକରନ୍ତୁ । ପଡ଼ୋଶୀଙ୍କ ସୁଖଦୁଃଖରେ ଠିଆ ହୁଅନ୍ତୁ । ତେବେ ସେମାନେ ଆପଣଙ୍କର ସୁବିଧା ଅସୁବିଧା ସମୟରେ ଆପଣଙ୍କୁ ସାହାଯ୍ୟ କରିବେ । ତେଣୁ ଖୁସି ସହ ସାମାଜିକ ସମ୍ପର୍କ ଓତପ୍ରୋତ ଭାବରେ ଜଡ଼ିତ । ଏହାକୁ ଯେତେ ମଧୁର ଆଉ ମଜଭୁତ ରଖିବେ ଆପଣ ନିଜକୁ ସେତେ ଖୁସିର ମାହୋଲ ଭିତରେ ରଖିପାରିବେ । ଆଉ ଏସବୁ ଆପଣଙ୍କ ଉପରେ ହିଁ ସମ୍ପୂର୍ଣ୍ଣ ଭାବରେ ନିର୍ଭରକରେ । ସାମାଜିକ ସମ୍ପର୍କ ଯଦି ସୁମଧୁର ହେଲା, ତେବେ ତାହା ଆପଣଙ୍କ ମନରେ ସକାରାତ୍ମକ ଭାବନା ଜାଗ୍ରତ କରିବ । ତା'ସହ ଆପଣଙ୍କୁ ଅନେକାଂଶରେ ଶାନ୍ତି ମିଳିବ ।

**ସୃଷ୍ଟି କରନ୍ତୁ ହସର ମାହୋଲ**
ମଜାଦାର ଏବଂ ହସାଉଥିବା ମୁହୂର୍ତ୍ତକୁ ସାଇତି ରଖନ୍ତୁ । ଯେମିତି ଡିଜିଟାଲି କିମ୍ବା ଫଟୋ ମାଧ୍ୟମରେ ହେଉ କି ଭିଡିଓ । ଏହାକୁ ଆପଣ ପରେ ଦେଖି ଖୁସି ହୋଇପାରିବେ । ସେ ମଜାଦାର କାର୍ଟୁନ୍ ହେଉ କି କୌଣସି ମଜାଦାର କାହାଣୀ ପଢ଼ି କେତେକାଂଶରେ ମନକୁ ହାଲ୍‌କା କରିପାରିବେ । ମଝିରେ ମଝିରେ ସାଙ୍ଗସାଥୀଙ୍କ ସହ ମିଳାମିଶା କରନ୍ତୁ । ଏହାଦ୍ୱାରା ଭାବର ଆଦାନ ପ୍ରଦାନ ହେବା ଦ୍ୱାରା ମନ ହାଲ୍‌କା ଲାଗିଥାଏ ।

**ଛୋଟ ଛୋଟ ପରିବର୍ତ୍ତନ**
ଆପଣଙ୍କର ଛୋଟ ଛୋଟ ଅଭ୍ୟାସ ଯଦି ଅନ୍ୟମାନଙ୍କୁ ପ୍ରଭାବିତ କରିପାରିଲା ତେବେ ସେଥିଯୋଗୁ ଆପଣ କେତେକାଂଶରେ ଖୁସିରେ ରହିପାରିବେ । ନିଜ ମନର ଭାବନାରେ ପରିବର୍ତ୍ତନ ଆଣନ୍ତୁ । ନିଜ ମୁଡ୍‌କୁ ଏଭଳି ରଖନ୍ତୁ ଯାହା ଆପଣଙ୍କ ପରିବେଶକୁ ସବୁବେଳେ ଖୁସିରେ ଭରିଦେବ । ନିଜ ଉପରେ ଶତ ପ୍ରତିଶତ ଭରସା ରଖନ୍ତୁ । ଅଯଥା କଥାରେ ନିଜକୁ ଛନ୍ଦି ଦେଲେ ସବୁ କିଛି ଅଡୁଆ ତଡୁଆ ହୋଇଯାଇଥାଏ । ତେଣୁ ନିଜକୁ ଏଭଳି ପରିବେଶରେ ରଖନ୍ତୁ ଯାହା ଆପଣଙ୍କ ମନରେ ସକାରାତ୍ମକ ଭାବନା ସୃଷ୍ଟିକରିବ ଏବଂ ଆପଣ ଅନେକ ସମୟରେ ଖୁସିରେ ରହିବେ ।





# ଫୁଲଗଛ ଲଗାଉଥିଲେ...

**ବର୍ତ୍ତମାନ ଖରା ଏତେ ପ୍ରଖର ହେଲାଣି ଯେ ଯେଉଁମାନେ ଫୁଲଗଛ ଲଗାଇବାକୁ ସଉକ ରଖନ୍ତି , ସେମାନେ ଏଥିପାଇଁ ଚିନ୍ତିତ ରହିଥାନ୍ତି, କିନ୍ତୁ ଏମିତି କିଛି ଫୁଲଗଛ ଅଛି ଯାହା ଅତ୍ୟଧିକ ଖରା ହେଲେ ବି ଏହାର ପ୍ରଭାବ ଏତେଟା ପଡି ନ ଥାଏ। ଜାଣନ୍ତୁ ଏପରି ଫୁଲଗଛ ବିଷୟରେ..**

**ବୋଗ୍‌ନାବିଲିୟା :** ଏହାକୁ ମରୁଭୂମିର ରାଜା କହିଲେ ବି ଭୁଲ୍ ହେବନି । କାଗଜ ପରି ଦେଖାଯାଉଥିବା ଏହି ରଙ୍ଗ ବେରଙ୍ଗର ଫୁଲ ପ୍ରଚଣ୍ଡ ଖରାରେ ବି ସତେଜ ଦେଖାଯାଇଥାଏ । ଏହାକୁ କମ୍ ଦେଖାଶୁଣା କରିବାକୁ ପଡ଼ିଥାଏ ଏବଂ କମ୍ ପାଣିର ଆବଶ୍ୟକ ହୁଏ ।

**ଲେଣ୍ଟାନା :** ଛୋଟ ଛୋଟ ରଙ୍ଗିନ ଫୁଲର ଗୁଚ୍ଛ ଏହି ଗଛ ପ୍ରଜାପତିଙ୍କର ବହୁତ ପସନ୍ଦ । ଏହି ଗଛଟି ଖରାକୁ ବହୁତ ସହଜରେ ସହି ପାରିଥାଏ । ବାଲ୍‌କୋନି ରେଲିଂରେ ଏହା ବହୁତ ସୁନ୍ଦର ଦେଖାଯାଇଥାଏ ।

**ଜେରେନିୟମ୍:** କ୍ଲାସିକ୍ ପସନ୍ଦ କରୁଥିବା ଲୋକଙ୍କୁ ଏହା ବହୁ ପସନ୍ଦ ଆସିଥାଏ । ଭଲ ଜଳ ନିଷ୍କାସନ ହେଉଥିବା ମାଟିରେ ଭଲଭାବେ ଫୁଲ ଭର୍ତ୍ତି ହୋଇ ରହିଥାଏ ।

**ପେଣ୍ଟାସ୍**
ତାରା ପରି ଆକାର ଥିବା ଏହି ଫୁଲ ଖରାଦିନେ ବହୁ ତାଜା ଏବଂ ଫ୍ରେଶ୍ ଦେଖାଯାଇଥାଏ । ଏହା ଅଲଗା ଅଲଗା ଉଚ୍ଚତାରେ ଦେଖିବାକୁ ମିଳିଥାଏ । ଆପଣ ଏହାକୁ ନିଜ ବାଲ୍‌କୋନି ସ୍ପେସ୍‌କୁ ଦେଖି ଚୟନ କରିପାରିବେ ।

**ବିଙ୍କା ସଦାବାହାର:** ଯେମିତି ଏହାର ନାମ ସେମିତି ଏହା ସବୁ ସିଜିନ୍‌ରେ ଫୁଲ ଫୁଟିଥାଏ । ଯେତେବେଳେ ଖରା ଯୋଗୁ ଅନ୍ୟ ଫୁଲଗଛଗୁଡ଼ିକ ଝାଉଁଳି ପଡୁଥିବା ବେଳେ ଏହାର ଚମକ ସେପରି ରହିଥାଏ ।

**ପାର୍ସଲେନ୍:** ଯଦି ଆପଣ ଅଧିକ ବ୍ୟସ୍ତ ରହୁଛନ୍ତି ତେବେ ଆପଣଙ୍କ ଲାଗି ବେଷ୍ଟ ହେଉଛି ପାର୍ସଲେନ୍ । ଏହାର ମାଂସଳ ପତ୍ର ପାଣିକୁ ବଞ୍ଚାଇ ରଖିଥାଏ । ସୂର୍ଯ୍ୟଙ୍କ ପ୍ରଥମ କିରଣ ସହ ଏହାର ଫୁଲ ମଧ ଫ୍ରେଶ୍ ରହିଥାଏ । ଖରାଦିନେ ଫୁଲ



ଗଛଗୁଡ଼ିକୁ ସକାଳୁ ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ଏବଂ ଅସ୍ତ ହେବା ପରେ ପାଣି ଦେବା ଆବଶ୍ୟକ । କୁଣ୍ଡରେ ଶୁଖିଲା ଘାସପତ୍ର ଆଦିକୁ ମଲ୍‌ଚିଂ କରିବା ଦ୍ୱାରା ପାଣି କୁଣ୍ଡରେ ଅଧିକ ସମୟ ପର୍ଯ୍ୟନ୍ତ ରହିଥାଏ ।

# ପାଣି କେଉଁ ବଟଲରେ ପିଇବେ..

**ଜଳ ହିଁ ଜୀବନ । ପାଣି ପିଇବା ପାଇଁ କିଏ ପ୍ଲାଷ୍ଟିକ୍ ବଟଲ ବ୍ୟବହାର କରନ୍ତି ତ ଆଉ କିଏ ତମ୍ବା ନ ହେଲେ ଷ୍ଟିଲ୍। ଘରୁ ବାହାରିବା ସମୟରେ ଅଧିକାଂଶ ଲୋକ ପାଣି ବଟଲ ନିଜ ବ୍ୟାଗ୍‌ରେ ନେଇ ଚାଲିଥାଆନ୍ତି। କିନ୍ତୁ ଆପଣ ଏହା ଜାଣିଛନ୍ତି କି ଷ୍ଟିଲ୍ କି ତମ୍ବା ବଟଲ କେଉଁଥିରେ ପାଣି ପିଇବା ଭଲ । ଜାଣନ୍ତୁ ଏ ସମ୍ପର୍କରେ...**

ବିଶେଷଜ୍ଞଙ୍କ ମତରେ ଆପଣ ଯେଉଁପରି ଭାବେ ବୋତଲରେ ପାଣି ପିଉଛନ୍ତି ଏହାର ପଜିଟିଭ୍ ଏବଂ ନେଗେଟିଭ୍ ପ୍ରଭାବ ପଡ଼ିଥାଏ । ଯଦି ଆପଣ ପ୍ଲାଷ୍ଟିକ୍ ବୋତଲରେ ପାଣି ପିଉଛନ୍ତି ଆଜି ଏହି ଅଭ୍ୟାସ ଛାଡ଼ି ଦିଅନ୍ତୁ । ପ୍ଲାଷ୍ଟିକ୍ ବୋତଲ ସ୍ୱାସ୍ଥ୍ୟ ଲାଗି କ୍ଷତିକାରକ ହୋଇଥାଏ ।

–ଆୟୁର୍ବେଦିକ ଅନୁସାରେ ତମ୍ବା ବୋତଲରେ ପ୍ରାକୃତିକ ଆଣ୍ଟିମାଇକ୍ରୋବିୟଲ ଗୁଣ ରହିଛି । ଏହା ଶରୀରରେ ଥିବା ହାନିକାରକ ବ୍ୟାକ୍ଟେରିଆକୁ ଦୂରକରିଥାଏ । ଯଦି ଆପଣ ତମ୍ବା ବୋତଲରେ ପାଣି ରଖୁଛନ୍ତି ସେହି ପାଣି ପିଇବା ଦ୍ୱାରା ଇମ୍ୟୁନିଟି ବୃଦ୍ଧି ହୋଇଥାଏ ।

–ତମ୍ବା ବୋତଲରେ ପାଣି ପଇଲେ ଏହା ପାଚନ କ୍ରିୟାକୁ ଭଲ କରିଥାଏ । ଏହା ଶରୀରରେ ଥାଇରଏଡ୍‌କୁ ନିୟନ୍ତ୍ରଣରେ ରଖିଥାଏ । ଏହା ମଧ ଭୋକ ବଢ଼ାଇବା ସହ ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ ।

–ତମ୍ବା ବୋତଲକୁ ପ୍ରତିଦିନ ସଫାକରିବା ଆବଶ୍ୟକ । ଏଥିପାଇଁ



ଲେମ୍ବୁ, ଲୁଣ ସିର୍‌କା ଘୋଳର ବ୍ୟବହାର କରି ବୋତଲକୁ ସଫା କରିପାରିବେ । ବୋତଲ ସଫା କରିସାରିବା ପରେ ତାକୁ ଭଲଭାବେ ଧୋଇଦିଅନ୍ତୁ ।

–ଷ୍ଟିଲ୍ ବୋତଲରେ ପାଣି ରଖିବା ଦ୍ୱାରା ଏଥିରୁ କୌଣସି ପ୍ରକାର ରସାୟନ ଗନ୍ଧ ଆସି ନ ଥାଏ । ଏଥିରେ ମଧ ପାଣି ଥଣ୍ଡା ଗରମ ରହିଥାଏ ।

–ଷ୍ଟିଲ୍ ବୋତଲକୁ ସଫା କରିବାକୁ ହେଲେ ଆପଣ ଲିକ୍ୟୁଇଡ୍ ୱାଶ୍ ଦ୍ୱାରା ସଫା କରିପାରିବେ । ଭିତର ପାଖ ସଫା କରିବାକୁ ହେଲେ ଗୋଟେ ବ୍ରଶ୍ ନେଇପାରିବେ ।

ଧରିତ୍ରୀ 52 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୭/୨୦୨୬ Bhubaneswar, Tuesday, April 7/ 2026



କଳିଙ୍ଗ ଷ୍ଟାଡିୟମରେ ସୋମବାର ଆରମ୍ଭ ହୋଇଥିବା ଏସ୍‌ଜିଏଫ୍‌ଆଇ ରଗ୍‌ବୀର ବାଳିକା ବିଭାଗରେ ଓଡ଼ିଶା ଓ ରାଜସ୍ଥାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ। (ଫଟୋ: ବିକାଶ ନାୟକ)

# ଖେଳପଡ଼ିଆରେ ଦୁର୍ଘଟଣା ରୋକିବା ପାଇଁ ନିର୍ଦ୍ଦେଶାବଳୀ

ନୂଆଦିଲ୍ଲୀ,୬।୪

ଖେଳପଡ଼ିଆରେ ଦୁର୍ଘଟଣାକୁ ରୋକିବା ପାଇଁ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ପୂରା ଦେଶରେ ଥିବା ଖେଳପଡ଼ିଆ ଓ କ୍ରୀଡ଼ା ଭିତ୍ତିଭୂମିର ସୁରକ୍ଷା ଲାଗି ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଏପରିକି ସମସ୍ତ ରାଜ୍ୟ ସରକାରଙ୍କୁ ଖେଳପଡ଼ିଆରେ ଦୁର୍ଘଟଣାକୁ ରୋକିବା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, କିଛି ମାସ ତଳେ ଜଣେ ୧୬ ବର୍ଷୀୟ ଜାତୀୟ ସ୍ତରର ବାସ୍କେଟବଲ ଖେଳାଳି ହରିୟାଣାର ରୋହତକଠାରେ କୋର୍ଟରେ ପ୍ରାକ୍ଟିସ କରୁଥିବା ବେଳେ ତାଙ୍କ ଉପରେ ଏକ ଲୁହା ଖୁମ୍ବ ଖସି ପଡ଼ିଥିଲା। ସେହିଭଳି ସୋମବାର ବାସ୍କେଟବଲ ହୁପ ପଡ଼ିଯିବାରୁ ଜଣେ ୨୦ ବର୍ଷୀୟ ମେରାଇନ ଇଞ୍ଜିନିୟର ଛାତ୍ର ପ୍ରାଣ ହରାଇଥିଲେ।

'ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ସରକାରଙ୍କୁ ସରକାର, ପଞ୍ଚାୟତ, ପିଏସ୍‌ୟୁ, ସ୍ୱାଧୀନ ସଂସ୍ଥା, ଶିକ୍ଷାନୁଷ୍ଠାନ ଅଧୀନରେ ଥିବା ଷ୍ଟାଡିୟମ, ଇନ୍‌ଡୋର ହଲ, ପ୍ରାକ୍ଟିସ ଗ୍ରାଉଣ୍ଡ, ଖୋଲା ଜିମ, ପୁଲ ଭଳି ସମସ୍ତ କ୍ରୀଡ଼ା ଭିତ୍ତିଭୂମିର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଉଛି। ଏହି ଯାଞ୍ଚରେ ନିର୍ଦ୍ଦିଷ୍ଟ ଭାବେ ଭିତ୍ତିଭୂମିର ସ୍ଥିତି, ବାଉଣ୍ଡାରୀ କାନ୍ଥ/ରେଲିଙ୍ଗ୍ସ, ଗେଟ୍ସ, ଦର୍ଶକଙ୍କ ଷ୍ଟାଣ୍ଡ, ଲାଇଟ୍ସ ପୋଲ ବା ଟାୱାର, ସ୍କୋର ବୋର୍ଡ୍ସ, ଫ୍ଲୋର୍ସ/ଚଟାଣ, ଡ୍ରେନେଜ/ମ୍ୟାନହୋଲ ଓ ଯେକୌଣସି ପ୍ରକାର ଅସ୍ଥାୟୀ ଢାଞ୍ଚା ସାମିଲ କରାଯିବ। କୌଣସି ଅଞ୍ଚଳ କିମ୍ବା ଢାଞ୍ଚା ଅସୁରକ୍ଷିତ ଥିଲେ, ତାହାର ବ୍ୟବହାରକୁ ବ୍ୟାରିକେଡ୍ ଦ୍ୱାରା ତୁରନ୍ତ ପ୍ରତିବନ୍ଧିତ କରାଯିବ ଏବଂ ପ୍ରାଥମିକତା ଭିତ୍ତିରେ ତାହାର ସମାଧାନ କରାଯିବା ଦରକାର। ଯେଉଁଗୁଡ଼ିକରେ ସୁଧାର କରାଯାଇପାରିବ ନାହିଁ, ସେଗୁଡ଼ିକୁ ହଟାଯିବ କିମ୍ବା ନଷ୍ଟ କରାଯିବ' ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ଭିଡ଼ ନିୟନ୍ତ୍ରଣ ଲାଗି ଗାଇଡଲାଇନ୍ସ

ମନ୍ତ୍ରଣାଳୟ ପକ୍ଷରୁ ବୈଦ୍ୟୁତିକ ଯନ୍ତ୍ରପାତି ଓ ସାଧାରଣ ଅଗ୍ନି ନିରପତ୍ତା ବ୍ୟବସ୍ଥାକୁ ନିୟମିତ ଯାଞ୍ଚ କରିବାକୁ କୁହାଯାଇଛି। ବଡ଼ ସଂଖ୍ୟାରେ ଭାଗ ନେବାକୁ ଥିବା ଆଥଲେଟ୍ କିମ୍ବା ଦର୍ଶକଙ୍କ ଲାଗି କୌଣସି ଟୁର୍ନାମେଣ୍ଟ, ଇଭେଣ୍ଟ, କୋଚିଂ ସେସନ ଆୟୋଜନ କରିବା ପୂର୍ବରୁ ଆୟୋଜକଙ୍କୁ ଭିଡ଼ ନିୟନ୍ତ୍ରଣ, ପ୍ରବେଶ ଓ ପ୍ରସ୍ଥାନ, ଜରୁରୀକାଳିନ ପ୍ରତିକ୍ରିୟା ଓ ସୁରକ୍ଷିତ ସ୍ଥାନାନ୍ତର କରିବା ପାଇଁ ସରଳ ସୁରକ୍ଷା ଯୋଜନା ପ୍ରସ୍ତୁତ କରିବା ଉଚିତ। ପେଣ୍ଡାଲ, ଷ୍ଟେଜ, ବ୍ୟାରିକେଡ୍ସ ଭଳି ଅସ୍ଥାୟୀ ଢାଞ୍ଚା ମୌଳିକ ସୁରକ୍ଷା ଯାଞ୍ଚ ସହିତ ଠିଆ କରାଯିବା ଦରକାର ଓ ଏହାର ତଦାରଖ କରାଯିବା ଉଚିତ ବୋଲି ଜାରି କରାଯାଇଥିବା ଆଡଭାଇଜରୀରେ କୁହାଯାଇଛି।

# କଳିଙ୍ଗରେ ଏସ୍‌ଜିଏଫ୍‌ଆଇ ରଗ୍‌ବୀ ଉଦ୍‌ଘାଟିତ

ଭୁବନେଶ୍ୱର, ୬।୪ (ତପନ ସ୍ୱାଇଁ)



ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

■ ୧୪ ଓ ୧୭ ବର୍ଷରୁ କମ୍ ବାଳିକା ଏବଂ ବାଳକ ବର୍ଗରେ ପ୍ରତିଯୋଗିତା

■ ୧୫ ରାଜ୍ୟ/ଅନୁଷ୍ଠାନର ୪୬୦ ଖେଳାଳିଙ୍କ ଅଂଶଗ୍ରହଣ

କଳିଙ୍ଗ ଷ୍ଟାଡିୟମରେ ୬୯ତମ ଜାତୀୟ ବିଦ୍ୟାଳୟ ସମୂହ (ଏସ୍‌ଜିଏଫ୍‌ଆଇ) ୧୪ ଓ ୧୭ ବର୍ଷରୁ କମ୍ ବାଳିକା ଓ ବାଳକ ରଗ୍‌ବୀ ଚାମ୍ପିୟନଶିପ୍ ସୋମବାର ଆରମ୍ଭ ହୋଇଛି। ଏହି ଜାତୀୟ ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟର ରଗ୍‌ବୀ ଖେଳାଳି ଅଂଶଗ୍ରହଣ କରିଛନ୍ତି। କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଏନ୍. ତିରୁମାଲା ନାୟକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କରକରା, ସହକାରୀ ନିର୍ଦ୍ଦେଶକ (ପି.ଇ.ଟି) ଜ୍ୟୋତି ପ୍ରସାଦ ପରିଡା, ଏସ୍‌ଜିଏଫ୍‌ଆଇ ପର୍ଯ୍ୟବେକ୍ଷକ ଅରବିନ୍ଦ ଯାଦବ, ଅନ୍ତର୍ଜାତୀୟ ରଗ୍‌ବୀ ଖେଳାଳି ଡୁମୁନୀ ମାରାଣ୍ଡି ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ସୋମବାର ୧୭ ବର୍ଷରୁ କମ୍ ବାଳିକା-ବାଳକ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହା ମଙ୍ଗଳବାର ଶେଷ ହେବ। ସେହିପରି ଆସନ୍ତା ୯ ଓ ୧୦ ତାରିଖରେ ୧୪ ବର୍ଷରୁ କମ୍ ବାଳିକା ଓ ବାଳକ ବିଭାଗର ପ୍ରତିଯୋଗିତା ହେବ। ଏସ୍‌ଜେଏଫ୍‌ଆଇ ରଗ୍‌ବୀରେ ମୋଟ ୧୫ଟି ରାଜ୍ୟ/ଅନୁଷ୍ଠାନର ଖେଳାଳି ଭାଗ ନେଇଛନ୍ତ। ଆନ୍ଧ୍ରପ୍ରଦେଶ, ବିହାର, ଛତିଶଗଡ, ନୂଆଦିଲ୍ଲୀ, ଗୁଜରାଟ, ଜମ୍ମୁ-କଶ୍ମୀର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ପଞ୍ଜାବ, ରାଜସ୍ଥାନ, ତାମିଲନାଡୁ, ତେଲଙ୍ଗାନା, ସିବିଏସ୍‌ଇ ୱେଲଫେୟାର ସ୍ପୋର୍ଟ୍ସ ଅର୍ଗାନାଇଜେଶନ୍, କାଉନସିଲ୍ ଫର୍ ଦି ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍ ଆଦିରୁ ପ୍ରାୟ ୪୬୦ ଜଣ ଅଂଶଗ୍ରହଣ କରିଛନ୍ତି।

ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ମୁଖ୍ୟ ଅତିଥି ଭୂପେନ୍ଦ୍ର ସିଂ ପୁନିଆ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳୁଆଡ ମନୋଭାବ ନେଇ ଖେଳିବା ସହ ରାଜ୍ୟ ଏବଂ ଦେଶକୁ ଅନ୍ତର୍ଜାତୀୟସ୍ତରରେ ପ୍ରତିନିଧିତ୍ୱ କରିବାକୁ ଯୁବ ଖେଳାଳିମାନଙ୍କୁ ସେ ଆହ୍ୱାନ କରିଥିଲେ। ଏସ୍‌ଜିଏଫ୍‌ଆଇ ପର୍ଯ୍ୟବେକ୍ଷକ ଅରବିନ୍ଦ ଯାଦବ ଏହି ପ୍ରତିଯୋଗିତା ଆୟୋଜନ ଲାଗି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଧନ୍ୟବାଦ ଜଣାଇଥିଲେ। କଳିଙ୍ଗ ଷ୍ଟାଡିୟମ ଭଳି ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ଚାମ୍ପିୟନଶିପ୍‌ର ଆୟୋଜନ କରିଥିବାରୁ ସେ ଓଡ଼ିଶା ସରକାରଙ୍କୁ ମଧ୍ୟ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ରଗ୍‌ବୀ ଖେଳାଳି ଡୁମୁନୀ ମାରାଣ୍ଡି ନିଜ ଅନୁଭୂତି ବାଣ୍ଟିଥିଲେ।

# କିଟ୍‌ର ରୋମାଞ୍ଚକ ବିଜୟ

କଟକ,୬।୪(କୁମାରଶ୍ରୀ)

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୬ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ଏକ ରୋମାଞ୍ଚକ ମ୍ୟାଚ୍‌ରେ କିଟ୍ ଅନ୍ତିମ ଉଇକେଟରେ ଢେଙ୍କାନାଳକୁ ପରାସ୍ତ କରିଛି। ନିମପୁର ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଢେଙ୍କାନାଳ ୧୩୪ରନରେ ଅଲଆଉଟ ହୋଇଥିଲା। ଗୀତ ସାହୁ ସର୍ବାଧିକ ୩୩ରନ କରିଥିବା ବେଳେ କିଟ୍ ପକ୍ଷରୁ ହରିବଂଶ ଭୂୟାଁଙ୍କୁ ୨ଟି ଉଇକେଟ ମିଳିଥିଲା। ଜବାବରେ ୪୦.୨ ଓଭରରେ ୯ ଉଇକେଟ ହରାଇ କିଟ୍ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଅନୁରାଗ ବାରିକ ୩୩ରନର ସଂଘର୍ଷପୂର୍ଣ୍ଣ ଇନିଂସ ଖେଳିଥିଲେ। ଦୁଇ ଉଇକେଟ ଦଖଲ କରିଥିବା ହରିବଂଶ ଉପଯୋଗୀ ୨୦ରନ କରି ପ୍ଲେୟର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ। ସୋମବାର ଖେଳାଯାଇଥିବା ଅନ୍ୟ ମ୍ୟାଚଗୁଡ଼ିକରେ ଖୋର୍ଦ୍ଧା ୫୨ରନରେ ପୁରୀକୁ, କଟକ-ବି ୮୭ରନରେ ଗଜପତିକୁ, ଭୁବନେଶ୍ୱର-ଏ ୧୫୧ରନରେ ସମ୍ବଲପୁର-ବି'କୁ, ଦେବଗଡ଼ ୫୧ରନରେ କନ୍ଧମାଳକୁ ଏବଂ ରାଉରକେଲା ୪୪ରନରେ ନୂଆପଡ଼ାକୁ ହରାଇଛି।

# ବିସିସିଆଇ ହାଇପରଫର୍ମାନ୍ସ ଶିବିରରେ ଓଡ଼ିଶାର ସମ୍ବିତ୍

କଟକ,୬।୪(କୁମାରଶ୍ରୀ)



ସମ୍ବିତ୍ ବରାଳ

ବେଙ୍ଗାଲୁରୁରେ ଥିବା ବିସିସିଆଇର ହାଇପରଫର୍ମାନ୍ସ ଶିବିରରେ ଆସନ୍ତା ୧୨ ତାରିଖରୁ ମେ' ୭ ପର୍ଯ୍ୟନ୍ତ ଦେଶର ବିଭିନ୍ନ ଖେଳାଳିଙ୍କୁ ନେଇ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୨୫ବର୍ଷରୁ କମ୍ ବୟସ ବର୍ଗରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଖେଳାଳି ହିଁ ଶିବିରରେ ସାମିଲ ହେବେ। ତେବେ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ସମ୍ବିତ ବରାଳଙ୍କୁ ଶିବିରରେ ଯୋଗ ଦେବା ନିମନ୍ତେ ଡକରା ଆସିଛି। ୨୩ବର୍ଷୀୟ ସମ୍ବିତ ଜଣେ ଅଲରାଉଣ୍ଡର ଭାବେ ଜଣାଶୁଣା। ସେ ରାଜ୍ୟ ପକ୍ଷରୁ ୬ଟି ପ୍ରଥମଶ୍ରେଣୀ, ୭ଟି ଲିଷ୍ଟ-ଏ ଏବଂ ୯ଟି ଟି-୨୦ ମ୍ୟାଚ୍ ଖେଳି ସାରିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି ଏବଂ ସମ୍ପାଦକ ସଞ୍ଜୟ ବେହେରା ସମ୍ବିତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ତୁଷାରଶ୍ରୀ ସୁନ୍ଦରସ୍ୱାସ୍ଥ୍ୟ ୧୭ରୁ





ଖବରଦାତା ସମ୍ମିଳନୀରେ ଆୟୋଜକମାନେ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଉଛନ୍ତି।

ଭୁବନେଶ୍ୱର, ୬।୪ (ତପନ ସ୍ୱାଇଁ)

ତୁଷାର ଚାରିଟେବଲ ଟ୍ରଷ୍ଟ, ମା' ସୁନାଦେଈ ୱାକର୍ସ କ୍ଲବ ଆଚାର୍ଯ୍ୟ ହରିହର ପରିଷଦର ମିଳିତ ଆନୁକୂଲ୍ୟରେ ୮ମ ତୁଷାରଶ୍ରୀ ଜିଲାସ୍ତରୀୟ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ଚଳିତ ମାସ ୧୭ ଓ ୧୮ ତାରିଖ ଦୁଇଦିନଧରି ଅନୁଷ୍ଠିତ ହେବ। ଆଚାର୍ଯ୍ୟ ବିହାରସ୍ଥିତ ଆଚାର୍ଯ୍ୟ ହରିହର ପାର୍କ ନିକଟରେ ଏହା ଆୟୋଜନ କରାଯିବ ବୋଲି ସୋମବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଟ୍ରଷ୍ଟର ସମ୍ପାଦକ ବିବେକାନନ୍ଦ ବାରିକ ପ୍ରକାଶ କରିଛନ୍ତି। ଜିଲାସ୍ତରୀୟ ଓ ରାଜ୍ୟସ୍ତରୀୟ ତୁଷାରଶ୍ରୀ ପ୍ରତିଯୋଗିତା ଗତ ୭ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି। ଏଥର ଏହାର ୮ମ ସଂସ୍କରଣ ଅନୁଷ୍ଠିତ ହେବ ବୋଲି ବିବେକାନନ୍ଦ କହିଛନ୍ତି। ଉକ୍ତ ସମ୍ମିଳନୀରେ ଆଚାର୍ଯ୍ୟ ହରିହର ପରିଷଦର ବରିଷ୍ଠ ସଦସ୍ୟ ଶିଶିର ମହାପାତ୍ର, ଅମ୍ଳେଷ ଦାସ, ଚିତ୍ରଶିଳ୍ପୀ ସୁନା ଭାଇ, ଜିତେନ୍ଦ୍ର କୁମାର ଜେନା ଓ ରାକେଶ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ଲେୟର ଅଫ୍ ଦି ମନ୍ଥ ଦୌଡ଼ରେ ସାମସନ, ବୁମ୍‌ରା

ଦୁବାଇ, ୬।୪ (ପି.ଟି.)

ମାର୍ଚ୍ଚ ମାସର ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ପାଇଁ ପ୍ରସ୍ତୁତ ସଂକ୍ଷିପ୍ତ ତାଲିକାରେ ଭାରତ ଓପନର ସଞ୍ଜୁ ସାମ୍‌ସନ ଏବଂ ପେସ୍ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ ନାମ ସ୍ଥାନ ପାଇଛି। ଟି୨୦ ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ ପାଇଁ ଏହି ଦୁଇ ଖେଳାଳିଙ୍କ ନାମ ସ୍ଥାନ ପାଇଛି। ଏହି ତାଲିକାରେ ତୃତୀୟ ଖେଳାଳି ଭାବେ ସ୍ଥାନ ପାଇଛନ୍ତି ଦକ୍ଷିଣ ଆଫ୍ରିକା ବ୍ୟାଟର କନ୍ନର ଇଷ୍ଟରହୁଇଜେନ। ସାମସନ ଟି୨୦ ବିଶ୍ୱକପ୍ ଶେଷ ଭାଗରେ ଜବରଦସ୍ତ ଫର୍ମରେ ଥିଲେ। ସେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇପାରିଥିଲେ। ଫଳତଃ ଫାଇନାଲରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ବୁମ୍‌ରାଙ୍କ ସହ ସେ ଆଇସିସି ପୁରସ୍କାର ଦୌଡ଼ରେ ସାମିଲ ହୋଇପାରିଛନ୍ତି। ସାମସନ ଟୁର୍ନାମେଣ୍ଟର ପ୍ରଥମ ଭାଗରେ ଖେଳିବା ସୁଯୋଗ ପାଇ ନ ଥିଲେ। ମାତ୍ର ବଡ଼ ବଡ଼ ଗେମ୍‌ରେ ତାଙ୍କ ପ୍ରଦର୍ଶନ ବେଶ୍ ପ୍ରଭାବଶାଳୀ ଥିଲା। ତାଙ୍କ ପ୍ରଦର୍ଶନକୁ ପାଥେୟ କରି ଭାରତ ଟାଇଟଲ ବଜାୟ ରଖିବାରେ ସମର୍ଥ ହୋଇଥିଲା।

# କୋଲକାତା-ପଞ୍ଜାବ ମ୍ୟାଚ୍ ଧୋଇଗଲା

କୋଲକାତା,୬।୪

ସ୍ଥାନୀୟ ଇଡେନ ଗାର୍ଡେନ୍ସରେ ସୋମବାର କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଓ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ମଧ୍ୟରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍ ବର୍ଷାରେ ଧୋଇ ହୋଇଯାଇଛି। ମାତ୍ର ୩.୪ ଓଭର ଖେଳାଯାଇଥିବା ବେଳେ ଲଗାଣ ବର୍ଷା କାରଣରୁ ମ୍ୟାଚ୍‌କୁ ବାତିଲ କରି ଦିଆଯାଇଛି। ଫଳରେ ଉଭୟ ଦଳ ମଧ୍ୟରେ ପଏଣ୍ଟ ଭାଗ ହୋଇଛି। ବର୍ଷା ବାଧକ ସାଜିଲା ବେଳକୁ ପ୍ରଥମେ ବ୍ୟାଟିଂ କରିଥିବା କେକେଆର ୩.୪ ଓଭରରେ ୨ ଉଇକେଟ ହରାଇ ୨୫ ରନ କରିଥିଲା। ଅଧିନାୟକ ଅଜିଙ୍କ୍ୟ ରାହାନେ ୮ ଓ ଅଙ୍ଗକ୍ରିଶ ରଘୁବଂଶୀ ୭ ରନରେ ଅପରାଜିତ ରହିଥିବା ବେଳେ ପଞ୍ଜାବ ପାଇଁ ଜାଭିଅର ବାର୍ଟଲେଟ ୨ ଉଇକେଟ ନେଇଥିଲେ। ଏହି ମ୍ୟାଚ୍ ପରେ ପଞ୍ଜାବ କିଙ୍ଗ୍ସ ୩ ମ୍ୟାଚ୍‌ରୁ ୫ ପଏଣ୍ଟ ସହିତ ଟେବୁଲର ଶୀର୍ଷକୁ ଉନ୍ନିତ ହୋଇଛି। ଅନ୍ୟପକ୍ଷରେ କୋଲ୍‌କାତା ନାଇଟ୍ ରାଇଡର୍ସ ୨ଟି ମ୍ୟାଚ୍ ହାରିବା ପରେ ପଏଣ୍ଟ ଖାତା ଖୋଲିଛି।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

ରାଜସ୍ଥାନ ବନାମ ମୁମ୍ବାଇ

ସ୍ଥାନ: ଗୁଆହାଟୀ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଲକିରାଣୀ, ଚନ୍ଦନ ଚାମ୍ପିୟନ ଅଫ୍ ଚାମ୍ପିୟନ୍ସ





ଅଫିସିଆଲ ଓ କର୍ମକର୍ତ୍ତାଙ୍କ ଗହଣରେ ଅଲ୍ ଓଡ଼ିଶା ରାଜ୍ୟ ବାହୁକୁସ୍ତି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୬।୪ (ତପନ ସ୍ୱାଇଁ)

**ଅଲ ଓଡ଼ିଶା ରାଜ୍ୟ ବାହୁ କୁସ୍ତି ପ୍ରତିଯୋଗିତା**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ୪୬ତମ ଅଲଓଡ଼ିଶା ରାଜ୍ୟ ବାହୁକୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ଜିଲାରୁ ୧୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସିନିୟର ମହିଳା ବର୍ଗରେ ଖୋର୍ଦ୍ଧାର ଲକିରାଣୀ ପାତ୍ର ଏବଂ ପୁରୁଷ ବିଭାଗରେ କଟକର ଚନ୍ଦନ ମହାପାତ୍ର ଚାମ୍ପିୟନ ଅଫ୍ ଚାମ୍ପିୟନ୍ସ ବିବେଚିତ ହୋଇଛନ୍ତି। ସେହିପରି ଜୁନିୟର ପୁରୁଷ ବିଭାଗରେ ଖୋର୍ଦ୍ଧାର ପ୍ରତ୍ୟୁଷ ପ୍ରିୟଦର୍ଶୀ, ମାଷ୍ଟର ପୁରୁଷ ବର୍ଗରେ କଟକର ଉମେଶ ପୃଷ୍ଟି, ପାରା କ୍ରୀଡ଼ାବିତ୍ ବର୍ଗରେ କଟକର ଶୁଭଜିତ ପାଢୀ ଚାମ୍ପିୟନ ଅଫ ଚାମ୍ପିୟନ୍ସ ଆଖ୍ୟା ଅର୍ଜନ କରିଛନ୍ତି। ପ୍ରତିଯୋଗିତାରେ କଟକ ଜିଲା ମୋଟ ୨୦ଟି ସ୍ୱର୍ଣ୍ଣ ପଦକ ପାଇ ପ୍ରଥମ ସ୍ଥାନ ଅଧିକାର କରିଛି। ଖୋର୍ଦ୍ଧା ଜିଲା ୫ ସ୍ୱର୍ଣ୍ଣ ସହ ଦ୍ୱିତୀୟ ଏବଂ ପୁରୀ ଜିଲା ୩ ସ୍ୱର୍ଣ୍ଣ ପାଇ ତୃତୀୟରେ ରହିଛି। ପ୍ରତିଯୋଗିତାକୁ ଅଫିସିଆଲ ଭାବେ ସାଗର ନାୟକ, ପ୍ରବୀର ଷଡଙ୍ଗୀ, ଶୁଭଙ୍କର ପାଣିଗ୍ରାହୀ, ମନୋଜ ମୁଖୀ, ଈଶ୍ୱର ଚନ୍ଦ୍ର ବେହେରା, ପ୍ରମୋଦ ମୁଖୀ, ସନତ ମାହାର, ରାହୁଲ ମାହାର, ଚରଣ ନାୟକ, ଗୌରାଙ୍ଗ ପାତ୍ର, ସନ୍ଦୀପ ଘୋଷ, ମୀର ଅଜମତ ଅଲି, ଅବିନାଶ ପୁନ୍ଦିର, ହିମାଂଶୁ ଶେଖର ଦାସ ଏବଂ ସଂଘର ସମ୍ପାଦକ ହରି ପ୍ରସାଦ ପଟ୍ଟନାୟକ ଓ ସଭାପତି ସୁନୀଲ ରାଜ ପ୍ରମୁଖ ଉପସ୍ଥିତ ରହି ସୂଚାରୁରୂପେ ପରିଚାଳନା କରିଥିଲେ। ମୋଟ ୨୯ ବର୍ଗରେ ମୁକାବିଲା ହୋଇଥିଲା।

**ଏସିଆନ ବକ୍ସିଂ ଚାମ୍ପିୟନଶିପ୍**

# ପ୍ରୀତି ପାୱାର ଫାଇନାଲରେ

ଉଲାନବାଟାର, ୬।୪ (ପି.ଟି.)

ଭାରତର ଉଦୀୟମାନ ବକ୍ସର ପ୍ରୀତି ପାୱାର ଏଠାରେ ଚାଲିଥିବା ଏସିଆନ ବକ୍ସିଂ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ସେ ପ୍ୟାରିସ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜେତା ତଥା କୋରିଆର ଏଜି ଇମ୍‌ଙ୍କୁ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ପୁରୁଖା ବକ୍ସର ନିଖତ ଜରିନ ଓ ଲଭ୍‌ଲିନା ବର୍ଗୋହେନ୍ ସେମାନଙ୍କ ମୁକାବିଲା ହାରିଯାଇଛନ୍ତି। ପ୍ରିୟା ଓ ଅରୁନ୍ଧତୀ ଚୌଧାରୀ ସେମାନଙ୍କ ସେମିଫାଇନାଲରେ ବିଜୟ ଲାଭ କରିଥିବା ବେଳେ ପୂଜା ରାଣୀ ଓ ଅଙ୍କୁଶିତା ବୋରୋ ସେମାନଙ୍କ ସେମିଫାଇନାଲରେ ପରାଜିତ ହୋଇ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଏସିଆନ ଗେମ୍ସ ବ୍ରୋଞ୍ଜ ବିଜେତା ପ୍ରୀତି ବର୍ତ୍ତମାନ ସ୍ୱର୍ଣ୍ଣ ପଦକ ମୁକାବିଲାରେ ତିନିଥର ବିଶ୍ୱ ଚାମ୍ପିୟନ (୨୦୧୯, ୨୦୨୩, ୨୦୨୫) ଏବଂ ଟୋକିଓ ୨୦୨୦ ଅଲିମ୍ପିକ ବ୍ରୋଞ୍ଜ ବିଜେତା ଚାଇନିଜ ତାଇପେର ହୁଆଙ୍ଗ ସିଆଓ-ୱେନ୍‌ଙ୍କ ସହ ମୁକାବିଲା କରିବେ।

# କିଟ୍ ମହିଳା ଦଳକୁ ସ୍ୱର୍ଣ୍ଣ, ପୁରୁଷଙ୍କୁ ରୌପ୍ୟ

ଭୁବନେଶ୍ୱର, ୬।୪ (ତପନ ସ୍ୱାଇଁ)

**ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍‌ବୀ**

ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଓ ପୁରୁଷ ରଗ୍‌ବୀ (୭ଏସ୍ ଓ ୧୫ଏସ୍) ଚାମ୍ପିୟନଶିପ୍ ସ୍ଥାନୀୟ ରାହୁଲ ବୋଷ ରଗ୍‌ବୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ରଗ୍‌ବୀ ୭ଏସ୍‌ରେ କିଟ୍ ମହିଳା ଦଳ ସ୍ୱର୍ଣ୍ଣ ଓ ପୁରୁଷ ଦଳ ରୌପ୍ୟ ପଦକ ହାସଲ କରିଛି। ଏଥିସହ ଉଭୟ ମହିଳା ଓ ପୁରୁଷ ଦଳ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାପାଇଁ ଯୋଗ୍ୟତା ଅର୍ଜନ କରିଛି। ଉଭୟ ପ୍ରତିଯୋଗିତାର ଫଳାଫଳ ଅନୁସାରେ ୭ଏସ୍‌ର ପୁରୁଷ ବର୍ଗରେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ଚାମ୍ପିୟନ, କିଟ୍ ରନରଅପ୍, ୟୁନିଭର୍ସିଟି ଅଫ୍ ମୁମ୍ବାଇ ୩ୟ ଓ କାଲିକଟ ବିଶ୍ୱବିଦ୍ୟାଳୟ ୪ର୍ଥ ସ୍ଥାନ ଅଧିକାର କରିଛି। ସେହିପରି ମହିଳା ବର୍ଗରେ କିଟ୍ ଚାମ୍ପିୟନ, କୋହ୍ଲାପୁରର ଶିବାଜୀ ବିଶ୍ୱବିଦ୍ୟାଳୟ ରନରଅପ୍, ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ତୃତୀୟ ଓ କିସ୍ ବିଶ୍ୱବିଦ୍ୟାଳୟ ୪ର୍ଥ ହୋଇଛି। ୧୫ଏସ୍ ବିଭାଗର ପୁରୁଷ ବର୍ଗରେ କାଲିକଟ ଚାମ୍ପିୟନ, ଶିବାଜୀ ବିଶ୍ୱବିଦ୍ୟାଳୟ ରନରଅପ୍, ମୁମ୍ବାଇ ତୃତୀୟ ଓ ୟୁନିଭର୍ସିଟି ଅଫ୍ ଲକ୍ଷ୍ନୌ ୪ର୍ଥ ହୋଇଛି। ମହିଳା ବର୍ଗରେ କାଲିକଟ ଚାମ୍ପିୟନ, ଶିବାଜୀ ରନରଅପ୍, ମୁମ୍ବାଇ ତୃତୀୟ ଓ ଉଦୟପୁରର ମୋହନଲାଲ ସୁଖାଡିଆ ବିଶ୍ୱବିଦ୍ୟାଳୟ ଚତୁର୍ଥ ହୋଇଛି।

କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ତଥା ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ ପର୍ଯ୍ୟବେକ୍ଷକ ଭି. କୌଲ ଅତିଥିଭାବେ ଯୋଗଦେଇ ଭିତ୍ତିଭୂମିର ଭୂୟସୀ ପ୍ରଶଂସା କରିଥିଲେ। କିମ୍ସର ଡ. ହରିଶ ଚୌଧାରୀ ଓ ସୁଦୀପ ଶତପଥୀ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ରୁଦ୍ରାକେଶ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



୭ଏସ୍ ରଗ୍‌ବୀ ବିଭାଗରେ ଚାମ୍ପିୟନ କିଟ୍‌ର ମହିଳା ଓ ରୌପ୍ୟ ବିଜେତା ପୁରୁଷ ଦଳ।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ